ଏସ୍ପ୍ଲେନେଡଠାରୁ ଆସିଥିବା ଗତ ମାସ ତା ୨୪ ରିଖ ତାର-ବାର୍ତ୍ତାରୁ ସାହା ଅଞ୍ଚଳରେ ଗୋଲମାଳ ଘଟିଥିବାର ପ୍ରକାଶ । ଗତ ମାସ ତା ୨୪ ରିଖରେ ମିଳଲଙ୍ଗାମାନଙ୍କ ତରଫରୁ ପ୍ରାୟ ୩୦୦ ଜଣ ସେନ ସେନା ଦକ୍ଷିଣ ସାରଡ୍ଡାର ଉପକୂଳ ଆକ୍ରମଣ କରିଥିଲେ ମାତ୍ର ଲେପ୍ଟେନେଣ୍ଟ କାଉଣ୍ଟ-ଙ୍ଗେଲ ସାହେବଙ୍କ କର୍ତ୍ତୃକ ପରାସ୍ତ ହୋଇ ଫେରିଯାଇ ଗଲେ । ସନ୍ଧ୍ୟା ସ ୪ ଘଣ୍ଟାରୁ ଯୁଦ୍ଧ ହୋଇ ସକାଳ ସଉକ ଶେଷ ହେଲା । ଇଂରେଜମାନେ ସେମାନଙ୍କ ମାନଗଲ କାଟ ଗୋ-ଡ଼ାଇ ଯାଇଥିଲେ । ଉତ୍କାଏଡଙ୍କ ମଧ୍ୟରୁ ଜ ୪ ଜଣ ହତ ଏବ ତୃତୀୟ କାତୀକୃତ ହୋଇ ଅଛନ୍ତି । ଇଂରେଜଙ୍କ ପକ୍ଷରୁ ଜ ୩ ଜଣ ସିପାହୀ ଆହତ ହୋଇ ଅଛନ୍ତି ।—ଗୋଲ-ମାଲ କେବେ ଶେଷ ପାଇବ କି ? ଉଭୟେ ଉକ୍ଷାର୍ଥ ଅଥବା କେବା ଶ୍ରେୟତ ହୋଇଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଭୁକ୍ତଭୋଗୀ ଏବ ଦର୍ଶକ—ବନୋବସ୍ତ-କାର୍ଯ୍ୟସଂକ୍ରାନ୍ତ ଅଭ୍ୟାଗତର ପର୍ଯ୍ୟାଲୋଚନା ହେଉଅଛନ୍ତି ଏବଂ ତାହାଙ୍କର ଅପ୍ରାମାଣିକ ବା ଅପ୍ରକାଶ୍ୟ ନ ଥିବାର ଲେଖି ପତ୍ରିକାରେ ଅଭ୍ୟାଗତ ପ୍ରସଙ୍ଗ ଅତି ସାମାନ୍ୟରୂପେ ଲିପିବଦ୍ଧ ହୋଇଥିବାରୁ ଦୁଃଖ ପ୍ରକାଶ କରୁଅଛନ୍ତି । ଅଥଚ ଆପଣାର ନାମ ଓ ଠିକଣା ବନ୍ଧୁ ଅମ୍ଭ-ମାନଙ୍କୁ ଜଣାଇ ନାହାନ୍ତି । ଅମ୍ଭେମାନେ ଅପ-ରିଚିତ ବ୍ୟକ୍ତିର ପତ୍ର ପ୍ରକାଶ କରୁଁ ନା ବୋଲି ସୂଚନାରେ କହୁଅଛୁଁ ଏବଂ ପତ୍ରପ୍ରେରକ ତାହା ନ ଜାଣନ୍ତି ଏପରି ବିଶ୍ୱାସ ହେଉ ନାହିଁ । ଅଭ୍ୟାଗତର ଅଙ୍ଗ ହରାଇ ସୁଦ୍ଧା ଯେ ସ୍ଥଳେ ସେ ଭୁକ୍ତଭୋଗୀ ତାହା ଦେବାକୁ ସାହସୀ ନୁହନ୍ତି ସେ ସ୍ଥଳେ ଆଉ କଏ ପ୍ରମାଣ ଦେବାକୁ ଆସିବ ? ଅଥବା ଆବଶ୍ୟକ ହେଲେ ତାହାଙ୍କୁ କେଉଁଠାରେ ଖୋଜି ପାଇବା ? ଅନେକ ପତ୍ର-ପ୍ରେରକଙ୍କର ଏପରି ଭ୍ରମ ଅଛି ଯେ ପ୍ରେରିତ-ପତ୍ରରେ ନାମ ଓ ଠିକଣା ଲେଖିଲେ ତାହା ଅବିକଳ ଛପା ହେବ । ପ୍ରକୃତରେ ତାହା ନୁହେ । ନାମ ଓ ଠିକଣା ସମ୍ପାଦକଙ୍କ ଜାଣିବା ନିମନ୍ତେ ପ୍ରେରିତପତ୍ର ତଳେ ଅଥବା ପୃଥକ କାଗଜରେ ଭିନ୍ନ କରି ଲେଖିଲେ ତାହା ଛପା ହେବ ନାହିଁ ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ପୂଜ୍ୟବରେଷୁ ।

ମହାଶୟ !

ଗତ ତା ୯ ରିଖ ଦୀପିକାରେ ଏକାଡେମୀ-ସ୍କୁଲର ଗତ ପ୍ରବେଶିକା ପରୀକ୍ଷାର ଫଳ ଦୃଷ୍ଟିରେ ଲେଖାଅଛି "ଯେବେ ଇଂରାଜୀସାହିତ୍ୟର ପଢ଼ା ଭଲ ହୋଇଥାନ୍ତା ତେବେ ଅଧିକାଂଶ ଛାତ୍ର ନିଶ୍ଚୟ କୃତକାର୍ଯ୍ୟ ହୋଇଥାନ୍ତେ । ଏ ସ୍କୁଲର ହେଡ଼ମାଷ୍ଟର ବର୍ତ୍ତମାନ ପରୀକ୍ଷାସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ଏବଂ ସେ ସ୍ଥଳେ ଫଳ ମନ୍ଦ ହେଲା ସେ ସ୍ଥଳେ ଯୋଗ୍ୟଲୋକ ନିଯୁକ୍ତ କରିବାର ଉଚିତ ।" ଏ ସମ୍ବନ୍ଧରେ ଅମ୍ଭମାନ-ଙ୍କର କହିବାର ଏହି ଯେ ଗତ ପ୍ରବେଶିକା-ପରୀକ୍ଷାରେ ଇଂରାଜୀପ୍ରଶ୍ନ ଓ ଇତିହାସ ପ୍ରଶ୍ନ ଅତିଶୟ କଠିନ ଥିଲା । ଶୁଣାଯାଏ ଅନେକ ସୁଦକ୍ଷ ଶିକ୍ଷକମାନେ ଇଂରାଜୀସାହିତ୍ୟ ପ୍ରଶ୍ନର ଉତ୍ତର କପର ପ୍ରଦାନ କରିବାକୁ ହେବ ଏ-ବିଷୟରେ ଅନେକ ଚିନ୍ତା କରି ସ୍ଥିର କରି-ପାରି ନାହାନ୍ତି । ଏକାଡେମୀ ସ୍କୁଲର ହେଡ଼ମାଷ୍ଟର ପ୍ରାୟ ୭ ମାସ ହେବ ନିଯୁକ୍ତ ହୋଇଥିଲେ । ସେଥିମଧ୍ୟରେ ପ୍ରାୟ ୧ ମାସ ସ୍କୁଲ ଛୁଟୀରେ ବନ୍ଦ ରହିଲା ଛାତ୍ରମାନେ ନୂତନ ହେଡ଼ମାଷ୍ଟରଙ୍କ ଠାରୁ ପ୍ରାୟ ମା୬ ସ ଶିକ୍ଷା ପ୍ରାପ୍ତ ହୋଇଅଛନ୍ତି । ଏପରି ସ୍ଥଳେ ହେଡ଼ମାଷ୍ଟରଙ୍କର ଦକ୍ଷତା ବି-ଷୟରେ ବିଶେଷ ପରିଚୟ ମିଳିବା ସମ୍ଭବ ନୁହେ । କେବଳ ଯେ ଏକାଡେମୀସ୍କୁଲର ସମସ୍ତ ଛାତ୍ର ଅକୃତକାର୍ଯ୍ୟ ହୋଇଅଛନ୍ତି ଏମନ୍ତ ନୁହେ କଲିକତା ପ୍ରେସିଡେନ୍ସୀ ସ୍କୁଲ, ହଦ୍ରକ, ଲକ୍ଷ୍ମଣ-ନାଥ ଓ ବଙ୍ଗଳାର ଅନେକ ସ୍କୁଲ ଏକାଡେମୀ-ପରି ସମଫଳଭୋଗୀ ହୋଇଅଛି, ଏକାଡେମୀ ସ୍କୁଲର ହେଡ଼ମାଷ୍ଟରଙ୍କ ପରିବର୍ତ୍ତରେ ଅନ୍ୟ ସୁଯୋଗ୍ୟ ଲୋକ ନିଯୁକ୍ତ କରିବାକୁ ହେଲେ ଉପରୋକ୍ତ ସ୍କୁଲମାନଙ୍କରେ ମଧ୍ୟ ହେଡ଼ମାଷ୍ଟର ପରିବର୍ତ୍ତନ କରିବା ଉଚିତ । ସ୍କୁଲ ଛମାସ-ମଧ୍ୟରେ କୌଣସି ଶିକ୍ଷକର ଯୋଗ୍ୟତାର ପରି-ଚୟ ମିଳି ନ ପାରେ ଏପରି ଅବସ୍ଥାରେ ବର୍ତ୍ତ-ମାନ ହେଡ଼ମାଷ୍ଟରଙ୍କ କାର୍ଯ୍ୟ ଉଚିତ ବର୍ଷର ସ୍କୁଲର ଫଳାଫଳ ଦୃଷ୍ଟିରେ ପରିବର୍ତ୍ତନାଦି କରିବା ଅମ୍ଭମାନଙ୍କ ବିବେଚନାରେ ଉଚିତ ହେବ । ଆଶା କରୁଁ ସ୍କୁଲର କର୍ତ୍ତୃପକ୍ଷମାନେ ଉକ୍ତ ବିଷୟମାନ ବିବେଚନା କରି ଅମ୍ଭମାନଙ୍କ ସହିତ ଏକମତ ହେବେ । ଇତି ।

୧୩।୭।୯୨ }
କଟକ } ଶ୍ରୀ ————

ଶ୍ରୀ ଅପଣଙ୍କର ବୃତ୍ତି ସାଧାରଣଙ୍କରେ ଅବଶ୍ୟ ପ୍ରୀତିଜନକ ହୋଇଥିବ । ମାତ୍ର ସ୍କୁଲର ଉନ୍ନତି ଉଦ୍ଦେଶ୍ୟ ସେ ବନ୍ଦୋବସ୍ତର ପ୍ରସ୍ତାବ ପୂର୍ବାପେକ୍ଷା କଠିନ ହୋଇଅଛି । ପରୀକ୍ଷୋତ୍ତୀର୍ଣ୍ଣ ଅର୍ଥାତ୍ ଛାତ୍ରମାନଙ୍କ ପକ୍ଷ ପାଶ କରିବାର ସମ୍ଭବ ଘଟ ହୋଇଅଛି । ଉପଯୁକ୍ତ ବେତନରେ ଯୋଗ୍ୟ ଶିକ୍ଷକ ନ ରଖିଲେ କୌଣସି ବିଦ୍ୟାଳୟର ଫଳଭଲ ହେବ ନାହିଁ ।

ସମ୍ପାଦକ

---

### ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ବାବୁ ହରିହର ତ୍ରିପାଠୀ | ବାଲେଶ୍ୱର | ଟ ୩୧ |
| " ରଘୁନାଥ ପଟ୍ଟନାୟକ | କଟକ | ଟ ୧୪ |
| " ଦାମୋଦର ଶତପଥୀ | " | ଟ ୧୧ |
| ମୁନସି ଏକରାମ ଅଲ୍ଲି | " | ଟ ୨୪ |
| ବାବୁ ଜଗନ୍ନାଥ ଦାସ ମହାପାତ୍ର | | ଟ ୧୪ |
| " କୃଷ୍ଣପ୍ରସାଦ ରାୟ କଟକ | | ଟ ୩୧ |
| " ମଦନମୋହନ ମହାପାତ୍ର | " | ଟ ୧୧ |
| " ରାମପ୍ରସାଦ ସିଂହ | " | ଟ ୧୪ |
| " ଲକ୍ଷ୍ମୀକାନ୍ତ ମିଶ୍ର | ବାଲେଶ୍ୱର | ଟ ୨୧ |
| " ଗୋପାଳଚନ୍ଦ୍ର ଦାସ କାଉସାଣ୍ଟା | | ଟ ୩୧ |
| " ରାଧାଶ୍ୟାମ ନାୟକ ଲକ୍ଷ୍ମୀପୁର | | ଟ ୧୧ |
| " ସୁଦର୍ଶନ ମହାନ୍ତି | କଟକ | ଟ ୧୧ |
| " ଗୋପୀନାଥ ମହାନ୍ତି | " | ଟ ୧୧ |
| " ନନ୍ଦକିଶୋର ପଟ୍ଟନାୟକ କେନ୍ଦ୍ରାପଡ଼ା | | ଟ ୩୧ |
| " ହରିଚରଣ କାନୁନ୍‌ଗୋ କଟକ | | ଟ ୩୧ |
| " ବଳରାମ ଦାସ | " | ଟ ୩୧ |
| " ଜଗନ୍ନାଥ ଆଚାର୍ଯ୍ୟ | " | ଟ ୧୧ |

---

## ବିଜ୍ଞାପନ ।

# ନୂତନ ପୁସ୍ତକ ।

# ରାମବନବାସ

# ନାଟକ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।

---

## NOTICE

Wanted a Eurasian or Madrasee man for the post of Conservancy Inspector of the Pooree Municipality on a salary of Rs. 70 with a horse allowance of Rs. 15 per month.

The applicant must be aged under 35 years and he must posses some knowledge of Engineering.

Applications will be received by the undersigned up to 25th Instant.

G. J. H. BELL

*Chairman*

Split by PDF Splitter

Digitized by srujanika@gmail.com

Split by PDF Splitter



## ନୂତନ ପୁସ୍ତକ ।

ତ୍ରିଭଷୀ ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଶିକ୍ଷି ପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ସେକ୍ରେଟେରୀ

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭେ ଶ୍ରୀ କ୍ଷେତ୍ରମଣିଦାସୀ । ସା । ଦାଣ୍ଡିମାଳ ଶାହି । ଇ । ପୁରୁଷୋତ୍ତମକ୍ଷେତ୍ର ମୃତ୍ୟୁ କପିଳଚରଣ ନାୟକ । ସା । ସିଙ୍ଗାରସାହି । ପ୍ର । ଅପିଲ । ଜି । କଟକ ହାଲ ଦାଣ୍ଡିମାଳସାହି । ଇ । ପୂର୍ବରୁ ଅନ୍ୟାନ୍ୟବ୍ୟକ୍ତିଙ୍କ ନାମ ସହିତ ଆମମୁକ୍ତାରନାମା ଦେଇଥିଲୁଁ ଯେ ସେ ଆମ୍ଭର ସକଳ କାମ କାର୍ଯ୍ୟ କରୁଥିଲେ ବଳୁ ନାୟକ ମଜକୁର ଅସତ୍ ଆଚରଣ ଓ ଆମ୍ଭର ଅଜବର କାର୍ଯ୍ୟରେ ଅମ୍ଭ ସହିତ ଦଗାବାଜ ଓ ବେମାନୀ ଓ ବିଶ୍ୱାସଘାତକତା କରିବାରୁ ଅମ୍ଭେ ତାଙ୍କୁ ସନ ୧୮୯୧ ମସିହା ଡିସେମ୍ବରମାସ ତା ୧ ରିଖଠାରୁ ଉକ୍ତ କର୍ମରୁ ବରଖାସ୍ତ କରିଅଛୁଁ । ଇତି ।

୨୩।୭।୯୨ } ଆଜ୍ଞାନୁସାରେ<br>ଶ୍ରୀକୃଷ୍ଣଦାସ ମୋକ୍ତାର<br>ଶ୍ରୀ କ୍ଷେତ୍ରମଣି ଦାସୀ

---

ଅତୁଳ୍ୟିନ-

## ଜାମେକା ଶାଳସା ।

ଏଇ ଶାଳସା ବ୍ରିଟିଶ ଗବର୍ଣ୍ଣମେଣ୍ଟର ଅନୁମୋଦିତ ଓ ଦେଶି ଏବଂ ବିଲାତି ୪୧ ପ୍ରକାର ଦ୍ରବ୍ୟ ମଶଲାର ସାରାଂଶଦ୍ୱାରା ନୂତନ ପ୍ରଣାଳୀକପ୍ରକରଣରେ ପ୍ରସ୍ତୁତ । ଏହା ସେବନ କଲେ ପାରଦଦୋଷ, ଗର୍ମିଦୋଷ, ନାଲିଘା, ବାତବେଦନା, ଗଣ୍ଠିଫୁଲା, ନାସିକା ଓ ମୁଖଭିତର ଘା, ଦେହରେ ପାଟଫୁଟା ଓ ଚକା ଚକା ଦାଗପଡ଼ା ପ୍ରଭୃତି ପାରଦ ଉପଦଂଶ, ଓ ଦୂଷିତ ରକ୍ତର ପୀଡ଼ା, ଏବଂ ଧାତୁଦୁର୍ବଳତା, ମେହ, ମେଦ, ପୁରୁଷତ୍ୱହାନି, ସ୍ୱପ୍ନବିକାର, ପ୍ରସ୍ରାବ ଜ୍ୱାଳା ଅଳ୍ପ ବା ଅଧିକପ୍ରସ୍ରାବସହିତ ଧାତୁ ନିଃସୃତ ହେବା, ହାତ, ଗୋଡ଼, ଓ ଚକ୍ଷୁ ଜ୍ୱାଳାକର ଧାରଣଶକ୍ତି ନ ଥିବା, ସର୍ବଦା ଆଳସ୍ୟଭାବ, ମାନସିକ ଦୁର୍ବଳତା, ଶରୀରର ବଳବୀର୍ଯ୍ୟହାନିପ୍ରଭୃତି ମାନବଶରୀରର ସର୍ବପ୍ରକାର ଜଟିଳ ଓ ଦୁଷ୍ଟରୋଗ୍ୟ, ଏବଂ ସର୍ବପ୍ରକାର ଔଷଧକୁ ହରାଇଥିବା କଠିନ କଠିନ ରୋଗ ଆରୋଗ୍ୟ କରିବାକୁ ଏହାର ନ୍ୟାୟ କ୍ଷମତାପନ୍ନ ଔଷଧ ଜଗତରେ ଆଉ ନାହିଁ ; ଯଦି ଦୁର୍ବଳଦେହ ସବଳ କରିବାକୁ ଦୂଷିତରକ୍ତ ଶୋଧନ କରିବାକୁ ଓ ଶରୀର ହୃଷ୍ଟପୁଷ୍ଟ ଓ ତେଜୋଦୀପ୍ତିବିଶିଷ୍ଟ କରିବାକୁ ଅଭିଳାଷ ଥାଏ ତେବେ ଏହି ଶାଳସା ସେବନ କର । ଏଥିରେ ପାରଦ, ଅଫିମ, ମଦ ପ୍ରଭୃତି କୌଣସିପ୍ରକାର ବିଷାକ୍ତ ବସ୍ତୁର ସଂଶ୍ରବ ନାହିଁ । ତଥାଚ ଏହା ସେବନ କରୁ କରୁ ଦେହରେ ସ୍ଫୂର୍ତ୍ତି ଜାତ ହୁଏ ; କ୍ଷୁଧା ଅତ୍ୟନ୍ତବୃଦ୍ଧି ହୁଏ ; ଓ ଦେହରେ ଦ୍ୱିଗୁଣ ବଳ ସଞ୍ଚାର କରେ ; ସକଳଋତୁରେ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ସେବନ କରିବାକୁ ପାରନ୍ତି ; ଆହାରାଦିର ବନ୍ଧାବନ୍ଧି ନିୟମ ନାହିଁ ସମସ୍ତ ନିୟମ ପ୍ରାୟ ସ୍ୱାଭାବିକ । ମୂଲ୍ୟ ପ୍ରତିବୋତଲ ଟ ୧୮ ଙ୍କା ଡଜନ ଟ ୧୦୮ ଙ୍କା ଡାକମାସୁଲ୍ ସ୍ୱତନ୍ତ୍ର । ଓଡ଼ିଆ, ବଙ୍ଗଳା, ଇଂରାଜୀ, ଯେଉଁଭାଷାରେ ହେଉ ସ୍ପଷ୍ଟାକ୍ଷରରେ ନାମ, ଧାମ ଲେଖିଲେ ମଫସଲକୁ ଭେ: ପେ: ଡାକରେ ଔଷଧ ପଠାଇଥାଉଁ, ସବିଶେଷ ଏଜେଣ୍ଟ ଆବଶ୍ୟକ । ଔଷଧପାଇବାର ଠିକଣା ।

ଡାକ୍ତର ପୀ, ମାର୍ଟୀନ,<br>୫୧ ନଂ ଭବାନୀଚନ୍ଦ୍ର ଦତ୍ତ ଲେନ କଲିକତା

---

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

## ଘଣ୍ଟିମରାମତି ।

ନାନାପ୍ରକାର ଘୋଟ ବଡ଼ ଘଣ୍ଟାଗୁଡ଼ି ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ମେରାମତି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡି ନ ଚାଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗେଲଟି

ଘଡ଼ିର ଚେଇନ କେଶ, ମୁଦି, ସୁଇଁସ ସବ୍‌ଇନଷ୍ଟେକ୍ଟର ଓ ଇନଷ୍ଟେକ୍ଟରଙ୍କର କମର ଦେବାଲ ଓଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୁପା ଅବା ସୁନାରେ; ରୁପାର ମୁଦି ଓଗେର ଅଲଙ୍କାର ସୁନାରେ) ଗିଲ୍‌ଟି କରି ଦିଆଯିବ ।

କଟକ<br>୧୪।୧୧।୮୯ } ଶ୍ରୀ ଗୌରିଶଙ୍କର ରାୟ

---

## ମେହରୋଗ ।

ପ୍ରଂସ୍ରାବମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କ ଆକ୍ରମଣ କରିଅଛି ସେମାନଙ୍କର ତତ୍‌କ୍ଷଣ ଶାନ୍ତି ନିମିତ୍ତ ... ସାମାନ୍ୟ ଅର୍ଥବ୍ୟୟରେ ସହଜରେ ଜୀବନର ମାୟା ଦେଇ ତ୍ୟାଗ କରୁଅଛନ୍ତି

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବନରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଅଚିକିତ୍ସା ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶ୍ରୀଷ୍ମର ଉପସର୍ଗରେ ପତନତ ନ ହେଲେ ଅଭିଯୋଗ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଲେଇଷ୍ଟୋଲ ୯୩ ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨।୦ ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ

---

## ବିଚାମସାହେବଙ୍କ ବଟିକା

**(BEECHAM'S PILL.)**

ଫଳ ବିବେଚନାରେ ଏକ ଏକ ଗୁଆର ମୂଲ୍ୟ ଏକ ଏକ ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ପ୍ରଭୃତି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୂତ୍ରବଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ତନ୍ଦ୍ରାଳୁତା, ଶୈତ୍ୟ, ତାପୋ-

Digitized by srujanika@gmail.com

ହୃଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ହଦଧ ଚର୍ମ୍ମରୋଗ ଇତ୍ୟାଦ ସକଳପ୍ରକାର ସାଯୁବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି- ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ତାନର ସବ୍‌ଇଞ୍ଜିନିୟରର ଇଂରାଜୀ- ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି- ଫରୁଆ ଆକାର ଅନୁସାରେ ଟ ୦ ୫ ଟ ୦ ୫ ଓ ଟ ୦ ୫/ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅଳକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି- ରେ ନାନାବିଧ ଦାରୁସ୍ଥ ଓ ଇଂରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ- ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କମି ପଠାଇବାର ପରି- ଶ୍ରମନିମନ୍ତେ ଶତକରା ଟ ୬। ହିସାବରେ କମି- ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦ ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଙ୍ଗ ବା ଇନସଫିସିଏଣ୍ଟ ପତ୍ର ଗ୍ରାହ୍ୟ ହୁଏ ନାହିଁ ଏବଂ ପୋଷ୍ଟକାର୍ଡ ବା ହାଫ୍‌ଆନା ଷ୍ଟାମ୍ପ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବ୍ୟବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ଅନୁରୋଧ ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ ଯେ ଯେଉଁମାନେ ଆମ୍ଭମାନଙ୍କ ଅତଃପର ଉପଦିଷ୍ଟ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂଲକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦ ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଟଙ୍କା, ଚଉଡ଼ି ବା ପତ୍ରାଦ ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାଦନାଶ ତୈଳ—ଏହା ବ୍ୟବହାର କଲେ ମସ୍ତ- କର କଣ୍ଡୁ ଓ ଇଷ୍ଟାନ୍ଧକାରୀ ଦୋଷ ଦେହ ଓ ମସ୍ତିଷ୍କ ଶୀତଳ, କେଶ ବର୍ଦ୍ଧିତ, ଶୋଭଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁକୁଷ୍ଠନାଶକ—ନାନା ପ୍ରକାରର ଦାଦ କଣ୍ଡୁ ଉ- ପ୍ରୟୋଗ କାଲେ ଜ୍ୱାଳା ଯନ୍ତ୍ରଣା କହିମାତ୍ର ଜଣା ଯାଏ ନାହିଁ । ପ୍ରତିଡବାର ମୂଲ୍ୟ ଗୁଇଅଣା ମାତ୍ର ।

୩ । ଶତସ୍ତ୍ରାବଣୀ—ଏହା ଯଥାବିଧ ସେବନ କଲେ ଯେ ପ୍ରାଚୀନ ବା ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ (ଅମାବାତ) ଓ କମଳାଦ ଅନ୍ୟ ଯନ୍ତ୍ରଣାଦାୟକ- ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷ- ଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହାନି ନିବାରିତ ହୁଏ ।

ଏହା ଅର୍ଶୋଘ୍ନ ପରିବର୍ତ୍ତକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ମଧ୍ୟେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବ- ନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । କୁମାରୀର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବପ୍ରକାର ପାଳିଜ୍ୱର, ପୁରାତନ ଓ ଜଙ୍ଗଲ ଓ ପାର୍ବତ୍ୟ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅଗ୍ନିମାନ୍ଦ୍ୟ ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦ ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ରକ୍ତ ପରିଷ୍କାର ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ (ସାଲସା)—ଅଗ୍ନିମାନ୍ଦ୍ୟ ଅଜୀର୍ଣ୍ଣ, ବହୁଦିନ ଅବଧିରୁ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦ ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦ ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, ଦଦ୍ରୁ, ଗାତ୍ର କଣ୍ଡୁବେଦନା, ଦେହ ଓ କାତିକା ଦୋଷ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରେ ଓ ଉଭୟଲିଙ୍ଗ ସ୍ତ୍ରୀ ବ୍ୟବହାର କଲେ ଉତ୍ତେଜିତ ହୋଇ ସାଧାରଣ ଦେହ ଆରୋଗ୍ୟ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମକାଳରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ବାତ ବ୍ୟାଧି ଓ ଉପଦଂଶ ଏହା ସେବନେ ଆରୋଗ୍ୟ ହୁଏ । ଏକ ପକ୍ଷ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧାଗାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଜ ।

ଲଣ୍ଡନସ୍ଥିତ ଲଷ୍ଟ୍ରୀ ଦଲରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କ୍ରୀଶ୍ଚିୟନ ବାବୁ ଅଡ୍‌ଭୋକେଟ ଦ୍ୱାର ଲମ୍ବାଗି- [illegible] ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୨ | ଇଞ୍ଚ | ଲମ୍ବ | ୨ ୧୪ ଟ ୨୧୧/ | ୫୧୪ ଟ ୧୫/ |
| ୧୦ | ଇଞ୍ଚ | „ | „ ଟ ୨୩ | „ ଟ ୦ ୪/ |
| ୧୨ | ଇଞ୍ଚ | „ | „ ଟ ୨୧ | „ ଟ ୦ ୦ |
| ୨୨ | ଇଞ୍ଚ କଲେକ୍‌ଟରଷ୍ଟ୍ରେଟ୍ | „ | ଟ ୩। | „ ଟ ୦ ୬/ |

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ଡିଆ ନିକଟସ୍ଥ ଆମମାନଙ୍କ ଦୋକାନରେ ଚନ୍ଦନତୋଷା ଓ କଳାଗ ଓ ଲେଭେଣ୍ଡର ଲୁଗା ଓ ଶେଯକଣ୍ଠ ଓ କଲିକତା ଇଙ୍ଗ୍ଲିଶ୍ ସଓଦାଗରୀ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକମାନଙ୍କ ମଧ୍ୟରେ ବିଦିତ ଅଛି । ସେହିପରି ଅନେକପ୍ରକାର ପେଟେଣ୍ଟ ଔଷଧାଦ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନୁସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ବିଜ୍ଞାପନ ।

ଏ ଡାକ୍ତରୁ ଭେଜିଥିବି ଔଷଧ ଘରେ ଦର୍ପଣରେ ଲଗାଇ ଚୋପାଛଡ଼ ଫାଟେଣି ହେଲେ ପାଣିଗଲା ବନ୍ଦ ହେବ ଘଷିବ ମଧ୍ୟ ଅଲ୍ପ ଲେପିଦେଲେ ମଜବୁତ ହେବ ଓ ଉଠି ଯିବ ନାହିଁ ।

କଟକ ଚମଡ଼ା ଓ ସାଡ଼ଲର ବ୍ୟବସାୟ ମଧ୍ୟ ଅଛି ।

ଅଲିଚାନ୍ଦ ଦତ୍ତ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨। |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର ଦୌଡ଼ିକି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଶର୍ତ୍ତ ଟ ୦ ୩ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେଇ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂ କମ୍ପାନି ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୭ ଶ
୩୧ ସଂଖ୍ୟା

ତା ୩୦ ଏଣ ମାହେ ଜୁଲାଇ ସନ ୧୮୯୨ ମସିହା । ୧୦ । ଶ୍ରାବଣ ଓ ୭ ଦ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୬୯

ଗତସୋମବାର ଦ୍ୱିତୀୟା ଥିଲେହେଁ ମେଘ-ହେତୁ ସେଦିନ ଚନ୍ଦ୍ରଦର୍ଶନ ନ ହେବାରୁ ଗତ ମଙ୍ଗଳବାର ଏନଗରସ୍ଥ ମୁସଲମାନମାନେ ଶୁକ୍ଳ-ପକ୍ଷ ସ୍ୱୀକାର କଲେ । ଅତଏବ ଆଗାମି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଦ ୫ ଦିନ ମୋହରମ ପର୍ବ ହେବ ଏବଂ ଏହି ଦିନମାନ ଅଦାଲତକଚେରି ବନ୍ଦ ହେବ । ଭେକନ୍ଧ୍ୟ ପ୍ରଚଳ କଚେରିମାନ ଶେଷ ଦୁଇଦିନ ଅର୍ଥାତ ଗୁରୁବାର ଓ ଶୁକ୍ରବାର ବନ୍ଦ ହେବ ।

—*—

ହିନ୍ଦୁପେଟ୍ରିୟଟ ଯଥାର୍ଥ କହୁଅଛନ୍ତି ଯେ ଇଷ୍ଟକୋଷ୍ଟ ରେଲବାଟର କାର୍ଯ୍ୟ ବଠାଇ କନ-ଭଣ ସରକାର ଅବିବେଚନାର କାର୍ଯ୍ୟ କରଅ-ଛନ୍ତି । ମାଟିଭାମ ଯାହା ହୋଇଥିଲା ତେକାବନ୍ଧ ନ ହେବାରୁ ବିଶେଷ ପରିମାଣରେ ଧୋଇଯା-ଇଥିବ ଏବଂ ସମ୍ଭବତଃ ଏ ସପ୍ତାହର ବର୍ଷା-ଭଡ଼ି ଢଣ୍ଡି କ୍ଷତ କରିଥିବ । ଏଥିରେ ଅବଶ୍ୟ ବହୁ ଦୋହରି ଖରଚ ପଡ଼ିବ । ସରକାରଙ୍କ ଟଙ୍କା ଏହିପରି ନଷ୍ଟ ହୁଅଇ ।

———

ବନ୍ଦୋବସ୍ତ ଡିଭିଜନକାର ଜଣେ ଅମୀନ ଜନକା-ଗଡ଼ାଙ୍କ ଠାରୁ ଉତ୍କୋଚ ବା ବଦ୍ଧସ୍ୱରୂପ ଦାଉଅଣା ନେଇଥିବାର କୋର୍ଟ ଅଫ୍ ଓ୍ୱାର୍ଡସର ଡେପୁଟୀକଲେକ୍ଟର ବାବୁ ବସନ୍ତ-ଦାଶନାୟକଙ୍କ ନିକଟରେ ପ୍ରମାଣ ହେବାରୁ କଲେକ୍ଟରସାହେବଙ୍କ ଅନୁଜ୍ଞାନୁସାରେ ଅମୀନ ତାହା ଫେରାଇ ଦେଇଅଛି ଓ ଅମୀନନାମରେ କଲେକ୍ଟର ସାହେବ ସର୍ଭେଡିଭିଜନର ଡେପୁ-ଟୀସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରୁ ରିପୋର୍ଟ କରି-ଅଛନ୍ତି ।

———

ପୁରୀର ମିଉନିସିପାଲଟୀର କାର୍ଯ୍ୟ ସୁଶୃଙ୍ଖଳା-ପୂର୍ବକ ନିର୍ବାହ ହେବାର ସମ୍ବାଦ ଅବଶ୍ୟ ଗବ-ର୍ଣ୍ଣମେଣ୍ଟରେ ପ୍ରକାଶ ପାଇ ନାହିଁ । ଓଡ଼ିଶାର ଏକଟିଂ କମିଶନର ପରିଦର୍ଶନ କରି ଦେଖିଥିଲେ ଯେ ଟିକସ ଅଦାୟ କାର୍ଯ୍ୟରେ ଏତେ ବିଳମ୍ବ ଘଟିଥିଲା ଯେ ଏକଦିନ ଟଙ୍କା ଅଭାବରୁ ଦୈନି-କକାର୍ଯ୍ୟ ସ୍ଥଗିତ ହେବା ଅସମ୍ଭବ ନୁହଇ । ସହର ସଫାଇ ସକାଶେ ରହିଥିବା ଖ ୩୦ ଖଣ୍ଡ ଶଗଡ଼ ଓ ଗୋ ୨୬ ଟା ବଳଦ ମଧ୍ୟରୁ କେବଳ ଖ ୧୮ ଖଣ୍ଡ ଶଗଡ଼ ଏବଂ ୧୯ ଟା ବଳଦ କାର୍ଯ୍ୟର ଉପଯୋଗୀ । ପୁରୀର ଲୋକସଂଖ୍ୟା ୨୯ ହଜାର ମାତ୍ର ଏଥିମଧ୍ୟରେ ଯାତ୍ରୀ ଥିବାରୁ ଅସ୍ଥିର ଅଟଇ । ଏହି କାରଣରୁ ସେଠା ମିଉ-ନିସିପାଲଟୀର କାର୍ଯ୍ୟ ସୁନ୍ଦର ରୂପେ ଚଳି ପାରୁ ନାହିଁ ।

———

ବିଲାତର ପାର୍ଲିମେଣ୍ଟସଭାର ନୂତନ ସଭ୍ୟ-ନିର୍ବାଚନ କାର୍ଯ୍ୟ ପ୍ରାୟ ଶେଷ ହୋଇଅଛି । ଏଥର ଉନ୍ନତିଶୀଳ ସମ୍ପ୍ରଦାୟର ସଭ୍ୟସଂଖ୍ୟା ରକ୍ଷଣଶୀଳଠାରୁ ସବୁଶୁଦ୍ଧା ଜ ୪୧ ଣ ଅଧିକ ହେବାରୁ ଉନ୍ନତିସମ୍ପ୍ରଦାୟର ଜୟ ବୋଲିବାକୁ ହେବ । ମାତ୍ର ସଭାର ମୋଟ ସଭ୍ୟ ଜ ୬୮୦ ଣ ଏଥିମଧ୍ୟରେ ଏକଦଳରେ ଜ ୪୦ ଣ ଅଧିକ ରହିବା ଏଡ଼େ ଗୁରୁତର ନୁହଇ ଯେ ତହିଁପାଇଁ ଅନ୍ୟଦଳ ବିଶେଷ ଚିନ୍ତିତ ହେବେ । ଏହିକା-ରଣରୁ ରକ୍ଷଣଶୀଳଦଳ ଶାସନଭାର ତ୍ୟାଗ କରିବାକୁ ସମ୍ମତ ନୁହନ୍ତି । ପକ୍ଷାନ୍ତରେ ସେମାନେ ସ୍ୱେଚ୍ଛାପୂର୍ବକ କାର୍ଯ୍ୟ ତ୍ୟାଗ ନ କଲେ ନୂତନ-ସଭାର ଅଧିବେଶନକାଳରେ ମାନ୍ୟବର ଗ୍ଲାଡେଷ୍ଟୋନ ସାହେବ ସେମାନଙ୍କୁ କାର୍ଯ୍ୟତ୍ୟାଗ-କରିବାକୁ ବାଧ୍ୟ କରିବାର ପ୍ରସ୍ତାବ କରିବେ । ସୁତରାଂ ଶାସନଭାର ଯେଉଁ କେତେଦିନ ଗଣ୍ଡ-ଗୋଳ ଲାଗିବ ।

———

ଜଗତସିଂହପୁରଅଞ୍ଚଳର ପୁନାଙ୍ଗ ବାଁରର-ତାର ବନ୍ଦୋବସ୍ତ ଅମୀନମାନେ ରସଦ ଓ ଓ "ପରଖ ଖର୍ଚ୍ଚା" ନେବା ନିମନ୍ତେ ଅତ୍ୟନ୍ତ ଜୁଲମ କରିବାରୁ ଓ ଅନ୍ୟାୟପୂର୍ବକ କାହାରି-କୁ ଜରିମାନା କରାଇବାରୁ ସେମାନଙ୍କ ବିରୁଦ୍ଧ-ରେ କେତେକ ଜଣ ଗ୍ରାମବାସୀ ଗୁହାରି କରି-ଅଛନ୍ତି । ସହକାରୀ ବନ୍ଦୋବସ୍ତକର୍ତ୍ତା ଡେପୁଟୀ-କଲେକ୍ଟର ବାବୁ ଚନ୍ଦ୍ରକୁମାର ଘୋଷ ବର୍ତ୍ତମାନ ଉକ୍ତ ମୋକଦ୍ଦମା ତଦନ୍ତ କରୁଅଛନ୍ତି । ଦର-ଖାସ୍ତକାରିଙ୍କ ପକ୍ଷରୁ ଅନେକଗୁଡ଼ିଏ ସାକ୍ଷୀ ଯୋବାନବନ୍ଦୀ ଦେଇଅଛନ୍ତି ଓ ଅମୀନମାନେ ସଫାଇ ଦେବା ନିମନ୍ତେ ତାରିଖ ଧାର୍ଯ୍ୟ ହୋଇ-ଅଛି । ଏହି ମୋକଦ୍ଦମା ବିଚାରସମୟରେ

Split by PDF Splitter

Digitized by srujanika@gmail.com

ଚନ୍ଦ୍ରବାବୁଙ୍କ ନିକଟରେ ଅନ୍ତୁର ଅନେକ ଲୋକ ଅମୀନମାନଙ୍କ ଅନ୍ୟାୟ ଜୁଲମ ବିଷୟରେ ଦରଖାସ୍ତ କରିଅଛନ୍ତି । ବିଚାରର ଫଳ ଦେଖାଯିବ । ଆମ୍ଭମାନଙ୍କ ବିବେଚନାରେ ଆବେଦନକାରୀମାନେ ଫଉଜଦାରୀଅଦାଲତରେ ନାଲିସ କରିଥିଲେ ଅତ୍ୟାଚାରୀମାନେ ଉଚିତ ଦଣ୍ଡ ପାଇ ଥାଆନ୍ତେ ।

---

ବସନ୍ତରୋଗର ଦେଶୀ ଓ ଡାକ୍ତରୀ ଚିକିତ୍ସା-ନାମକ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ଆମ୍ଭେମାନେ ଉପହାର ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ଏହା ଡାକ୍ତର ଶ୍ରୀ ରାମକୃଷ୍ଣସାହାଙ୍କ ଦ୍ୱାରା ରଚିତ ହୋଇ ଶ୍ରୀଯୁତ ଅଠମଲ୍ଲିକ ମହାରାଜଙ୍କ ନାମରେ ଉତ୍ସର୍ଗିତ ଏବଂ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ଡାକ୍ତର ରାମକୃଷ୍ଣ ବାବୁ ସାହିତ୍ୟସମାଜରେ ଅପରିଚିତ ନୁହନ୍ତି । ଚିକିତ୍ସାକଳ୍ପତରେ ସାନ ବଡ଼ ଜ୍ୱରର ଚିକିତ୍ସା ଛଡ଼ା ଝାଡ଼ାବାନ୍ତିବିଷୟରେ ଖଣ୍ଡିଏ ପୁସ୍ତକ ଏଥିପୂର୍ବେ ପ୍ରକାଶ କରିଥିଲେ । ଝାଡ଼ାବାନ୍ତି ପରି ବସନ୍ତ ମଧ୍ୟ ଗୋଟିଏ ସଂକ୍ରାମକ ଓ ମାରାତ୍ମକ ରୋଗ ଅଟଇ । ମୋଫସଲରେ ଅନେକ ଗୃହସ୍ଥ ଚିକିତ୍ସା ନ ଜାଣିବାରୁ ଏହିସବୁ ରୋଗ ଉପସ୍ଥିତ ହେଲେ ହତାଶ ହୁଅନ୍ତି । ଏପରି କ୍ଷୁଦ୍ରପୁସ୍ତକଦ୍ୱାରା ସେମାନଙ୍କର ବିଶେଷ ଉପକାର ହେବ ସନ୍ଦେହ ନାହିଁ । ପୁସ୍ତକର ମୂଲ୍ୟ ମଧ୍ୟ ଏପରି ଅଳ୍ପ ହୋଇଅଛି ଯେ ସାମାନ୍ୟଅବସ୍ଥାର ଲୋକମାନେ ଅକ୍ଳେଶରେ କିଣି ପାରିବେ । ଏପରି ପୁସ୍ତକ ଖଣ୍ଡେ ୨ ସମସ୍ତଙ୍କ ଘରେ ରହିବା ଉଚିତ । ଏଥିର ମୂଲ୍ୟ ପାଞ୍ଚପଇସା ଅଟଇ ।

---

ବାଲେଶ୍ୱରସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଯେ ବାବୁ ନନ୍ଦମୋହନ ସରକାର ମିଉନିସିପାଲକମିଶନରମାନଙ୍କ ବିନା ଅନୁମତିରେ ଆପଣା-ବସାଘରବାଡ଼ିରେ ଥିବା ଗୋଟାଏ ଖାଲ ବା ପୋଖରୀକୁ ବଢ଼ାଇଥିବାରେ ମିଉନିସିପାଲ ଆଇନର ଧା ୨୩୨ ର ଅନୁସାରେ ତାହାଙ୍କ ନାମରେ ନୋଟିସ ହେଲା । ନୋଟିସର ଉତ୍ତର ନ ଦେବାରୁ ଫଉଜଦାରୀ ସୁପର୍ଦ୍ଦ ହେଲେ ସେଠାରେ କି ଉତ୍ତର ଦେଲେ ଜଣା ନାହିଁ । ଓଡ଼ିଆରୁ ପ୍ରକାଶ ଯେ ଅଦାଲତ ନନ୍ଦବାବୁଙ୍କୁ ଭ୍ରମ ସ୍ୱୀକାର କରିବାକୁ କହିବାରେ ସୁଦ୍ଧା ସେ ତହିଁରେ ସମ୍ମତ ହେଲେ ନାହିଁ । ସୁତରାଂ ତାହାଙ୍କଉପରେ ଟ ୧୦୯ ଙ୍କା ଅର୍ଥଦଣ୍ଡ ହେଲା । ନନ୍ଦବାବୁ ଜଣେ ମୁକ୍ତାର ଏବଂ ମିଉନିସିପଲ କମିଶନର । ମିଉନିସିପାଲିଟୀର ଆଇନ ସେ ନ ଜାଣନ୍ତି ଏମନ୍ତ ଅନୁମାନ କରି ଯାଇ ନ ପାରେ ଅଥଚ ସେ କି କାରଣରୁ ଏତେଦୂର ପର୍ଯ୍ୟନ୍ତ ମୋକଦ୍ଦମା ଉଠାଇଲେ ତାହାଙ୍କର ଜବାବ ପ୍ରକାଶ ହୋଇ ନ ଥିବାରୁ ଆମ୍ଭେମାନେ ସ୍ଥିର କରି ପାରୁ ନାହୁଁ । ବାଲେଶ୍ୱରର ସହଯୋଗିମାନେ ଆପଣା ୨ ମନ୍ତବ୍ୟ ଭିନ୍ନ ୨ ରୂପେ ପ୍ରକାଶ କରିଅଛନ୍ତି ଏବଂ ସମ୍ବାଦ ବାହକଙ୍କ ମତରେ ଅନେକଲୋକ ଏପରି ବିପଦରେ ପଡ଼ିବାର ସମ୍ଭାବନା ଅଛି । ମାତ୍ର କେହି ସହଯୋଗୀ ଏମୋକଦ୍ଦମାର ନିଷ୍ପତ୍ତି ଅଥବା ତହିଁର ମର୍ମ ପ୍ରକାଶ କରି ନାହାନ୍ତି । ଏପରି ସ୍ଥଳେ କାହାର ମନ୍ତବ୍ୟ ନ୍ୟାୟସଙ୍ଗତ ସର୍ବସାଧାରଣଙ୍କର ବିଚାର କରିବାର କୌଣସି ଉପାୟ ନାହିଁ । ଆମ୍ଭେମାନେ କେବଳ ସ୍ଥଳେ ଏହି ପରି ଘଟନା ଦେଖି ଦୁଃଖିତ ହୋଇଅଛୁଁ ।

---

ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି ବୈତରଣୀନଦୀର ଦକ୍ଷିଣପାର୍ଶ୍ୱରେ ବାଉଁଶମାସ୍ତ୍ରୀ ଏଲକାର ଏକ ଉଚ୍ଚବନ୍ଧ ପଡ଼ିବାରୁ ସହରର ବର୍ଷାଜଳ ନଦୀକି ବହି ନ ଯାଇ ସହର ମଧ୍ୟରେ ମହା ମାଲ୍ୟର ହାନି କରୁଅଛି । ବିଶେଷତଃ , ଚଉଷଠିପଡ଼ା, ବେଲମପୁର ପ୍ରଭୃତି ମୌଜାର ଜଳ ସଡ଼କପାଖ ଏକ ଗହୀରରେ ଜମା ହୋଇ ଉପରକୁ ଉଚ୍ଛୁଳିବାରୁ କପିଳେଶ୍ୱର ଥୋବାମାନଙ୍କର ସବୁଦ୍ୱାର ଭାଙ୍ଗିଗଲା ଏବଂ ଗଛପତ୍ର ବାଟ ବୁଡ଼ିଗଲା । ଥୋବାମାନେ ଗତବର୍ଷ ଡେପୁଟିମ୍ୟାଜିଷ୍ଟ୍ରେଟଙ୍କଠାରେ ଗୁହାରି କରିଥିବାରୁ ମିଉନିସିପାଲିଟୀର ଭାଇସଚେୟାରମାନ ଓ କମିଶନରମାନେ ସେଠା ଅବସ୍ଥା ଦେଖି ଗୋଟିଏ ମାଦଳ କାଟିଦେଇ ସେମାନଙ୍କୁ ରକ୍ଷା କରିଥିଲେ ଏବଂ ନଦୀବନ୍ଧରେ ଗୋଟାଏ ପୋଲ ତିଆରି କରାଇ ଦେବାର ଆଦେଶ ଦେଇଥିଲେ । ଏପର୍ଯ୍ୟନ୍ତ କିଛି କାର୍ଯ୍ୟ ନ ହେବା ଓ ବର୍ଷାକାଳରେ କଷ୍ଟ ହେବାର ଜାଣି ପ୍ରଜାମାନେ ନୂତନ ଚେୟାରମାନଙ୍କ ନିକଟରେ ଆବେଦନ କରିବାରୁ ସେ ଆଦେଶ ଦେଇଅଛନ୍ତି କି ଆବେଦନକାରୀମାନେ ଅର୍ଦ୍ଧ ଖରଚ ଦେଲେ ବାକି ଅର୍ଦ୍ଧ ମିଉନିସିପାଲିଟୀ ଦେଇ ପୋଲ ତିଆରି କରାଇ ଦେବେ । ଏ କେମନ୍ତ କଥା ପ୍ରଜାମାନେ ଟିକସ ଦେବେ ପୁଣି ତହିଁ ଉପରେ ଖରଚ ଦେବେ ! ପ୍ରଜାମାନେ ଗରିବ ହୋଇ ସିନା ତାହାଙ୍କ ପ୍ରତି ଏ ଅତ୍ୟାଚାର ନଚେତ୍ ସେମାନେ ଆଇନାନୁସାରେ ମିଉନିସିପାଲିଟୀ ନାମରେ ଅଦାଲତରେ ନାଲିସ କରି ଖେସାରତ ପାଇବାର ଯୋଗ୍ୟ ଅଟନ୍ତି । ଆମ୍ଭମାନଙ୍କର ବିବେଚନାରେ କରଦାତାମାନେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନପତ୍ର ପଠାଇଲେ ବହୁତ ପ୍ରତିକାର ପାଇବେ ।

---

### ଅନ୍ନକଷ୍ଟର ସାହାଯ୍ୟ ।

ବାତ୍ୟାପୀଡିତ ବ୍ୟକ୍ତିଙ୍କୁ ସରକାରୀସାହାଯ୍ୟର ପ୍ରକୃତ ବୃତ୍ତାନ୍ତ ଏହି ଯେ ଆମ୍ଭମାନଙ୍କର କଲେକ୍ଟରସାହେବ ପରିଦର୍ଶନରେ ସେମାନଙ୍କର ଦୁର୍ଦ୍ଦଶା ଜାଣିପାରି ସରକାରୀସାହାଯ୍ୟପ୍ରଦାନ ସକାଶେ କମିଶନର ସାହେବଙ୍କ ନିକଟକୁ ରିପୋର୍ଟ କରିଥିଲେ କିନ୍ତୁ ପୁରୀଜିଲ୍ଲାର ବାତ୍ୟାପୀଡ଼ିତ ପ୍ରଦେଶର ଅବସ୍ଥା କଟକାପେକ୍ଷା ଅଧିକ ମନ୍ଦ ଥିଲେହେଁ ସେଠାର କଲେକ୍ଟର ସାହେବ ତାହାଙ୍କ ଏଲାକାରେ ଅବୈ ସାହାଯ୍ୟ ଦେବାର ଆବଶ୍ୟକ ନ ଥିବାର ଦୃଢ଼ରୂପେ ଜଣାଇଲେ । ଏଣୁକରି କମିଶନର ସାହେବ ଏଠା କଲେକ୍ଟରଙ୍କର ସାହାଯ୍ୟଦାନର ପ୍ରସ୍ତାବ ଅଗ୍ରାହ୍ୟ କରି ପ୍ରପୀଡ଼ିତ ପ୍ରଜାଙ୍କୁ ତକାବି ଅର୍ଥାତ୍ ସରକାରୀ ଋଣ ଦେବାର ପ୍ରସ୍ତାବକୁ ମନୋନୀତ କରି ତହିଁପାଇଁ ଟ୧୫୦୦-- ଙ୍କା ପ୍ରଥମେ ମଞ୍ଜୁର କଲେ । ଏ ଋଣର ସୁଧ ପ୍ରତିଟଙ୍କାରେ ମାସିକ ଏକ ପାହୁଲା ଅଟେ ଓ ଋଣ ପାଞ୍ଚବର୍ଷରେ ଓ ଗୃହପାଞ୍ଚବର୍ଷ କିମ୍ବା ତତୋଽଧିକକାଳରେ ଆଦାୟ ହେବାର କଥା । ବାତ୍ୟାପୀଡ଼ିତ ଦେଶର ଅବସ୍ଥା ଏପରି ମନ୍ଦ ଯେ ସେଠାରେ ପ୍ରଜାଏ ବେଶି ସୁଧରେ ଋଣ ଖୋଜିଲେ ସୁଦ୍ଧା ପାଇଲେ ନାହିଁ । ଏଣୁକରି ଏତେ ସୁବିଧା ଋଣ ନେବା ସକାଶେ ଏଠାରେ ଭିଡ଼ ହେଲେ ଓ ଜାମିନ ଦେବା ସକାଶେ ସେମାନଙ୍କର ଜମିଦାର ମହାଜନମାନଙ୍କୁ ଆଣିଲେ । ଏତେ ପ୍ରଜା ଭିଡ଼ ହେଲେ ଯେ ଜଣକେ ଅଳ୍ପ ୨ ଟଙ୍କା ଦେଲେହେଁ ଘରଦିନେ ମଞ୍ଜୁରୀ ଟଙ୍କା ଶେଷ ହୋଇଗଲା ତହୁଁ କମିଶନର ଆଉ ଟ ୧୫୦୦୦୯ ଙ୍କା ମଞ୍ଜୁର କଲେ ତଥାପି ସମସ୍ତ ପ୍ରଜା ପାଇ ପାରିଲେ ନାହିଁ । ବିଗତ ଜଣି କୃଷି ଲଗାଇବାର କାର୍ଯ୍ୟସକାଶେ ଏ ଋଣ ମଞ୍ଜୁର ହୋଇଅଛି । ବାକି ପ୍ରଜାଙ୍କ ପ୍ରାର୍ଥନା-ବେଳକୁ ଋଣାସନ୍ନ ଅଗତ ହୋଇଥିବାରୁ ଆଉ ଋଣ ଦେବାର କଲେକ୍ଟର ସାହେବ ଉଚିତ ବିବେଚନା ନ କଲେ । ଗତବର୍ଷ

Digitized by srujanika@gmail.com

ମିଥାବରେ ଘୁରିକମୁରେ ଅଦ୍ୟାପି ହେବା ଜସ୍ୟମରେ ଏ ଋଣସବୁ ବଢ଼ା ହୋଇଅଛି ଏବଂ ଏଥିପାଇଁ ଜମିଦାର ଓ ମକଦ୍ଦମ ଜାମିନ ହୋଇଅଛନ୍ତି ଏ ଋଣରେ ପ୍ରପୀଡ଼ିତ ପ୍ରଜାଙ୍କର ଉପକାର ହୋଇଅଛି ସତ୍ୟ କିନ୍ତୁ ଏସପ୍ତାହର କଡ଼ିରେ ତାହା ଲେଖି ଯାଇ ନ ଥିଲେ ଭଲ । ଉପକାରକୁ ସାହାଯ୍ୟ ଜନ୍ୟ କଲେକ୍ଟର ସାହେବଙ୍କ ହାତରେ ଥିବା କୌଣସି ପୁଞ୍ଜି ସାହାଯ୍ୟଦାନବାବତ୍ ଆନ୍ନାମାନଙ୍କ ଦ୍ୱାଅଶତ ଟଙ୍କା ସେମାନଙ୍କ ମଧ୍ୟରୁ ଅତି ଦୁଃଖିଙ୍କ ବିତରଣ କରିବାର ସାହେବ ମହୋଦୟ ପ୍ରସ୍ତାବ କର ଏପରି ଦୁଃଖି[illegible] ତାଲିକା କମିଶନରଙ୍କଠାରୁ ଚଳନ [illegible]ଲେ ବର୍ତ୍ତମାନ ସାହେବ ମହୋଦୟ ଉକ୍ତ ଟଙ୍କା ବିତରଣ ସକାଶେ ଟଙ୍କା ସହିତ ନବାଗତ ଡେପୋଟୀ କଲେକ୍ଟରଙ୍କୁ ବାଢ୍ୟାପୀଡ଼ିତ ସ୍ଥାନକୁ ପଠାଇଅଛନ୍ତି । ଅମ୍ଭେମାନେ କଲେକ୍ଟର ସାହେବଙ୍କର ଏପରି କାର୍ଯ୍ୟରେ ବଡ଼ ପ୍ରୀତ ହୋଇ ତାଙ୍କୁ ଧନ୍ୟବାଦ ଦେଉଅଛୁଁ କାରଣ 'ନାହିଁ ମାମୁଁଠୁ କଣାମାମୁଁ ଭଲ ।'

---

ବନ୍ୟା

ଗତସପ୍ତାହରେ ଅମ୍ଭେମାନେ ବୃଷ୍ଟି ଓ ନଦୀବୃଦ୍ଧିର ସମ୍ବାଦ ଲେଖିଥିଲୁଁ । ବୃଷ୍ଟି ଗତ ରବିବାରଦିନ ବନ୍ଦହେଲା ମାତ୍ର ସେହିଦିନ ଅପରେଦରେ ନଦୀ ବଢ଼ି ସୋମବାର ସକାଳବେଳେ କାଠଯୋଡ଼ୀ ନଦୀରେ ଫୁ ୨୬ ଟ ପର୍ଯ୍ୟନ୍ତ ଓ ଅପରାହ୍ନରେ ଫୁ ୨୭ ଟର ଅଧେ ପର୍ଯ୍ୟନ୍ତ ଜଳ ଉଠିଲା । ଅର୍ଥାତ୍ ପଥରବନ୍ଧ ଡେଇଁବାକୁ ଆଉ ଦେଢ଼ଫୁଟ ମାତ୍ର ରହିଥିଲା । ପଥରବନ୍ଧ ତଳେ ଦୁଇ ତିନ ସ୍ଥାନରେ ପାଣି ଝରିବାର ମଧ୍ୟ ଆରମ୍ଭ ହେଲା । ବାରିକମାସ୍ତରସାହେବ ଓ ଜନହାକିମମାନେ ଭୁଲି ସିପାଇ ପ୍ରଭୃତିଙ୍କ ସଙ୍ଗେ ସେଠାରେ ଜଗି ରହିଲେ ଏବଂ ଝରଣମାନ ବନ୍ଦ କରିବାର କାର୍ଯ୍ୟ ଲଗାଇଲେ । ଈଶ୍ୱରଙ୍କ ଅନୁଗ୍ରହରୁ ସେହିଦିନ ସନ୍ଧ୍ୟାରାତ୍ରିରୁ ଜଳ ଛାଡ଼ିବାକୁ ଆରମ୍ଭ ହୋଇ ଲୋକଙ୍କର ଭୟ ଦୂର କଲା । ତହିଁପରଠାରୁ ଜଳ କ୍ରମାଗତ କମିଯାଉଅଛି ଏବଂ ଖରାପାଗ ସଙ୍ଗେ ଅଳ୍ପ ବୃଷ୍ଟି ହେଉଅଛି ।

ଶୁଣିବାରେ ବ୍ରାହ୍ମଣୀ ବୈତରଣୀ ନଦୀମାନ ମଧ୍ୟ ବଢ଼ିଯାଇ କରିଥିଲା ଏବଂ ଏହିନଦୀ ବୃଦ୍ଧି ଓ ଚନ୍ଦ୍ରାଗ୍ରା ଠାବେ ୨ ଘାଇ ହୋଇ ଘାଟ ବାଟ ବନ୍ଦ ହେବାଯୋଗୁଁ କଲିକତାଡାକ ତିନଦିନ ବନ୍ଦ ହୋଇଥିଲା । ଅଦ୍ୟାପି ଡାକ ବିଲମ୍ବରେ ଆସୁଅଛି ଏବଂ ଭଦ୍ରକଖଣ୍ଡ ବାଟ ଯାତାୟାତ ବନ୍ଦ ହୋଇଅଛି ।

ସନ ୧୮୭୨ ସାଲର ପ୍ରବଳବଢ଼ି ଉତ୍ତାରୁ ଏପରି ଭୟାନକ ବନ୍ୟା ପ୍ରାୟ କେବେ ହୋଇନ ଥିଲା । ସେ ସମୟରେ ବନ୍ୟା ସଙ୍ଗେ କଡ଼ାଝଡ଼ ଥିବାରୁ ଅଧିକ ଭୟଙ୍କର ହୋଇଥିଲା । ପକ୍ଷାନ୍ତରେ ସେ ବଢ଼ି ଜୁଲାଇମାସ ପ୍ରଥମସପ୍ତାହରେ ହୋଇ ଥିବାରୁ ବିଲର କ୍ଷତି ପୂରଣ କରିବାର ସମୟ ଥିଲା । ଏଥର ଜୁଲାଇମାସ ଶେଷ ସପ୍ତାହରେ ଘଟିବାରୁ ଧୋଇ ସ୍ଥାନମାନଙ୍କର ଫସଲପ୍ରତି ଅଧିକ ଶଙ୍କାର କାରଣ ହୋଇଅଛି । ଏହି ବନ୍ୟାଦ୍ୱାରା ମୋଫସଲରେ କି ପରିମାଣ କ୍ଷତି ହୋଇଅଛି ନିଶ୍ଚୟ ଜଣାଯାଇ ନାହିଁ କନ୍ଦୁଳତାର ଠାବେ ୨ ଛିଣ୍ଡିଯିବାରୁ ତାରସମ୍ବାଦ ବନ୍ଦଅଛି ଏବଂ ନାନାସ୍ଥାନରେ ବନ୍ଧ ଓ ନାଳ ଭାଙ୍ଗିଯିବାରୁ ଲୋକମାନଙ୍କ ଗତାୟତ ଗୁରିଦିନ ବନ୍ଦ ଥିଲା । କେନ୍ଦ୍ରାପଡ଼ାନାଳରେ ଘାଇ ହୋଇଥିବାରୁ ଗତ ବୁଧବାରର ବାଷ୍ପଜାହାଜମାନ ଏଠାରୁ ଗୃହଜାନକୁ ଯାଇ ନ ପାରିଲା । ତହୁଁ ତାଳଦଣ୍ଡା ବାଟେ ଜାହାଜ ଯିବାର ସ୍ଥିର ହେଲା । ମାତ୍ର କଣ୍ଟିର ବାଟ ଯାଇ ସେ ନାଳରେ ମଧ୍ୟ ଘାଇ ହେବାର ସମ୍ବାଦ ପାଇବାରୁ ଫେରି ଆସିଲା । ଏହି ନଗରରୁ ଅଳ୍ପ ଛଡ଼ା ଗୃଜହଂସ ନିକଟରେ କାଠଯୋଡ଼ୀବନ୍ଧରେ ତୋଟାଏ ଘାଇ ହୋଇ ସେହି ପାଣି ମାଛଗାଁନାଳର ଦକ୍ଷିଣବନ୍ଧ ଭାଙ୍ଗି ପକାଇଲା । ନାଳରେ ବସ୍ତର ଜଳ ଦେଖି କରକାଷ୍ଠୀ ପୋଲର ଅନିଷ୍ଟ ଆଶଙ୍କାରେ ବାରିକମାସ୍ତର କର୍ମଚାରିମାନେ ଉକ୍ତ ନାଳର ଆର ପାଖରେ ଯୋଡ଼ାଏ ଘାଇ ଫିଟାଇ ଜଳ ବାହାର କରିବା ଦ୍ୱାରା ନାଳକୁ ରକ୍ଷାକଲେ ମାତ୍ର କେତେକ ଖଣ୍ଡ ଗ୍ରାମର ଅନିଷ୍ଟ ହୋଇଅଛି । ଉପରିଭାଗରୁ ଘର ଇତ୍ୟାଦି ଭାସି ଆସିବାରୁ ଅନେକ ସ୍ଥାନରେ ଧୋଇ ଏବଂ ତଦ୍ୱାରା ମନୁଷ୍ୟ ଓ ପଶୁ ନଷ୍ଟ ହୋଇଥିବାର ଅନୁମାନ ହୁଅଇ । ମହାନଦୀ କୂଳସ୍ଥ ଜଣେ ଗୌଡ଼ର ଗୋଠରୁ ଗୋରୁ ମହିଷ ବସ୍ତର ଭାସି ଯାଇ ତହିଁରୁ ମଧ୍ୟ ଅଳ୍ପସଂଖ୍ୟକ ଧରାପଡ଼ିଅଛି । ଏହି ଏକବ୍ୟକ୍ତି ପ୍ରାୟ ଦୁଇଶତ ଗୋରୁ ହରାଇବାର କଥିତ ହୁଅଇ । ମୋଫସଲର କେତେକ ସ୍ଥଳରୁ ଅଦ୍ୟାପି ସମ୍ବାଦ ଆସିନାହିଁ । ବାଙ୍କୀରୁ ଯେଉଁ ସରକାରୀସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ନଦୀକୂଳସ୍ଥ ଅନେକ ଗ୍ରାମରେ ବସ୍ତର କ୍ଷତି ହୋଇଥିବ । ବାଙ୍କୀହଳର ସଦରମୁକାମରେ କେବଳ ସବଡିଭିଜନ କଚେରୀଘର ଏବଂ ଡାକବଙ୍ଗଳା ଛଡ଼ା ଆଉ ସମସ୍ତ ସରକାରୀଘର ସମ୍ପୂର୍ଣ୍ଣ ବା ଅଂଶିକ ନଷ୍ଟହୋଇଅଛି ଏବଂ ଗ୍ରାମଟି ସମସ୍ତ ଧୋଇ ଯାଇଅଛି । ନୂତନ ନିର୍ମିତ ହୋଇଥିବା ସଦରଥାନା ମଧ୍ୟରେ ଏକଫୁଟ ଜଳ ହୋଇଥିଲା । ବସାଘର ଭସି ବା ଭାଙ୍ଗିଯିବାରୁ ଅମଲା ଓ ପୁଲିସବାଲାମାନେ କଚେରିବାରନ୍ଦାରେ ପଡ଼ି ରହିଲେ । ଗ୍ରାମରେ ପ୍ରାୟ କାହାର ଘର ନାହିଁ । ପୂର୍ବର ବଢ଼ିରେ ଏସ୍ଥାନରେ ଏପରି ଅବସ୍ଥା ଘଟି ନ ଥିଲା । ଏଥର ବଢ଼ିର ଅନିଷ୍ଟକାରିତା ପାଠକମାନେ ବୁଝିପାରିବେ । ବିଲସବୁ ବୁଡିରହିଥିବାରୁ ଫସଲର ଅବସ୍ଥା ଜଣାଯାଇ ନାହିଁ । ଅନୁମାନ ହେଉଅଛି ମାଣ୍ଡିଆ ବଆଳ ଏବଂ ହରଡ଼ର ବସ୍ତର କ୍ଷତି ହେବ ।

---

ବନ୍ଦୋବସ୍ତ ଅତ୍ୟାଚାର ।

ବନ୍ଦୋବସ୍ତ ଅତ୍ୟାଚାରର ମୂଳ ଏବଂ ପ୍ରଧାନକାରଣ ପାରଚା ଅଟଇ । "ଖରଚା ଦଅ ପାରଚା ନିଅ" ମୋଫସଲର ଗୋଟିଏ ଡାକବଚନ ହୋଇଅଛି । ଯେଉଁଠାକୁ ଯିବ ସେହିଠାରେ ଏକଥା ଶୁଣିବ । ବନ୍ଦୋବସ୍ତସମ୍ବନ୍ଧ ଏମନ୍ତ ସର୍ବବ୍ୟାପି କଥା ଆଉ କଛି ନାହିଁ । ପାରଚା କଥାଟା ପୂର୍ବେ ଏତଦ୍ଦେଶରେ ଜଣା ନ ଥିଲା । ଏହା ବର୍ତ୍ତମାନ ହେଉଥିବା ନୂତନବନ୍ଦୋବସ୍ତରେ ପ୍ରଚଳିତ ହୋଇ ଅଛି । ଏଥିର ଅର୍ଥ କବଟେ ଲେଖାକାଗଜ ବା ଚିଠା ଅଟଇ । ଅସଡ଼ା ଅମିନମାନେ ମୋଫସଲରେ ଭୂମିମାପ ବା ଜରିବ କରି ପ୍ରତ୍ୟେକ ରଇତନାମରେ ଯେତେ ଜମି ଆପଣା ଖସଡ଼ାବହିରେ ଲେଖିବେ ତହିଁର ଖଣ୍ଡେ ପାରଚା ବା ଚିଠା ରଇତକୁ ଲେଖିଦେବେ । ପ୍ରତ୍ୟେକ ପାରଚାରେ ରଇତର ନାମ ଓ ତାହାନାମରେ ଜରିବହୋଇଥିବା ଜମିର ନମ୍ବର ଚୌହଦ୍ଦି ଏବଂ ପରିମାଣ ଲେଖାଯିବ । ସମ୍ପ୍ରତି ରଇତକୁ ଏପରି ଖଣ୍ଡିଏ ପାରଚା ବା ଚିଠା ଲେଖିଦେବାର ଅଭିପ୍ରାୟ ଏହିକି ରଇତମାନେ ସେମାନଙ୍କର ଜମିର ପରିମାଣ ଓ ଚୌହଦ୍ଦି ଖସଡ଼ାରେ ଠିକ ଲେଖାହେଲା କି ନାହିଁ ଜାଣିପାରିବେ ଏବଂ ଅମିନ କିଛି ଗୋଳମାଳ କରିପାରିବ ନାହିଁ ଓ କିଛି ଭ୍ରମ ଥିଲେ ପଶ୍ଚାତ୍ ମୁକାବିଲାସମୟରେ ଧରାପଡ଼ିବ । ଜରିବ-

Split by PDF Splitter
Digitized by srujanika@gmail.com

Split by PDF Splitter



ବ୍ୟବସ୍ଥାନୁସାରେ ଅମିନମାନେ ଖାରଜ ଦେବାକୁ ବାଧ୍ୟ । କାରଣ ଏହା ସେମାନଙ୍କ କାର୍ଯ୍ୟର ନିଦର୍ଶନ ଅଟଇ । ଅମିନମାନଙ୍କୁ କୌଣସି ବିବାଦ ମୀମାଂସା କରିବା କିମ୍ବା କର ଧାର୍ଯ୍ୟ କରିବାର ଅଧିକାର ନାହିଁ । ତାହେଲେ ସେମାନଙ୍କ ଏପରି ଅଧିକାର ଥିବାର କେହି ଲୋକଙ୍କ ଠକେଇ ଏଥିପାଇଁ ଜଣ୍ଡବନ୍ଦି ପୁସ୍ତକର ୧୦-ଅଧ୍ୟାୟ ୪୫ ଧାରାରେ ବିଜ୍ଞାପନଦ୍ୱାରା ଲୋକଙ୍କୁ ସତର୍କ କରାଦେବା କାରଣ ନିୟମ ହୋଇଅଛି ମାତ୍ର ଏପରି ବିଜ୍ଞାପନ ବନ୍ଦୋବସ୍ତ ମହଲ୍ଲାମାନଙ୍କ କୌଣସି ସ୍ଥାନରେ ଦିଆଯିବାର ଆମ୍ଭେମାନେ ଶୁଣି ନାହୁଁ । ଅମିନମାନଙ୍କର କାର୍ଯ୍ୟ ଓ କ୍ଷମତାବିଷୟ ପ୍ରଜାମାନେ କିଛି ଜାଣି ନାହାନ୍ତି କିମ୍ବା ଅମିନଙ୍କଉପରେ ଉପସ୍ଥିତ ଥିବା ଯେଉଁ ସରକାରମାନେ ଅଛନ୍ତି ସେମାନେ ସେ ସମ୍ବନ୍ଧରେ କିଛି ବୁଝାଇଦେଇ ନାହାନ୍ତି । ବରଂ ଅମିନମାନେ ପ୍ରଜାମାନଙ୍କୁ ବୁଝାଇ ଦେଇଅଛନ୍ତି ଯେ ସେମାନଙ୍କର ସବୁ ଅଧିକାର ଅଛି । ସେମାନେ ଯେଉଁ ଲୋକକୁ ଯେତେ ପାରନ୍ତି ଦେବେ ତାହାହିଁ ତାହାର ଦଖଲ ସ୍ୱତ୍ୱପକ୍ଷରେ ଅକାଟ୍ୟ ଦଲିଲ ହେବ ଏବଂ ଖାରଜ ନ ନେଲେ ହକ୍କଯୁକ୍ତ ମିନ ଏବଂ ଅଷ୍ଟସକାଶେ ଅର୍ଥଦଣ୍ଡ ହେବ । କେବେ କେଉଁ ଅମିନ କାହାକୁ ଏପରି ବୁଝାଇ ଦେଇଥିଲେ ଆମ୍ଭେମାନେ ନିଶ୍ଚୟ କହି ନ ପାରୁଁ ମାତ୍ର କାର୍ଯ୍ୟଗତିରୁ ଲୋକଙ୍କର ଏହି ବିଶ୍ୱାସ ଜନ୍ମିଥିବାର ସ୍ପଷ୍ଟ ଜଣାଯାଉ ଅଛି । ତାହା ନ ହେଲେ ପ୍ରତ୍ୟେକ ଖାରଜର ଦର ଟ ୦।୵ ହୋଇ ନ ଥାନ୍ତା । ବର୍ତ୍ତମାନ ସମୟରେ ଅଧିକାଂଶ ପ୍ରଜା ସେଥିରୁ ଭୟ ପାଇ ନାହାନ୍ତି ସେମାନେ ଅପଣାଛୁଟିରେ ଅମିନଙ୍କୁ ଖାରଜସକାଶେ ଟ ୦।୵ ଲେଖାଏଁ ଦେବାକୁ ଉଦାର ସମ୍ମତ ହୁଅନ୍ତି ନାହିଁ । ଫଳତଃ ଖାରଜର ଖରଚ ଟ ୦।୵ ଦର ପ୍ରାୟ ସର୍ବତ୍ର ହୋଇଅଛି । ଏବଂ ସ୍ଥାନରେ ମାଣପ୍ରତି ଟ ୦। ବା ଟ ୦।୵ ହୋଇଥିବାର ଶୁଣିଅଛୁଁ ଏବଂ ପଶ୍ଚାତ୍‌ରେ କାହାରି ମତ ଅର୍ଥାତ୍ ଯେଉଁଠାରେ ଜମିର ଦଖଲକାର ସରକାରୀ ଉଚ୍ଚପଦସ୍ଥ କର୍ମଚାରୀ ବା ସଦରରେ ସାହେବ ସୁବାଙ୍କ ପହଞ୍ଚ ସେଠାରେ ଏକାବେଳକେ ଖଣ୍ଡ ଜମା ଦର ଗଣା ହେବାର ମଧ୍ୟ ଅବଗତ ହୋଇଅଛୁଁ । ମାତ୍ର ଅଧିକାଂଶ ସ୍ଥଳରେ ପ୍ରଜାମାନେ ଉଚିତ ଏବଂ ତହିଁଉପରେ ଖାରଜ ଖରଚ ଦେଉଅଛନ୍ତି ଏବଂ ଏହି ଉପାୟରେ ଅମିନମାନଙ୍କର ଉଲ୍ଲଙ୍ଘଣ ସ୍ୱେଚ୍ଛାଚାର ହେଉଅଛି ।

କେହି କହିବେ ଯେ ପ୍ରଜାମାନେ ଅପଣାର ସ୍ୱତ୍ୱ ପ୍ରବଳକରିବା କାରଣ ଇଚ୍ଛାପୂର୍ବକ ଅମିନଙ୍କୁ ଟଙ୍କା ଦେଉଅଛନ୍ତି ଏବଂ ନାମ ଲେଖାଇ ପାରନ୍ତି ନେବାକାରଣ କେତେ ଖୋସାମତ ଓ ଅନୁରୋଧ କରୁଅଛନ୍ତି ଏଥିରେ ଅମିନର ଦୋଷ କିସ ? ମାତ୍ର ଏଯୁକ୍ତି କୌଣସି କାର୍ଯ୍ୟର ନୁହଇ । ସେହା ଓ ମଇବାକୁ କେହି ମୁକ୍ଷ ପାଏ ନାହିଁ । ଅମିନ ଅଯଥା ଅଧିକାର ଓ ଅସରଳ ବାକ୍ୟଦ୍ୱାରା ଲୋକଙ୍କର ଭୟ ଓ ଲୋଭ ଦେଖାଉଅଛନ୍ତି ଏବଂ କୃଷକମାନେ କିଛି ନେବାର ଅମିନ ଉପେଷ୍ଟ କଲାନାହେଁ ଅର୍ଥଦଣ୍ଡ କରୁଅଛନ୍ତି । ସୁତରାଂ ପ୍ରଜାମାନେ ଅଗତ୍ୟା ଅମିନର ପୂଜା କରୁଅଛନ୍ତି । ଅମିନ ଅପରାକାର୍ଯ୍ୟ ନିୟମାନୁସାରେ କରୁଥିଲେ ଓ ତହିଁର ପଦ୍ଧତି ଉଦନ୍ଧ ଦେଉଥିଲେ ଲୋକେ କିଛି ଦେବାକୁ ବାଧ ହେଉ ନ ଥାନ୍ତେ । ସଦରେ ସପ୍ତଖଣ୍ଡ ପଟରସନ ସାହେବ ଗତବର୍ଷ ପ୍ରଜାଙ୍କୁ ଖାରଜ ନ ଦେବା ଦୋଷରୁ ଅବନତିକୁ ଲଭିଲେ । ଏ ବର୍ଷ ପରେ ତାଙ୍କ କୀର କଟକଣା ହେବାରୁ ସେ ଟିଏ ଦଣ୍ଡନୀୟ ଅଭ୍ୟାସରର ମୂଳ ହେଲା । ଆମ୍ଭେମାନେ ଏକାନ୍ତ ଅନୁରୋଧ କରୁଁ ଗବର୍ଣ୍ଣମେଣ୍ଟ ଏହି ଅଭ୍ୟାସ ନିବାରଣର ବହୁତ ଉପାୟ କରିବେ ।

---

# ସାପ୍ତାହିକ ସମ୍ବାଦ ।

ପୋଲିସ ଗଜଟ ଇନ୍ସପେକ୍ଟର ଜେନେରଲ ଶ୍ରୀଯୁକ୍ତ ହେନେରି ସାହେବ ଦୁଇଥର ଛୁଟି ଅଛନ୍ତି । ଅର୍ଥାତ୍ ବାଟକୋଟ ଅଙ୍କନକୁ ଗତ ବୁଧବାର କଲିକତାକୁ ଯାଇ ଥାନରେ ନାହିଁ ।

## କଲିକତା ଗଜେଟ ।

କଟକର ଡେପୁଟି ଓ ଷ୍ଟେଟସ୍ ଜଜ ମିଃ ଚନ୍ଦ୍ରଶେଖର ଗୁପ୍ତ ଅଗାମି ଅଗଷ୍ଟମାସ ତା ୨୦ ଦିନଠାରୁ ଛଅମାସର ଛୁଟି ପାଇ ହୋଇଅଛନ୍ତି ଓ କୋଲକତାରେ ଅତିରିକ୍ତ ଜଜ୍‌ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମିଃ ଏ, ଏଚ୍, ଗିଲବର୍ଟ ତାଙ୍କ ସ୍ଥାନରେ ଅସ୍ଥାୟୀରୂପେ ନିଯୁକ୍ତ ହୋଇଅଛନ୍ତି ।

ଏଠା ଜଲେଜର ଏଫ୍, ଏ, ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଅଟଳ ଚନ୍ଦ୍ର ଟ ୧୨୫ ର ମୋହିନୀ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱର କଲେକ୍ଟରର ଗୁଡଳାଇନସପେକ୍ଟର ବାଲେଶ୍ୱର ଜଣ୍ଟ ଡିଷ୍ଟ୍ରିକ୍ଟ ଗିରି ଶାସନାଧୀନରେ ଅବଶାପିତ ହୋଇ ଅଛି ।

ସ୍ପର୍ଦ୍ଧାଜେନେରଲ ଏ, ଜ, ଅଭ ଷ୍ଟିଫେନ୍ସ ସର୍ଜନ ଜେ ଏଡ ଡେଲନ ପରବର୍ତ୍ତରେ ସୁବ ନିଜସିଭିଲ ଲାଇନ ଷଣ୍ଠଡମ ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକ ମେଡ଼ିକାଲସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| ଚକ୍ରଧର ଷଡ଼ଙ୍ଗୀ | ଗୌରଚନ୍ଦ୍ର ସରକାର |
| ପଦ୍ମଲୋଚନ ସିଂହ | ଶ୍ୟାମକିଶୋର ଚକ୍ରବର୍ତ୍ତୀ |
| ରଘୁନାଥ ଦେ | ଜନାର୍ଦ୍ଦନ ମହାପାତ୍ର |
| ଜଗନ୍ନାଥ ଦାସ | ଚନ୍ଦ୍ରମୋହନ ଘୋଷ |
| ମୃତ୍ୟୁଞ୍ଜୟ ଘୋଷ | ଜଗନ୍ନାଥ ମହାନ୍ତି |
| ଭବାନୀଚରଣ ଚକ୍ରବର୍ତ୍ତୀ | ଲକ୍ଷ୍ମୀନାଥ ଦେ |
| କୃଷ୍ଣଚନ୍ଦ୍ର ସେନାପତି | ସଦାଶିବ ପାଠୀ |
| ଶ୍ରୀନିବାସ ଦାସ | କୃପାସିନ୍ଧୁ ଭକ୍ତ |
| କାଳିଚରଣ ନାୟକ | ଗୋପୀନାଥ ସାହୁ |
| ଗୋବିନ୍ଦପ୍ରସାଦ ଭକ୍ତ । | |

---

କୋଷ୍ଠଗଡ଼ଜଙ୍ଗଲରେ ଯେଉଁ ବୋଟ ଦସ୍ୟୁ ହୋଇଥିଲା ତହିଁର ଠିକଣା ମିଳିଅଛି । ଦୋଷୀମାନେ ବୋଟଟି କେତେକ ଦୂର ଗଡ଼ାଇ ନେଇ ପକାଇଲେ । ସେହି କର୍ମଚାରୀ ତହିଁରେ ଥିଲେ ସେ ପ୍ରାଣଭୟରେ ବୋଟକୁ ଛାଡ଼ି ପଳାଇଥିଲେ । ବୋଟଟି କର୍ମଚାରୀ ବୁଡ଼ାଇଦେଇ ଫେରିବା ସମୟରେ ଯୋଗିଦ ଜାହାଜଦ୍ୱାରା ବୋଟ ଏବଂ ମନୁଷ୍ୟଙ୍କୁ ଉଦ୍ଧାର କରାଯାଇଅଛି ।

ଉତ୍ତରପଶ୍ଚିମାଞ୍ଚଳରେ ଉପଯୁକ୍ତ ବର୍ଷା ହୋଇ କୋଳ ଖେତରେ ଅଙ୍କୁର ଦେଖାଯାଇଅଛି ଏବଂ ଅନେକସ୍ଥଳେ ଧାନ ରୋଇଯାଉଅଛି ।

ତାରକା ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଜଣେ ଶୁଦ୍ର ସନ୍ନ୍ୟାସୀଙ୍କୁ ତାଙ୍କ ଭାଇମାନେ ଜୀବନ୍ତ ପୋଡ଼ିବାକୁ ଯୋଜନା କରିଥିଲେ । ଏହି ଘଟଣାର ପୂଜା ଉପଲକ୍ଷରେ ଭକ୍ତ ସନ୍ନ୍ୟାସୀଙ୍କର ଭୂମି ସ୍ୱୀକାର କରିଥିଲେ । ଏକ ଶୋଭାଯାତ୍ରା ସମୟରେ ଏକ ଘଟଣା ଘଟିଲା ଯେ ସେମାନେ ଏହି ସନ୍ନ୍ୟାସୀଙ୍କୁ ପୋଡ଼ିବାକୁ ସନ୍ନ୍ୟାସୀଙ୍କର ତାଲିକ ଲୁଗା ଟଣାଟଣି କରି ତାଙ୍କ ଦେହରେ ଶୋଭାଇ ଥାଇଲେ । ସେ ଯାଇଲେ । ସେ ଥରେ ସେ ସ୍ୱଦେଶ ଉଦ୍ଧାରକ ।

ଗୁଜରାଟରେ ବର୍ଷା ଓ ଦୁର୍ଭିକ୍ଷ ଯଥେଷ୍ଟ ଭୟ ହେବାର କଥା ନାହିଁ । ଏବର୍ଷ ଦୁର୍ଭିକ୍ଷ ଜଣାଇ ଘଟିବା ନ ହେବା ଭଲ ଉପଯୋଗ କଥା ଅଛି ।

ଏହିସମୟରେ ଜଣକରେ ଦୁର୍ଭିକ୍ଷ ହେଉଥିବାର ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ସମ୍ବାଦ ମିଳିଲା ଯେ ଉକ୍ତ ଦୁର୍ଭିକ୍ଷକାଳରେ ସେହି ଅଞ୍ଚଳରେ ଡାକ୍ତର ମଣ୍ଟଗୋମରି ମନ୍ତ୍ରିତାରେ ଦିଆହୋଇଅଛି । ଶୀଘ୍ର ଦେଶରୁ ଚାଉଳ ଆଣି ଲୋକଙ୍କ ଜୀବନ ରକ୍ଷା କରାଯାଉଛି ।

ବୋମ୍ବାଇଠାରେ ଗୋଟିଏ ଜୌତାସହିତ ଦୁର୍ଭାଗ୍ୟ ଘଟଣା ସମ୍ବାଦ ମିଳିଛି । ଏହି ଘଟଣାରେ ତେଇଶ ଜଣ ଲୋକ ମରିଯାଇଅଛନ୍ତି । ଏବଂ ଅନେକଙ୍କ ଆଘାତ ଲାଗିଅଛି ।

ପାଞ୍ଜାବରେ ପାଗଳାମୀର ଉପଦ୍ରବରୂପେ କେଉଁ ଲୋକ ଉଠିଥିବାର ସମ୍ବାଦ ମିଳିଛି । ଏବର୍ଷ ଉକ୍ତ ଉପାୟ ଉଦ୍‌ଘାଟନର ଚେଷ୍ଟା ହେଉଅଛି ।

ସରକାରରେ ଦୁର୍ଭିକ୍ଷନିବାରଣ କାର୍ଯ୍ୟରେ ବର୍ତ୍ତମାନ ସରକାରଙ୍କ ଅଧୀନରେ ଟ ୧୩୬୧୧୫ ର ଯେତେ ଲୋକଙ୍କୁ ସାହାଯ୍ୟ ଦେବା ଦ୍ୱାରା ସମ୍ବାଦ ମିଳିଲା । ତହିଁରୁ ଟ ୪୦୦୦୦ ର ସେତିକି ଋଣ ହୋଇ ଅଛି ।

Digitized by srujanika@gmail.com

ପୁରୀଜିଲ୍ଲାର କାଗଜକାରଖାନାରେ ଗତମାସ ତା ୧୨- ଖରେ ଅଗ୍ନି ଲାଗି ଭଲ ଏବଂ କାଗଜ ପ୍ରସ୍ତୁତ ହେବାର ଅନେକାନେକ ଦ୍ରବ୍ୟାଦି ଯେଉଁ ଘରେ ରହିଥିଲା ତାହା ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଅଛି । ଅଗ୍ନି ଲିଭାଇବା ନିମିତ୍ତ ସମସ୍ତାନୁଯାୟୀ ଚେଷ୍ଟା ହୋଇଥିବାରୁ ଅନେକ ରକ୍ଷା ହୋଇଗଲା । ତଥାପି ୩୦।୪୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର କଥିତ ହୁଏ ।

ବରୋଦାର ଯୁବରାଜ ଗତ ମାସ ତା ୧୪ ଖରେ ଇଂଲଣ୍ଡରୁ ବାହାର ଭ୍ରମଣ ଅଭିମୁଖେ ଯାଇଅଛନ୍ତି । କଥିତ ହୁଏ ସେ ଶୀଘ୍ର ଭାରତକୁ ପ୍ରତ୍ୟାଗମନ କରିବେ । ତାଙ୍କର ଶାରୀରିକ ସ୍ୱାସ୍ଥ୍ୟ ଅନେକ ପରିମାଣରେ ଭଲ ହୋଇ ଅଛି ।

କଲିକତା ମାଲେସ୍ ଦଣ୍ଡ ପତ୍ରରୁ ପ୍ରକାଶ ଯେ ସିଭିଲସର୍ଭିସପରୀକ୍ଷାର ଉତ୍ତୀର୍ଣ୍ଣ ବାବୁ ଘୋଷଙ୍କ ଅଗ୍ରେମୁଡିଭର ଅଗ୍ନ୍ୟୁତ୍ପାତରେ ଏକାବେଳକେ ନଷ୍ଟ ହୋଇଯାଇ ଅଛି । ସେଠା ଅଧିବାସୀ ପ୍ରାୟ ୧୨୦୦୦ ଲୋକ କାଳକବଳରେ ପତିତ ହୋଇଅଛନ୍ତି । କି ଭୟାନକ !

ନଗରକୋଟରେ ଦୁଇ ଜାତିଙ୍କ ମଧ୍ୟରେ ଭୟାନକଯୁଦ୍ଧ ହୋଇଯାଇ ଥିବାର ସମ୍ବାଦ ମିଳଇ । ଏଥିରେ ପ୍ରାୟ ୩୦୦ ଲୋକ ହତ ହୋଇଥିବାର କଥିତ ହୁଏ ।

କଟେଗଲର ସମସ୍ତକାର୍ଯ୍ୟରେ ଦେଶୀଭାଷାର ବ୍ୟବହାର ହେବ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ।

## ଯାଜପୁର–ସମ୍ବାଦ ।

ଜଣେ ମୁସଲମାନ କେଉଁଠାରୁ ଗୋଟା କୁକୁଡାର ଗୋଡ ଭାଙ୍ଗି ଦେଇ ପାଇଥିବାରୁ ପୁଲିସ କର୍ତ୍ତୃକ ଧୃତ ହୋଇ ସନ ୧୮୬୦ ମସିହା ୧୧ ଆଇନର ୭ ୩ ଧା ମତେ ଟ ୧୦୧ ଙ୍କା ଅର୍ଥଦଣ୍ଡ ଦେଇଅଛି ଏଣିକି କୁକୁଡାବ୍ୟବସାୟୀମାନେ ସାବଧାନ ।

ଏଠାକାର ଜନୈକ ଓକିଲ ଓ ମିଉନିସିପାଲଟିର କମିଶନରଙ୍କର ଦୁଇଜଣ ମୁଖ୍ୟ ମିଉନିସିପାଲଟିର ଚଉକିଦାରଙ୍କ ମଧ୍ୟରେ ବୈତରଣୀ ନଦୀର ଦକ୍ଷିଣପାର୍ଶ୍ୱସ୍ଥ ଜଗନ୍ନାଥମନ୍ଦିରର ପଶ୍ଚିମପାର୍ଶ୍ୱ ଏକଦେହାକୁ ଦୁଇଖୋଳାର ମାଟି କାଟିଥିବା ଅପରାଧରେ ମିଉନିସିପାଲ ଆଇନର ଧା ୨୬୦ ର ସ୍ଥ ୪ କ୍ଲଜ ମତେ ପ୍ରତ୍ୟେକେ ଟ ୧୦୧ ଙ୍କା ହିସାବରେ ଅର୍ଥଦଣ୍ଡ ଦେଇଅଛନ୍ତି ଅଥଚ ମଧ୍ୟ ଜଣେ ବେଶ୍ୟା ଗତ ଫାଲ୍‌ଗୁନ ମାସରେ ଅପରାଧ ସକ ଲିପିବା ସକାଶ ଉକ୍ତ ଗର୍ତ୍ତଠାରୁ କେତେକ ବୋଝ ଗଳମାଟି ନେଇ ଥିବାରୁ ଛଅ ମାସ ପରେ ତାହା ଜାଣିଲେ ଉକ୍ତ ଆଇନମତେ ମକଦମା ଦାୟର ହୋଇ ଟ ୨।୦୧ ଙ୍କା ଅର୍ଥଦଣ୍ଡ ହୋଇଅଛି ଅଳ କାଳ ଟଙ୍କାରେ ଗୃହର ସେ ୫।୧୦ ର ଏଥିରେ ସାମାନ୍ୟ ମୂଲ୍ୟବନ୍ତ ଦ୍ରବ୍ୟ ଏପରି ଗୁରୁଦଣ୍ଡ ହେବା ବଡ ଦୁଃଖର ବିଷୟ ।

ଗତ ସପ୍ତାହରେ ବୈତରଣୀ ନଦୀ ବୃଦ୍ଧି ହୋଇ ଥିଲା । ଗୋଟିଏ ୧୪।୧୫ବର୍ଷ ବୟସ୍କ ବାଳକ ନଦୀ ଅତ୍ୟନ୍ତରେ ବସି ଗାତ୍ର ଧୋଉଥିବା ସମୟରେ ହଠାତ୍ ଅତଳ ଜଳେ ପଡିବାରୁ ଜଳମଗ୍ନ ହୋଇଅଛି !

ଶ୍ରୀଯୁକ୍ତ କଲେକ୍ଟର ସାହେବ ଏକ ସପ୍ତାହ ଏଠାରେ ରହି ଏଠାକାର ସବଡିଭିଜନ ଅଫିସ ଓ ଅନ୍ୟାନ୍ୟ କାର୍ଯ୍ୟାଳୟମାନ ତଦାରଖ କରି ଗତମାସ ତା ୧୭ ଋଖ ଜେଲ କଟକ ପ୍ରସ୍ଥାନ କରିଅଛନ୍ତି ।

ଗତ ଶନିବାର ଅପରାହ୍ନ ୪ ଘଣ୍ଟା ସମୟରେ ଇଂରାଜୀ- ସ୍କୁଲ ଗୃହରେ ଏଠା ସ୍କୁଲର ବାର୍ଷିକ ପୁରସ୍କାରସଭା ହୋଇ-ଥିଲା ସେଥିରେ ଓକିଲ ମୋକ୍ତାର ଅମଲ ପ୍ରଭୃତି ପ୍ରାୟ ୧୦୦ ଜଣ ଭଦ୍ରଲୋକ ଉପସ୍ଥିତ ଥିଲେ ଶ୍ରୀଯୁକ୍ତ କଲେକ୍ଟର ଓ, ଷ୍ଟିଭେନସନ ସାହେବ ସଭାପତିର ଆସନ ଗ୍ରହଣ କଲେ ସ୍କୁଲ୍‌ଇନସ୍ପେକ୍ଟର (ମୁନସଫ ବାବୁ) ସ୍କୁଲର ବାର୍ଷିକ ରିପୋର୍ଟ ପାଠ କଲେ ତଦନନ୍ତର ସଭାପତି ମହାଶୟ ଦଣ୍ଡାୟମାନ ହୋଇ ଉକ୍ତ ରିପୋର୍ଟର ଉତ୍ତର ପ୍ରଦାନ କରି ଛାତ୍ରମାନଙ୍କ ଉତ୍ସାହଜନକ କେତେକ ସାରଗର୍ଭ ଉପଦେଶ ଦେଇ ଆସନ ଗ୍ରହଣ କଲେ କେତେକ ଛାତ୍ର ଇଂରାଜୀରେ ଓ କେତେକ ଛାତ୍ର ସଂସ୍କୃତରେ କବିତା ପାଠ କଲେ ତତ୍ପରେ ସଭାପତି ମହାଶୟ ସ୍ୱହସ୍ତରେ ବାଳକମାନଙ୍କୁ ପୁସ୍ତକ ପୁରସ୍କାର ଦେଇ ସଭା ଭଙ୍ଗ କଲେ ମାତ୍ର ଦୁଃଖର ବିଷୟ ଯେ ଉକ୍ତ ସ୍କୁଲର ପ୍ରେସିଡେଣ୍ଟ (ସବ ଡିସ ମାଜିଷ୍ଟ୍ରେଟ) ସଭାସ୍ଥଳରେ ଉପସ୍ଥିତ ହେଲେ ନାହିଁ ।

କଟିଅ ପ୍ରଗନା ତରଦା ମୌଜାର ଖସଡା ଅଭିନ ବୈଦ୍ୟନାଥ ଦାସ ଉକ୍ତ ମୌଜାର ପ୍ରତ୍ୟେକ ପ୍ରଜାଙ୍କଠାରୁ ଟ ୦।୰ ଲେଖାଏଁ ସଲାମୀ ନେଇ ସେମାନଙ୍କୁ ପାଉତି ଦେଇଥିବା ଓ ଉକ୍ତ ମୌଜାର ଅଟେଠିଲର ନାମକ ପ୍ରଜା ସଲାମୀ ନ ଦେଇ ଉପରିସ୍ଥ ହାକିମଙ୍କଠାରେ ନାଲିସ କରିବାରୁ କଚେରୀରେ ଅଭିନ ସଙ୍ଗାତ୍ତଭ ହୋଇ ତାକୁ ମାରପିଟ କରିବା ଅପରାଧରେ ଅଟେଠିଲର ଅଭିନ ନାମରେ ଏଠା ଫୌଜଦାରୀ ଅଦାଲତରେ ନାଲିସ କରିଅଛି । ଫଳ ପରେ ପ୍ରକାଶ କରିବୁଁ ।

ଏଠାକାର କଚେରୀର ଇଲାକାର ସବ ଡେପୁଟୀ କଲେକ୍ଟର ବାବୁ ବ୍ରଜେନ୍ଦ୍ରନାଥ ଗୁପ୍ତ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ ଗତମାସ ତା ୧୬ ଋଖରେ କଟକ ହୋଇ ଗଲେ । ସେ ଜଣେ କାର୍ଯ୍ୟଦକ୍ଷ ଓ ପରିଶ୍ରମୀ ହାକିମ ଥିଲେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

To,

THE EDITOR OF UTKAL DIPIKA.

Sir,

With regret I beg to inform the public interested in the management of Mayurbhunj that Mr. Wylly left Baripada this morning at 3 A. M. Every one has been sorry in not being able to see Mr. Wylly at the hour of his departure. There is every proof in the state that his management has been a right success. His subordinates shed tears for him. The people though glad to have their ruler back after the expiration of his minority have yet obtained no proof of his principles of Government.

Mr. Wylly told me that he would go away quietly as he is unable to witness the touching scene of a departure from a people loving and loved.

Baripada 21-7-92.                Faithfully yours X.

---

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭମାନଙ୍କର ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦାମୋଦକ ପତ୍ରିକାରେ ସ୍ଥାନ ପ୍ରଦାନ କରି ଚିରବାଧିତ କରିବା ହେବେ ।

ଯଥା;—

କରୁଣରସ—ପଦ୍ୟ-

ରାଗ କଳହଂସ-କେଦାର

କଳାପୂର୍ଣ୍ଣ ଶ୍ରୀ ରାମଚନ୍ଦ୍ର ନୃପତି,
କର ପାଳିତ ପ୍ରଜା ଭିଷଥିଲେ ଯେ ।
କର ପୀୟୂଷମୟ କରି ପ୍ରକାଶ,
କଲେ ଧରଣୀ ଦେଖା ଚନ୍ଦ୍ରସନ୍ତୋଷ ଯେ ।୧
ଖଳ ନିଯୁତ ମୃତ୍ୟୁ ନାଗେ ଦଳକ,
ଖଣ୍ଡିବ ବୋଲି ନ … ଅଙ୍କ ଯେ ।
ଖେ ସୂର୍ଯ୍ୟବଂଶେ ଜାତ ହେବାରୁ ସଙ୍ଗ,
ଖଙ୍ଗ କଲେ ଅହିତ ଭମିର ଗଙ୍ଗ ଯେ ।୨।
ଗୋପନୀୟ ବସ୍ତୁର ହୋଇ ମସ୍ତାପ,
ଗୌରବେ ସାଧିଲେ କାର୍ଯ୍ୟକଳାପ ଯେ ।
ଗଜଅଳନ ପର ବଦ୍ୟା ସକଳ,
ଗତହେଲା ଅଭ୍ୟାସେ ଶୈଶବକାଳ ଯେ ।୩।
ଘେନ ନ୍ୟାୟ ବେଦାନ୍ତ ବୈୟାକରଣ,
ଘଣ୍ଟାପଥ ସଂଜ୍ଞାକନା ଯାହା ପ୍ରାଣ ଯେ ।
ଘାଣ୍ଟିଲେ ଚତୁର୍ଦ୍ଦଶ ବିଦ୍ୟା ନିର୍ଭୟେ,
ଘନୀଭୂତ ମନସ୍ତତ୍ତ୍ୱ ପଶ୍ୱ ଯେ ।୪।
ଙ୍ଗାନ ଏଥିରେ ଯେଉଁ ଇଂରାଜୀ,
ନାରଂବ ପ୍ରବର୍ତ୍ତିତ୍ତ ସଂଶୟ ଛେକ ଯେ ।
ନୟନପାତେ ତାକୁ କରି ଅଧୀନ,
"ନବ୍ୟ" ଗଣେ ହୋଇଲେ ଦ୍ୱୀତିଭାଜନ ଯେ ।
ଚତୁର ଧନୁର୍ବିଦ୍ୟା ଭୃଗୁ ସମାନେ,
ଚନ୍ଦ୍ରହାସେ ପାରଗ ଯଥାବିଧାନେ ଯେ ।
ଚରମାବସ୍ଥା ଲଭି ଏହି ବିଦ୍ୟାର,
ଚପଳେ ସାଧି କଲେ ଗୀତବସ୍ତୁର ଯେ ।୬।
ଛଳାଇ ମନୋଜକୁ ଯୌବନମଦ,
ଛଡାଇଲା ତା ଅବଲେପ ପ୍ରମୋଦ ଯେ ।
ଛନ୍ଦବେଶରେ ବ୍ୟାପି ବୁଦ୍ଧି ଅଦ୍ଭୁତ,
ଛଟିନେଲା ବସ୍ତୁର ମାଣିକ୍ୟ ଗୁରୁ ଯେ ।୭।
ଜ୍ୟେ ଭ ପ୍ରଖର ଯଶ ହୋଇ ଉଦ୍ଭବ,
ଜଣାଇଲା ଏ ବଂଶେ ହେଲା ସଂଭୂତ ଯେ ।
ଜନନୀରେ ଅଧର ଜନ୍ମ ହୋଇଲା,

Split by PDF Splitter
Digitized by srujanika@gmail.com

ତାଇଁ ବ୍ୟୋମମଣ୍ଡଳ ଅଶ୍ରପୂ କଲ୍ପ ଯେ । ୮ ।
ବୃଷଭଧ ଅକୂର ଯହିଁ ବର୍ଷିଇ,
ବୃକ୍ଷଭୁକ୍ତ ଏବଣେ ଯେ "ଭାଗବତ" ଯେ ।
ହିମନ୍ତେ ନ୍ୟାସି ତାଙ୍କୁ ମୂ ଦାୟନ୍ତରେ,
ବୃଗଡ଼େ ବିଚରଣ କଲେ ସନ୍ଧ୍ୟରେ ଯେ । ୯ ।
ନ୍ୟାୟୃପଦ୍ଧତି ଯହିଁ ଅଟେ ବିଶଦ,
ତାଙ୍କରେ ଯେ ନରଗଣ-ବିଷାଦ ଯେ ।
ତତ୍ପଶ୍ଚାତ୍‌ବନେ ଖ୍ୟାତ ଯା ନାମ,
ମାତଶାସ୍ତ୍ର ଯେ ଅଟେ ମାନବଧର୍ମ ଯେ । ୧୦ ।
ତାଂବତ ଯେଉଁ "ପଞ୍ଚସିଦ୍ଧାନ୍ତ" ନୂତ,
ଚେଟେ ଉତ୍କଳାଙ୍କରେ ରଞ୍ଜିତ କୀର୍ତ୍ତି ଯେ ।
ତାଲେ ଅଦ୍ୱିତୀୟ ଯେ "ଅମରବୋଧ",
ଟୀକାଏ କ ରଖଇ ତୁଳ୍ୟ ଖେଦ ଯେ । ୧୧
ଠଉରଛ ଯେ ଅପରୋକ୍ଷାନୁଭୂତ,
ଠିକେ ଏମାନ ବିଚରନ୍ତେ ଭୂପତି ଯେ ।
ଠାକୁର ହୋଇଥିଲେ ପ୍ରଜାବର୍ଗର,
ଠାକେ୨ ବିସ୍ତାର ଗୁଣ ତାଙ୍କର ଯେ । ୧୨ ।
ଡମ୍ଫାଡମ୍ବର ହୋଇବାରୁ ସଭଜ,
ଢେଉରଲେ ଦର୍ମ୍ୟ ହରୁଅଛ ସୁମଳ ଯେ ।
ଡସ୍ଥାଉଛନ୍ତି ଦହର୍ଦ୍ଦାରେ ବଳକ,
ଡାକନ୍ତି ହେ ଦର୍ଶକ ଜନସମାଜ ଯେ । ୧୩ ।
ତପ ଯାହାର ଭାରତେଶ୍ୱରଙ୍କର,
ତମବସ୍ତ୍ରରେ ହୋଇ ତତ୍ତ୍ୱାର୍ଥଦ୍ୱାର ଯେ ।
ତାଙ୍କ ତା ପ୍ରତିବମ୍ବ ଅଣି ଏହାଙ୍କୁ,
ତିଷ୍ଠନ୍ତି ରଖିଲେ କାଳ୨କୁ ଯେ । ୧୪ ।
ଦେବ ପ୍ରାକାର ଯହିଁ ତଭୂତପାର୍ଶ୍ୱରେ,
ଦର୍ଶିତ ଯଙ୍କେ ଗିର ଶୋଭେ ବ୍ୟୋମରେ ।
ଧରିବ ଅଟେ ସେହିଦ୍ୱାର ଉତ୍ତର,
ଧାରିବ ତାଣଦାୟିଙ୍କର ମନ୍ଦିର ଯେ । ୧୫ ।
ଧାର ପୂର୍ବଦଗରେ କୋଦଣ୍ଡଧାରୀ,
ନରନାରୀ ନଳଦ୍ୱୀପ ଯା ନାମ ଯେ ।
ନହିଁ ମହାପ୍ରାସାଦେ ହୋଇ ଉତ୍ସବ,
ନସ୍ୱିମାନଙ୍କର କଡ଼ାନ୍ତି ମୋଦ ଯେ । ୧୬ ।
ଥୋକାଏ ଦୂରେ ପଦ୍ମାସୂନ୍ଦ ଇମିତ,
ଅବିର ସୁବଳ ଗୌର ସେବକ ଯେ ।
ଅଶ୍ରୁ ହୋଇବ ବୋଲି ପାର୍ଶ୍ୱ ମାର୍ଗରେ,
ଆପେଅଛନ୍ତି ଦେବଦାରୁ କଥରେ ଯେ । ୧୭ ।
ଦୟାସାଗର ଜଗଦ୍‌ବନ୍ଧୁଙ୍କ ଗୃହ,
ଦେହୀମାନଙ୍କ ତତ୍ତ୍ୱ କରେ ଉତ୍ସାହ ଯେ ।
ଦୀନନାଥ ପ୍ରଭୁଙ୍କୁ ଭା୨ପ୍ରକାର,
ଦେଇଅଛନ୍ତି ଯହିଁ ଦ୍ରବ୍ୟନିକର ଯେ । ୧୮ ।
ଧନ୍ୟ ତାହା ପୂର୍ବରେ ପକ୍ଷିରାଜସ୍ୱ,
ଧର୍ମେ ଧାରଣା ଯହିଁ ଲୋକନିତ୍ୟ ଯେ ।
ଧୀରତା ପାର୍ଶ୍ୱେ ବାଲୁଗାଁ ଜମିଣ,
ଧବଳମୃତ୍ତି ହର ଅଛନ୍ତି ଜାଣ ଯେ । ୧୯ ।
ନାମ ପ୍ରସିଦ୍ଧ ଯାର ନଦ୍ୟାରବନ,
ନ୍ୟାୟୁ ପୂରଣ ତାବ୍ୟ ତୁଏ ପଠନ ଯେ ।
ନର୍ମିଣ ବର୍ଣ୍ଣାକ୍ୟୁଲ ସମ୍ମତ ଟେବଲ,
ନର୍ଦ୍ଦୋଷ ଯଗ ଏହି ଅଟେ ଅମୂଲ୍ୟ ଯେ । ୨୦ ।
ପୁଣି ତାହାଅତ୍ରରେ ଦ୍ୱିଜଶାସନ,
ପ୍ରଦାନେ କଲେ ତାଙ୍କ ମନ୍ତ୍ରପ୍ରସନ୍ନ ଯେ ।
ପ୍ରଭୁ ଶ୍ରୀ ସାଂଭାଧବ ଏହା ପ୍ରାନ୍ତରେ,
ପୂଜ୍ୟ କରାଇଛନ୍ତି ଧର୍ମଧାମରେ ଯେ । ୨୧ ।
ଫାଟକ ତତ୍ତ୍ୱରୁ ଭେଦୂଅଦ୍ୱାର,
ଫଉଜାରମାନଙ୍କେ ପୂର୍ଣ୍ଣ ଉଦର ଯେ ।
ଫଳ ଲଭ ଦ୍ୱିରଦମାନେ ତା ପାଶେ,
ଫୁଟିବାରଥିନ କରୁଛନ୍ତି ସ୍ୱବାସେ ଯେ । ୨୨ ।
ବହୁଦେଶେ ବିଦ୍ୟାଳୟର ବସନ୍ତେ,
ବର୍ଦ୍ଧିତ ନାନାଫଳ-ପୁଷ୍ପ ସମାଜେ ଯେ ।
ବୃଷମାପିନେ ଅତି ପ୍ରଫୁଲ୍ଲ ହୋଇ,
ବନ୍ଦୋବସ୍ତ ଜନର ଅନନ୍ଦଦାୟୀ ଯେ । ୨୩ ।
ଭଦ୍ରପ୍ରିୟ ସେ ସଶୋଧନ ସ୍ୱଜନ,
ଭାବେ ଉଅଇ ପାର୍ଶ୍ୱେ ଦକ୍ଷିଣୀମାନ ଯେ ।
ଭରସା ତାହାଙ୍କୁ ଦେଖାଇ ବନ୍ଧୁ,
ଭାବନାଛିଦ ଏବେ ହୋଇଲେ ସେତୁ ଯେ । ୨୪ ।
ମହାପତ୍ତନ ସେତୁ ଲୋକଅବାସ,
ମନୋରମ ହୋଇଛି ଜଳସୁପାର୍ଶ୍ୱ ଯେ ।
ମହିମା ତା ଅତ୍ରରେ କରେ ପ୍ରକାଶ,
ମିଥ୍ୟାବାଦଙ୍କ ଦ୍ୱେଷୀ ବସୁବଜାର ଯେ । ୨୫ ।
ଯଶ ବିସ୍ତାରଅର୍ଥେ ସେ ମହାଶୟ,
ଯତ୍ନେ ତାର ନକଟେ ଔଷଧାଳୟ ଯେ ।
ଯଥୋଚିତରେ ଯହିଁ କଲେ ନର୍ମିଣ,
ଯାବତ୍ତୀୟ ଲୋକଙ୍କ ଅଟେ କାରଣ ଯେ । ୨୬ ।
ରତପଥଜନକ ତାର ନକଟେ,
ରାଧାସନ୍ଥରେ ସ୍ଥାପି ଶୂନ୍ୟଦପଟେ ଯେ ।
ରଖାଇଛନ୍ତି ମଣ ଦର ବାସାର,
ରମଣୀୟ ଯହିଁରେ ଭୋଜ୍ୟନକର ଯେ । ୨୭ ।
ଲକ୍ଷ ସଂଖ୍ୟକ ଲୋକ ମୂର୍ତ୍ତି ଏଠାରେ,
ଲସିତ ଚତୁର୍ଦ୍ଦ୍ୱିପିସ୍ଥ ପ୍ରାନ୍ତରେ ।
ଲଭି ଲୋକସକଳ ପ୍ରତ୍ୟକ୍ଷଫଳକୁ,
ଲେଖନ୍ତି ପ୍ରାଜ୍ଞ ବୋଲି ଏହି ପ୍ରଭୁଙ୍କୁ । ୨୮ ।
ବେଷ୍ଟିତା ଏଦୁର୍ଗର ପୂର୍ବଦଗରେ,
ବ୍ରାହ୍ମୀନାମେ ନଦୀଟା ବକ୍ଷଦଗରେ ଯେ ।
ବର୍ଦ୍ଧିତ ସ୍ରୋତେ ନାନା ପୁଷ୍ପିତ ତରୁ,
ବସନ୍ତେ ବନହୃଦ କରନ୍ତି ସ୍ୱାରୁ ଯେ । ୨୯ ।
ଶାନ୍ତାତ୍ମା ସ୍ୱଦେଶସ୍ଥ ଲୋକବର୍ଗଙ୍କ,
ଶର୍ମ୍ମ ସାଧନ କଲେ ଦେଇ କାର୍ଯ୍ୟକୁ ଯେ ।
ଶୋଭିଯୁଗଣେ ସ୍ତ୍ରୀର ବଳ ବାସର,
ଶ୍ରବେ ବଳେ ସୁଗଣ ସେନ ସଙ୍ଗର ଯେ । ୩୦ ।
ଷଟ୍‌ପଦ ପଦ ଭ୍ରମି ନାନା ଦେଶର,
ଷଷ୍ଠୀତନ ଦବଶେ ଦର ମଧୁର ଯେ ।
ଷଡ଼ଦର୍ଶନ ସେଉଁଦେଶେ ପ୍ରଧାନ,
ଷଟ୍‌କର୍ମର ଯହିଁ ହୋଇ ସ୍ୱଜନ ଯେ । ୩୧ ।
ସାର ସେଦେଶେ ପିତୃକର୍ମ ଯଜନ,
ସଫଳ କରେ ନା୨ଦେଶୀୟ ଜନ ଯେ ।
ସଦର ବଙ୍ଗଦେଶେ ଯେ କନକତା,
ସଂପାଦଲେ ଯହିଁରେ ସ୍ୱବଚେବତା ଯେ । ୩୨ ।
ହର୍ଷେ ଦର୍ଶନକର ଜଗନ୍ନାଥଙ୍କ,
ହତବଶ୍ୟେ ଗମିଲେ ନଜଦୁର୍ଗକୁ ।
ହର ଏହୃଷ୍ଟ ମନେ କଲେ ବସ୍ତର,
ହସାଇଲେ କପଟେ ପ୍ରଜାନକର ଯେ । ୩୩ ।
କ୍ଷମାସାଗର କ୍ଷଣଭଙ୍ଗୁର କ୍ଷିତ,
କ୍ଷଯା ଜଗତ୍ସେ ଭକ୍ତି କର ସତତ ଯେ ।
କ୍ଷତପୂରଣ ଏବେ କଲେ ତ୍ରିଦବେ,
କ୍ଷମା କରବ ଦୋଷ ଅପୂର୍ବ ଭାବେ ଯେ । ୩୪ ।

ସ୍ୱଜଧାନୀ ଢାଙ୍କେନର ଦୁର୍ଗ } ମଙ୍ଗଳାକାଙ୍କ୍ଷୀ
୨୧।୭।୯୨ } ଶ୍ରୀ ——

## ମୂଲ୍ୟ ପ୍ରାପ୍ତି

| | |
|---|---|
| ପଣ୍ଡିତ ରଘୁନାଥ ମିଶ୍ର ସତ୍ୟବାଦୀ | ଟ ୩ |
| ବାବୁ ରମାଚରଣ ବନ୍ଦ୍ୟାଘ ତକ୍ଷକ | ଟ ୧ |
| „ ହଳଧର ବାବୁ ଜଗମୋହନଣ | ଟ ୩ |
| „ ଗୋପୀନାଥ ନାବୁ ସନତଜିତ | ଟ ୨ |
| „ କାଳଚରଣେର ହେଡ଼୍‌ମାଷ୍ଟର ପୁମ୍ପିତ | ଟ ୩ |
| „ ରାମପ୍ରସନ୍ନ ମୂର୍ଚ୍ଛା ତକ୍ଷକ | ଟ ୩ |
| „ ମାଗୁଣି କେଦେବ | ଟ ୧ |
| „ ମୋହନମୋହନ ମହାପାତ୍ର ପାଟପୁର | ଟ ୩ |
| „ ମିଃ ଏବ୍‌, ବାଇନ ମଧୁରଭଞ୍ଜ | ଟ ୩ |
| ବାବୁ କନସ୍ତମ ସାହୁ ବେଳାପଡ଼ା | ଟ ୩ |
| ଚୌଧୁରି ବୈକୁଣ୍ଠନାଥସୁପୁତ୍ର ମହାପାତ୍ର ଭେଡ଼ା | ଟ ୩ |
| ବାବୁ ହରେକୃଷ୍ଣମାନନ୍ଦ ସାନ୍ତଷ୍ପୁର | ଟ ୨ |


## ବିଜ୍ଞାପନ ।

# ନୂତନ ପୁସ୍ତକ ।

# ରାମବନବାସ

# ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରି-ସାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା। ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।


Digitized by srujanika@gmail.com

Split by PDF Splitter



## ନୂତନ ପୁସ୍ତକ ।

ତ୍ରିଭାଷୀ ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ-ସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଶିଖି ପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇ-ଅଣା । କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ସେକ୍ରେଟରୀ

## ବିଜ୍ଞାପନ ।

ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଏତଦ୍ଦ୍ୱାରା ପ୍ରକାଶ କରାଯାଉଅଛି ଯେ ସନ ୧୮୯୨।୯୩ ମସିହାର ନ ୩୭ ନମ୍ବର ସାର୍ଟିଫିକେଟ ମକଦ୍ଦମାରେ ସନ ୧୮୯୧ ମସିହାର ଅପ୍ରେଲ କିସ୍ତିର ବାକି ପଥ ଓ ପ୍ରଦେଶୀୟକର ଓ ସୁଧ ଓ ଖର୍ଚ୍ଚା ସହିତ ଟ ୩୨।୧୦।୫୨ ଆଦାୟ ନିମନ୍ତେ । ଜି । ପୁରୀ । ପ୍ର । କୋଠଦେଶ । ତା । କୋଠଦେଶ ନ ୮୪ ନମ୍ବର ତଉଜିଭୁକ୍ତ ଜମିଦାରୀ ଯହିଁର ସଦରଜମା ଟ୮୧୦୮୧୯୩/୫ ଅଟେ, ପୁରୀ କଲେକ୍ଟରକଚେରୀରେ ସାଃ ଫିଃ ଅଫିସରଙ୍କ ମହକୁମାରେ ସନ ୧୮୯୬ ମସିହା ଆଗାମୀ ଅଗଷ୍ଟମାସ ତା ୨୯ ରିଖ ବେଳ ଘ ୧୨ଟା ସମୟରେ ପ୍ରକାଶ୍ୟରୂପେ ନିଲାମ ହେବ ।

ପୁରୀ କଲେକ୍ଟରୀ ଅଫିସ
ତା ୨୨ ରିଖ ଜୁଲାଇ
ସନ ୧୮୯୬ } M. M. Roy
ସାର୍ଟିଫିକେଟ ଅଫିସର

ଅକୃତ୍ରିମ-

## ଜ୍ୟାମେକା ସାଲସା ।

ଏହି ସାଲସା ବ୍ରିଟିଶ ଗବର୍ଣ୍ମେଣ୍ଟର ଅନୁମୋଦିତ ଓ ଦେଶି ଏବଂ ବିଲାତୀ ୫୧ ଔଷଧି ଉଦ୍ଭିଜ୍ଜ ମଶଲାର ସାରଭାଗଦ୍ୱାରା ନୂତନ ରସାୟନପ୍ରକରଣରେ ପ୍ରସ୍ତୁତ । ଏହା ସେବନ କଲେ ପାରଦଘା, ଗର୍ମ୍ମିଘା, ନାଳୀଘା, ବାତବେଦନା, ଗଣ୍ଡମାଳ, କଣ୍ଠିକା ଓ ମୁଖ-ଭିତର ଘା, ଦେହରେ ଧାରଫୁଟା ଓ ଚକାଚକା ଦାଗଦଉଡ଼ା ପ୍ରଭୃତି ପାରଦ ଉପଦଂଶ, ଓ ଦୂଷିତ ରକ୍ତର ପୀଡ଼ା, ଏବଂ ଧାତୁଦୁର୍ବ୍ବଳତା, ମେହ, ପ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନବିକାର, ପ୍ରସ୍ରାବ-ଜ୍ୱାଳା ଅଳ୍ପ ବା ଅଧିକପ୍ରସ୍ରାବସହ ଧାତୁ ନିଃସୃତ ହେବା, ହାତ, ଗୋଡ଼, ଓ ଚକ୍ଷୁ ଜ୍ୱାଳାକରି ସ୍ମରଣଶକ୍ତି ନ ଥିବା, ସର୍ବଦା ଆଳସ୍ୟଭାବ, କୋଷ୍ଠବଦ୍ଧତା, ଶରୀରର କଳଗାର୍ଯ୍ୟହୀନପ୍ରଭୃତି ମାନବଶରୀର ସର୍ବପ୍ରକାର ଜଟିଳ ଓ ଦୁରାରୋଗ୍ୟ, ଏବଂ ସର୍ବପ୍ରକାର ଔଷଧକୁ ହରାଇଥିବା କଠିନ କଠିନ ରୋଗ ଆରୋଗ୍ୟ କରିବାକୁ ଏହାର ନ୍ୟାୟ କ୍ଷମତାପନ୍ନ ଔଷଧ ଜଗତରେ ଆଉ ନାହିଁ ; ଯଦି ଦୁର୍ବ୍ବଳଦେହ ସବଳ କରିବାକୁ ଦୂଷିତରକ୍ତ ଶୋଧନ କରିବାକୁ ଓ ଶରୀର ହୃଷ୍ଟପୁଷ୍ଟ ଓ ଜ୍ୟୋତିବିଶିଷ୍ଟ କରିବାକୁ ଅଭିଳାଷ ଥାଏ ତେବେ ଏହି ସାଲସା ସେବନ କର । ଏଥିରେ ପାରା, ଅଫିମ, ମଦ ପ୍ରଭୃତି କୌଣସି-ପ୍ରକାର ନିଶାର ବସ୍ତୁର ସଂଶ୍ରବ ନାହିଁ । ଅତଏବ ଏହା ସେବନ କରୁ କରୁ ଦେହରେ ସ୍ଫୂର୍ତ୍ତି ଜାତ ହୁଏ ; କ୍ଷୁଧା ଅତ୍ୟନ୍ତବୃଦ୍ଧି ହୁଏ ; ଓ ଦେହରେ ଦ୍ୱିଗୁଣ ବଳ ସଞ୍ଚାର କରେ ; ସକଳଋତୁରେ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ସେବନ କରିବାକୁ ପାରନ୍ତି ; ଆହାରାଦିର ବନ୍ଧାବନ୍ଧି ନିୟମ ନାହିଁ ସମସ୍ତ ନିୟମ ପ୍ରାୟ ସ୍ୱାଭାବିକ । ମୂଲ୍ୟ ପ୍ରତିବୋତଲ ଟ ୧୧ ଙ୍କା ଡ଼ଜନ ଟ ୧୦୯ ଙ୍କା ଡାକମାସୁଲ ସ୍ୱତନ୍ତ୍ର । ଓଡ଼ିଆ, ବଙ୍ଗଳା, ଇଂରାଜୀ, ଯେଉଁଭାଷାରେ ହେଉ ସ୍ପଷ୍ଟାକ୍ଷରେ ନାମ, ଧାମ ଲେଖିଲେ ମଫସଲକୁ ଭେଃ ପେଃ ଡାକରେ ଔଷଧ ପଠାଇଥାଉଁ, ସର୍ବତ୍ର ଏଜେଣ୍ଟ ଆବଶ୍ୟକ । ଔଷଧପାଇବାର ଠିକଣା ।

ଡାକ୍ତର ପୀ, ମାଣ୍ଟୀନ,
୫୧ ନଂ ଭବାନୀଚରଣ ଦତ୍ତ ଲେନ କଲିକତା

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

## ଘଣ୍ଟିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ମୂଲ୍ୟବନ୍ତ ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିରୂପିତ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବ୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍ଟି

ଘଣ୍ଟିର ଚେଇନ କେଷ, ମୁଦି, ସ୍ପେକ୍‌ଟ-ସଲ୍‌ଇନଷ୍ଟ୍ରୁ ଓ ଇନଷ୍ଟ୍ରୁମେଣ୍ଟର କମର-ହେବାର ଓ ଗେର ସାଜ, (ତମ୍ବାର ଓ ପିତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ଗେର ଅଳଙ୍କାର ସୁନାରେ) ଗିଲ୍ଟି କରି ଦିଆଯିବ ।

କଟକ
୧୪।୧୨।୯୫ } ଶ୍ରୀ ଗୌରୀଶଙ୍କର ରାୟ .

## ମେହରୋଗ ।

ତ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତନ୍ନାଶ୍ଚ କୌଣସିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟଂ ସଙ୍କୋଚେ ଜୀବନର ମାୟା ପରିତ୍ୟାଗ କରା ନୁହେ

ଏହି ଔଷଧ ଯଥାଶାସ୍ତ୍ରରେ ଏକଶପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଅରୋଗ୍ୟ ନ ହେବେ ନିଶ୍ଚୟ ଜାଣୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର କସ୍ତୁରୀରେ ପରୀକ୍ଷିତ ନ ହେଲେ ଅଙ୍ଗୀକାର ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନତିବିଳମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୋଲ ନଂ ମର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫାଇଲ ଟ୨।୫ ଟା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍

## ବିଚାମସାହେବଙ୍କ ବଟିକା
## ( BEECHAM'S PILL. )

ଫଳ ବିବେଚନାରେ ଏକ ଏକ ବଟିକାର ମୂଲ୍ୟ ଏକ ଏକ ମୋହରକୁ ଶସ୍ତା ବୋଲିଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ତଥା ଅନ୍ୟାନ୍ୟ ବିଷାକ୍ତ ବା ଅର୍ମଣ୍ଡାତକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋ-

Digitized by srujanika@gmail.com

ଦ୍ରୁଗମ, ସୂଥାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟୁବିକ ଓ ଯୌନିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଇହା ପରିଶ୍ରମ ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦ ୫ ଟ ୦ ୬ ଓ ଟ ୦ ୬୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ମଫସ-ଲକୁ ପଠାଇବାକୁ ହୁଏ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କମିଶନ ପଠାଇବାର ପରି-ଶ୍ରମନିମନ୍ତେ ଶତକଡ଼ା ଟ ୬ । ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଏବଲ ଡାକରେ ମଧ୍ୟ ପଠାଯାଇ ପାରେ । କେଉଁ ବା ଇନସିଓରେନ୍ସ ପଣ ଗ୍ରାହକ ହୁଏ ନାହିଁ ଏବଂ ପୋଷ୍ଟକାର୍ଡ ବା ହୁଣ୍ଡିପତ୍ରରେ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ସମ୍ବାଦ ପାଉଅଛୁଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ ଯେ ସେହିମାନେ ଅମ୍ଭମାନଙ୍କ ଅଫିସର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ମଦନମୋହନ ଚକ୍ରବର୍ତ୍ତୀ ।

---

### ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ଗନ୍ଧକାଦି ତୈଳ—ଏହା ବ୍ୟବହାର କଲେ ମସ୍ତିଷ୍କ ଶୀତଳ ଓ ଶାରୀରିକ ଉଷ୍ଣତା ଦୂର ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ଚାରିଅଣା ମାତ୍ର ।

୨ । ଦନ୍ତରୋଗାନ୍ତକ—ଦାନ୍ତ ହଲାଇବା ପ୍ରଭୃତି ରୋଗ ପ୍ରୟୋଗ କଲେ ତୁରନ୍ତ ଦନ୍ତଶୂଳ ଉପଶମ କରାଯାଏ । ପ୍ରତିଡବାର ମୂଲ୍ୟ ଦୁଇଅଣା ମାତ୍ର ।

୩ । ସର୍ବଜ୍ୱରହାରିଣୀ—ଏହା ଯଥାବିଧି ସେବନ କଲେ ନୂତନ ଓ ପୁରାତନ ସବୁ ପ୍ରକାର ଜ୍ୱର, ପିଳେଇ, ଯକୃତ୍ ଦୋଷ (ଅଜୀର୍ଣ୍ଣ) ଓ କାମଳା ଆଦି ଜ୍ୱରସମ୍ବନ୍ଧୀୟ ଉପସର୍ଗମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଟ ୧ ଆଠ ଅଣା ।

୪ । କୋଷ୍ଠଶୋଧ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧତାଜନିତ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦର, ଯକୃତ୍, ପାଣ୍ଡୁ ଓ ପ୍ଲୀହାଦି ନିଶ୍ଚୟ ପୀଡ଼ା ଓ ଦୁର୍ବଳତା ଶୀଘ୍ର ଦୂର ହୁଏ ।

ଏହା ଅତ୍ୟନ୍ତ ଉପକାରକ । ସର୍ବପ୍ରକାର ପୀଡ଼ାରେ ଏହାକୁ ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ଏହା ବ୍ୟବହାରର ଉପଯୁକ୍ତ ଅଟଇ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜନନୀଜ୍ୱରାଦି ଅମୃତ—ଏହା ସେବନ କଲେ ମସ୍ତିଷ୍କ ଦୋଷଧାତୁ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ସୂତିକାଜ୍ୱର ଓ ଜଙ୍ଘ ଓ ପାକସ୍ଥଳୀ ଶୂଳ, ପୀଡ଼ା, ଯକୃତ୍, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ଦୁର୍ବଳତା, ଅନଧ୍ୱନିତ ଦୋଷ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ବର୍ଦ୍ଧିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଟ ୧ ଆଠ ଅଣା ।

୬ । ଶୋଣିତଶୋଧକ (ସାଲସା)—ଅନଧ୍ୱନିତ ଅତ୍ୟାଚାର, ଅଧିକ ଅନ୍ତ୍ରକୁ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ଶୀତାତପ ବାତଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାରରୋଗ, ଖଣ୍ଡୁଆ, ସବୁ ଚର୍ମରୋଗ, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଉପଶମ ହୋଇ ମାତ୍ରବେଗେ ଉତ୍ତ-ମରୂପେ ସ୍ୱାସ୍ଥ୍ୟ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧିକ୍ୟନିମନ୍ତେ ଏହା ଉପଯୋଗୀ । ଶରୀରର କାନ୍ତି ବର୍ଦ୍ଧନ କରେ, ବାତୁ ବୃଦ୍ଧି ଓ ସନ୍ତାନ ଏହା ସେବନରେ ଅନେକ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧାଳୟ । } ମାଲିକ । ଶ୍ରୀ ମଦନମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଣ ।

ଉତ୍କଳରୀତି ଗୃହସ୍ଥ ଘରେ ସବୁ ଦରକାରୀ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କଥା ଦକ୍ଷତା ବାବୁ ଅପ୍ରତିହତ ଭାବ ବନ୍ଧୁମାନଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୦ | ପତ୍ର | ବାନ୍ଧ | ଟ ୧୵ ଟ ୬୵ | ଟ ୧୵ ଟ ୬୵ |
| ୧୧ | ପତ୍ର | „ | „ ଟ [illegible] | „ ଟ [illegible] |
| ୧୨ | ପତ୍ର | „ | „ ଟ [illegible] | „ ଟ [illegible] |
| ୧୨ | ପତ୍ର ଦଶପତ୍ରରେ | „ ଟ [illegible] | | „ ଟ [illegible] |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ଉତ୍ତମରୂପେ ତିଆରି ବହି ନାନାଦିଗ ଅମ୍ଭମାନଙ୍କ ଦୋକାନରେ ବିକ୍ରୟ ଓ ରାଜକାର୍ଯ୍ୟ ଓ ରେଭିନ୍ୟୁବିଭାଗର ସବୁ ଓ ଷ୍ଟାମ୍ପ ଓ କାର୍ଯ୍ୟ ଫର୍ମ ଆଦି ବହିଗୁଡ଼ିକ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକଙ୍କ ମଧ୍ୟରେ ବିଦିତ ଅଛି । ଉତ୍କଳର ଅନେକପ୍ରକାର ଯେଉଁ ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ତାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

## ବିଜ୍ଞାପନ ।

ଏ ବାଳିକୁ କେହିଯେ ପାଠକେ ଉର୍ଦ୍ଧ୍ୱ ତୀର୍ଥ ରେ ଉତ୍କଳର କୋଠାଘରର ପାଟରେ ଦେଲେ ପାଣିଭଳା ବଢ଼ ହେବ ପରର ସଙ୍ଗ ଯଦି ଲେଖିଦେଲେ, ନଷ୍ଟ ହେବ ଓ ଉପ-ଯୋଗ ନାହିଁ ।

ବହିର ଜମା ଓ ଖାତାରେ ବସାଇବାର ସ୍ଥାନ ନାହିଁ ଅଛି ।

ଅଭିନନ୍ଦନ କର ନଗର

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଆଠ ପଂକ୍ତି ଟ ୦୵
ପଞ୍ଚମ୍ପଂକ୍ତି ଟ ୵୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ମଧ୍ୟ ତାହାର ଖର୍ଚ୍ଚ ଟ ୦୵ କମ ଲଗା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ତ୍ରିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଅଫିସକୁ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳଗ୍ରନ୍ଥ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

...EGD. NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଭାଗ / ସଂଖ୍ୟା — ତା ୭ ରିଖ ମାହେ ଅଗଷ୍ଟ ସନ ୧୮୯୨ ମସିହା । ମୂ । ଶ୍ରାବଣ ଶୁ ୧୪ ଦି ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦ୍ଦେୟ ଟ ୬୲


...ତ୍ତ ଦାଦା ଖାଇ ନୌବେଲ୍ଲ ବାଲଭ- ...ମେଣ୍ଟର ସଭ୍ୟ ନିର୍ବାଚିତ ହେବାରୁ ...ବର୍ଷର ସକଳସ୍ଥାନରେ ଉତ୍ସବ ଲାଗି- ...ଛି କଲିକତର ଭାରତସମ୍ବାଦକୁ ପ୍ରକାଶ ...ତାହାଙ୍କର ନିର୍ବାଚନ ନିର୍ବ୍ବାଦ ହୋଇ ... ଉନ୍ନତିଶୀଳ ଦଳ ଏଥିରେ ଅଭିପ୍ରାୟ ...ଛନ୍ତି । ଫଳ କ୍ରମେ ପ୍ରକାଶ ହେବ ।

—୦*ଃ*୦—

...ମ୍ଭେମାନେ ଆନନ୍ଦସହିତ ପତ୍ରିକାରେ ...ଲେ କି ବାବୁ ସତୀଶଚନ୍ଦ୍ର ସ୍ୱାମୀ କଲିକତା- ...ଭର୍ସିଟି କଲେଜରୁ ରସାୟନଶାସ୍ତ୍ରର ..., ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାନା- ... ଇଂରାଜୀ ଅର୍କ ଏବଂ ଔଷଧ ପ୍ରସ୍ତୁତ ... ଗୋଟିଏ କାରଖାନା ଫିଟାଇଅଛନ୍ତି । ...ନ୍ତି ବଙ୍ଗଦେଶରେ ଏ ବ୍ୟବସାୟ କେହି ...ଲୋକ କରି ନ ଥିଲେ । ଉକ୍ତ ଦ୍ରବ୍ୟ- ... ମହାଶୟ ଠିକ ବିଲାତିଦ୍ରବ୍ୟପରି ...ନ୍ତି ଅଥଚ ମୂଲ୍ୟ ସୁଲଭ ହୋଇଅଛି । ...ସ୍ତୁତ ଏ ସବୁ ଔଷଧ ଆଉ ବିଲାତରୁ ... ହେବ ନାହିଁ ସୁଖର ବିଷୟ ଅଟଇ ।

---

...ବନ୍ଦୋବସ୍ତ ଅଧ୍ୟାୟ ସମ୍ବନ୍ଧରେ ଅମ୍ଭମା- ...ପ୍ରାଣିତ ପ୍ରଥମ ପ୍ରବନ୍ଧ କର୍ତ୍ତୃପକ୍ଷଙ୍କର ...ର୍ପଣ କରି ଅଛୁ ଏବଂ ତହିଁର ଅନୁ- ...କରିବାକାରଣ ବନ୍ଦୋବସ୍ତକର୍ମଚାରୀଙ୍କ ...ଦେଶ ହେବାରୁ ସେ ଆପଣା ଅଧୀନସ୍ଥ କର୍ମଚାରୀଙ୍କଠାରୁ କଇଫିୟତ ତଲବ କରି ଅଛନ୍ତି । ଅନୁସନ୍ଧାନ କରିବାକୁ ଗବର୍ଣ୍ଣମେଣ୍ଟ ପ୍ରବୃତ୍ତ ହେବାରୁ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ । ମାତ୍ର ଅମ୍ଭମାନଙ୍କ ବିବେଚନାରେ ସ୍ୱୟଂ ବନ୍ଦୋବସ୍ତ-କର୍ମଚାରୀ ଶ୍ରୀଯୁକ୍ତ ସାଇଦସାହେବ ମୋଫସଲକୁ ଯାଇ ଅନୁସନ୍ଧାନ କରିଥିଲେ ଅଥବା ବନ୍ଦୋ-ବସ୍ତମହକୁମା ଛଡ଼ା କଲେକ୍ଟରଙ୍କ ଅଧୀନ କୌଣସି ଡେପୁଟୀଦ୍ୱାରା ଅନୁସନ୍ଧାନ ହୋଇ-ଥିଲେ ଭଲ ହୋଇଥାନ୍ତା । ଯେହେତୁ ଇଲକା-ବରୁବରେ ସୁହାଇ ସେହି ଇଲକାରୁ ତଦନ୍ତ ହେବା ବଡ଼ ସନ୍ତୋଷଜନକ ହୁଅଇ ।

---

ଓଡ଼ିଆ, ଏହି ଶବ୍ଦକୁ ଇଂରାଜୀ କେଉଁ ଅକ୍ଷରରେ ଲେଖିବାକୁ ହେବ ତାହା ସ୍ଥିର କରି ଦେବା କାରଣ ଓଡ଼ିଶାର କମିଶନର ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବାରୁ ସେହି ଉପଲକ୍ଷରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଓଡ଼ିଆ-ଅନୁବାଦକ ଏହି ମନ୍ତବ୍ୟ ଲେଖିଅଛନ୍ତି ଏବଂ ତହିଁରେ ପ୍ରକାଶ କରିଅଛନ୍ତି କି ଓଡ଼ିଆଶବ୍ଦଟି ଇଂରାଜୀ ଅକ୍ଷରରେ ନାନାପ୍ରକାର ଲେଖାଯାଉ-ଥିଲା । ବର୍ତ୍ତମାନ କେବଳ ଦୁଇପ୍ରକାର ପ୍ରଚଳିତ ଅଛି ଅର୍ଥାତ୍ ଓଡ଼ିଆ ଏବଂ ଉଡ଼ିଆ (Odiya and Uriya) ଏଥିମଧ୍ୟରୁ ଓଡ଼ିଆ (Oriya) ଶୁଦ୍ଧ ଅଟଇ । ସେ ଅନୁମାନ କରି-ଅଛନ୍ତି କି ଏଣିକି ଯେପରି ଇଂରାଜୀଅକ୍ଷରରେ ଉକ୍ତ ଶବ୍ଦ ଲେଖାଯିବ ବଙ୍ଗଳା ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଓଡ଼ିଆ ପ୍ରଚଳିତ ଭୂମିଖଣ୍ଡରେ ଏକସମାନ ପ୍ରଚଳିତ ହେବାର ଉଚିତ । ଗବ-ର୍ଣ୍ଣମେଣ୍ଟଙ୍କ ଆପତ୍ତି କାହାର ନାହିଁ ।

---

ଗତବର୍ଷପରି ଏ ବର୍ଷ ମଧ୍ୟ ବଙ୍ଗୀୟ ଛୋଟ-ଲାଟ ବିଦ୍ୟାଳୟର ଛାତ୍ରମାନଙ୍କୁ ଆମୋଦ ପ୍ର-ମୋଦ କରାଇଥିଲେ । ଗତମାସର ଶେଷପକ୍ଷରେ କଲିକତାରେ ଅବସ୍ଥିତକାଳରେ ସେ କଲି-କତାର ସମସ୍ତ କଲେଜର ବି, ଏ, ଓ ଏମ, ଏ କ୍ଲାସର ଛାତ୍ରମାନଙ୍କୁ ଏକଦିନ ଆପଣାର ବେଲ-ଭେଡିଅର ଭବନକୁ ଆମନ୍ତ୍ରଣ କରିଥିଲେ ଏବଂ ଆଉ ଏକଦିନ ଦେଢ଼ଶତ ଛାତ୍ରଙ୍କୁ ଧୂଆଁ କଲ-ଜାହାଜରେ ଆପଣା ସଙ୍ଗେ ନେଇ ବୁଲାଇବାର କରିଥିଲେ । ଉଭୟଦିନ ଛାତ୍ରମାନଙ୍କ ଅଭ୍ୟର୍ଥନା-ସକାଶେ କେତେଜଣ ସମ୍ଭ୍ରାନ୍ତ ଇଂରାଜ ଏବଂ ଦେଶୀୟଲୋକଙ୍କୁ ଆହ୍ୱାନ କରିଥିଲେ ଏବଂ ସ୍ୱୟଂ ଛୋଟଲାଟ ଏବଂ ତାହାଙ୍କ ପତ୍ନୀ ଛାତ୍ରମାନଙ୍କ ପ୍ରତି ଯଥୋଚିତ ସ୍ନେହ ପ୍ରଦର୍ଶନ ପୂର୍ବକ ବଡ଼ ଆଦରରେ ସେମାନଙ୍କର ଚର୍ଚ୍ଚା କରିଥିଲେ । ସାର ଚାର୍ଲସ ଇଲିୟଟଙ୍କର ଛାତ୍ରଙ୍କ ପ୍ରତି ଏ-ପ୍ରକାର ଅନୁରାଗ ଓ ସହାନୁଭୂତି ଅତ୍ୟନ୍ତ ଶୁଭ-ସୂଚକ ଅଟଇ ।

---

ବନ୍ଦୋବସ୍ତମହକୁମାର କଲେକ୍ଟରୀ ମୋ-କଦ୍ଦମାରେ ଜଣେ ବାହାରଲୋକ ଓ ଜଣେ

Digitized by srujanika@gmail.com

ଅମଲା ଲୋକ ରାମନାରାୟଣସାଏଲ୍ ପୁଲିସ ଗ୍ରେପ୍ତାର ହୋଇଥିଲେ ତାହାଙ୍କ ଗୋଟିଏ ଦଳ ଲଗାଇବାକୁ ଖଜଣାଖାନାକୁ ଆଣିଥିଲା ଓ ସେ ଅମଲାର ଭଣ୍ଡା ହୁଅଇ । ପୁଲିସ ଅନୁସନ୍ଧାନମତେ ରାମନାରାୟଣଙ୍କ ଦଳ ଚେଷ୍ଟା କରି ଆପଣା ମନୁଷ୍ୟଦ୍ୱାରରେ ବଞ୍ଚାଇବାକୁ ପଠାଇଥିଲା । ମାଜିଷ୍ଟ୍ରେଟ ଯୋନ ସାହେବଙ୍କ ବିଗ୍ରହରେ ଅମଲା ଉକ୍ତ ଦଳ ଚେଷ୍ଟା ବା ଅସ୍ୱୀକାର କରିବାର ସାବ୍ୟସ୍ତ ନ ହେବାରୁ ତାହାକୁ ଖଲାସ ଦେଲେ ଏବଂ ଅପର ଆସାମିଠାରୁ ଚେଷ୍ଟା ଅଥବା ଅସ୍ୱୀକାର ହେବା ଭଲ ଶାସ୍ତ୍ରାଗଲେସୁଦ୍ଧା ତାହାର ଅପରାଧ କରିବାର ଇଚ୍ଛାପ୍ରତ ସନ୍ଦେହ କରି ତାହାକୁ ମଧ୍ୟ ଛାଡ଼ିଦେଲେ । ରାମଚନ୍ଦ୍ରଙ୍କୁ ବଳରେ ଟଙ୍କା ଅଟକ ଇତ୍ୟାଦି ଯାଇଥିଲା ନଭୁବା ତାହାସୁଦ୍ଧା ଉଡ଼ିଯାଇଥାନ୍ତା । ବନ୍ଦୋବସ୍ତମହକୁମାର ଅବସ୍ଥା ଯେମନ୍ତ ଏ ବିଷୟଟି ଠିକ ତେମନ୍ତ ହୋଇଅଛି ।

---

ଅସ୍ମାନଙ୍କର ଯାଜପୁରସମ୍ବାଦଦାତା ଲେଖିଅଛନ୍ତି କି ଭଦ୍ରଖଠାରୁ ଯାଜପୁରପର୍ଯ୍ୟନ୍ତ ଭଲ ସଡ଼କ ରାସ୍ତା ନ ଥିବାରୁ ଲୋକମାନଙ୍କର ବିଶେଷ କଷ୍ଟ ହେଉଅଛି ବିଶେଷତଃ ଭଦ୍ରଖସବଡ଼ିଭିଜନର ଦେୱାନୀମୋକଦ୍ଦମାମାନ ଯାଜପୁର ସିଭିଲକୋର୍ଟରେ ହେଉଥିବାରୁ ବିଦଇଖର ଅନେକ ଲୋକ ଯାଜପୁର ଗତାୟତ କରନ୍ତି ଯଦ୍ୟପି ଜଗନ୍ନାଥସଡ଼କର ଛାଡ଼ିବାଠାରୁ ଯାଜପୁର ଆସିବାର ଗୋଟିଏ ଲୋକାଲ ସଡ଼କ ଥିଲା ତାହା ବହୁଦିନରୁ ମରାମତି ହେଉ ନ ଥିବା ଓ ଉକ୍ତ ସଡ଼କ ଭେଦ କରି ମହୁସ୍ଥାନ ଇଷ୍ଟ ହାଇଲେବଲ କେନାଲ ଯାଇଥିବାରୁ ଲୋକେ ସେ ସଡ଼କ ଛାଡ଼ି ଭଣ୍ଡାରପୋଖରୀ-ଜଳ ରଠାରୁ କେନାଲ୍‌ବନ୍ଧରେ ମହୁସାକୁ ଆସି ପୁନର୍ବାର ଉକ୍ତ ଲୋକାଲସଡ଼କରେ ଯାଜପୁରକୁ ଗତାୟାତ କରନ୍ତି ମହୁସାଠାରୁ ବଳୀପାଳପର୍ଯ୍ୟନ୍ତ ପ୍ରାୟ ଦୁଇମାଇଲ ବାଲେଶ୍ୱରଜିଲ୍ଲାର ଅଧୀନ ଅଟେ । ଉକ୍ତ ସଡ଼କ ଉକ୍ତ ଦେବାଦିନୁ ମରାମତି ହୋଇ ନ ଥିବାରୁ ଘୋଡ଼ା ଓ ଗାଡ଼ି କଥା ଦୂରେ ଥାଉ କେବଳ ମନୁଷ୍ୟମାନଙ୍କର ଆସିବା ଦୁର୍ଲଭ ହୋଇଅଛି । ବଳୀପାଳଠାରୁ ଯାଜପୁରପର୍ଯ୍ୟନ୍ତ ଯେ ଦୁଇମାଇଲ କଟକ ଜିଲ୍ଲାର ଅନ୍ତର୍ଗତ ତାହା ପ୍ରତିବର୍ଷ ଲୋକାଲ ମରାମତ ହେଉଅଛି । ଅସ୍ମାନଙ୍କର ପ୍ରାର୍ଥନା ଯେ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡ଼ ଏରେ ଯତ୍ନ ମନୋଯୋଗୀ ହେଲେ ପଥିକ ବିଦେଶବାସିଙ୍କର କଷ୍ଟ ଦୂର ହେବ ।

---

କାବୁଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟଜନକ ଅଟଇ । ହଜରତ ଜାଗୀର୍ଙ୍କ ବିଦ୍ରୋହ ଅଦ୍ୟାବି ଶାନ୍ତ ହୋଇ ନାହିଁ । ବରଂ ତନ୍ମଧ୍ୟ ଅନୁଚରମାନଙ୍କରୁ କେତେକ ନିର୍ଦୋଷୀ ଲୋକଙ୍କୁ କାବୁଲର ଜେନେରେଲ ଧରିନେଇଯିବାରୁ ଏକ ବିଦ୍ରୋହ ଜାତ ହୋଇଅଛି । ଏମାନଙ୍କ ସାଧନକରିବାନିମିତ୍ତ ଅମୀର ଜନରଲ ସେନାଛଡ଼ା ଜାତୀୟ ମଧ୍ୟରୁ ୨୦୦୦୦ ସେନା ସଂଗ୍ରହ କରୁଅଛନ୍ତି ମାତ୍ର ଏମାନେ ଆପଣା ଜାତିର ସେନାଧ୍ୟକ୍ଷଙ୍କ କର୍ତ୍ତୃକ ଚାଳିତ ନ ହେଲେ ଯୁଦ୍ଧ କରିବାକୁ ଅସ୍ୱୀକାର ଅଛନ୍ତି । ପରିହାର ଅଦର୍ଶନତା ହେତୁ କନ୍ଦାହାରର ସେନାମାନେ ଅଭକ୍ତ ହୋଇଥିବାରୁ ଏମାନେ ଆପଣା ଜାତିର ସରଦାରଙ୍କ ନେତୃତ୍ୱ ପ୍ରାର୍ଥନା କରନ୍ତି । ହିଅ ବିଦ୍ରୋହରେ ନଥାଇଥିବା ସନ୍ଦେହରେ ଅମୀର କାନ୍ଦାହାରର ୬ ଜଣ ସିଅମୋହାଙ୍କୁ ବଧ କରି ସେମାନଙ୍କ ପରିବାର ବର୍ଗଙ୍କୁ କାବୁଲକୁ ପଠାଇଥିଲେ ମାତ୍ର ଦସ୍ୟୁମାନେ ବାଟରୁ ସେମାନଙ୍କୁ ଛଡ଼ାଇ ନେଇଅଛନ୍ତି । କାବୁଲ ଓ କାନ୍ଦାହାରର ଜାତିଲବାସିସିଅମାନେ ଉକ୍ତ ସିଅମୋହାଙ୍କ ବଧ ନିମିତ୍ତ ଉତ୍ତେଜିତ ହୋଇଅଛନ୍ତି । ସୁତରାଂ ବିଦ୍ରୋହ କ୍ରମେ ବଢ଼ିବାର ଆଶଙ୍କା ଜନ୍ମିଅଛି । ଖାଇବର ସୀମାନ୍ତରେ ଅମୀରଙ୍କ ଖାଇବର ସ୍ୱଜାତିୟ ଜାତୀୟଙ୍କୁ ଅନୁଗମନ କରିବା କାରଣ ସେନା ସ୍ଥିର କରୁଅଛନ୍ତି । ହଜରତଙ୍କ ସହିତ ଯୁଦ୍ଧ କରି ଅମୀର ଏପର୍ଯ୍ୟନ୍ତ ନ ୬୦୦।୭୦୦ ଜଣ ଲୋକ ହରାଇଅଛନ୍ତି । କେତେକ ଜାତିର ଲୋକେ ଅନେକ ବନ୍ଧୁକ ଲୁଟିନେଇ ଅଛନ୍ତି ।

---

ମୁସଲମାନମାନଙ୍କର ମୋହରମ ପର୍ବ ଗତ ସୋମବାରଠାରୁ ଆରମ୍ଭ ହୋଇ ଗତ କାଲି ଶେଷ ହେଲା ଏ ପର୍ବର ଆରମ୍ଭଠାରୁ ଆକାଶରେ ଦବା ଫେି ମେଘ କର୍ତ୍ତମାନ ଏବଂ କେତେ ଅଳ୍ପ ଜଳ ପଡ଼ିବାରୁ ପର୍ବର ସୁଖ କେତେ ହୋଇ ପାରିଲେହେଁ ଉଦ୍ୟମ ଭଙ୍ଗ ହୋଇଥିଲା । ପଲଟନବାଲାମାନେ ତାଜିଆ ସଙ୍ଗେ ଯେପରି ପ୍ରସଙ୍ଗ ବାହାର କରନ୍ତି ଏହିଁରେ ତୃଷ୍ଟ ହୋଇ ନାହିଁ । ମାତ୍ର ଅଖଡ଼ାବାଲାଙ୍କ ଖେଳରେ କେତେକ ଅସୁବିଧା ହୋଇଥିଲା ଏବଂ ସମ୍ଭବତ ସେହିସାର କଷ୍ଟ ଜଣା ହୋଇଅଛି କାରଣ ବୃଷ୍ଟି ହେଲୁ ଅନେକ ସ୍ଥାନରେ ମାଗି ବୁଲିବାର ଅବକାଶ ପାଇଲେ ନାହିଁ । ଗୁରୁବାର ରାତ୍ରିରେ ଥିଲା ଶାନ୍ତିରୁ ସେ ରାତ୍ରରେ ଆଦୌ ବୃଷ୍ଟି ହୋଇ ନାହିଁ ମାତ୍ର ରାତ୍ରିଅପରୁ ବାହାରୁ ସକାଳ ହୋଇଗଲା । ଅଳ୍ପକ୍ଷଣ ଉତ୍ତାରୁ ବୃଷ୍ଟି ଆରମ୍ଭ ହୋଇ ଦଶଘଣ୍ଟାପର୍ଯ୍ୟନ୍ତ ରହିବାରୁ ସମସ୍ତ ସୁଖ ଭାଙ୍ଗିଗଲା ଓ ତାଜିଆସହିତ ଆଖଡ଼ାବାଲାମାନେ ଉକ୍ତ କୌଣସିମତେ ସ ୯ ଘ ସମୟରେ ଫେରିଗଲେ । ଯାହା ହେଉ ଉପରବେଳାଠାରୁ ମେଘ ଛାଡ଼ିଯିବାରୁ ଅଲଙ୍କାର ସମ୍ପନ୍ନ ଏକପ୍ରକାର ଭଲ ହୋଇଥିଲା ମାତ୍ର ଯାହା ଜଣା ଥିଲେ । ତାଜିଆର ସଂଖ୍ୟା ପୂର୍ବବର୍ଷମାନ ଯେପରି ଥିଲା ମାତ୍ର ଅଳ୍ପ ଥିଲା ଓ କାରିଗରେ ଅବଶ୍ୟ ତାଜିଆ ଅଧିକ ଦେଖାଗଲା ପଲଟନର ଦୁଇତାଜିଆ ତଳେ ସୁଲତାନ ଓ ଓଲ ଅବଲ୍ଲାବ, ବାଙ୍କାବଜାର ଓ ବକସି ବଜାର ତାଜିଆମାନ ସୁନ୍ଦର ହୋଇଥିଲା । ପୁଲିସ ଓ ପଲଟନିୟାମାନେ ଶାନ୍ତିରକ୍ଷାର ବନ୍ଦୋବସ୍ତ କରିଥିଲେ । କୌଣସି ଦୁର୍ଘଟଣା ଘଟି ନାହିଁ ।

---

ବଙ୍ଗଦେଶର ମୋଫସଲରେ ବିଶୁଦ୍ଧ ପାନୀୟ ଜଳ ଏବଂ ପୟଃପ୍ରଣାଳୀର ବ୍ୟବସ୍ଥା କରିବା କାରଣ ଗତମାସ ତା ୧୮ ରିଖରେ ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କ ବେଲଭେଡିୟାପ୍ରାସାଦରେ ଗୋଟିଏ ସଭା ହୋଇଥିଲା । ଲେଫ୍ଟେନାଣ୍ଟ ଏବଂ ତାହାଙ୍କ ସେକ୍ରେଟେରୀ ପ୍ରଭୃତି ରାଜକର୍ମଚାରୀ ଓ କେତେକ ଜଣ ଦେଶୀୟ ସମ୍ଭ୍ରାନ୍ତବ୍ୟକ୍ତି ଏ ସଭାରେ ବସି ଏହି ସିଦ୍ଧାନ୍ତ କଲେ କି ଗବର୍ଣ୍ଣମେଣ୍ଟ ଆବଶ୍ୟକ ମନେ କଲେ ଯେ କୌଣସି ମିଉନିସିପାଲିଟୀକୁ ଏକାକି ଅଥବା ଅନ୍ୟ ମିଉନିସିପାଲିଟୀ ସଙ୍ଗେ ମିଶି ଆପଣା ଏଲେକାମଧ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ଅଥବା ପୟଃପ୍ରଣାଳୀର ବନ୍ଦୋବସ୍ତ କରିବା କାରଣ ବାଧ୍ୟ କରି ପାରିବେ ଏବଂ ମୋଫସଲର ଯେ ସମସ୍ତ ସ୍ଥାନରେ ମହାମାରୀ ଜ୍ୱର ପ୍ରବଳ ହେବ ସେ ସମସ୍ତ ସ୍ଥାନ ବର୍ଷାଜଳ ବାହାର କରି ଦେବାର ପଥ ପ୍ରଣାଳୀ ପ୍ରସ୍ତୁତ କରିବା କାରଣ ସ୍ଥାନ ଦେଲେ ଗବର୍ଣ୍ଣମେଣ୍ଟ ଲୋକଙ୍କର ଅଭିମତ ନେଇ ଯେଉଁ ଗ୍ରାମମାନଙ୍କର ଉପକାର ହେବ ସେହି ସମସ୍ତ ପ୍ରସ୍ତୁତ କରିଦେବେ ଓ ଉପରେ ଘରଟିର ଖରଚ୍ ବନ୍ଦୋବସ୍ତ କରିବେ । ବଡ଼ ବଡ଼ ଲୋକମାନେ କସି ଏ ସ

Split by PDF Splitter



କାର୍ଯ୍ୟକୁ ନ୍ୟାଯ୍ୟସଙ୍ଗତ ବୋଲିବାସ୍ଥଳେ ଅତ୍ର କହିବାକୁ ଅମ୍ଭମାନଙ୍କର ମୁହଁ ଫିଟୁ ନାହିଁ । ସ୍ୱାସ୍ଥ୍ୟ ଜଳ ଏବଂ ମଳନିଃପ୍ରଣାଳୀର ବନ୍ଦୋବସ୍ତ କରିବାକୁ ମିଉନିସିପଲ ଆଇନାନୁସାରେ ମିଉନିସିପାଲିଟୀମାନେ ବାଧ୍ୟ ତହିଁ ଉପରେ ସରକାର ଆଉ ଗୋଟିଏ ବିଶେଷ ଅଧିକାର ଚଳାଇଲେ ଆତ୍ମଶାସନର ଅଧିକାର ଖର୍ବ ହେବ ନାହିଁ କି ? ଅତ୍ର ସ୍ଥାନସମ୍ବନ୍ଧରେ ଓରମ୍ ଅଦାୟର ଯେଉଁ ପ୍ରସ୍ତାବ ହେଉଅଛି ତହିଁରେ ଗ୍ରାମବାସିଙ୍କ ଉପରେ ଆଉ ଗୋଟିଏ ଟିକସ ବସିବ ।

## ବନ୍ୟାର ଉତ୍ପାତ

ଗତ ବନ୍ୟାରେ କଟକ ଓ ପୁରୀଜିଲ୍ଲାରେ କେତେମାଣ କ୍ଷେତ ହୋଇଅଛି ତହିଁର ସଠିକ ସମ୍ବାଦ ଅଦ୍ୟାପି ଜଣାଯାଇ ନାହିଁ । କଟକକଲେକ୍ଟର ବନ୍ୟାସମ୍ବନ୍ଧ ରିପୋର୍ଟ ସଙ୍କଳନ ପାଇଁ ନାଏବମାନଙ୍କୁ ଆଦେଶ କରିଅଛନ୍ତି । କିନ୍ତୁ ଅଦ୍ୟାପି ଯେତେଦୂର ଜଣାଯାଇଅଛି ତହିଁରୁ ଅନୁମାନ ହୁଏ ଯେ ଫସଲକ୍ଷତିର ଯେତେ ଭୟ ଥିଲା ସେତେ ନୁହଇ । ଶୀଘ୍ର ଜଳ ଛାଡ଼ି ଯିବାରୁ ଅନେକ ଧାନବିଲରୁ ପାଣି ଛାଡ଼ିଯାଇ ଗଛମାନ ସତେଜ ହେବାର ଆରମ୍ଭ ହୋଇଅଛି । ସ୍ଥାନେ ୨ କିଆରି ଓ ମାଣ୍ଡିଆର ଅନିଷ୍ଟ ହୋଇଅଛି । ଏବଂ ପାନ ବରଜ ଗଛ ପ୍ରାଏ ନଷ୍ଟ ହୋଇଅଛି । ବନ୍ୟାର ବିଶେଷ ଉତ୍ପାତ ଘର ଓ ପଶୁ ଉପରେ ଏବଂ ଏକ ୨ ଜଣ ମନୁଷ୍ୟ ମଧ୍ୟ ମରିପଡ଼ି ଅଛନ୍ତି । ଏଜଲାର କାଟେ ଦେଓଗାଁ, କେଣାହାର ଓ ସାଇବଡ଼ରେ ବହୁତ ଘର ଭାଙ୍ଗିଯାଇ ଅଛି ଓ ଗୋରୁଗାଈ ଭାସିଯାଇଅଛନ୍ତି । ସେ ଅଞ୍ଚଳରେ କେତେକ ଲୋକ ନିଅସମ୍ଭଳ ହୋଇ ଏକବେଳକୁ ମୂଳ ଲଗିବାକୁ ଆସି ଅଛନ୍ତି । ତାହାଙ୍କଠାରୁ ଯାହା ଶୁଣିଲୁଁ ତାହା ଅତ୍ୟନ୍ତ ଦୁଃଖଜନକ ଅଟଇ । ଏହିସବୁ ସ୍ଥାନର ଲୋକ ଗତ ବାତ୍ୟାର୍ଥି ପ୍ରବଳକୋପ ସହ୍ୟ କରିଥିଲେ ତହିଁ ଉପରେ ଏହି ନୂତନ ବିପତ୍ତି । ଏକଜଣ ଡେପୁଟୀକଲେକ୍ଟର ସେଠାକୁ ସାହାଯ୍ୟ ବଣ୍ଟନ ନିମିତ୍ତ କନ୍ଦାପୂର୍କୁ ଯାଇଥିଲେ ଭରସା ହୁଅଇ ସେ ବର୍ତ୍ତମାନ ଅବସ୍ଥାର ସବିଶେଷ ରିପୋର୍ଟ କରିବେ । କେନ୍ଦ୍ରାପଡ଼ା ସବଡିଭିଜନଅନ୍ତର୍ଗତ କୁଜଙ୍ଗପ୍ରଗଣା ଇଲାକାରେ ମଧ୍ୟ ବିଶେଷ କ୍ଷତି ହେବାର ଶୁଣାଯାଏ ଏବଂ ଏହି ଅଞ୍ଚଳର ଫସଲପ୍ରତି ବହୁ ଅଧିକ ଆଶଙ୍କା ଅଛି ।

ସନ ୧୮୭୬ ସାଲର ଭୀଷଣ ବନ୍ୟାସମ୍ବନ୍ଧରେ ମାଲ୍ୟରେ ମାଙ୍ଗଫରସନ ସାହେବ ଏଠାରେ ମାଜିଷ୍ଟ୍ରେଟ ଥିଲେ । ଉକ୍ତ ସାହେବ ବଢ଼ି ଦେଖି ଜଳମାନର ଅନିଷ୍ଟଆଶଙ୍କା କରି ତତ୍କ୍ଷଣାତ୍ ନୌକାରେ ଗୁଡ଼ଚୁଲ ଡାଲି ନେଇ ସ୍ୱୟଂ ସାହାଯ୍ୟ ଦାନ କରିବାକୁ ଯାଇଥିଲେ । ଏବର୍ଷ ଏପର୍ଯ୍ୟନ୍ତ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କର ବ୍ୟସ୍ତତା ଦେଖାଯାଇ ନାହିଁ । ଅନୁମାନ ହୁଅଇ ସେମାନଙ୍କ ବିବେଚନାରେ ଲୋକଙ୍କର ଏପରି କଷ୍ଟ ହୋଇ ନାହିଁ ଯେ ସାହାଯ୍ୟଦାନର ପ୍ରୟୋଜନ ହେବ । ଈଶ୍ୱରଙ୍କ ଅନୁଗ୍ରହରୁ ତାହା ନ ହେଲେ ରକ୍ଷା । ମାତ୍ର ଅମ୍ଭମାନଙ୍କ ସାମାନ୍ୟ ବୁଦ୍ଧିରେ ତାହା ସଙ୍ଗତ ହେଉ ନାହିଁ ।

## କୁଲିଗଣଙ୍କ ବିବରଣ ।

ଭାରତବର୍ଷରୁ ବାହାରିବାର ଉପନିବେଶ ଟାପୁମାନଙ୍କୁ ସନ ୧୮୯୧ ସାଲରେ ଜ ୧୪୪୦୧ ଣ କୁଲି ପ୍ରେରିତ ହୋଇଥିଲେ ମାତ୍ର ଜ ୧୬୧୬୭ ଣ କୁଲି ପଠାଇବାର ପରମ୍ପାସ ଆସିଥିଲା । ବଙ୍ଗାଳା ଓ ବିହାରରୁ ଜ ୩୪୦୦ ଣ ଉତ୍ତରପଶ୍ଚିମରୁ ଜ ୧୩୬୮ ଣ ଏବଂ ଅଯୋଧ୍ୟାରୁ ଜ ୬୧୩୩ ଣ ପ୍ରେରିତ ହୋଇଥିଲେ । ଏଥିରୁ ଜଣାଯାଏ ଯେ ବହୁତ ପଶ୍ଚିମାକୁଲି ଟାପୁମାନଙ୍କୁ ମୂଳ ଲଗିବାକୁ ଯାଉଅଛନ୍ତି ।

କୁଲିମାନେ ଗମନ ହେବା ପୂର୍ବେ ଡାକ୍ତରଙ୍କଦ୍ୱାରା ପରୀକ୍ଷିତ ହୁଅନ୍ତି ଏବଂ ତତ୍ପରେ ସୁବନ୍ଦୋବସ୍ତ କଲିକତାର ଗୋଦାମ ଏବଂ ବାଟରେ ଥିବାରୁ ମୃତ୍ୟୁସଂଖ୍ୟା ଅତ୍ୟନ୍ତ ଊଣା ହୋଇଥିଲା ।

ବର୍ଣ୍ଣିତବର୍ଷରେ ଜ ୪୬୦୧ ଣ କୁଲି ଟାପୁମାନଙ୍କରୁ ସ୍ୱଦେଶକୁ ଫେରି ଆସିଥିଲେ । ଏମାନଙ୍କମଧ୍ୟରୁ କେବଳ ଜ ୮୭ ଣ ବାଟରେ ମରିଗଲେ । ଏ ସବୁ କୁଲି ଜଣ ପ୍ରତି ହାରାହାରି ଟ ୧୩୮ ଙ୍କା ନେଇଆଏ ସଙ୍ଗରେ ଆଣିଥିଲେ । ପୂର୍ବବର୍ଷମାନଙ୍କରେ ଫେରି ଆସିବା କୁଲିଙ୍କମଧ୍ୟରୁ ପ୍ରାୟ ଶହେଶତ କୁଲି ଏହି ବର୍ଷ ପୁନର୍ବାର ସ୍ୱ ଇଚ୍ଛାରେ କାର୍ଯ୍ୟ କରିବାକୁ ଗଲେ ସେମାନଙ୍କମଧ୍ୟରୁ ଅଧିକାଂଶ ତ୍ରିନିଦାଦ, ଡେମେରାରା, ଏବଂ ମରିଚଦ୍ୱୀପକୁ ଯିବାକୁ ପ୍ରାର୍ଥନା କରିବାରୁ ଜଣାଯାଏ ଯେ ଏହି ସବୁ ଟାପୁରେ କୁଲିମାନଙ୍କର ବିଶେଷ ଲାଭ ହୁଅଇ ।

ଯେ ସବୁ କୁଲି ଟାପୁରେ ମରି ଯାନ୍ତି ତାହାଙ୍କର ଅର୍ଜିତ ବାବତ ଟଙ୍କା ଟାପୁର ହାକିମମାନେ କଲିକତାର କୁଲିମହକୁମାକୁ ପଠାଇ ଦିଅନ୍ତି ଓ ସେଠାରୁ ଉକ୍ତ ମହକୁମା ଅନୁସନ୍ଧାନ କରି କୁଲିମାନଙ୍କର ଉତ୍ତରାଧିକାରିଙ୍କୁ ସେମାନଙ୍କ ପ୍ରାପ୍ୟ ଟଙ୍କା ଦିଅନ୍ତି । ବର୍ଣ୍ଣିତବର୍ଷରେ ଜମା ହେବା ଟ ୮୧୩୧୮ ଙ୍କା ମଧ୍ୟରୁ ଟ ୩୭୪୫୭୮ ଙ୍କା ବଣ୍ଟା ହୋଇଥିଲା ଏବଂ ଆହୁରି ଟ ୨୭୬୧୦ ଙ୍କାର ଅନୁସନ୍ଧାନ ଶେଷ ହୋଇ ଚଳିତବର୍ଷରେ ବଣ୍ଟା ହେଉଅଛି । କେବଳ ଟ ୯୪୮ ଙ୍କାର ମାଲିକ ଅଦ୍ୟାପି ଜଣା ପଡ଼ି ନାହାନ୍ତି । ଏଥିରୁ ପ୍ରକାଶ ଯେ ପରିଶ୍ରମୀ ଲୋକମାନେ ଟାପୁକୁ ଯାଇ ଧନେ ରୋଜଗାର କରି ଆସୁଅଛନ୍ତି ଏବଂ ସରକାର ଏମନ୍ତ ବନ୍ଦୋବସ୍ତ କରିଅଛନ୍ତି ଯେ ବାଟରେ କେହି ମରିଗଲେ ସୁଦ୍ଧା ତାହାର ଅର୍ଜିତ ଟଙ୍କା ତାହା ଘରକୁ ଚାଲି ଆସୁଅଛି ।

## ବାଲେଶ୍ୱରର ଗୋହତ୍ୟାଶାଳା ।

ବାଲେଶ୍ୱରରେ ହିନ୍ଦୁର ଆନ୍ଦୋଳନ ହେତୁ ଗୋହତ୍ୟାସ୍ଥାନ ନେଇ ଆଉ ଗୋଟିଏ ବିବାଦ ବାହାରିଅଛି । କିନ୍ତୁ ଆନ୍ଦୋଳନର ମୂଳରେ ଦଳାଦଳି ଭାବଟି ଥିବାରୁ ପ୍ରକୃତତଥ୍ୟ ସହଜରେ ବୁଝିବାର କଠିନ । ଗୋହତ୍ୟା ବର୍ତ୍ତମାନ ଯେଉଁଠାରେ ହେଉଅଛି ସେ ସ୍ଥାନରେ ହେବା ଉଚିତ କି ନା ଏତଦ୍ ବିଷୟର ନିଷ୍ପତ୍ତି । ମାତ୍ର ଯେ ଦଳର ଆନ୍ଦୋଳନକାରମାନେ ଯୁକ୍ତି ତାକୁ ଆକ୍ରମଣ କରିବାରେ ବ୍ୟସ୍ତ । ଏପରି ଲଢ଼ାଇପାଇଁ ପକ୍ଷଲୋକଙ୍କର ସୁଖଦାୟକ ହେଉଥିବ ମାତ୍ର ବାଣ୍ଡକୁ ଶୋଭା ଦିଏ ନାହିଁ । ଏବଂ ସ୍ଥାନୀୟ କର୍ମଚାରିଙ୍କଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଏଥିର ନିନ୍ଦା କରୁଅଛନ୍ତି । ଉଭୟପକ୍ଷ ନ୍ୟାଯ୍ୟପଥକୁ ଆଶ୍ରୟ କଲେ ବିଚ୍ଛେଦଭାବ କଦାପି ରହି ପାରିବ ନାହିଁ ଏବଂ ସମସ୍ତେ ମିଳି ମିଶି ରହିଲେ ସାଧାରଣହିତ ସଂସାଧିତ ହେବ ।

ବାଲେଶ୍ୱରର ଗୋହତ୍ୟାଶାଳା କେଉଁଠାରେ ଅଛି ଅମ୍ଭେମାନେ ଠିକ ଜାଣି ପାରୁ ନାହୁଁ । କଥିତ ହୁଅଇ ତାହା ହିନ୍ଦୁବସତି ସଂଲଗ୍ନରେ ଥିବାରୁ ବାବୁ ସନାତନମୁଣ୍ଡଦାସଙ୍କ ଆପତ୍ତି ଯେ ସେ ଖରଚ ହେଲେ କସାଇ ମହଲକୁ ଉଠି ଯାଇପାରେ । କିନ୍ତୁ କସାଇମହଲରେ ଗୋହତ୍ୟାର ସ୍ଥାନ ରହିବା କି ଆପତ୍ତିଜନକ ନୁହେ । ସାଧାରଣସ୍ୱାସ୍ଥ୍ୟ ବିବେଚନାରେ ଗୋହତ୍ୟାସ୍ଥାନ ଲୋକଙ୍କ ଘରପାଖରେ ନ ହୋଇ

Digitized by srujanika@gmail.com

Split by PDF Splitter



ପନ୍ଥାରେ ହେବା ଉଚିତ। ଏଥିରେ ହିନ୍ଦୁ ଓ ମୁସଲମାନମାନଙ୍କ ଧର୍ମର ବିଘ୍ନ ନାହିଁ। ତାହା ହିନ୍ଦୁମହଲ୍ଲରେ ରହିବା ଯେମନ୍ତ ଅନିଷ୍ଟଜନକ ମୁସଲମାନମହଲ୍ଲରେ ରହିବା ସେମନ୍ତ ଅଟଇ। ଏହି କଟକନଗରରେ ପୂର୍ବେ କସାଇସାଇମଧ୍ୟରେ ଗୋହତ୍ୟା ହେଉଥିଲା। ମିଉନିପାଲିଟୀ ତାହା ରହିତ କରି ନିର୍ଜନ ପଡ଼ିଆକୁ ଉଠାଇ ନେଇଅଛନ୍ତି। ପ୍ରାୟ ସକଳ ନଗରରେ ଏହିପରି ବ୍ୟବସ୍ଥା ଅଛି ଏବଂ ବାଲେଶ୍ୱରରେ ମଧ୍ୟ ହେବାର ଉଚିତ। ଯେବେ ସେଠା ଗୋହତ୍ୟାଶାଳା ଅନିଷ୍ଟଜନକସ୍ଥାନରେ ରହିଅଛି ତେବେ ତାହା ସ୍ଥାନାନ୍ତରିତ କରିବା ମିଉନିସିପାଲଟୀର କର୍ତ୍ତବ୍ୟ ସେଥିପାଇଁ ସ୍ୱଜନାରାୟଣ ବାବୁଙ୍କ ଖରଚର ଦାୟୀ କରିବା ନ୍ୟାୟସଙ୍ଗତ ନୁହଇ। ସେ ଖରଚ ଦେବାକୁ ସମ୍ମତ ଥିବାର ସମ୍ବାଦପତ୍ରଯୋଗେ ପ୍ରକାଶ କରି ଅଛନ୍ତି। ଏହା ତାହାଙ୍କର ସୌଜନ୍ୟର ପରିଚୟ ହେଉଅଛି ମାତ୍ର ଆଇନାନୁସାରେ ସେ ଖରଚ ଦେବାକୁ ବାଧ୍ୟ ନୁହନ୍ତି ତଥା ସେ ଖରଚ ଦେଲେ ତାହାଙ୍କ ଇଚ୍ଛାମତେ କାର୍ଯ୍ୟ କରିବାକୁ ମିଉନିସିପାଲଟୀ ବାଧ୍ୟ ନୁହନ୍ତି। ପୂର୍ବ ମିଉନିସିପାଲଟୀର କମିଶନରମାନଙ୍କ ବିବେଚନାର ତ୍ରୁଟିରୁ ଅଥବା ସେକାଳର ଆଇନ ଅନୁସାରେ ଅଯୋଗ୍ୟସ୍ଥାନରେ ହତ୍ୟାଘର ନିର୍ମାଣ ହୋଇଅଛି ବୋଲି ଯେ ସେଠାରେ ରଖିବାକୁ ହେବ ଏହା ନିତାନ୍ତ ଅଯୌକ୍ତିକ ଅଟଇ। ଏପରି ହେଲେ କୌଣସି ଉନ୍ନତି ହେବ ନାହିଁ। ଏପରି ଜେଲ ପାଟେଣ୍ଟ ଏବଂ ବଡ଼ ବଡ଼ ଗଛଦ୍ୱାରା ଉକ୍ତ ସ୍ଥାନକୁ ଲୁଚାଇ ଦେଲେ ଅନିଷ୍ଟ ନିବାରଣ କିପରି ହେବ ବୁଝା ଯାଉ ନାହିଁ। କାରଣ ପଶୁହତ୍ୟାସ୍ଥାନ କେବଳ ଦୃଷ୍ଟିକଟୁ ଏପରି ନୁହେ। ସେଠାର ଦୁର୍ଗନ୍ଧମୟବାୟୁ ସ୍ୱାସ୍ଥ୍ୟପ୍ରତି ହାନିକର ଏଥିଯୋଗୁଁ ଲୋକାବାସର ଅନ୍ତରରେ ରହିବା ଅକର୍ତ୍ତବ୍ୟ। ବାଡ଼ ଇତ୍ୟାଦିଦ୍ୱାରା ତାହା ନିବାରଣ ହେବ ନାହିଁ।

---

## ହିନ୍ଦୁପ୍ରଚାରକ।

ଗତବର୍ଷ ବର୍ଷାକାଳରେ କଲିକତାନିବାସୀ ଆସ୍ତିକ ପ୍ରମଥନାଥ ବସୁ ଖ୍ରୀଷ୍ଟିଆନପ୍ରଚାରକ ଏ ନଗରକୁ ଆସି ସାଧାରଣ ନୀତି ଓ ଖ୍ରୀଷ୍ଟିଆନ ଧର୍ମବିଷୟରେ ପ୍ରିଣ୍ଟିଂକମ୍ପାନୀଙ୍କ କୋଠା ଏବଂ ଅନ୍ୟାନ୍ୟ ସ୍ଥାନରେ ବକ୍ତୃତାମାନ ଶୁଣାଇବାଦ୍ୱାରା ନଗରବାସିଙ୍କ ଶିକ୍ଷା ଓ ଆନନ୍ଦପ୍ରଦାନ କରିଥିଲେ। ତହିଁ ଉତ୍ତାରୁ ଗତ ଶୀତକାଳରେ ଜଣେ ମୁସଲମାନଧର୍ମପ୍ରଚାରକ ଆସି ସ୍ୱଧର୍ମର ଉପଦେଶ ପ୍ରଦାନପୂର୍ବକ ମୁସଲମାନମାନଙ୍କର ଧର୍ମପ୍ରବୃତ୍ତି ଜାଗ୍ରତ କରିଥିଲେ ଏବଂ ଏକଦିନ ୨ଟା କଲେଜଗୃହରେ ନୀତିବିଷୟରେ ଗୋଟିଏ ବକ୍ତୃତା କରି ସର୍ବସାଧାରଣଙ୍କର ମନୋରଞ୍ଜନ କରିଥିଲେ। ବର୍ତ୍ତମାନ ବର୍ଷାକାଳରେ ହିନ୍ଦୁଧର୍ମପ୍ରଚାରକ ଏ ନଗରକୁ ଆଗମନ କରି ଏହି ସପ୍ତାହରୁ କାର୍ଯ୍ୟାରମ୍ଭ କରିଅଛନ୍ତି। ଏହାଙ୍କ ନାମ ଶ୍ରୀଯୁକ୍ତ ଉପେନ୍ଦ୍ରଚନ୍ଦ୍ର ମିତ୍ର ଭକ୍ତିତୀର୍ଥ। ଏ ମହାଶୟ କଲିକତା-ଭାଗବତସଭାର ଧର୍ମପ୍ରଚାରକ ଅଟନ୍ତି। ଏହାଙ୍କ ସଙ୍ଗରେ ଏକଦଳ ସଙ୍ଗୀତ ବା ସଙ୍କୀର୍ତ୍ତନକାରୀ ଆସିଅଛନ୍ତି। ସମୟେ ସମୟେ ଧର୍ମପ୍ରଚାରକମାନଙ୍କର ଏହିପ୍ରକାର ଶୁଭାଗମନ ବଡ଼ ମଙ୍ଗଳକର ଅଟଇ କାରଣ ସେମାନଙ୍କର ବକ୍ତୃତା ଶୁଣି ଲୋକଙ୍କର ଧର୍ମଭାବ ବିକାଶ ଓ ଧର୍ମନୀତିପ୍ରତି ମନ ଆକୃଷ୍ଟ ହୁଏ। ବିଶେଷତଃ ହିନ୍ଦୁଧର୍ମପ୍ରଚାରକ ଏଥିପୂର୍ବେ ପ୍ରାୟ କେହି ଆସି ନ ଥିଲେ ଏବଂ ଓଡ଼ିଶାର ଅଧିକାଂଶ ଲୋକ ହିନ୍ଦୁ ହେବାରୁ ସ୍ୱଧର୍ମର ବକ୍ତୃତା ବା ଉପଦେଶର ଅଧିକ ଆଦର ହେବ ଏହା ସ୍ୱାଭାବିକ ଅଟଇ। ବାସ୍ତବରେ ଗତ ସୋମବାରଠାରୁ କ୍ରମାଗତ ତିନିଦିନ ପ୍ରିଣ୍ଟିଂକମ୍ପାନୀଙ୍କ କୋଠାରେ ସନ୍ଧ୍ୟାସମୟରୁ ରାତ୍ରି ପ୍ରାୟ ଦଶଘଣ୍ଟାପର୍ଯ୍ୟନ୍ତ ଉପେନ୍ଦ୍ର ବାବୁ ବକ୍ତୃତା ପ୍ରଦାନ କରିଥିଲେ। ଏଥିମଧ୍ୟରେ ପ୍ରଥମଦିନ ବିଜ୍ଞାପନ ଅନେକ ଲୋକ ନ ପାଇବାରୁ ଅଳ୍ପଲୋକ ଆସିଥିଲେ ମାତ୍ର ଅନ୍ୟ ଦିନମାନଙ୍କରେ କ୍ରମାଗତ ଶ୍ରୋତାଙ୍କ ସଂଖ୍ୟା ବୃଦ୍ଧି ହୋଇଥିଲା ଓ ସ୍ଥାନାଭାବରୁ ଅନେକ ଲୋକ ବାଧ୍ୟ ହୋଇ ଫେରି ଗଲେ। ଶେଷ ଦିନରେ ଏପରି ଜନତା ହୋଇଥିଲା ଯେ ଘର ଭାଙ୍ଗି ପଡ଼ିବାର ଭୟ ହୋଇଥିଲା ଏବଂ ସେଠାରେ ସ୍ଥିର ହୋଇ ବସିବା ନିରାପଦ ବୋଧ ନ ହେବାରୁ ଭକ୍ତିତୀର୍ଥ ବାବୁ ହରିହର ବସୁଙ୍କ ଘରଠାରେ ବକ୍ତୃତା ହେଲା। ଅଳ୍ପ ଅଳ୍ପ ବର୍ଷା ଯାଉଥିବାରୁ ଦିବାସ୍ଥିତି ମେଘୁଆପରି ହୋଇଥିଲେ ହେଁ ଏତେ ଶ୍ରୋତା ଏକତ୍ରିତ ହେବା ଓ ଅନେକଲୋକ ନିତ୍ୟ ଆସିବା ପ୍ରଚାରକଙ୍କ ବାକ୍ଶକ୍ତି ଏବଂ ହିନ୍ଦୁଧର୍ମର ଗୌରବର ଯଥେଷ୍ଟ ପରିଚାୟକ ଅଟଇ। ପ୍ରକୃତରେ ଉପେନ୍ଦ୍ରବାବୁ ଜଣେ ପ୍ରଶଂସନୀୟ ବକ୍ତା ଅଟନ୍ତି। ବଙ୍ଗଳାରେ (ଯହିଁରେ ବକ୍ତୃତା କରିଥିଲେ) ଉପରେ ତାହାଙ୍କର ଏପରି ଅଧିକାର ଅଛି ଯେ ଶ୍ରୁତି ଓ ରସଯୁକ୍ତ କଥାରେ ଆପଣା ଭାବ ଅନାୟାସରେ ବ୍ୟକ୍ତ କରି ଶ୍ରୋତାଙ୍କ ମନରେ ତାହା ମୁଦ୍ରିତ କରିବାକୁ ସକ୍ଷମ। ସଂସ୍କୃତରେ ବିଲକ୍ଷଣ ପ୍ରବେଶ ଅଛି କାରଣ ପଦେ ପଦେ ଶାସ୍ତ୍ରୀୟ ପ୍ରମାଣଦ୍ୱାରା ଆପଣା ବାକ୍ୟର ପୋଷକତା କରିବାର ଦେଖାଯାଇ ଅଛି। ଏହାଙ୍କ ସମଭିବ୍ୟାହାରୀ ସଙ୍କୀର୍ତ୍ତନଦଳର କାର୍ଯ୍ୟମଧ୍ୟ ମନ୍ଦ ନୁହଇ। ସେମାନେ ବକ୍ତୃତାପୂର୍ବେ ଏବଂ ଶେଷରେ ସୁନ୍ଦର ସଙ୍ଗୀତ ଶୁଣାଇ ଲୋକଙ୍କୁ ମୋହିତ କରିଅଛନ୍ତି। ଫଳତଃ ଏ ପ୍ରଚାରକଦଳର ଏଠାକୁ ଆସିବା ସାର୍ଥକ ହୋଇ ଅଛି ଏବଂ ଏଥିପାଇଁ ଆମ୍ଭେମାନେ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ।

ବକ୍ତୃତାର ମର୍ମ ପ୍ରକାଶ କରିବା ସହଜକଥା ନୁହଇ। ପ୍ରତିଦିନ ପ୍ରାୟ ଦେଢ଼ଘଣ୍ଟା କାଳ ବକ୍ତୃତା କରିଥିଲେ ଏବଂ ତହିଁମଧ୍ୟରେ ଏତେ ମନୋହର ଓ ହିତକର କଥା କହିଥିଲେ ଯେ ତହିଁମଧ୍ୟରୁ ସାର ବାଛି ନେବା ଅସମ୍ଭବ। ଅଥଚ ତାହାସବୁ ଲେଖିବାକୁ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ। ଏଣୁ ସଂକ୍ଷେପ ଆଲୋଚନା କରିବାର ଇଚ୍ଛା ରହିଲା। ବର୍ତ୍ତମାନ ଏତିକି ଜଣାଉଅଛୁଁ ଯେ ପ୍ରଥମଦିନ ମନୁଷ୍ୟର କର୍ତ୍ତବ୍ୟ, ୨ୟଦିନ ଧର୍ମଜୀବନ ଓ ୩ୟଦିନ ଉପାସନା କାହାକୁ ବୋଲି ଏହିସବୁ ବକ୍ତୃତାବିଷୟ ଥିଲା। ପ୍ରଥମ ଦୁଇଦିନର ଉପଦେଶ ଗୁଡ଼ିକ ସାଧାରଣ ଅଥବା ସମ୍ପ୍ରଦାୟ ନିର୍ବିଶେଷ ଧର୍ମର ବ୍ୟାଖ୍ୟା ବୋଲିବାକୁ ହେବ କାରଣ ଧର୍ମ ହି ମନୁଷ୍ୟର କର୍ତ୍ତବ୍ୟ ଓ ଧର୍ମଜୀବନ ସଂସାରରେ ଏକମାତ୍ର ସୁଖ ଏହା ସର୍ବବାଦ ସମ୍ମତ ଅଟଇ। ତୃତୀୟ ଦିନର ବକ୍ତୃତାରେ ହିନ୍ଦୁମାନଙ୍କର ଉପାସନା ପ୍ରଣାଳୀର ତତ୍ତ୍ୱ ବୁଝାଇବାକୁ ବସି ବକ୍ତା ସାମ୍ପ୍ରଦାୟିକ ଭାବ ପ୍ରକାଶ କରିଥିଲେ ଏବଂ ଅନ୍ୟାନ୍ୟ ଧର୍ମାବଲମ୍ବିଙ୍କ ଉପାସନା ପ୍ରଣାଳୀ ପ୍ରତି [illegible] କଟାକ୍ଷ କରିଥିଲେ ଏଥିରେ ସମସ୍ତ ଶ୍ରୋତା ସନ୍ତୁଷ୍ଟ ହେବାର ଆଶା କରାଯାଇ ନ ପାରେ। ଅଥଚ ଏ ବିଷୟରେ ସାବଧାନ ପୂର୍ବକ କାର୍ଯ୍ୟ ନିର୍ବାହ କରିଥିଲେ ଆମ୍ଭେମାନେ ଆନନ୍ଦିତ ହୋଇ ଥାନ୍ତୁ।

---

## ମିଉନିସିପାଲ ଆଇନସଂଶୋଧନର ପ୍ରସ୍ତାବ।

ଗତମାସ ତା ୨୨ ରିଖରେ ବଙ୍ଗୀୟ ବ୍ୟବ-

Digitized by srujanika@gmail.com

Split by PDF Splitter



ସ୍ଥାପକସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ମିଉନିସିପଲସଂଶୋଧନ ବିଷୟକ ପାଣ୍ଡୁଲିପି ମାନ୍ୟବର ହ୍ୱିସଲ ସାହେବ ଉପସ୍ଥିତ କରିଥିଲେ । ସେ ଯେଉଁ ବକ୍ତୃତାଦ୍ୱାରା ଏହି ପାଣ୍ଡୁଲିପିର ଅଭିପ୍ରାୟ ସଭାରେ ବ୍ୟକ୍ତ କଲେ ତହିଁର ସାରାଂଶ ନିମ୍ନେ ପ୍ରକାଶିତ ହେଲା । ଯଥା

ବଙ୍ଗୀୟ ମିଉନିସିପଲ ଆଇନ ସନ ୧୮୮୪ ସାଲରେ ଜାରି ହୋଇଥିଲା । ଅଠବର୍ଷରେ ତାହା ପରିବର୍ତ୍ତନ କରିବାର ହେତୁ ଏହିକି ପ୍ରଚଳିତ ଆଇନରେ ହାଇକୋର୍ଟ ଗୋଟିଏ ଗୁରୁତର ଦୋଷ ଧରିଅଛନ୍ତି ଏପରି ଏହି ଅଠବର୍ଷରେ କାର୍ଯ୍ୟନିର୍ବାହର କେତେକ ଅସୁବିଧା ଦେଖା ଯାଇଅଛି ବିଶେଷତଃ ସ୍ୱାସ୍ଥ୍ୟ ସମ୍ବନ୍ଧରେ କେତେକ ନୂତନ ବିଧି ପ୍ରୟୋଜନ ହୋଇଅଛି । ସଂଶୋଧିତ ବିଧାନମାନ ଅଧିକାଂଶ ପଞ୍ଜାବର ଆଇନରୁ ଗୃହୀତ ହୋଇଅଛି । ଏଥିରେ କେହି କେହି କହନ୍ତି ବଙ୍ଗଳା ପଞ୍ଜାବଠାରୁ ଉନ୍ନତ ପ୍ରଦେଶ ଥିବାପ୍ରତ୍ୟକ୍ଷେ ସେଠା ବ୍ୟବସ୍ଥା ଏଠାରେ ଚଳାଇବା ଠିକ ନୁହଇ ମାତ୍ର ଏ ଆପତ୍ତି ଭ୍ରମାତ୍ମକ ଅଟଇ । କାରଣ ସବୁ ପ୍ରଦେଶର ବିଧିମାନ ତୁଳ କରି ଦେଖାଯାଇଅଛି ଯେ ପଞ୍ଜାବର ଆଇନଟି ଶ୍ରେଷ୍ଠ ଏବଂ ସବୁ ସ୍ଥଳରେ ଜାରି ହୋଇଥିବାରୁ ଉଲ୍ଲେଖମାନ ସେଥିରେ ଅଛି । ଯେ ସବୁ ସଂଶୋଧନ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ହୋଇଅଛି ତହିଁମଧ୍ୟରେ କେତେଗୁଡିଏ ଗୃହ ନିର୍ମାଣ ବିଷୟରେ ଏବଂ କେତେଗୁଡିଏ ଗୃହବାଦ ବିଷୟରେ ଏବଂ କେତେଗୁଡିଏ ସାଧାରଣ ବିଷୟରେ ଅଟଇ । ପ୍ରଧାନ ପରିବର୍ତ୍ତନ ଏହିକି ବିଶେଷ କାର୍ଯ୍ୟ ସକାଶେ ଦୁଇ ତିନି ମିଉନିସିପାଲଟୀ ଅଥବା ମିଉନିସିପାଲଟୀ ଓ ଜିଲ୍ଲା ବା ସ୍ଥାନୀୟବୋର୍ଡର ସଭାକୁ ମିଶାଇ ଦେବାର ବିଧି ହୋଇଅଛି । ଏଥିର ତାତ୍ପର୍ଯ୍ୟ ଏହିକି ପାନୀୟଜଳ ଯୋଗାଇବା ଅଥବା ବର୍ଷାଜଳର ନାଳ ଫିଟାଇବା ବିଷୟରେ ଆବଶ୍ୟକ ସ୍ଥଳେ ସଭାମାନେ ଏକଯୋଗରେ କାର୍ଯ୍ୟ କଲେ ସମସ୍ତଙ୍କର ଉପକାର ହେବ ଏବଂ ବ୍ୟୟ[illegible] ଲାଘବ ହେବ । ଆଉ ଗୋଟିଏ ବିଧି ଏହିପରି ହେବ ଯେ ମିଉନିସିପଲକମିଶନରମାନେ କୌଣସି କୂପ ବା ପୁଷ୍କରିଣୀର ଜଳବ୍ୟବହାର ନିଷେଧ କରିପାରିବେ । ସବୁଠାରୁ ପ୍ରଧାନ ପରିବର୍ତ୍ତନ ଏହିକି କୌଣସି ମିଉନିସିପାଲଟୀର କାର୍ଯ୍ୟ ବିଶୃଙ୍ଖଳା ହେବାର ଦେଖା ଗଲେ ଗବର୍ଣ୍ଣମେଣ୍ଟ ସେଠାରେ ସରକାରୀ ଚେଆରମେନ ନିଯୁକ୍ତ କରିପାରିବେ । ଏହି ବିଧି ଯୋଗେ ଭାରି ମତଭେଦ ଘଟିଅଛି । ମାତ୍ର ସପକ୍ଷ ଓ ବିପକ୍ଷମତ ପ୍ରାୟ ସମାନ ଅର୍ଥାତ୍ ୭୮ ସପକ୍ଷରେ ଏବଂ ୬୦ ବିପକ୍ଷରେ ଅଟଇ । ସପକ୍ଷମତଦାତାଙ୍କ ମଧ୍ୟରେ ୩୧ ଜଣ ସରକାରୀଙ୍କର ଏବଂ ବିପକ୍ଷମତଦାତାଙ୍କ ମଧ୍ୟରେ ୫୮ ମିଉନିସିପାଲଟୀର କମିଶନରମାନେ ଅଛନ୍ତି । ମିଉନିସିପାଲଟୀମାନେ ଏତେ ଅଧିକ ଆପତ୍ତିକାରୀ ହେବାରୁ ଜଣାଯାଉଅଛି କି ସେମାନେ ମନେ କରୁଅଛନ୍ତି ଯେ ଗବର୍ଣ୍ଣମେଣ୍ଟ ଏହି ଅଧିକାର ପାଇଲେ କୌଣସି [illegible]ସିପାଲଟୀରେ ବେସରକାରୀ ଚେଆର[illegible] ରହି ଦେବେ ନାହିଁ । ଏଥିପାଇଁ ମାନ୍ୟବର ହ୍ୱିସଲ ସାହେବ ସ୍ପଷ୍ଟ ବୁଝାଇ ଦେଇଅଛନ୍ତି କି ଗବର୍ଣ୍ଣମେଣ୍ଟଙ୍କର ଏପରି ଅଭିପ୍ରାୟ କଦାଚ ହୋଇ ନ ପାରେ । ବେସରକାରୀ ଚେଆରମେନ ସାଧାରଣ ଯୋଗ୍ୟତା ସହିତ କାର୍ଯ୍ୟ ନିର୍ବାହ କରିପାରିଲେ ମଧ୍ୟ ତାହାର କାର୍ଯ୍ୟକୁ ଗବର୍ଣ୍ଣମେଣ୍ଟ ବଡ଼ ମୂଲ୍ୟବାନ୍ ମନେ କରିବେ ଓ ବିନା ଖରଚରେ ସାହାଯ୍ୟ ପାଇଲେ ବେତନଭୋଗୀ ସରକାରୀକର୍ମଚାରୀଙ୍କୁ ଗବର୍ଣ୍ଣମେଣ୍ଟ ମିଉନିସିପାଲଟୀ କାର୍ଯ୍ୟରେ କେବେ ନିଯୁକ୍ତ କରିବେ ନାହିଁ । କେବଳ ଯେଉଁ ମିଉନିସିପାଲଟୀର କାର୍ଯ୍ୟର ନିତାନ୍ତ ବିଶୃଙ୍ଖଳା ଘଟିବ ତାହା ସଜାଡି ନେବା ପାଇଁ ଗବର୍ଣ୍ଣମେଣ୍ଟ ଜଣେ ବହୁଦର୍ଶୀ ସରକାରୀ କର୍ମଚାରୀର ସାହାଯ୍ୟ ନେବେ ଏପରି ଆଶା କରନ୍ତି । ଏପରି କର୍ମଚାରୀ କେବଳ କେତେଦିନ ସକାଶେ ରହିବେ ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ଆଇନମତେ ମିଉନିସିପାଲଟୀକି ସସ୍ପେଣ୍ଡ ନ କରି ସହଜରେ କାର୍ଯ୍ୟ ଉଦ୍ଧାର କରି ନେବେ । ଆମ୍ଭମାନଙ୍କ ବିବେଚନାରେ ଏ ଯୁକ୍ତି ମନ୍ଦ ବୋଧ ହେଉ ନାହିଁ ଏବଂ ଏଥିର ଯେଉଁ ଗୁରୁତର ପ୍ରତିବାଦ ବଙ୍ଗଳାର ଚଉଆଡ଼େ ଲାଗିଯାଇଅଛି ତହିଁର ଉପଯୁକ୍ତ କାରଣ ଦେଖାଯାଉ ନାହିଁ । ସରକାର ଯେତେବେଳେ ସ୍ୱତଃ ପ୍ରବୃତ୍ତ ହୋଇ ଆତ୍ମଶାସନାଧିକାର ଦେଇଅଛନ୍ତି ଶେଷରେ ତାହା କାଢ଼ି ନେବେ ଏପରି ସନ୍ଦେହ କରିବା ଅକାରଣ ମାତ୍ର ଯେଉଁଠାରେ କାର୍ଯ୍ୟ ଭଲ ନ ହେବ ସେଠାରେ ଭଲ ବନ୍ଦୋବସ୍ତ କରିବା ସରକାରଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି ସେ ଅଧିକାର ସହଜରେ ବ୍ୟବହାର କରିବାର ଉପାୟକୁ ଅନ୍ୟାୟ ବୋଲି ଯାଇ ନ ପାରେ ।

—*—

# ସାପ୍ତାହିକ ସମ୍ବାଦ ।

ବାଲେଶ୍ୱର ଜିଲ୍ଲାସ୍କୁଲର ଡ୍ରଇଂ-ଶିକ୍ଷକଙ୍କ ପଦ ଶୂନ୍ୟ ଅଛି । ବେତନ ଟ ୨୦ ଙ୍କା ଚଳିତମାସ ତା ୧୫ ରିଖ ପର୍ଯ୍ୟନ୍ତ ଆବେଦନପତ୍ର ଗ୍ରହଣକରିବାର ବିଜ୍ଞାପନ ଓଡ଼ିଶାର ଇନସ୍ପେକ୍ଟର ଦେଇଅଛନ୍ତି ।

ସମ୍ବାଦଦାତାଙ୍କଠାରୁ ଜଣାଯାଏ ଯେ ବାଲେଶ୍ୱରଜିଲ୍ଲାର ଦକ୍ଷିଣ ଓ ଉତ୍ତର ଅଞ୍ଚଳରେ ପ୍ରଚୁର ବୃଷ୍ଟି ଯୋଗେ ଫସଲ ଅବାଦ ଉତ୍ତମ ହୋଇଅଛି । କେବଳ ବାଲେଶ୍ୱର ଥାନା-ଏଲକାରେ କିଞ୍ଚିତ ଜଳର ଅଭାବ ଘଟିଥିଲା ସମ୍ଭବତଃ ଏଥିମଧ୍ୟରେ ତାହା ଘୁଞ୍ଚି ଯାଇଥିବ ।

ଖଡ଼ିଆଲରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଏହି ଶ୍ରାବଣ ମାସ ପ୍ରଥମ ପକ୍ଷରେ ସେଠା ମହାରାଜା ଶ୍ରୀ ବ୍ରଜସୁନ୍ଦରସିଂହ ଦେବଙ୍କର ଗୋଟିଏ ନବକୁମାର ଜାତ ହେବାରୁ ସେଠାରେ ଉତ୍ସବ ଆନନ୍ଦୋତ୍ସବ ଲାଗି ଯାଇଥିଲା ମାତ୍ର ଦୁଃଖର ବିଷୟ ଯେ ତହିଁର ଅଳ୍ପଦିନ ପରେ ଶ୍ରୀମତୀମହାଦେବୀ ମହୋଦୟା ଦୁଃସାଧ୍ୟ ସନ୍ନିପାତ ରୋଗରେ ପ୍ରାଣ ତ୍ୟାଗ କରି ରାଜା ଓ ରାଜପରିବାର ସହିତ ସମସ୍ତ ପ୍ରଜାଙ୍କୁ ଘୋର ସନ୍ତାପସାଗରରେ ଭସାଇଦେଲେ । ଈଶ୍ୱରଙ୍କ କୃପାରୁ ନବଜାତ ଶିଶୁଟି କୁଶଳରେ ଅଛନ୍ତି । ମହାରାଜାଙ୍କର ଶୋକରେ ଆମ୍ଭେମାନେ କାତର ହୋଇ ସମବେଦନା ପ୍ରକାଶ କରୁଅଛୁଁ ।

## କଲିକତା-ଗେଜେଟ ।

ଅଫିସିଏଟିଂ ଡେପୁଟୀ ମାଜିଷ୍ଟ୍ରେଟ ଡେଃ କଲେକ୍ଟର ବାବୁ ବ୍ରଜେନ୍ଦ୍ରନାଥ ରାୟ କଟକ ଡିଷ୍ଟ୍ରିକ୍ଟର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ସତୀଶଚନ୍ଦ୍ର ଘୋଷ ଅଗଷ୍ଟମାସ ତା [illegible] ରିଖଠାରୁ ତିନିମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ଜୁନିୟର ଅଫିସିଏଟିଂ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ରାଖାଲଚନ୍ଦ୍ର ବାନାର୍ଜୀ ବାଲେଶ୍ୱର ଡିଷ୍ଟ୍ରିକ୍ଟର ସଦରମହକୁମାରେ ଅବସ୍ଥାପିତ ହୋଇଅଛନ୍ତି ।

ପୁରୀର ଡେଃ ମାଜିଷ୍ଟ୍ରେଟ ଓ ଡେ କଲେକ୍ଟର ବାବୁ ମନ୍ମୋହନ ରାୟଙ୍କ [illegible] ସବ୍‌ଡିଭିଜନର ଭାରପ୍ରାପ୍ତ ଆଦେଶ ରହିତ ହେଲା ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ବଙ୍କବିହାରୀ ଦତ୍ତ ପ୍ରଥମଶ୍ରେଣୀର ମାଜିଷ୍ଟ୍ରେଟକ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଇଷ୍ଟକୋଷ୍ଟ ରେଲଓଏର କଟକ ଓ ପୁରୀ ଜିଲ୍ଲାସମୂହରେ ଜମି ନେବାର ସଂଶୋଧିତ ବିଜ୍ଞାପନ ପ୍ରକାଶିତ ହୋଇଅଛି ।

ବାଲେଶ୍ୱର ସ୍କୁଲସମୂହର ଡେପୁଟୀ ଇନସ୍ପେକ୍ଟର ବାବୁ ହରିନାଥ ଚାଟାର୍ଜୀ ତିନିମାସର ଛୁଟୀ ଗ୍ରହଣ କରିବାରୁ କଟକ-ବିଭାଗୀୟ ସବଇନସ୍ପେକ୍ଟର ବାବୁ ଜଗନ୍ନାଥ ଘୋଷ ଡେପୁଟୀ ଇନସ୍ପେକ୍ଟର ପଦରେ ଓ ୫ମ ଶ୍ରେଣୀରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଓଡ଼ିଶାବିଭାଗର ସ୍କୁଲସମୂହର ଇନସ୍ପେକ୍ଟରଙ୍କ ୨ ସ୍ୱକରଣୀ ବାବୁ ଯୋଗେନ୍ଦ୍ରନାଥ ବାନାର୍ଜୀ କଟକବିଭାଗୀୟ ସବଇନସ୍ପେକ୍ଟରପଦରେ ନିଯୁକ୍ତ ହେଲେ ।

ବାବୁ ବାଲକୃଷ୍ଣଦାସ କଟକ ଡିଷ୍ଟ୍ରିକ୍ଟ ଯାଜପୁର ଲୋକାଲବୋର୍ଡର ସଭ୍ୟପଦ କଟକ ଡିଷ୍ଟ୍ରିକ୍ଟବୋର୍ଡର ସଭ୍ୟପଦରେ ନିର୍ବାଚିତ ହୋଇଅଛନ୍ତି ।

Digitized by srujanika@gmail.com

ମୁନସି ଗୁଷ୍ଟିବ ଅବଦୁଲଲ୍ ପଦବର୍ତ୍ତିରେ ଜେଃ ମାଇକ୍ରୋଫ୍ଟ ମିଃ ଏନ୍ ସ୍କର୍ଟ କୋଜ୍ କଷ୍ଟବ ମ୍ୟୁନିସିପାଲ୍‌ଟୀର ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ।

---

ସମ୍ବାଦରେ ଅସିଥିବା ସମ୍ବାଦରୁ ପ୍ରକାଶ ଯେ ଦୁର୍ଭିକ୍ଷଠାରେ ଫସଲର ଅବସ୍ଥା କ୍ରମଶଃ ଭଲ ହେଉଅଛି ।

ବୋମ୍ବାଇଠାରୁ ଅସିଥିବା ସମ୍ବାଦରୁ ପ୍ରକାଶ ଯେ ଥବୋର ଜେଲଖାନାରେ ଅଳ୍ପଦିନ ପୂର୍ବେ କଏଦୀମାନଙ୍କର ଉତ୍ପାତର ଗୋଳମାଳ ହୋଇଥିଲା । ଯାବଜ୍ଜୀବନ ଏବଂ ଅଧିକଦିନ ପର୍ଯ୍ୟନ୍ତ କଏଦ ହୋଇଥିବା ଅସାମୀମାନେ କାର୍ଯ୍ୟ ସାରି ଫେରି ଆସିବା ସମୟରେ ଏକାବେଳକେ ଅସ୍ତ୍ର ଶସ୍ତ୍ରର ଗୋଦାମରେ ପଶି ମୁଗୁର ସାବଳ ଇତ୍ୟାଦି ନେଇ ପ୍ରାଚୀର ଭାଙ୍ଗିବାର ଚେଷ୍ଟା କଲେ । ଜେଲ ଇନ୍‌ସ୍ପେକ୍ଟର ଜେନେରଲ କର୍ଣ୍ଣେଲ ଲେନ ସାହେବ ତତ୍‌କ୍ଷଣାତ୍ ସମ୍ବାଦ ପାଇ ଆସିବା ପୂର୍ବରୁ କଏଦୀମାନେ ପ୍ରାଚୀରର ତୁଳସ୍ଥାନ ଭାଙ୍ଗି ପକାଇଥିଲେ । ଜେଲ ପ୍ରହରୀ ଗୁଳିବାଡ଼ି ଜଣକୁ ହତ କରିଅଛନ୍ତି । କର୍ଣ୍ଣେଲ ଲେନ ସାହେବ ସେମାନଙ୍କୁ ଅସ୍ତ୍ରସମର୍ପଣ କରିବାକାରଣ ବୁଝାଇଲେ ମାତ୍ର କଏଦୀମାନେ ତାହା ନ ଶୁଣି ତାଙ୍କୁ ଏବଂ ପ୍ରହରୀମାନଙ୍କୁ ପଥର ଫୋପାଡ଼ିଲେ । ପ୍ରହରୀମାନେ ତହୁଁ ଗୁଳି ଚଳାଇଲେ । ଅତ୍ୟ ୫ ଜଣ କଏଦୀ ଅଘାତ ପ୍ରାପ୍ତ ହେଲେ । କର୍ଣ୍ଣେଲ ଲେନ ପୁଣି ସେମାନଙ୍କୁ ବୁଝାଇବାରୁ ଅସ୍ତ୍ରସମର୍ପଣ କଲେ । ଜେଲର ମଧ୍ୟ ଅତି ମନ୍ଦ ଭାବରେ ଅଘାତ ପ୍ରାପ୍ତ ହୋଇଅଛନ୍ତି ।

[illegible] ଜେଲଖାନାରୁ ୫:୫ରେ ୫ ୬୦୦୦୯ ଟଙ୍କା ଚୋରି ଯାଇଥିବାର ଜେଲର ମାଲ୍ଖାନା ମାଲଗୁଦାମ ହୋଇଅଛନ୍ତି । ମାଲ୍ଖାନାମାନେ ସମୁଦାୟ ଟଙ୍କାର ଠିକା କରି ଜେଲ ତହୁଁରେ ୫ ୬୦୦୦ ଟଙ୍କା ପଠାଇଥିଲେ ମାତ୍ର ସାତ ଠିକଣାରେ ପଞ୍ଚାଶ ସମୁଦାୟ ୫ ୬୦୦ ଟଙ୍କାର ଠିକଣା ମିଳୁ ନାହିଁ । ପୋଲିସ ଏବଂ ଗୁପ୍ତଚର ମଧ୍ୟରେ ଏ ଘଟଣା ଘଟିଅଛି । ପୁଲିସ ତଦନ୍ତ କରୁଅଛନ୍ତି କିନ୍ତୁ ଠିକଣା ହୋଇ ନାହିଁ ।

ଦାର୍ଜିଲିଂଠାରେ ଗତମାସ ତା ୧୭ ଦିନ ପର୍ଯ୍ୟନ୍ତ ଘ ୬୧୬୧ ଅ ଓ ତହୁଁ ପୂର୍ବ ବ ୨ ନ ମଧ୍ୟରେ ୧୪ ଇଞ୍ଚ ଜଳ ବୃଷ୍ଟି ହୋଇଅଛି । ଗତ ବର୍ଷ ଏହି ଦିନ ପର୍ଯ୍ୟନ୍ତ ବର୍ଷାର ବୃଷ୍ଟି ଅପେକ୍ଷା ୧୨ ଇଞ୍ଚ ଜଳ ଅଧିକ ବର୍ଷିଅଛି । ପାହାଡ଼ର ଅନେକ ସ୍ଥାନ ଖସି ପଡ଼ିଅଛି ଏବଂ ୬ ଜଣ ଲୋକ ତଦ୍ଦ୍ୱାରା କାଳକବଳରେ ପଡ଼ିଅଛନ୍ତି । ଅନେକ ଘର ଏବଂ ବୃକ୍ଷ ଭାଙ୍ଗି ଯାଇଅଛି ।

ଖଲ୍ଲିକୋଟରେ ଜଣେ ବ୍ରାହ୍ମଣ ଶ୍ରୀସ୍ଥାନବର୍ଣ୍ଣ ଅବଲମ୍ବନ କରିଥିବାର ସମ୍ବାଦ ମିଳିଲା । ବ୍ରାହ୍ମଣର ଲୁଚିକ ଅଂଶେଇବାକୁ କୌତୁକାର୍ଥ ଏଠା ଯାଇ ଅଛି ।—ବ୍ରାହ୍ମଣଙ୍କ ସ୍ତନର ଉପରେ ପଡ଼ାଇଥିଲେ ଅଦ୍ଭୁତ କୌତୁକଜନକ ହୋଇଥାନ୍ତା !

କଲିକତା ଭାରତବାର୍ତ୍ତାରୁ ପ୍ରକାଶ ଯେ ଦୁର୍ଭିକ୍ଷରୁ ସେବେ ପୁଣି ଫାମିଲିକୁ ଯାଉଅଛନ୍ତି । ଏମାନଙ୍କ ସଂଖ୍ୟା ୭୦୦ ରୁ ୬୦୦ ହେବ ଓ ତାଙ୍କ ନେତା କର୍ଣ୍ଣେଲ ସ୍ମିଥ୍ । ଏ ମହାଶୟ ଗତବର୍ଷ ଫ୍ରାନ୍ସ ସଙ୍ଗ ହବଶିଙ୍କୁ ସାମ୍ନାକୁ ପଠାଇ ଦେଇ ଥିଲେ ।

ବଙ୍ଗଦେଶରେ ନଦୀବୃଦ୍ଧିଦ୍ୱାର ଅନେକ କ୍ଷତି ହୋଇଥିବାର ସମ୍ବାଦ ମିଳିଲା । ଚିତ୍ତଗଙ୍ଗାର ରେଲୱେର ସ୍ପୋ ୫ ଟି ପୋଲ ଭାଙ୍ଗି ଯାଇ ଅଛି । ପାବ୍‌ଣାପୁର ବାହାରେ ୩୫ ଗଜ ବାନ୍ଧ ଭୁଡ଼ି ଯାଇ ଅଛି । ଅନେକ ସ୍ଥାନର ଭାଙ୍ଗ ଘୁଞ୍ଚି ପଡ଼ି ଯାଇଅଛି ।

ଭୁଷ୍ଟିସ୍ୱାରକାରେ ନାନାସ୍ଥାନରେ ଓଜନଠା ଲୋକ ପ୍ରତି ଦିନ ଜବକୁ ପେ ମାତ୍ର ଉଠିଅଛି । ଅଣ୍ଡାର ଜଗୁଆଡ଼ ଜଗତରେ ସେବେ ଓଜନଠା ଲୋକର ହସ୍ପତାଳ ଲୁଟି ନେଇ ଡାକ୍ତରମାନଙ୍କ ବଧ କରି ଅଛନ୍ତି । ସେମାନଙ୍କର ବିଶ୍ୱାସ ଯେ ଡାକ୍ତରଖାନା ଓ ଡାକ୍ତରଙ୍କ ଯୋଗେ ଉକ୍ତ ରୋଗ ବଢ଼ିବାକୁ ହୋଇଅଛି ଏବଂ ରୋଗ ପ୍ରବଳ ହେଲେ ଡାକ୍ତରମାନେ ଉତ୍ସାହ ଫଳଭୋଗୀ ହୁଅନ୍ତି ।—କ ଭ୍ରମପୂର୍ଣ୍ଣ ବିଶ୍ୱାସ ।

ସିନ୍ଧୁପ୍ରଦେଶର ଚେନାବ ନାଳକୁ ବର୍ଦ୍ଧିତ କରିବାକାରଣ ଷ୍ଟେଟ୍‌ସେକ୍ରେଟାରୀ ଦେଢ଼କୋଟି ଟଙ୍କା ମଞ୍ଜୁର କରିଅଛନ୍ତି । ଏତଦ୍ୱାରା ସାତଲକ୍ଷମାଣ ଭୂମିରେ ଜଳ ମାଡ଼ି ପାରିବ ।

ତ୍ରିହୁତ ଦେଶ ନବାବଗଞ୍ଜଠାରେ ନଦୀବୃଦ୍ଧି ଜନିତ ଜଳପ୍ଳାବନ ହୋଇଥିବାର ସମ୍ବାଦ ମିଳିଲା । ବଡ଼ି ଜଳପ୍ଳାବ ଜଙ୍ଗଲ ଭିତରକାର କରେଷ୍ଟ ଜଲପ୍ଳାବିତ ହୋଇ ଯାଇ ଅଛି ।

ଜୟନଗରଠାରେ ଗୋଟିଏ ବାଘ ଅନେକ ଲୋକଙ୍କ ବଧ କରିଥିବାରୁ ୬ ୨ ଜଣ ଟୋକାଙ୍କ ବନ୍ଧୁକ ନେଇ ଜଙ୍ଗଲକୁ ଗଲେ । ଏକ ନିର୍ଜନ ସ୍ଥାନରେ ବ୍ୟାଘ୍ର ଶୋଇଥିବାର ଦେଖି ଜଣେ ଟୋକାଙ୍କ ତାକୁ ଗୋଳି କଲା ଏବଂ ପରକ୍ଷଣରେ ବ୍ୟାଘ୍ର ଉଠି ଗର୍ଜିବାର କଲା ଏବଂ ଅଗ୍ରସର ହୋଇ ପ୍ରତାପସିଂହ ଦେଖା ମାତ୍ରକେ ବାଘ ତାହାକୁ ଧରିଲା । ଜନୈକବର୍ତ୍ତୀ ଲୋକମାନେ ବାଡ଼ି ନେଇ ବ୍ୟାଘ୍ରକୁ ପେଟ ମାଡ଼ ପକାଇ ଶିକାରକୁ ଉଦ୍ଧାରକଲେ ।

## ଯାଜପୁର–ସମ୍ବାଦ ।

ଯାଜପୁରନିକଟବର୍ତ୍ତୀ ବୈତରଣୀନଦୀର ଗୁଦର ମୂର୍ତ୍ତିଠାରୁ କେଙ୍ଗା ନାମକ ଏକ ଶାଖାନଦୀ ବହିର୍ଗତ ହୋଇ କାଇଁଆ ଓ ଦୋଳଗ୍ରାମ ପ୍ରଗଣା ମଧ୍ୟରେ ଯାଇଥିବାରୁ ଉକ୍ତ ନଦୀର ଜଳ ସେହି ପ୍ରଗଣାଦ୍ୱୟର ଅଧିକାଂଶ ମୌଜାମାନଙ୍କର ଧାନବିଲରେ ମାଡ଼ିଯାଇ ଓ ଫସଲ ନଷ୍ଟକାର୍ଯ୍ୟ ହେଉଥିଲା ମାତ୍ର ଗତ ସନରେ ପବ୍ଲିକ୍‌ଓର୍କ୍ସ ଡିପାର୍ଟମେଣ୍ଟ ଗୁଦର ମୂର୍ତ୍ତିକୁ ବନ୍ଦ କରି ଯାଜପୁର ବ୍ରେଞ୍ଚକେନାଲକୁ କାଇଁଆ ଓ ଦୋଳଗ୍ରାମ ପ୍ରଗଣାକୁ ନେବେକଷ୍ଟ ଶାଖାନାଳ ନେବାକୁ କେଙ୍ଗାନଦୀର ଉଭୟପାର୍ଶ୍ୱ ପ୍ରାୟ ଏକଶତର ଊର୍ଦ୍ଧ୍ୱ ମୌଜାର ନେବଜଳ କାର୍ଯ୍ୟ ଚଳି ଅଛି ବର୍ତ୍ତମାନ ବର୍ଷାକାଳ ହେଲେ ମଧ୍ୟ ତାହା ମିଳିଲେ ନ ଉତ୍ତ ନଦୀରୁ ଜଳ ଯାଉଅଛି ଏଣେ ଶାଖାନାଳକାର୍ଯ୍ୟ ଶେଷ ହୋଇ ନ ଥିବାରୁ ତହୁଁରୁ ଜଳ ପାଇବାର ଉପାୟ ନାହିଁ ଏଥିରେ କୃଷିମାନେ ବଡ଼ ଦୁରବସ୍ଥାରେ ପଡ଼ି ଅଛନ୍ତି ।

ଗତ ମଙ୍ଗଳବାର ସନ୍ଧ୍ୟାଠାରୁ ବଡ଼ ଅଠବଣା ଦିନ ଖଣ୍ଡ ବର୍ଷା ହେବାରୁ ଏ ଅଞ୍ଚଳର କେନ୍ଦ୍ରକାର୍ଯ୍ୟ ଉତ୍ତମରୂପେ ଚାଲୁଅଛି ।

ଅସ୍ମମାନଙ୍କର ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ସାହେବ ଏଠା ଡାକ୍ତରଖାନା ଇନ୍‌ସ୍ପେକ୍ସନ କରିବା ସମୟରେ ସନ ୧୮୯୫।୯୬ ମସିହାର ଫଳ ସହିତ ସନ ୧୮୯୫।୯୬ ମସିହାର ଫଳ ତୁଳନା କରିବାରେ ପ୍ରଥମୋକ୍ତ ପୂର୍ବବର୍ଷରେ ୩୫ ହଜାର ରୋଗୀ ଡାକ୍ତରଖାନାରୁ ଔଷଧ ଗ୍ରହଣ କରିଥିବା ସ୍ଥଳେ ଶେଷୋକ୍ତ ପୂର୍ବବର୍ଷରେ ୩୫ ହଜାରରୁ ଅଧିକ ନ ହେବା ଓ ସଂକ୍ରାମକ ରୋଗୀମାନଙ୍କ ହ୍ରାସ । ମଧ୍ୟ ଦେଖା ଯାଉ ସେଥିର କାରଣ ଅନୁସନ୍ଧାନ କରନ୍ତେ ଡାକ୍ତର ଅବେଦନରେ ମ୍ୟୁନିସିପାଲ୍‌ଟୀର ଚେୟାରମ୍ୟାନ ସାହେବ ଏକ ସବକମିଟି ନିଯୁକ୍ତ କରିଅଛନ୍ତି ।

ଜେନାଶିଅ ପ୍ରଗଣା ସୁତାର ମୌଜା ନିକଟ ଗଡ଼ହୋତା ନଦୀରୁ ଖୋଳଣିଯାଇ ନାମକ ଏକ କ୍ଷୁଦ୍ର ନାଳ ବାହାରି ନଦୀର ଗ୍ରାମଦେଶ ହେବାରୁ ଉକ୍ତ ନାଳ କ୍ରମଶଃ ବୃଦ୍ଧି ହୋଇ ସ୍ରୁତ ୧୮୯୪ ବର୍ଷ ମଧ୍ୟରେ ଏକ ନଦୀ ରୂପରେ ପରିଣତ ହୋଇ ପ୍ରାୟ ୧୬।୧୭ ମାଇଲ ଲମ୍ବା ଓ ୪ ମାଇଲ ଚୌଡ଼ାରେ ଉତ୍କଳମିରେ ବାଲି ଚଢ଼ି ଯାଇ ଅଛି । ପ୍ରଜା ଓ ଜମିଦାରମାନେ ବାରମ୍ବାର ଉକ୍ତ ନାଳ ବନ୍ଦ କରି ଦୁଃଖ-କାର୍ଯ୍ୟ ହୋଇ ପାରି ନ ଥିଲେ ଅତଏବ ଅନୁନୟ କରୁ ଯେ ଉଚିତସ୍ଥଳରେ ପବ୍ଲିକ୍‌ଓର୍କ୍ସ ଡିପାର୍ଟମେଣ୍ଟ ଦେବେ ଅର୍ଥ ବ୍ୟୟ କରି ଖୋଳଣିନାଳକୁ ବନ୍ଦ କରି ଦେଇ ଥିବାରୁ ପ୍ରଜା ଓ ଜମିଦାରମାନେ ଅପଣା ଜମିରୁ ବାଲି ବାହାର କରି ଅବାଦ କରୁଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଶୀଳ ଉତ୍କଳଦୀପିକା ସମ୍ପାଦକ ମହାଶୟ ସନ୍ନିଧେଷୁ

ମହୋଦୟ !

ନିମ୍ନଲିଖିତ କତିପୟ ପଙ୍କ୍ତିକୁ ଅପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଗୋଟିଏ କୋଣରେ ସ୍ଥାନ ଦାନ କରି ସାଧାରଣର ଉପକାର ସାଧନ ଓ ଅଧୀନକୁ ବାଧିତ କରିବାହେବେ ।

### ବିଷୟଟି ।

ଅନ୍ଧ କେନ୍ଦ୍ରାପଡ଼ା ନଗରରେ ଓ ତଦନ୍ତର୍ଗତ ପ୍ରଦେଶର ମୋଫସଲ ପଲ୍ଲୀମାନଙ୍କରେ ସ୍ଥାନେ ଏ ବର୍ଷ ଓଲାଉଠା (ବିସୂଚିକା Cholera ଭୀଷଣ ରୂପ ଧାରଣ କରି ଅନେକଙ୍କୁ ନଷ୍ଟ କରୁଅଛି । ପରନ୍ତୁ ଏହାର ପ୍ରତିକାର ଏକମାତ୍ର ହେବ ଗୋଟିଏ ନୂତନ ଔଷଧ ଅବିଷ୍କୃତ ହୋଇଅଛି । ଏହା ଅତ୍ର ନଗରର କେନାଲ ଡେଲ୍ଟା ଉଇଲିଆମ ଡାକ୍ତର ଶ୍ରୀ ବାବୁ ବେହାରିଲାଲ ବସାକ୍ ସିଭିଲ ହସ୍ପିଟାଲ ଆସିଷ୍ଟାଣ୍ଟଙ୍କଦ୍ୱାରା ଅବିଷ୍କୃତ ଓ ପ୍ରସ୍ତୁତ ହୋଇଅଛି । ଡାକ୍ତର ମହୋଦୟ ପ୍ରଥମେ ଅବିଷ୍କାର କରି ଦୁଇ ଏକଟି ରୋଗୀଙ୍କୁ ଅରୋଗ୍ୟ କଲା ପରେ ଅମ୍ଭେ ଶୁଣି ପାଇ ଅଳ୍ପ ଦିନ ଭିତରେ ଅମ୍ଭ ଗ୍ରାମରେ ଉକ୍ତ ରୋଗ ଭୀଷଣାକାର ଧାରଣ କରି ଦୁଇ ଚାରିଗୋଟି ଲୋକ ନଷ୍ଟ କଲା ପରେ ଅମ୍ଭେ ଡାକ୍ତରମହୋଦୟଙ୍କଠାରୁ କେତେଗୋଟି ବଟିକା ଆଣି କରି ଅନେକ ବ୍ୟକ୍ତିଙ୍କୁ ଅରୋଗ୍ୟ କରିଅଛୁଁ । ଉକ୍ତ ବଟିଦ୍ୱାରା ଏଠାରେ ମଧ୍ୟ ଅନେକ ପରିତ୍ରାଣ ପାଇଅଛନ୍ତି । ପରୀକ୍ଷାଦ୍ୱାରା ଜଣା ଯାଇଅଛି ଯେ ଶତକଡ଼ା ପ୍ରାୟ ଦଶଗୋଟି ରୋଗୀରୁ ଅଧିକ ନଷ୍ଟ ହେବେ ନାହିଁ । ବୋଧ ହୁଏ ଯେମନ୍ତ ଈଶ୍ୱର ଓଳାଉଠା ସଦୟ ହୋଇ ତାଙ୍କୁ ପ୍ରେରଣ

Digitized by srujanika@gmail.com

ଜଣ ପର ଜୀବବାୟୁଲାଭକୁ ତାହାର ଚବାଉଣୀ ବଟିକା ଡାକ୍ତରଙ୍କଦ୍ୱାରା ପ୍ରକାଶ କରାଇ ଅଛନ୍ତି । ସମସ୍ତ ବସୂଚୀରୋଗାକ୍ରାନ୍ତ ବ୍ୟକ୍ତିମାନେ ଉକ୍ତ ଡାକ୍ତରମହାଶୟଙ୍କଦ୍ୱାରା ଚିକିତ୍ସା କରାଇଲେ ଅବଶ୍ୟ ଫଳ ଲାଭ କରନ୍ତେ ସନ୍ଦେହ ନାହିଁ କିନ୍ତୁ ଏ ପ୍ରଦେଶରେ ଡାକ୍ତରୀଚିକିତ୍ସାରେ ଲୋକଙ୍କର ପୂର୍ଣ୍ଣ ବିଶ୍ୱାସନୁସାରେ ଘୃଣା ଉତ୍ପନ୍ନ ଥିବାରୁ ତାଦୃଶ ଫଳ ଫଳିବାର ସୁବିଧା ଘଟି ପାରୁ ନାହିଁ । ଆମ୍ଭ ବିବେଚନାରେ ସାଧାରଣଙ୍କୁ ଉକ୍ତ ଚିକିତ୍ସାନୁବର୍ତ୍ତୀ ହେବାର ନିତାନ୍ତ ଉଚିତ ଓ ଆବଶ୍ୟକ ଅଟେ ଆହୁରି ମଧ୍ୟ ଡାକ୍ତର ମହୋଦୟ କୃତସଙ୍କଳ୍ପ ଓ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି କି ସହସ୍ର ରୋଗୀ ଆରୋଗ୍ୟ ହେଲେ ବଟିକାଟି ସାଧାରଣଙ୍କ ବ୍ୟବହାରାର୍ଥେ ତାହାର ଦ୍ରବ୍ୟ ଓ ପ୍ରସ୍ତୁତକରଣୋପାୟ ଏବଂ ଚିକିତ୍ସାପ୍ରଣାଳୀ ପ୍ରଭୃତି ମୁଦ୍ରାଙ୍କନାଦଦ୍ୱାରା ପ୍ରକାଶ ଓ ପ୍ରଚାର କରିବେ । ଅଳମତି ବିସ୍ତରେଣ । ପ୍ରକାଶ ଥାଉ କି ଉକ୍ତ ବଟିସେବିତ ରୋଗିମାନଙ୍କର ଜୀବିତ ଓ ମୃତର ତାଲିକା ଏପରେ ପ୍ରକାଶ କରାଇବୁ ।

ତା ୨୮।୭।୯୬ } ନିବେଦକ ସଦାଶ୍ରିତ
ଶ୍ରୀ ବୈକୁଣ୍ଠ ମହାପାତ୍ର

## ମୂଲ୍ୟ ପ୍ରାପ୍ତି

| | | |
|---|---|---|
| ଗୌରଚନ୍ଦ୍ର ଦେବ | ଭେଦାଭୋଲ | ୫ ୩୯ |
| ପ୍ରହ୍ଲାଦ ମିଶ୍ର | ଅନନ୍ତପୁର | ୫ ୩୯ |
| ଦାମୋଦର ପଟ୍ଟନାୟକ | ଅଠମଲ୍ଲିକ | ୫ ୬୯ |
| ଯୋଗି ବେହେରା | ଜଗତପୁର | ୫ ୩୯ |
| କୃଷ୍ଣଚନ୍ଦ୍ର ମହାନ୍ତି | କଟକ | ୫ ୩୯ |
| ଦାମୋଦର ପାଢ଼ୀ | ସୋର୍ଣ୍ଣ | ୨ ୨୯ |
| ଜଗନ୍ନାଥ ମିଶ୍ର | ଭାଉଁଶ | ୫ ୩୯ |

## ବିଜ୍ଞାପନ ।

# ନୂତନ ପୁସ୍ତକ ।

# ରାମବନବାସ ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରି-ସ୍ୱାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା॥ ମୋଫସଲର ଡାକମାସୁଲ ଖଣ୍ଡକୁ ଦୁଇପଇସା ।

## ନୂତନ ପୁସ୍ତକ ।

ତ୍ରିଭାଷୀ ଅର୍ଥାତ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ-ସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଶିଖି ପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ସେକ୍ରେଟରୀ

## ବିଜ୍ଞାପନ ।

ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଏତଦ୍ୱାରା ପ୍ରକାଶ କରାଯାଉଅଛି କି ସନ୍ ୧୮୯୨।୯୩ ମସିହାର ନଂ ୩୭ ନମ୍ବର ସାର୍ଟିଫିକେଟ ମକଦମାରେ ସନ ୧୮୯୨ ମସିହାର ଅପ୍ରେଲ କିସ୍ତିର ବାକି ପଥ ଓ ପ୍ରଦେଶୀୟକର ଓ ସୁଧ ଓ ଖର୍ଚ୍ଚା ସହିତ ଟ ୩୨।୦।୬ ଅଦାୟ ନିମନ୍ତେ । ତା । ପୁରୀ । ଗ୍ରା । କୋଠଦେଶ । ତା । କୋଠଦେଶ ନଂ ୭୪ ନମ୍ବର ନିଷ୍କରଭୁକ୍ତ ଜମିଦାରୀ ଉହିଁର ସଦରଜମା ଟ୮।୦।୮।୯୬/୫ଟ ଅଟେ, ପୁରୀ କଲେକ୍ଟରୀକଚେରୀରେ ସାଃ ଫିଃ ଅଫିସରଙ୍କ ସମ୍ମୁଖରେ ସନ୍ ୧୮୯୬ ମସିହା ଆଗାମୀ ଅଗଷ୍ଟମାସ ତା ୨୯ ରଖ ବେଳ ଘ ୧୨ଟା ସମୟରେ ପ୍ରକାଶ୍ୟରୂପେ ନିଲାମ ହେବ ।

ପୁରୀ କଲେକ୍ଟରୀ ଅଫିସ
ତା ୨୨ ରଖ ଜୁଲାଇ
ସନ ୧୮୯୬ } M. M., Roy
ସାର୍ଟିଫିକେଟ ଅଫିସର

Watches! Clocks! Time pieces Rep ired by an efficient workman the premises of the Cuttack Printing Company Charge moderate.

# ଘଡ଼ିମରମତି ।

ନାନାପ୍ରକାର, ଘୋଟ ବଡ଼ ଘଡ଼ିଗୁଡ଼ିକ ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ଜଣାଇ ଦେଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁସାରେ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିରୂପିତ ସମୟ ମଧ୍ୟରେ ଘଡ଼ି ଖରାପ ହୋଇଲେ ବିନାବ୍ୟୟରେ ଦୁରସ୍ତ କରିଦିଆଯିବ ।

## ଗୋଲଡ୍ଠୀ

ଘଡ଼ିର ତେଲନ କେଷ, ମୁଦ, ଫ୍ଲିଷ-ସହିତନବୋକ୍ତର ଓ ଇନଗୋଳ୍କର କମର-ଦେବାକୁ ଓସେର ସାଜ, (ଚମ୍ପାର ଓ ପିତ୍ତଳର ନାନାବିଧ ଅଳଙ୍କାରକୁ ରୂପା ଅବା ସୁନାରେ ରୂପାର ମୁଦ ଓସେର ଅଳଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ
୧୮୯୬ ।୮।୫ } ଶ୍ରୀ ଗୌରଶଙ୍କର ରାୟ

# ମେହରୋଗ ।

ଘ ୨୪ ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତୁଳାର୍ଦ୍ଧ ରୋଗ ଶରୀରକାର କ୍ଷତକ ନୁହେ ସାମାଜିକ ଅର୍ଥବ୍ୟୟ ପ୍ରକାରେ ଜୀବନର ମାୟା ପରିତ୍ୟାଗ କରୁନୁହେ

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବନ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ତହିଁର ଜନ୍ମଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଗୁରୁଙ୍କ ଉପଦେଶରେ ପଥ୍ୟକ ନ ହେଲେ ଅଭି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଟେସଙ୍ଗୋଲ ନଂ ମଣ ବନ୍ଦରରେ ଶ, ଦେ, ଘର କମ୍ପାନୀଙ୍କଠାରେ ଏବଂ କଟକ ଓଡ଼ିଆବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୦ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍

## ବିଚ୍ୟମସାହେବଙ୍କ ବଟିକା
## ( BEECHAM'S PILL. )

ଫଳ ବିବେଚନାରେ ଏ ୧୨ ଫରୁଥର ମୂଲ୍ୟ ଏକ୨ ମୋହରକୁ ଶସ୍ତା ହୋଇଯାଇ ପାରେ ।

ଏ ବଟିକା କେବଳ ଉଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ତଦ୍ଭିନ୍ନ ଅନ୍ୟ ଧାତୁ ବା ଧର୍ମହାନିକର ଦ୍ରବ୍ୟ ଦିଆ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ ! ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମସ୍ତକବ୍ୟଥା, ମୁଣ୍ଡବୁଲା, ଖୋଳକ ଉଦ୍ଗାରୁ ହୃଦୟର ପରି-ପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ଚାପୋ-

Digitized by srujanika@gmail.com

ଦୁର୍ଗନ୍ଧ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ସକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଶିଶି ଆକାର ଅନୁସାରେ ଟ ୦ ୷ ଟ ୦ ୷ ଓ ଟ ୦ ୷ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅନେକ ପ୍ରାୟ ଆଠବର୍ଷ ହେବ ସ୍ଥାପିତ ହୋଇ ସୁବନୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅଳ୍ପମୂଲ୍ୟରେ ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ ଟଙ୍କା ପଠାଇବାର ପରି-ଶ୍ରମଜନିତ୍ତ ଶତକଡ଼ା ଟ ୨। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେବଳ ବା ଇନସିଓର ଖର୍ଚ୍ଚ ସ୍ୱତନ୍ତ୍ର ହୁଏ ନାହିଁ ଏବଂ ପୋଷ୍ଟକାର୍ଡ ବା କୁଇନହେଡ ଟିକଟ ଖର୍ଚ୍ଚ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ଅନୁରୋଧ ପାଉଅଛୁଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭମାନଙ୍କ ଅଭିପ୍ରେତ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ପୁରାତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବସ୍ଥା କଷ୍ଟକଣ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ସମସ୍ତ ବୃତ୍ତାନ୍ତ ଲେଖି ପଠାଇଲେ ତାହାର ସମୁଚିତ ଔଷଧ ପଠାଉଁ ।

ଟଙ୍କା, କରୁଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ନନ୍ଦନମୋହନ ଚକ୍ରବର୍ତ୍ତୀ ।

ପରୀକ୍ଷିତ ଓ ପ୍ରତ୍ୟକ୍ଷଫଳାଯୁକ୍ତ ଔଷଧ ।

୧ । ପାଚନାଦି ତୈଳ—ଏହା ବ୍ୟବହାର କଲେ ମସ୍ତକର ଗର୍ମି ଓ କାନ୍ଧ ଶୀତଳ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ କୃଷ୍ଣ, କୋମଳ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତଶୂଳାରୋଗ—ଦାନ୍ତ ଯନ୍ତ୍ରଣାରେ ସଜ୍ଜ କରୁ ପ୍ରୟୋଗ କଲେ ଜ୍ୱାଳା ଯନ୍ତ୍ରଣା ଏକମାତ୍ର ଦଣ୍ଡ ଥାଏ ନାହିଁ । ପ୍ରତି ଶିଶିର ମୂଲ୍ୟ ଦୁଇଅଣା ମାତ୍ର ।

୩ । ଶୂଳସଂହାରଣ—ଏହା ଯଥାବିଧି ସେବନ କଲେ ସ୍ତ୍ରୀଲୋକ ବା ପୁରୁଷ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାଶୟ ) ଓ କଳଙ୍କାଦି ଅତି ଯନ୍ତ୍ରଣାଦାୟକ-ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠରୋଗ ବଟିକା—ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧତା ଜନିତ ଅନେକ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦର, ଯକୃତ, ପାଣ୍ଡୁ ଓ ଚକ୍ଷୁରୋଗ ପ୍ରଭୃତି ଓ ଦୁର୍ବଳତା ଆରୋଗ୍ୟ ହୁଏ ।

ଏହା ଉତ୍କୃଷ୍ଟ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଚ୍ୟବନପ୍ରାଶ ଅବଲେହ—ଏହା ସେବନ କଲେ ନାନା ଦୋଷ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ଜ୍ୱର, ସୂତିକା ଓ ଜ୍ୱରର ଓ ପାଲାଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅତିସ୍ନିଗ୍ଧ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ନିବୃତ୍ତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅତିସ୍ନିଗ୍ଧ ଆହାର, ଅତ୍ୟନ୍ତ ଅଧିକ ପରିଶ୍ରମ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁରୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, ଚର୍ମରୋଗ, ସାନ୍ଧି ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଆରୋଗ୍ୟ ହୋଇ ମାନବଦେହ ଉତ୍ତମ ସ୍ୱାସ୍ଥ୍ୟ ଓ ଯୌବନଯୁକ୍ତ ହୁଏ । ଗ୍ରୀଷ୍ମକାଳରେ ମଧ୍ୟ ବାଳ-ବାଳିକାମାନଙ୍କୁ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ରଣ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ତିନି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ନନ୍ଦନମୋହନ ଚକ୍ରବର୍ତ୍ତୀ । V. L. M. S.

## ବିଜ୍ଞାପନ ।

ଉତ୍କଳଦୀପିକା ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରାଙ୍ଗଙ୍କର ସପକ୍ଷ ଦ୍ୱାରା ଉପର୍ଲିଖିତ ସଂସ୍କରଣମାନ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ | ରତି | ମାଲ | ଠ ୧୫ ॥ ୨୦ | ଓ ୧୫ ॥ ୦୦ |
| ୧୮ | ରତି | " | " ॥ ୨୦ | " ॥ ୦୦ |
| ୧୬ | ରତି | " | " ॥ ୨୫ | " ॥ ୦୦ |
| ୨୨ | ରତି ଜୟଗୋପାଳ | " | ॥ ୩୦ | " ॥ ୦୦ |

ପ୍ରଯୁକ୍ତ ବାବୁ ଗୌରାଙ୍ଗଙ୍କର ସପକ୍ଷର ଚଳୁଥିବା ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲମ ଓ ରେଶମୀ ଓ ଟେସରର ଲୁଗା ଓ ଷ୍ଟେସନରୀ ଓ ନାନା-ଜାତି ଜିନିଷ ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଧୃତ ଅନେକପ୍ରକାର ସେପ୍ରକାର ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

## ବିଜ୍ଞାପନ ।

ଏ ସାରଦୁ କେହିଜଣେ ଯାଉଥିଲେ ରାସ୍ତା ପାଖରେ ଦୁଇଟା ଘୋଡ଼ା ହରାଇ ଦେଲେ ପାଇଲା ଲୋକ ହେବ ସେଇ ଯେବେ ଆମକୁ ଲେଖିଦେଲେ ମଜୁରି ଦେବ ଓ । ଧରିବ ନାହିଁ ।

କଟିଲ ତନଖା ଓ ଖାତରେ ଲଗାଇବାର ଜାଗା ମଧ୍ୟ ଅଛି ।

ଶ୍ରୀ ଶରତଚନ୍ଦ୍ର ଦାସ ବର୍ମା ।

ଉତ୍କଳଦୀପିକା ପତ୍ରିକାର ସମ୍ପାଦକ ଗ୍ରାହକମାନଙ୍କ ପାଇଁ ନିମ୍ନଲିଖିତ ମୂଲ୍ୟ ନିର୍ଦ୍ଧାରିତ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଆଗୁରା ଟ ୦୷

ଅଣ୍ଟମାସକୁ ଟ ୨୷

ବର୍ଷେ ଏକ ଥରକୁ ଟ ୩,

ମାତ୍ର କୌଣସି ଗ୍ରାହକ ଯେବେ ଶୀଘ୍ର ଦେଲେ ତହିଁର ଅର୍ଦ୍ଧ ଟ ୦୷ ଦୁଇଅଣା ଦେବ ନାହିଁ ।

ଦୁଇସ୍ଥ ଓ ଦରିଦ୍ରଙ୍କର ସକାଶେ ଶର୍ତ୍ତ ପ୍ରଥମ ଥରର ରେଟ ଓ ଦ୍ୱିଗୁଣ ଧରାଯିବ ନାହିଁ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତା ପଠାଇବାକୁ ହେବ ।

ଶ୍ରୀ ଏହି ଉତ୍କଳଦୀପିକା କଟକ ଜିଲା ଚଉଧୁରୀବଜାର ଷ୍ଟେଟ ପ୍ରିଣ୍ଟିଂ କମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୭ ଶ | ୩୨ ଅଙ୍କ ସଂଖ୍ୟା

ତା ୧୩ ଦଶ ମହେ ଅଗଷ୍ଟ ସନ ୧୮୯୨ ମସିହା । ମୂ । ଶ୍ରାବଣ ୫ ୩୧ ଜ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯

ପଶ୍ଚାଦେୟ ଟ ୪୯

ବାଲେଶ୍ୱରରେ ଗତ ସପ୍ତାହରେ ଏ ନଗରପର ଦବା ରାତ୍ର ମେଘ ଯୋଗି ରହିଥିଲା ମାତ୍ର ବୃଷ୍ଟି ଅଧିକ ହୋଇ ନାହିଁ । ଅଭାବରେ ଗତ ଦେଖି ସେଠା କୃଷକମାନେ ଭାବିତ ଅଛନ୍ତି ।

---

ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ରୁଷିଅ ଉଦ୍ଦେଶ୍ୟ ସେନା ପଠାଇ ହିନ୍ଦୁକୁଶ ପର୍ବତର ଉତ୍ତରାର୍ଦ୍ଧର ଉପତ୍ୟକା ଅଧିକାର କରି ଚୀନମାନଙ୍କୁ ସେଠାରୁ ତଡ଼ି ଦେଇ ଅଛି ଏବ ସୁଉାସନାର ବନ୍ଦୋବସ୍ତ ଲାଗିଅଛି ।

---

କାବୁଲର ଅମୀର ଇଂରାଜଙ୍କ ଆମନ୍ତ୍ରଣମତେ ଭାରତବର୍ଷକୁ ଆସିବାକୁ ଅସମ୍ମତ ହେବାରୁ ଭାରତଗବର୍ଣ୍ଣମେଣ୍ଟ ତାହାଙ୍କ ନିକଟକୁ ଦୂତନିଚୟସହିତ ଦୂତ ପଠାଇବାର ସ୍ଥିର କରିଅଛନ୍ତି । ସୀମାସଙ୍କାନ୍ତ କେତେକ ବିଷୟ ମୀମାଂସା କରିବା ଏଥିର ଅଭିପ୍ରାୟ ଅଟଇ ।

---

ଉତ୍ତରଅ ଓ ନବସମ୍ବାଦରୁ ଜଣାଯାଏ ଯେ ମୋହରମ ପର୍ବ ସେଠାରେ ଉତ୍ତବାର ଆରମ୍ଭ ହୋଇ ବୁଧବାର ଉଭୟସ୍ଥ ହୋଇଥିଲା । ସମ୍ପ୍ରତି ଏଠାରେ ତହିଁ ଅରଦନ ହୋଇଥିଲା । ସମ୍ପ୍ରତି ବାଲେଶ୍ୱରର ମୁସଲମାନମାନେ ସେଠାର ଆକାଶ ପରିଷ୍କାର ଥିବାରୁ ତହିଁ ପୂର୍ବ ମାନବାର ସନ୍ଧ୍ୟାସମୟରେ ଚନ୍ଦ୍ର ଦର୍ଶନ କରିଥିଲେ ।

---

କେନ୍ଦ୍ରାପଡ଼ାକାଲର ଘାଇମାନ ବନ୍ଦ ହୋଇ ଅଛି ମାତ୍ର କାଳମଧ୍ୟରେ ଏତେ ବାଲି ଜମା ହୋଇଅଛି ଯେ ତାହା ପରିଷ୍କାର ହେବାକୁ ଅନ୍ତତଃ କତିପୟ ବିଲମ୍ବ ହେବ କେନ୍ଦ୍ରାପଡ଼ାଠାରୁ ହାଜିପୁର ପର୍ଯ୍ୟନ୍ତ ନାହାଇ ବା ନୌକା ଯାତାୟତ ଏକାବେଳକେ ବନ୍ଦ ଅଛି । କାଲ ହେବାଦିନଠାରୁ ବାଣିଜ୍ୟରେ ଏପରି କ୍ଷତି କେବେ ହୋଇ ନ ଥିଲା ।

---

ଏସପ୍ତାହରେ ଏନଗରରେ ଅଧିକ ବୃଷ୍ଟି ହୋଇ ନାହିଁ । ଆକାଶ ନିର୍ମଳ ଏବଂ ସ୍ୱଚ୍ଛ ଥାଉଅଛି କେବଳ ଦକ୍ଷିଣା ପବନ ଅନବରତ ବହିବାରୁ ଗ୍ରୀଷ୍ମର କୋପ ଜଣାପଡ଼ି ନାହିଁ । ଶ୍ରାବଣମାସରେ ଭାଦ୍ରର ଚାଣକ୍ଷ ଦେଖି କୃଷକମାନଙ୍କର ଭୟ ହୋଇଅଛି ଏବଂ ଠାବେ ଠାବେ ବଥାନ ଫସଲକୁ ବାଧିବାର ସମ୍ବାଦ ଆସୁଅଛି । ଶୀଘ୍ର ବୃଷ୍ଟି ନ ହେଲେ ବିଶେଷ କ୍ଷତି ହେବ ।

---

ସମ୍ବାଦପତ୍ରରେ ପ୍ରକାଶ ଯେ ସିକିମର ରାଜା କୌଣସିମତେ ସ୍ୱଜତ୍ୱ କରିବାକୁ ସମ୍ମତ ନୁହନ୍ତି । ବଙ୍ଗୀୟଗବର୍ଣ୍ଣମେଣ୍ଟ ତାହାଙ୍କୁ ଅନେକ ବୁଝାଇ ବିଫଳ ହେବାରୁ ତାହାଙ୍କର ପୁତ୍ରଙ୍କୁ ରାଜା କରିବାର ବାଞ୍ଛା କରୁଅଛନ୍ତି । ସେ ପୁତ୍ର ବର୍ତ୍ତମାନ ତିବ୍ବତରେ ଅଛନ୍ତି । ସମ୍ମତ ହେବେ କି ନାହିଁ ଜଣା ନାହିଁ । କି କାରଣରୁ ରାଜା ଇଚ୍ଛାପୂର୍ବକ ରାଜପଦ ପରିତ୍ୟାଗ କରିବାକୁ ପ୍ରସ୍ତୁତ ପ୍ରକାଶ ପାଇ ନାହିଁ ।

---

ବରୋଦାର ଗୁଇକୁମାର ପତ୍ନୀ ଓ ପୁତ୍ରସହିତ ବିଲାତ ଗମନ କରିଅଛନ୍ତି । ମହାରାଣୀ ଶ୍ରୀମତୀ ଭିକ୍ଟୋରିଆ ଏକଦିନ ଗୁଇକୁମାରଙ୍କୁ ସପରିବାରେ ଆପଣା ରାଜଭବନକୁ ଆମନ୍ତ୍ରଣ କରି ଯଥୋଚିତ ଆଦର ସମ୍ମାନ ପ୍ରଦର୍ଶନପୂର୍ବକ ଏକସଙ୍ଗରେ ସେମାନଙ୍କସହିତ ଭୋଜନ କରିଥିଲେ । ଏକ ଦେଶରେ ହିନ୍ଦୁମାନଙ୍କର ସମୁଦ୍ରଯାତ୍ରା ଅବୈଧ ବୋଲି ଘୋର ପ୍ରତିବାଦ ଏବଂ ଅନ୍ୟଦେଶରେ ଜଣେ ପ୍ରଧାନ ହିନ୍ଦୁ ମହାରାଜାଙ୍କର ସମୁଦ୍ରପାରେ ବିଲାତ ଗମନ ଏବଂ ଖ୍ରୀଷ୍ଟିୟାନଙ୍କ ସହିତ ଏକତ୍ରେ ଭୋଜନ ବଡ଼ ଚମତ୍କାର ଦୃଶ୍ୟ ଅଟଇ ।

---

ବଙ୍ଗୀୟ ପୁଲିସଇନସ୍ପେକ୍ଟର ଜେନରଲ ହେନସ୍ସାହେବ ଗତ ସପ୍ତାହରେ ବାଲେଶ୍ୱରରେ ଥିଲେ । ଏଥି ମଧ୍ୟରେ କଲିକତା ଯାଇଅଛନ୍ତି । ତାହାଙ୍କୁ ନିକଟରେ ପାଇ ଜଣେ ସବ୍ ଇନସ୍ପେକ୍ଟର ଓ ଜଣେ ହେଡ଼କନଷ୍ଟେବଲ ପଦୋନ୍ନତିର ଆବେଦନ କରିଥିଲେ ମାତ୍ର ସେ ଆବେଦନପତ୍ର ଶ୍ରୀଯୁତ ମାଜିଷ୍ଟ୍ରେଟ ସାହେବଙ୍କଦ୍ୱାରା ପ୍ରେରିତ ହୋଇ ନ ଥିବା ଦୋଷରୁ ହେନସ୍ସାହେବ ମହୋଦୟ ସେମାନଙ୍କୁ ସସପେଣ୍ଡ କରିଅଛନ୍ତି ସମ୍ବାଦବାହକଙ୍କାରୁ ଏହି

Digitized by srujanika@gmail.com

ବୃତ୍ତାନ୍ତ ପାଠକରି ଅମ୍ଭେମାନେ ଆଶ୍ଚର୍ଯ୍ୟ ଓ ଦୁଃଖିତ ହେଲୁଁ । ଦୁଃଖ ଜଣାଇବାରେ ଏହିଁ ଫଳ ?

---

ସମ୍ପ୍ରତି ଏ ଜିଲ୍ଲାର ମଧ୍ୟାଞ୍ଚଳରେ ଦୁଇଟି ଡକାଇତି ହୋଇଅଛି । ଜଗତସିଂହପୁର ଥାନା-ନ୍ତର୍ଗତ ଢାଙ୍କେ ପ୍ରଗନାର ବହୁପାଳ ମଉଜାର ଜଣେ ଶୂଦ୍ର ଘରେ ପ୍ରାୟ ଜ ୫୦ ଣ ଲୋକ ପ୍ରବେଶ କରି ତାହା ଘରୁ ଧାନ, ଗହଣା ଓ ଲୁଣ ପ୍ରଭୃତି ଅପହରଣ କରିଥିଲେ । ତର୍ତ୍ତୋଳ-ଥାନାନ୍ତର୍ଗତ ଆଲୁଅପଦା ନିକଟବର୍ତ୍ତୀ ଖରମଙ୍ଗ ମଉଜାର ଜଣେ ଶୂଦ୍ର ଘରେ ପ୍ରାୟ ଜ ୨୦ ଣ ଖଣ୍ଡ ଖଣ୍ଡା, ତରବାର ପ୍ରଭୃତି ଘାତାରକ ଅସ୍ତ୍ର-ସହିତ ପ୍ରବେଶ କରି ହାଣ୍ଡିରୁ ଭାତ ଖାଇ ଧାନ ଚାଉଳ ପ୍ରଭୃତି ନେଇ ଯିବାର ଉଦ୍‌ଯୋଗ କରୁଥିବା ସମୟରେ ଗ୍ରାମବାସିମାନଙ୍କଦ୍ୱାରା ଆକ୍ରାନ୍ତ ହେଲେ । ଧାନ ଚାଉଳ ଇତ୍ୟାଦି ସ୍ଥାନର ଅପହୃତ ଦ୍ରବ୍ୟମାନଙ୍କର ପ୍ରଧାନ ଅଂଶ । ଡକାଇତି ଏମାନଙ୍କର ବୃତ୍ତି କମା କେବଳ ଅନ୍ନକଷ୍ଟ ହେତୁ ଏହା କରିଅଛନ୍ତି ମୋକଦ୍ଦମାର ବିଚାରରେ ପ୍ରକାଶ ପାଇବ । ଜଗତସିଂହପୁର ଡକାଇତର ଜ ୧୩ ଣ ଆସାମୀ ଧରା ହୋଇ ହସ୍ତ-ସ୍ୱାଧୀନରେ ଅଛନ୍ତି ।

---

ବାଲେଶ୍ୱରର ସଦରବିଭାଗରେ ଏପର୍ଯ୍ୟନ୍ତ ହଳ କରିବାଯୋଗ୍ୟ ବୃଷ୍ଟି ନ ହେବାରୁ ସେଠା କୃଷିମାନଙ୍କର ବଡ଼ ଭାବନା ହୋଇଅଛି । କିନ୍ତୁ ହାଇଲେବଲ କେନାଲର ନିକଟବର୍ତ୍ତୀ କୃଷିମାନେ ନାଳଜଳଦ୍ୱାରା କୃଷିକାର୍ଯ୍ୟ ଶେଷ କରି ନିଶ୍ଚିନ୍ତ ରହିଅଛନ୍ତି । ଓଡ଼ିଅ ଓ ନବସମ୍ବାଦ ଏହା ଦେଖି ହାଇଲେବଲ-କେନାଲ ବନ୍ଦରରୁ ବାଲେଶ୍ୱରକୁ ଫିଟାଇ ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଦୃଢ଼ରୂପେ ଅନୁରୋଧ କରିଅଛନ୍ତି । ଦୁର୍ଭାଗ୍ୟବଶତଃ ଓଡ଼ିଶାର ନାଳକାର୍ଯ୍ୟ ଏପର୍ଯ୍ୟନ୍ତ ଅଗ୍ରସର ହୋଇ ନାହିଁ । ପ୍ରତି ବର୍ଷ ଅନେକ ଟଙ୍କା କ୍ଷତି ପଡ଼ୁଅଛି ଏବଂ ସମସ୍ତ ପ୍ରଜା ଏଥିରେ ସନ୍ତୁଷ୍ଟ ନାହାନ୍ତି । ଏପରି ସ୍ଥଳେ ନାଳକାର୍ଯ୍ୟ ବିସ୍ତାର ହେଲେ ସରକାରଙ୍କର କ୍ଷତିର ପରିମାଣ ବଢ଼ିବ ଏବଂ ତାହା ପୂର୍ଣ୍ଣ କରିବା କାରଣ ଅନ୍ୟ କର ଦେବାକୁ ହେବ । ଏହି ଭୟରେ ସରକାର ନାଳବୃଦ୍ଧିରୁ ଶାନ୍ତ ହୋଇଅଛନ୍ତି କିନ୍ତୁ ପ୍ରଥମ କଳ୍ପନା ମତେ ପୁରୀରୁ ମେଦନା-ପୁର ପର୍ଯ୍ୟନ୍ତ ନାଳ ଖୋଲାଇବା ଢଳମ୍ ଘଟି ନ ଥାନ୍ତା ।

---

ବାବୁ ଉପେନ୍ଦ୍ରଚନ୍ଦ୍ର ମିତ୍ର ବକ୍ତୃତାର୍ଥ ହିନ୍ଦୁଧର୍ମ ପ୍ରଚାର କାର୍ଯ୍ୟରେ ଏନଗରକୁ ଆସିଥିବାର ଗତ ସପ୍ତାହରେ ଜଣାଇ ଅଛୁଁ । ପ୍ରଥମଦିନ ପ୍ରିଣ୍ଟିଂକୋମ୍ପାନୀଙ୍କ କୋଠାରେ ବକ୍ତୃତା କରି ତହିଁରୁ ଦୁଇଦିନ ବାବୁ ହରିବଲ୍ଲଭବସୁଙ୍କ କୋଠାରେ ଏକଦିନ ଗୋପାଳ ଯିଉଙ୍କ ମଠରେ ବକ୍ତୃତା ପ୍ରଦାନ କରି ଥିଲେ । ଗତ ସୋମବାର ନଗରକୀର୍ତ୍ତନ ଏବଂ ବୁଧବାର ବିଦ୍ୟାଳୟର ଛାତ୍ରମାନଙ୍କ ଅନୁରୋଧ ମତେ ପୁଣି ଗୋପାଳ-ଯିଉଙ୍କ ମଠରେ ଓ ଗୁରୁବାର ବାବୁ ହରିବଲ୍ଲଭ-ବସୁଙ୍କ କୋଠାରେ ବକ୍ତୃତା ହୋଇଥିଲା ଏହି ସନ୍ଧ୍ୟାରେ ବାବୁ ପୁରୀ ଯିବା କାରଣ ସମସ୍ତଙ୍କଠାରୁ ବିଦାୟ ଗ୍ରହଣ କଲେ । ଏ ମହାଶୟ ବକ୍ତୃତା କରିବାରେ ଯେମନ୍ତ ଅକ୍ଳାନ୍ତ ନଗରବାସି-ମାନେ ଶୁଣିବାକୁ ତେମନ୍ତ ଦେଖା ଯାଉଥିଲେ । ବାସ୍ତବରେ କୌଣସି ବକ୍ତା ଏନଗରେ ଏପରି ସଫଳ ହୋଇ ନାହିଁ । ଶ୍ରୋତାମାନେ ଉପଦେଶ ଶୁଣିବାକୁ ଯେପରି ଅନୁରାଗ ଦେଖାଇଲେ ଯେବେ ଧର୍ମସାଧନରେ ସେହିପରି ତତ୍ପର ହେବେ ତେବେ ପ୍ରକୃତ ଫଳ ଲାଭ ହେବ । ଭଗବଦ୍ଭକ୍ତି ପ୍ରଦାୟିନୀ ସଭା ଏହାଙ୍କ ଦ୍ୱାରା ଏକମାତ୍ର ଏଠାରେ ରକ୍ଷିତ ସଭାର ପୁଷ୍ଟିସାଧନ କରି ଥିଲେ ଭଲ ହୋଇ ଆନ୍ତା ।

---

ଗତ ଭୟଙ୍କର ଜଳବୃଦ୍ଧିସମ୍ବନ୍ଧରେ ଏକ-ଖଣ୍ଡ ପତ୍ର ଯଥାସ୍ଥାନରେ ପ୍ରକାଶିତ ହେଲା । ଏଥିରୁ ପାଠକମାନେ ଲେଖକଙ୍କ କି ପରିମା-ଣରେ କଷ୍ଟ ଓ କ୍ଷତି ହୋଇଅଛି ଅନାୟାସରେ ବୁଝିପାରିବେ । ଶସ୍ୟର ଦୁର୍ମୂଲ୍ୟସମୟରେ ଏସବୁ କ୍ଷତିପୂରଣ ଅନେକଙ୍କ ପକ୍ଷରେ ସହଜ ନୁହଇ । କାହାଠାରୁ ସାହାଯ୍ୟ ପାଇବାର ଆଶା କରିବା ବୃଥା । ସ୍ଥାନୀୟ ବାବୁମାନେ ଯେ ସ୍ଥଳେ ଗତ ନବମ୍ବର ମାସର ବାତ୍ୟାପୀଡିତ ବ୍ୟକ୍ତିଙ୍କର ସାହାଯ୍ୟାର୍ଥେ ଏପର୍ଯ୍ୟନ୍ତ କିଛି ନ କଲେ ସେସ୍ଥଳେ ସେମାନେ ବନ୍ୟାପୀଡିତ ବ୍ୟକ୍ତିଙ୍କ ଘରଦ୍ୱାର ବା ଦ୍ରବ୍ୟାଦି ପାଇଁ ବ୍ୟସ୍ତ ହେବେ ନାହିଁ । ଯାହା ହେଉ ଗତ କଲିକତା ଗେଜେ-ଟରେ ଦେଖିଲୁଁ ଯେ କଟକ କଲେକ୍ଟର ଗତ ବଢ଼ିର ଅବସ୍ଥାବାଚକ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରେ ତ୍ରୁଟି କରି ନାହାନ୍ତି ଏଥି ପାଇଁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ମାତ୍ର ପୁରୀରେ ଅନେକ କ୍ଷତି ହୋଇଥିବାର ଶୁଣାଯାଉଥିଲେ-ହେଁ ସେଠା କଲେକ୍ଟର ତହିଁର ସବିଶେଷ ବିବରଣ ଜାଣିବା ଦୂରରୁ ଗବର୍ଣ୍ଣମେଣ୍ଟଙ୍କୁ ଆ-ଭାସ ଦେଇଅଛନ୍ତି ବା ବିଶେଷ କ୍ଷତିର ବିଷୟ ନାହିଁ । ପୁରୀକଲେକ୍ଟରଙ୍କର ପ୍ରଜାଙ୍କଠାରେ ଏପରି ସହାନୁଭୂତି ଦେଖି ଅମ୍ଭେମାନେ ଆଶ୍ଚର୍ଯ୍ୟ ହୋଇଅଛୁଁ ।

---

ଏଠା ପଲ୍ଟନର ଇଂରେଜକର୍ମଚାରୀମାନେ ମହାନଦୀକୂଳସ୍ଥ ବେପାରୀମାନଙ୍କ ପ୍ରତି ଅତ୍ୟାଚାର କରିଥିବାର ତିନଗୋଟି ମକଦ୍ଦମା ଏଠା ଫୌଜଦାରୀ ଅଦାଲତରେ ଦାଏର ହୋଇଅଛି । ମହତାବରାଁ ଜଣେ କାଠବେପାରୀ ନାଲିସ କରେ ଯେ ଏ ମାସ ତା ୮ ରିଖରେ ପଲ୍ଟନର ବଡ଼ସାହେବ ଓ ଗ୍ରେହାମସାହେବ-ମାନେ ଅନୁମାନିକ ଦୁଇଶତ ଜଣ ସିପାହି ଓ ୩୦ ଖଣ୍ଡ ଗାଡି ସହିତ ତାହାର କାଠଗୋଲାରେ ପହୁଞ୍ଚି ବଳାତ୍କାର ଓ ବିନା ମୂଲ୍ୟରେ ପାଞ୍ଚଗାଡି କାଠ ଲଦାଇ ନେଲେ ଓ ଅବଶିଷ୍ଟ କାଠ ପାଣିରେ ଫୋପାଡ଼ି ଦେଲେ । ନେଇଥିବା କାଠର ମୂଲ୍ୟ ଟ ୨୦ ଙ୍କା ଓ ନଷ୍ଟହେବା କାଠର ମୂଲ୍ୟ ଟ ୮୦ ଙ୍କା ପର୍ଯ୍ୟନ୍ତ ହୁଅନ୍ତା । ଗଙ୍ଗାଇ-ସାହୁ ନାଲିସ କରେ ଯେ ଉପର ଉକ୍ତ ଆସାମୀମାନେ ତାହାର ଲୁଣଗଦା ଠାରେ ପହୁଞ୍ଚି ନିଆଁ ଲଗାଇ ଦେଇ ଅନୁମାନିକ ଶଏଟଙ୍କାର ଛଣ ପୋଡିଦେଲେ କାରଣ ପଚାରିବାରେ ସିପାହି-ମାନେ ସଙ୍ଗିନ ଉଞ୍ଚାଇଲେ । ବୈରାଗୀ ଦାସ ଗୁହାରି କରେ ଯେ ଆସାମିମାନେ ତାହାର ଦୋକାନରେ ପଶି ଚାଉଳ ଡାଲି ଇତ୍ୟାଦି ଖା-ଦ୍ୟଦ୍ରବ୍ୟ ଓ କଣ୍ଟାର ଲୁହାଡ଼ି ପଟା ଇତ୍ୟାଦି ସୁଦ୍ଧା ସାମଗ୍ରୀ କେତେକ ନଷ୍ଟକରି ଦେଲେ ଓ କେ-ତେକ ନେଇଗଲେ ଏବଂ ତାହାକୁ ମାଡ଼ ଦିଅ-ଇଲେ । ଏ ମୋକଦ୍ଦମାମାନ ସମ୍ପ୍ରତି କୋନସା-ହେବ ଡେପୁଟୀମେଜିଷ୍ଟ୍ରେଟଙ୍କ ହସ୍ତାଧୀନରେ ଅଛି । ମୁଦେଇର ଉକିଲ ହୋଇ ସାହେବ-ଦ୍ୱୟଙ୍କ ନାମରେ ସମନ ହୋଇ ଅଛି ।

---

ହରଦ୍ୱାରମେଳା ଦଙ୍ଗାର ଅନୁସନ୍ଧାନ ।

ଜଣେ ପତ୍ରପ୍ରେରକ ଉଲ୍ଲିଖିତ ତାରସମ୍ବାଦ ଅମ୍ଭମାନଙ୍କ ନିକଟକୁ ପଠାଇଅଛନ୍ତି । ଯଥା;

HARDWAR 9th August 1892.

Hardwar enquiry regarding *Maha-*

*varuni* fair dispersion begun under Government orders. Some local evidence already taken. Persons who can furnish direct evidence urgently invited, as government has consented to take their deposition. Commission declined postponement, so no time should be lost; *Somavati Amavas* head. Let people who suffered, come and serve the double object of bathing on such auspicious occasion and doing public service by placing true facts before government. Persons coming are advised to intimate their dates of arrival to Babu Shyama Prasanna Mazumdar, representative british Indian Association, or Pandit Gopinath of Lahore at Rai Surajmalls *Dhoramsala Hurdwar*.

ଏଥିର ମର୍ମ ଏହିକି ଗତ ମହାବାରୁଣୀ ସମୟରେ ଯାତ୍ରା ବନ୍ଦ କରି ଯାତ୍ରିମାନଙ୍କୁ ବାହାର କରି ଦେବା ବିଷୟର ଅନୁସନ୍ଧାନ ଗବର୍ଣ୍ଣମେଣ୍ଟଙ୍କ ଆଦେଶକ୍ରମେ ଆରମ୍ଭ ହୋଇ କେତେକ ସ୍ଥାନୀୟ ଲୋକଙ୍କ ଜୋବାନବନ୍ଦୀ ଗୃହୀତ ହୋଇଅଛି । ଯେଉଁମାନେ ପ୍ରତ୍ୟକ୍ଷସାକ୍ଷ୍ୟ ଦେଇପାରିବେ ଗବର୍ଣ୍ଣମେଣ୍ଟ ସେମାନଙ୍କର ଜୋବାନବନ୍ଦୀ ନେବାକୁ ସମ୍ମତ ହୋଇଅଛନ୍ତି । ଅତଏବ ଯେଉଁମାନେ ଗତ ମହାବାରୁଣୀ ସମୟରେ ତୀର୍ଥ କରିବାକୁ ଯାଇ ନାନା କଷ୍ଟ ପାଇ ନିରାଶ ହୋଇ ଫେରି ଆସିଅଛନ୍ତି ସେମାନଙ୍କୁ ପ୍ରାର୍ଥନା ସେ ଅବିଳମ୍ବେ ସେଠାକୁ ଯାଇ ଯଥାର୍ଥ ସାକ୍ଷ୍ୟ ଦେବାଦ୍ୱାରା ସାଧାରଣର ଉପକାର କରିବେ ଏବଂ ନିକଟରେ ପଡ଼ିବା ସୋମବତୀ ଅମାବାସ୍ୟା ଦିନ ସ୍ନାନ କରି ଧର୍ମ ସଞ୍ଚୟ କରିବେ । ଏକ ଯାତ୍ରାରେ ଉଭୟ କାର୍ଯ୍ୟ ସାଧିତ ହେବ । ଏମନ୍ତ ସୁଯୋଗ ଘଡ଼ିବାର ନୁହଇ । ଯେଉଁମାନେ ଯିବେ ସେମାନେ ହରଦ୍ୱାରଠାରେ କେଉଁଦିନ ପହଞ୍ଚିବେ ତହିଁର ସମ୍ବାଦ ହରଦ୍ୱାର ସ୍ଥିତ ସୂର୍ଯ୍ୟମଲଙ୍କ ଧର୍ମଶାଳା ଠିକଣାରେ ଭାରତସଭାର ପ୍ରତିନିଧି ବାବୁ ଶ୍ୟାମାପ୍ରସନ୍ନ ମଜୁମଦାର ଅଥବା ଲାହୋର ନିବାସୀ ପଣ୍ଡିତ ଗୋପୀନାଥଙ୍କ ନିକଟକୁ ପଠାଇବେ ।

ଆମ୍ଭେମାନେ ଅନୁମାନ କରୁଁ ଓଡ଼ିଶା ଓ ଗଞ୍ଜାମ ପ୍ରଭୃତି ଦକ୍ଷିଣରୁ କେତେକ ଲୋକ ଗତ ମହାବାରୁଣୀ ସମୟରେ ହରଦ୍ୱାରକୁ ଯାଇଥିଲେ । ତୀର୍ଥ କରି ନ ପାରିବା ଏବଂ ଅନ୍ୟାନ୍ୟ ପ୍ରକାର ଲାଞ୍ଛିତ ହୋଇଥିବା ହେତୁ ସେମାନଙ୍କର ବିଶେଷ ଶାରୀରିକ ଓ ମାନସିକ କଷ୍ଟ ହୋଇଥିବ ସନ୍ଦେହ ନାହିଁ । ସେ ଦୁଃଖର ପ୍ରତୀକାର ସ୍ୱରୂପ ଅନୁଭବୀଙ୍କ ମଧ୍ୟରୁ କେହି ଏ ସମୟରେ ସେଠାକୁ ଯାଇ ସାକ୍ଷ୍ୟ ଦେଲେ ତାହାଙ୍କ ଯୋଗେ ଭବିଷ୍ୟତ୍ ସାଧାରଣ ଅତ୍ୟାଚାର ନିବାରଣ ଏବଂ ଧର୍ମରକ୍ଷାର ସାହାଯ୍ୟ ହେବ ଏହା ସାମାନ୍ୟ ପୁଣ୍ୟ ନୁହଇ । ଭରସା କରୁଁ ଏହି ପୁଣ୍ୟ ଅର୍ଜିବାକୁ ସେମାନେ ଅଗ୍ରସର ହେବେ ।

---

ଅଯଥା ଆକ୍ରମଣ ।

ବାଲେଶ୍ୱରର ଜଣେ ମୁକ୍ତାର ଓ ମିଉନିସିପଲ୍ କମିଶ୍ନର ବାବୁ ଲଳିତମୋହନ ସରକାର ମିଉନିସିପାଲିଟୀରୁ ଅନୁମତି ନ ନେଇ ପୁରୁଣା ପୁଷ୍କରିଣୀ ଖୋଳାଇ ଥିବାରୁ ମାଜିଷ୍ଟ୍ରେଟଙ୍କ କଚେରୀରେ ଆସି ଟ ୧୦ ଙ୍କା ଅର୍ଥଦଣ୍ଡ ଦେଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ଲଳିତବାବୁ ଏଥିମଧ୍ୟରେ ଏ ନଗରକୁ ଆସି ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତି ବିରୁଦ୍ଧରେ ଜଜ ସାହେବଙ୍କଠାରେ ମୋସନ କରିଅଛନ୍ତି ଏବଂ ମୋସନ ମଞ୍ଜୁର ହୋଇ ନଥି ତଲବ ହୋଇଅଛି । ତାହାଙ୍କର ଆପତ୍ତି ଆଇନସଙ୍ଗତ ଓ ବୃତ୍ତାନ୍ତଘଟିତ ଉଭୟ ପ୍ରକାରର ଅଟଇ । ଅର୍ଥାତ୍ ମିଉନିସିପଲଆଇନର ଷଷ୍ଠ ଅଧ୍ୟାୟ ର ଯହିଁର ଗୋଟିଏ ଧାରାରେ ବିନା ଅନୁମତିରେ ପୁଷ୍କରିଣୀ ଖୋଳିବା ନିଷେଧ ଅଛି ତାହା ବାଲେଶ୍ୱରରେ ଆଇନମତେ ଜାରି ହୋଇ ନାହିଁ ଏବଂ ସେ ନୂତନ ପୁଷ୍କରିଣୀ ଖୋଳାଇ ନାହାନ୍ତି କେବଳ ଗୋଟାଏ ପୁରୁଣା ଗଡ଼ିଆଟିକୁ ବଢ଼ାଇ ଅଛନ୍ତି । ଏ ସବୁ ଆପତ୍ତି ସେ ବିଗ୍ରହକର୍ତ୍ତା ଡେପୁଟୀ ମାଜିଷ୍ଟ୍ରେଟଙ୍କଠାରେ କରିଥିଲେ ଏବଂ ପ୍ରମାଣ ଦେବାକୁ ପ୍ରସ୍ତୁତ ଥିଲେ ମାତ୍ର ହାକିମ ତାହାସବୁ ନ ଶୁଣି ତାହାଙ୍କ ପ୍ରତି ଦଣ୍ଡବିଧାନ କଲେ । ପ୍ରଚଳିତ ଆଇନର ଷଷ୍ଠ ଧାରା ଜାରି କରିବାର ଆବଶ୍ୟକତା ଅଳ୍ପଦିନ ହେଲା କଲିକତା ହାଇକୋର୍ଟ ନିଷ୍ପତ୍ତି କରିଅଛନ୍ତି ଏବଂ ତଦନୁସାରେ ବଙ୍ଗୀୟ ଲେଜିସ୍ଲେଟିଭ ଆଇନ ସଂଶୋଧନ କରିବାର ପାଣ୍ଡୁଲିପି ବ୍ୟବସ୍ଥାପକସଭାରେ ଉପସ୍ଥିତ କରାଇ ଅଛନ୍ତି । ଏହି ପାଣ୍ଡୁଲିପି ମତାମତ ସଂଗ୍ରହ ନିମନ୍ତେ ପ୍ରତ୍ୟେକ ମିଉନିସିପାଲିଟୀକୁ ଗବର୍ଣ୍ଣମେଣ୍ଟରୁ ପ୍ରେରିତ ହୋଇଥିଲା ଏବଂ ଏଥିର ଉଦ୍ଦେଶ୍ୟ ଓ ଅଭିପ୍ରାୟ ସର୍ବସାଧାରଣଙ୍କ ଜାଣିବା କାରଣ କଲିକତାଗେଜେଟରେ ପ୍ରକାଶିତ ହୋଇଅଛି । ବାଲେଶ୍ୱର ମିଉନିସିପାଲିଟୀର ଚେୟାରମେନ ଅଥବା ବିଗ୍ରହକର୍ତ୍ତା ମାଜିଷ୍ଟ୍ରେଟ ଏ ବିଷୟ ନ ଜାଣିବାର କୌଣସି ମତେ ବୋଲାଯାଇ ନ ପାରେ । ବିଶେଷତଃ ମୋକଦମାର ବିଚାରସମୟରେ ଏହା ପ୍ରଦର୍ଶିତ ହୋଇଥିଲା ଏବଂ ପୁଷ୍କରିଣୀଟି ପୁରୁଣା ଥିବାର ପ୍ରମାଣ ଗ୍ରହଣ କରିବା କାରଣ ପ୍ରାର୍ଥନା ହୋଇଥିଲା । ମାତ୍ର ହାକିମ ନଜିର ବା ପ୍ରମାଣ କିଛି ନ ନେଇ ଆସାମିକୁ ଦଣ୍ଡ ଦେଲେ । ତାହାଙ୍କର ନିଷ୍ପତ୍ତି ଯଥାର୍ଥ ହୋଇଅଛି କି ନା ଜଜସାହେବ ବିଚାର କରିବେ ଓ ତାହା ଶୀଘ୍ର ପ୍ରକାଶ ପାଇବ । ମୋସନର ହେତୁ ଏବଂ ଜଜସାହେବ ତାହା ଗ୍ରହଣ କରିବାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ମିଉନିସିପାଲିଟୀର କାର୍ଯ୍ୟର ପ୍ରତିବାଦ କରିବାର ଯଥେଷ୍ଟ କାରଣ ଅଛି ଏବଂ ତଦ୍ଦୃଷ୍ଟିରେ ଲଳିତବାବୁ କ୍ଷମା ପ୍ରାର୍ଥନା ନ କରି ମୋକଦମା ଲଢ଼ିଲେ ବୋଲି ଓଡ଼ିଆ ଓ ନବସଂବାଦ ତାହା ଲଜ୍ଜା ଏବଂ ଦୁଃଖର ବିଷୟ ଥିବାର ଯାହା ଲେଖିଅଛନ୍ତି ତହିଁର କାରଣ କିଛି ଦେଖାଯାଉ ନାହିଁ । ଉପଯୁକ୍ତ ହେତୁରେ ଆଇନର ବ୍ୟାଖ୍ୟା ନେଇବା ଏବଂ ଆଇନାନୁସାରେ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ କାର୍ଯ୍ୟରେ ମନ ନ ମାନିଲେ ତହିଁର ପ୍ରତିବାଦ କରିବା ସମସ୍ତଙ୍କର ଅଧିକାର ଅଛି । ବିଶେଷତଃ ବାଲେଶ୍ୱରରେ ଅନେକ ଲୋକ ଲଳିତବାବୁଙ୍କ ପରି ପୁଷ୍କରିଣୀ ଖୋଳାଇ ମିଉନିସିପାଲିଟୀର ହାତରେ ପଡ଼ିଅଛନ୍ତି । ଏପରି ସ୍ଥଳେ ଲଳିତବାବୁ ମିଉନିସିପାଲିଟୀର କାର୍ଯ୍ୟକୁ ଉପଯୁକ୍ତ ଅଦାଲତର ବିଚାରାଧୀନରେ ଆଣି ସତ୍ ସାହସ ଦେଖାଇ ଅଛନ୍ତି ଏବଂ ଏହାଦ୍ୱାରା ସାଧାରଣ ଉପକାର ହେବାର ସମ୍ଭାବନା । ଏପରି କାର୍ଯ୍ୟ ଜନସାଧାରଣ ବା ସମ୍ବାଦପତ୍ରର ସହାନୁଭୂତି ପାଇବାର ଉଚିତ ଏହାକୁ ଲଜ୍ଜାକର ବୋଲି ନିନ୍ଦା କରିବା ଦୁଃଖର ବିଷୟ ଅଟଇ ।

---

# ସାପ୍ତାହିକ ସମ୍ବାଦ ।

ଗତସପ୍ତାହ ମୋହରମ ପର୍ବକାଳରେ ଏ ନଗରରେ ଗୋଟିଏ ଖୁନ ହୋଇଥିଲା । ବ ୧।୧୦ ବର୍ଷ ବୟସର ଗୋଟିଏ ପିଲାକୁ ମହାଜେସେ ବାଇଗର ଭଣ୍ଡିତପି ବଧକରି ପୋତି ପକାଇଲା । ଟ ୧୦।୧୨ ଙ୍କା ମୂଲ୍ୟର ଅଳଙ୍କାର ଏହାର ହେତୁ ଅଟଇ । ମୋକଦମା ବିଚାରାଧୀନରେ ଅଛି ।

Digitized by srujanika@gmail.com

Split by PDF Splitter



ମନ୍ତ୍ରି ମହୋଦୟ ଏଣେ ଏଠା ଜଜ ଅଦାଲତର ମୁନ୍‌ସିଫ-କାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି ।

ଗତ ସୋମବାର ଏଠାରେ ପଞ୍ଚଜଣ ବାଙ୍ଗାଳୀ ଜେଣ୍ଟ୍ଲମେନ୍ ଏବଂ ଅର୍ଥାତ୍ କଲେକ୍ଟର ମୁନ୍‌ସିଙ୍କ ପରୀକ୍ଷା ଦେଇଥିଲେ ମାତ୍ର ଦୁଃଖର ବିଷୟ ଜଣେ ହେଲା ପାଶକରି ପାରିଲେ ନାହିଁ । ପ୍ରଶ୍ନମାନ କଠିନ ହୋଇଥିଲା ।

## କଲିକତା-ଗଜେଟ୍ ।

ଅନ୍ୟ ଆଦେଶ ପର୍ଯ୍ୟନ୍ତ କଟକର ଡେପୁଟୀ କଲେକ୍ଟର ବାବୁ ଗୁରୁଚରଣ ନାୟକ ଉତ୍କଳ ବଡ଼ଭାଗଙ୍କର ଛୁଟିପ୍ରାପ୍ତ ସ୍ଥାନରେ ନିଯୁକ୍ତ ହେଲେ ।

ଶ୍ରୀଯୁକ୍ତ ଅମ୍ବିକାଚରଣ ସେନ ବନ୍ଦୋବସ୍ତ କାର୍ଯ୍ୟରେ ଆଉ ଅସ୍ଥାୟୀ ରହିଲ କଟକର ୬ ଷ୍ଠ ମାଜିଷ୍ଟ୍ରେଟ ନିଯୁକ୍ତ ହେଲେ ।

ଅନୁଗୁଳର ତହସିଲଦାର ବାବୁ ଜାନକୀବଲ୍ଲଭ ନାୟକ ଛନ୍ନମାସର ଛୁଟୀ ନେବାରୁ ବାବୁ ଦର୍ପନାରାୟଣ ଦାସ ତାଙ୍କ କାର୍ଯ୍ୟରେ ଏକ୍‌ଟିଂ ସ୍ୱରୂପ ନିଯୁକ୍ତ ହେଲେ ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

ମୃତ ଚୌଧୁରୀ ଷଡ଼ଙ୍ଗଦେବ ମହାପାତ୍ରଙ୍କ ସ୍ଥାନରେ ବାବୁ ମଧୁସୂଦନ ପଣ୍ଡା ଯାଜପୁରର ଲୋକାଲ୍‌ବୋର୍ଡ଼ର ଜଣେ ମେମ୍ବର ନିଯୁକ୍ତ ହେଲେ ।

ପଣ୍ଡିତ ବୋର୍ଡ଼ ଦେଇଲେ କାଳ ଯେ ସରଓ ବାବୁ ଲଲମାନଙ୍କ ଅନ୍ତର୍ଗତ ଯେ ସମସ୍ତ ମୌଜାରେ ଜମି ହସ୍ତ ହୋଇ ଅଛି ତହିଁର ସ୍ୱତ୍ୱାଧିକ ବନ୍ଦୋବସ୍ତ କରାଯାଇ ଅଛି ।

---

ବ୍ରିଟିଶ୍ବକାର ଦକ୍ଷିଣ ଏବଂ ଶୋନପୁରଠାରେ ଓଲନ୍ଦାଜମାନେ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ତାଷ୍ଟଙ୍ଗଠାରେ କର୍ତ୍ତୃପକ୍ଷମାନେ ଓଲନ୍ଦାଜ ଶକ୍ତିଙ୍କର ଉପାୟ ଅବଲମ୍ବନ କରିବାରୁ ଲୋକେ ଡେପୁଟୀ ଗବର୍ଣ୍ଣରଙ୍କ ଅନୁମୋଦନକ୍ରମେ ତାଙ୍କୁ ମାଡ଼ିପକାଇ ଘର ଲୁଟି ନେଲେ । ସୈନ୍ୟ ସାହାଯ୍ୟରେ ଏମାନଙ୍କ ଶାନ୍ତି ରକ୍ଷା କରାଯାଉଅଛି । ନୈଜ୍ୟକୁ ସଂସ୍କାର ।

ବମ୍ବେଠାରୁ କ୍ରୁଗ ଗ୍ରୀଷ୍ମଦେଶର ରାଜା ଗୋ ୧୨ ଟ ଭାଷାରେ କଥା କହି ପାରନ୍ତି । ମାତ୍ର ଅନ୍ୟ ଦେଶର ରାଜାମାନେ ମାତୃ ଭାଷାରେ ଭଲ ରୂପରେ କଥା କହି ପାରନ୍ତି ନାହିଁ ।

କଲିକତା ଶଙ୍କରଘୋଷଙ୍କ ଗୋଟିଏ ଘର ଏବେ ପରୀକ୍ଷାରେ ଫେଲ ହୋଇ ଆଫିମ ସେବନ ଦ୍ୱାରା ଆତ୍ମହତ୍ୟା କରିଅଛି । କି ଦୌର୍ବଲ୍ୟ !

ସମ୍ବାଦ ଏରୂପ ଯେ ଅବ୍ରେ ଉପକୂଳ ଜଣେ ପେନସିଲ-କର୍ମୀ ଗୋଟିଏ ବୃହତ୍ ପେନସିଲ ଆମମାନଙ୍କର ରାଜତନ୍ତ୍ର ସ୍ୱତନ୍ତ୍ର ଗ୍ଲାଡଷ୍ଟୋନ ମହୋଦୟଙ୍କୁ ଭେଟିଅଛି । ଏହାର ଲମ୍ବ ୨୪ ଇଞ୍ଚ ଏବଂ ଚଉଡ଼ା ପରିବର୍ତ୍ତରେ ଏହାର ଏକପାର୍ଶ୍ୱରେ ସୁବର୍ଣ୍ଣ ମଣ୍ଡିତ ହୋଇଅଛି । ସାହେବ ମହୋଦୟ ଲେଖିବା ପରିବର୍ତ୍ତରେ ଏହାକୁ ଯଷ୍ଟି ରୂପେ ବ୍ୟବହାର କରନ୍ତି ।

ଅମେରିକାର ଭର୍ମଣ୍ଟଠାରେ ଏପରି ଭୟାନକ ଶୀତ ହୋଇଥିଲା ଯେ ଅନେକ ଲୋକ ଦୁର୍ଭାଗ୍ୟରେ ମୃତ୍ୟୁମୁଖରେ ପତିତ ହୋଇଥିଲେ । ଝାଡ଼ିବାର ପ୍ରାୟ ବନ୍ଦ ହୋଇ ଯାଇଥିଲା ଏବଂ ଘୋଡ଼ାମାନଙ୍କର ମୃତ୍ୟୁସଂଖ୍ୟା ଅତ୍ୟନ୍ତ ଅଧିକ ହୋଇଥିଲା । ଯାହା ହେଉ ବୃଷ୍ଟିପାତରେ ବହୁ ଶୀତଳ ହୋଇଥିବାର ସମ୍ବାଦ ଆସିଅଛି ।

କାବୁଲଠାରୁ କ୍ରମାଗତ ଅଶାନ୍ତିସୂଚକ ସମ୍ବାଦମାନ ଆସୁଅଛି । ହଜାର ଜାଗାରୁ ଲୋକଙ୍କ ମଧ୍ୟରୁ କେହି କେହି ସ୍ୱସ୍ଥିତ ହେବାର ସମ୍ବାଦ ଆସିଅଛି ସେମାନେ ବିଦ୍ରୋହୀ ହୋଇ ନଗରମାନ ଆକ୍ରମଣ କରୁଅଛନ୍ତି । ସୁନ ଏବଂ ଶିଆଙ୍କ ମଧ୍ୟରେ ଯୁଦ୍ଧ ହୋଇମାନ ଲାଗିଅଛି ।

କମିଶନର ସାହେବ ବଢ଼ିରେ ପଡ଼ିଛି ଅବାଳ ଯୋଗ ମିଳଇ । ଏଥର ତାଙ୍କ ସ୍ଥାନରେ କବଳର ଅଭାବ ନାହିଁ ହେଉ ନାହିଁ । କେବଳ ମହାଶ୍ୱେତୀଙ୍କ ସହିତ ସମ୍ରାଟ୍ ଉପବର୍ଷଠାରେ ଭୋଜନ କରିଥିଲେ ।

## ଯାଜପୁର-ସମ୍ବାଦ ।

ଶ୍ରୀଯୁକ୍ତ ବାବୁ ମନମୋହନ ଚକ୍ରବର୍ତ୍ତୀ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ଏଠାରେ ପହଞ୍ଚିବାରୁ ଶ୍ରୀଯୁତ ହାର୍ଡ଼ି ସାହେବ ଚାର୍ଜ ଦେଇ ଗତ ତା ୩ ରିଖରେ କଟକକୁ ପ୍ରସ୍ଥାନ କଲେ ।

ଯାଜପୁରର ବଇତରଣୀର ଦେଉଳ ବହୁକାଳରୁ ମରାମତି ନ ହୋଇ ଥିବାରୁ ଫାଟି ଯାଇଥିବାରୁ ଯାତ୍ରୀ ଓ ପଣ୍ଡାମାନେ ଭର୍ଗୀରଥୀରେ ଦେଉଳର ଭିତରକୁ ଯାଇ ପାରୁ ନ ଥିଲେ ବାଲେଶ୍ୱରର ପ୍ରସିଦ୍ଧ ଜମିଦାର ବାବୁ ଜଗନ୍ନାଥପ୍ରସାଦ ଦାସ ସେ ଦେଉଳର ଜୀର୍ଣ୍ଣସଂସ୍କାର କେତେକ ଦୂର କରି ପର ପରଲୋକ ପ୍ରାପ୍ତ ହେବାରୁ ତାଙ୍କ କନିଷ୍ଠ ସହୋଦର ଶ୍ରୀଯୁତ ରଜନାନନ୍ଦ ଦାସ ଜ୍ୟେଷ୍ଠ ସହୋଦରଙ୍କର ସଂକଳ୍ପ ସିଦ୍ଧି କରିବାକୁ ଯତ୍ନଶୀଳ ହୋଇଅଛନ୍ତି ମାତ୍ର କାର୍ଯ୍ୟ ଶେଷ ହୋଇ ନାହିଁ । ଭରସା କରୁଁ ସେ ଏହାର ସୁବିଧା କରିବେ ।

ଗତ ମହରମପର୍ବ ଯଥା ନିୟମରେ ଅତିବାହିତ ହୋଇ ଯାଇଅଛି । ଏହାର ମଧ୍ୟରେ ଗୋ ୩ ଟ ତାଜିଆ ହୋଇଥିଲା ଅଙ୍ଗରାବାଦୀମାନେ ପ୍ରତିବର୍ଷ ତାଲି ଉତ୍ସବରେ ଅଷ୍ଟପ୍ରହରତ୍ୱରୂପରୁ ହିନ୍ଦୁ ନଣ୍ଡା ନେଇ ନେଇ ନୃତ୍ୟ ମଙ୍ଗଳ ସାଧ ମେଣ୍ଟାଇ ଥାନ୍ତି ।

ବଇତରଣୀ ଗ୍ରାମ ଅତ୍ୟ ବୈତରଣୀର କରକପାର୍ଶ୍ୱରେ ମିଲନସିପାଲିଟିର ଅନ୍ତର୍ଗତ ଅଟେ । ନଦୀବୃଦ୍ଧି ସମୟରେ ବଡ଼ କଷ୍ଟ ହେଉଥିଲା ଅନେକର ବିଷୟ ଯେ ଉକ୍ତ ଗ୍ରାମବାସିଙ୍କ ପାର ଉତ୍ତର କରିବା ନିମନ୍ତେ ମିଉନସିପାଲିଟି ଜଗନ୍ନାଥଘାଟରେ ଏକ ନୌକା ଓ ଜଣେ ମାଝୀ ନିଯୁକ୍ତ କରିଅଛନ୍ତି ।

## ବାଲେଶ୍ୱର-ସମ୍ବାଦ ।

ଶ୍ରାବଣ ( ଜଳଜ୍ଝା ) ମାସ ପ୍ରାୟ ଶେଷ ହେଲା । ଏପର୍ଯ୍ୟନ୍ତ ପୋଖରୀ ଗଡ଼ିଆ ପୂର୍ଣ୍ଣ ହେଲା ନାହିଁ କି ବେଉସଣ-କାର୍ଯ୍ୟ ଶେଷ ପାଇ ନାହିଁ । ସୋର ଓ ବାଲେଶ୍ୱର ଥାନା ପଲ୍ଲୀର ଅନେକ ସ୍ଥଳରେ କେବଳ ଅକାଳକୁ ଚାହିଁ ବସି ରହିଅଛନ୍ତି । ଚାଉଳ ସେର ପାଞ୍ଚପଇସା । ତାଲସାରି ମୋଗଲବନ୍ଦି ଅନେକ ପଦାକଙ୍କ ମହତ ସମ୍ବାଦ ଲକ୍ଷି ଅଛି ଅକାଶର ଏରୂପରେ ଦେଖି ଧାନ ଦେବୁ କରିବ ଦେବ ନାହାନ୍ତି ।

ଏବର୍ଷ ଓଲନ୍ଦେଜ ଗୋଲଆଳୁ ଲଗାଇବାକୁ ଏଠାରେ ଲବେ ସ୍ଥଳଗାର କରି ପକାଇଅଛି । ଏମନ୍ତ କି ଗୋଟିଏ ୨ ବଂଶପର୍ଯ୍ୟନ୍ତ ଦେଖ ପାଇଅଛି । ସେପରି ଉତ୍ସବର ସମୟରେ ଆମ୍ଭମାନଙ୍କର ଲକ୍ଷ୍ମୀପୁଜନ ଶ୍ରୀ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଧାରକମଧ୍ୟ ଅନେକାନେକ ଗ୍ରାମରେ ଯେତେବେଳେ ଦେବୀଙ୍କର ପ୍ରତାପ ବେଶୀ ହେବାବାଲେ ନଦୀ ଗାଡ଼ି ୨ ଚଢ଼ତ କର ଯୋଗାଇ ସର୍ବସାଧାରଣଙ୍କର ଆଶୀର୍ବାଦଭାଜନ ହୋଇଅଛନ୍ତି । ଯତ ଜଳ-ବୃଷ୍ଟି ହେଲେ ଓଲନ୍ଦେଜଙ୍କର ନେପାଳ ନଥ ଜାଣିବା ମନରେ ଥିବା ତେବେ ସହିଲେ ମଫସଲର ପ୍ରଜାମାନଙ୍କ କଷ୍ଟ ନଳ ମିଳେ ସେପ୍ରତି ସର୍ବସାଧାରଣଙ୍କର ବିଶେଷ ସତର୍କ କର୍ତ୍ତବ୍ୟ ।

ଏଣେ ୩ ମାଇଲ ଦୂର ଶ୍ରୀକୋଟରେ ସହରକୁ ମାଲାବ ଆସୁ କେଟି ମୋଗଲଙ୍କର ଅଧିବାସୀ ତାହା ମଫସଲରେ ଅଟକ ହେଲା ନାହିଁ । ଝିଲରେ ୫ ଠାରୁ ୧୬ ଗୋଟି ପର୍ଯ୍ୟନ୍ତ ମିଳୁଅଛି ।

ଭଦ୍ରକଠାରୁ ବାଲେଶ୍ୱର ପର୍ଯ୍ୟନ୍ତ କେନାଲ ବାଟରେ ( ଉଲଟାକେ ) ଯେଉଁ ଲାକ ଚାଲୁଅଛି । ସେଥିରେ ଅନେକ ଉପକାର ହେଉଅଛି । ମାତ୍ର ତାଲପଡ଼ା କେନାଲ ବାଟରେ ଗୋଟିଏ ଡାକବାକ୍ସ ରହିଲେ ସାଧାରଣଙ୍କର ଅଧିକ ଉପକାର ହେବ । ସେ ଅଞ୍ଚଳରେ ସ୍କୁଲ ଏବଂ ଓ ଅନେକ ଭଦ୍ରଲୋକଙ୍କର ବାସସ୍ଥାନ ଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ମହାଶୟ ।

ଗତଭମାସ ତା ୩ ରିଖରେ ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ମୂନସି ମହନ୍ତଦଶୀ ମ୍ୟାନେଜର ମହୋଦୟଙ୍କ ସହର ଭାଲଦେର ଦୁର୍ଗକୁ ବିଜୟ କରିବାରୁ ଏଠାର ଦେବାନ୍ ଶ୍ରୀଯୁକ୍ତ ବାବୁ ଭଗବଦ୍‌ବନ୍ଧୁ ଘୋଷ ତାହାଙ୍କୁ ଗୃହ ଦେଇ ଅନ୍ୟ ଦିବସ ଆପଣା ଗୃହକୁ ବିସର୍ଜନ କଲେ । ନଗରବାସୀ ସକଳ ଶ୍ରେଣୀର ଲୋକ ସଜ୍ଜନଙ୍କ ସ୍ନେହରେ ସନ୍ତୁଷ୍ଟ ହୋଇ ତାହାଙ୍କ ସମଭିବ୍ୟାହାରରେ କିୟଦ୍ଦୂର ପର୍ଯ୍ୟନ୍ତ ଯାଇ ସେଠାରୁ ବିଦାୟ ହୋଇ ବିଷଣ୍ଣବଦନରେ ଫେରି ଆସିଲେ । ବାବୁ ମହାଶୟ ସମଦର୍ଶୀ, ନିରପେକ୍ଷ, ସୁଶୃଙ୍ଖଳ ପ୍ରଜାପାଳକ, ଦୟାବାନ୍ ଓ ଗମ୍ଭୀରପ୍ରକୃତିର ପୁରୁଷ ଥିବାରୁ ଓ ପୂର୍ବେ ଏ ଷ୍ଟେଟରେ ଦେଓ୍ୱାନ୍ କାମ କରିଥିବାବେଳେ ଷ୍ଟେଟବାସିମାନଙ୍କର ମନଭ୍ରାନ୍ତ ବିଷୟ ଜାଣିଥିବାରୁ ସେ ସ୍ୱୀୟ ସୁଶୀଳତା ଗୁଣରେ ଯଥାଯୋଗ୍ୟ ବ୍ୟବହାର କରିବାଦ୍ୱାରା ଜନସମାଜର ବିଶେଷ ଆଦରଣୀୟ ହୋଇଥିଲେ ଏମନ୍ତ କି ଏହାଙ୍କ ନ୍ୟାୟସଙ୍ଗତ ଶାସନରେ ଷ୍ଟେଟବାସିମାନେ ଯେପରି ପରିତୃପ୍ତ ହୋଇ ଅଛନ୍ତି ତାହା ଏକମୁଖରେ ପ୍ରକାଶ କରିବାକୁ ସମର୍ଥ ନୋହୁଁ । ଏ ମହାଶୟଙ୍କୁ ପ୍ରଭୁ ଅସୀମ କୃପାଧାରରେ ପରିସ୍ଥାପିତ କରନ୍ତୁ ଏହାହିଁ ଆମ୍ଭର ପ୍ରାର୍ଥନା ।

ଅଭିନବାଗତ ମାନ୍ୟତମ ଶ୍ରୀଯୁକ୍ତ ମ୍ୟାନେଜର ସାହେବ ବହୁଦର୍ଶୀ, ନିରପେକ୍ଷ ନ୍ୟାୟପରାୟଣ ସୁଚତୁର ପ୍ରଜାପ୍ରତିପାଳକ ଥିବାର ଶୁଣା ଯାଉଅଛି ମଧ୍ୟ ପ୍ରଶଂସିତ ମହାଶୟ ଢେଙ୍କାନାଳ ପାଲଲହଡ଼ା ପ୍ରଭୃତି କେତେକ

Digitized by srujanika@gmail.com

Split by PDF Splitter



...କଣ୍ଟାରେ ମ୍ୟାନେଜରଙ୍କ କାର୍ଯ୍ୟ କରି ଧନ୍ୟବାଦାର୍ହ ହୋଇଅଛନ୍ତି ଅତଏବ ତାଳଚେରବାସିମାନେ କେଉଁଣସି ପ୍ରକାର ଅଶୃଙ୍ଖଳାଜନିତ ପୀଡ଼ାରେ କଦାପି ପ୍ରପୀଡ଼ିତ ନ ହେବାର ସମ୍ପୂର୍ଣ୍ଣ ଆଶା ହେଉଅଛି । ସୁଖର ବିଷୟ ।

ତା ୬-୮-୯୨ } ଭବଦୀୟ
ତାଳଚେର ଦୁର୍ଗ } ଶ୍ରୀ ହାଡ଼ୁ ସରଦାର ଫିଲ୍ଡ ଇନ୍‌ସ୍ପେକ୍ଟର ଓ ଶ୍ରୀ ଶ୍ରୀନିବାସ ପଟ୍ଟନାୟକ ହେଃ କଃ ବଲ ପ୍ରଭୃତି ଦୁର୍ଗବାସୀ

---

ମହାଶୟ !

ଅଧଃପ୍ରକଟିତ କତିପୟ ପଂକ୍ତିକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ ପୂର୍ବକ ବାଧିତ କରିବା ହେବେ ।

ଏହି କଟକଜିଲ୍ଲାର ଅନ୍ତର୍ଗତ ସୁଖଡ଼ା ଓ ମାତକୃଷ୍ଣନଗର ପ୍ରଗନ୍ନାମାନଙ୍କର ବନ୍ଦୋବସ୍ତ-ସଂକ୍ରାନ୍ତ ଖସଡ଼ାକାର୍ଯ୍ୟ ପ୍ରାୟ ୩ମାସ ହେଲା ଆରମ୍ଭ ହୋଇ ତଦନ୍ତର୍ଗତ କୌଣସି କୌଣସି ମୌଜାର କାର୍ଯ୍ୟ ହୋଇଅଛି ଓ କୌଣସି କୌଣସି ମୌଜାର କାର୍ଯ୍ୟ ହେଉଅଛି । ଏହି ଖସଡ଼ାକାର୍ଯ୍ୟରେ ନିଯୁକ୍ତ ହୋଇଥିବା ଅମିନ ଓ ଇନ୍‌ସ୍ପେକ୍ଟରମାନେ ଉକ୍ତସ୍ଥ ଜମିଦାର ଓ ପ୍ରଜାମାନଙ୍କୁ ଯେପରି ଉତ୍ପୀଡ଼ନ କରୁଅଛନ୍ତି ତାହା ବର୍ଣ୍ଣନାତୀତ ଅଟେ । ଧନୀଲୋକଠାରୁ ଦରିଦ୍ରଲୋକ ପର୍ଯ୍ୟନ୍ତ ଯାହାର କି ଏକଗୁଣ୍ଠ ଜମି ଅଛି ସେ ଯେକୌଣସି ପ୍ରକାରେ ହେଉ ଅମିନ ଇନ୍‌ସ୍ପେକ୍ଟରଙ୍କ ଖାଦ୍ୟସାମଗ୍ରୀ ଓ " ପର୍ଚା " ନେଲା ସମୟରେ ଖର୍ଚ୍ଚା ( ମାଣକୁ ୫୦।୵ ଅଣାଠାରୁ ୫୦ ୯ ପର୍ଯ୍ୟନ୍ତ ) ଯୋଗାଇବାକୁ ବାଧ୍ୟ, ନଚେତ ତାହାର ସହିତ କୌଣସି ନା କୌଣସି ଗୋଳଯୋଗ ଘଟିବାର ନିଶ୍ଚୟ ଅଟେ । ଏରୂପର ଉତ୍ପୀଡ଼ିତ ହୋଇ ଉପରୋକ୍ତ ପ୍ରଗନ୍ନାମାନଙ୍କର କେତେକ ପ୍ରଜାମାନେ ମାନ୍ୟବର ଶ୍ରୀଯୁକ୍ତ କମିଶନର, ମାଜିଷ୍ଟ୍ରେଟ ଓ ବନ୍ଦୋବସ୍ତ-ମହକୁମାର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟସାହେବ ପ୍ରଭୃତିମାନଙ୍କୁ ସେମାନଙ୍କର ସ୍ୱ ସ୍ୱ ଦୁଃଖ ଦରଖାସ୍ତଦ୍ୱାରା ଜଣାଇବାରେ ସମ୍ପ୍ରତି ମାନନୀୟ ଶ୍ରୀଯୁକ୍ତ କମିଶନରସାହେବଙ୍କ ଆଦେଶାନୁସାରେ ବନ୍ଦୋବସ୍ତ ଡେପୁଟୀ ଶ୍ରୀଯୁକ୍ତ ବାବୁ ଦକ୍ଷିଣେନ୍ଦ୍ରରାୟ ମହାଶୟ ସ୍ୱୟଂ ତଦନ୍ତ କରିବା ସକାଶେ ଧର୍ମଗଡ଼ପୁର ନାମକ ଗ୍ରାମରେ ଉପସ୍ଥିତ ହୋଇ ଦରଖାସ୍ତକାରୀ ପ୍ରଜାମାନଙ୍କ ବ୍ୟତୀତ ଅନ୍ୟାନ୍ୟ ପ୍ରଜା ଓ ଅନେକ କାନୁନଗୋଙ୍କଠାରୁ ମଧ୍ୟ ଜବାନବନ୍ଦୀ ନେଲେ । ତଦନନ୍ତର ଅନ୍ୟାନ୍ୟ କେତେକ ବିଷୟ ତଦନ୍ତ କରି କେତେକ ଦିନ ପରେ ସରଜମିନ୍ ତଦାରଖ କରିବାକୁ ଯିବାର ପ୍ରଜାମାନଙ୍କୁ ହୁକୁମ ଦେଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିଅଛନ୍ତି । ଜବାନବନ୍ଦୀ ହେଲା ସମୟରେ ପ୍ରଜାମାନେ ତାଙ୍କ ସମ୍ମୁଖରେ ନିର୍ଭୀକ ଭାବରେ ଆପଣା ଆପଣା ଗୁହାରି କରିଥିଲେ ଓ ସେ ମଧ୍ୟ ମନୋଯୋଗର ସହିତ ସେମାନଙ୍କର ବକ୍ତବ୍ୟ ବିଷୟମାନ ଶ୍ରବଣ କରି ସେମାନଙ୍କୁ କେତେକ ଉପଦେଶ ପ୍ରଦାନ ପୂର୍ବକ ଉତ୍ସାହ ଦେଇଥିଲେ । ତାଙ୍କର ଏପରି କାର୍ଯ୍ୟ ଅବଶ୍ୟ ପ୍ରଶଂସନୀୟ ଅଟେ । ଡେପୁଟୀ ମହାଶୟଙ୍କର ଦାଖଲ କରିଥିବା କାଗଜପତ୍ରମାନଙ୍କରୁ ସବିଶେଷ ଅବଗତ ହୋଇ ଯଦି ଉପରିସ୍ଥ ହାକିମମାନେ ଗରିବ ପ୍ରଜାମାନଙ୍କ ପ୍ରତି କୌଣସି ସୁବିଚାର ନ କରିବେ, ତାହା ହେଲେ ସେମାନେ କୌଣସି ମତେ ରକ୍ଷା ହୋଇ ପାରିବେ ନାହିଁ । ବିଶେଷତଃ ଚଳିତ ବର୍ଷରେ ସେମାନେ ଯେପରି କଷ୍ଟରେ ଦିନାତିପାତ କରୁଅଛନ୍ତି ତାହା କାହାରିକି ଅବିଦିତ ନାହିଁ । ତାହା ଉପରେ ବନ୍ଦୋବସ୍ତର ଅତ୍ୟାଗ୍ର । ଏଥିକୁ ଜଗଦୀଶ୍ୱର ଭରସା । ଇତି ।

ତା ୨ରିଖ ମାହେ ଅଗଷ୍ଟ ସନ ୧୮୯୨ ମସିହା } ନିବେଦକ ଶ୍ରୀ ଅର୍ତ୍ତତ୍ରାଣ ମିଶ୍ର ମହୁଦା

---

ମହାଶୟ !

ଅମ୍ଭର ଏହି ନିମ୍ନାଙ୍କିତ କତିପୟ ପଂକ୍ତିକୁ ଆପଣଙ୍କର ଜଗନ୍ମୋହିନୀ ପତ୍ରିକାର ଏକପାର୍ଶ୍ୱେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଗତମାସ ତା ୨୫ ରିଖରେ ଯେ ଭୟଙ୍କର ବନ୍ୟା ହୋଇଥିଲା ତଦ୍ଦ୍ୱାରା ଏ ଅଞ୍ଚଳ ଯେତେଦୂର ବିନଷ୍ଟ ହୋଇଅଛି ତାହା ସବୁ ବର୍ଣ୍ଣନ କରିବାକୁ ଗଲେ ପତ୍ରର କଳେବର ବୃଦ୍ଧି ହୋଇ ପଡ଼ିବ ଏଣୁ ବାହୁଲ୍ୟ ବର୍ଣ୍ଣନାରୁ କ୍ଷାନ୍ତ ରହି କେତେଗୋଟି ପ୍ରଧାନ ପ୍ରଧାନ ବିଷୟ ପ୍ରକାଶ କଲୁଁ । ଉକ୍ତ ଦିବସ ପ୍ରାତଃ ସମୟରେ ନଦୀମାନ ଅତି ଅଦ୍ଭୁତ ପ୍ରକାରେ ସ୍ଫୀତ ହେବାକୁ ଲାଗିଲେ । ସନ୍ଧ୍ୟାସୁଦ୍ଧା ସମସ୍ତ ଖାଲ ବିଲ ପୁଷ୍କରିଣୀ ଓ ସଡ଼କମାନ ଜଳାକୀର୍ଣ୍ଣ ହୋଇ ଗମନାଗମନ ପଥ ରୋଧ କଲା । ଲୋକେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାକୁ ଯଦିଣ୍ଡ୍ରେ ମାତ୍ର ଅଗ୍ରସର ହୋଇ ପାରିଲେ ନାହିଁ । ସୁତରାଂ ସେ ଯାହାଘରେ ରହି ନିଜ ନିଜ ଜୀବନ ରକ୍ଷାର ଉପାୟମାନ ଚିନ୍ତା କରିବାକୁ ଲାଗିଲେ । ସ୍ୱଳ୍ପ ଦଣ୍ଡଘଣ୍ଟା ବେଳକୁ ଅଧିକାଂଶ ଗୃହ ଭୂପତିତ ହୋଇ ସ୍ରୋତାଭିମୁଖେ ଭାସମାନ ହେବାକୁ ଲାଗିଲା । ତତ୍କାଳରେ ଲୋକମାନଙ୍କର ଆର୍ତ୍ତନାଦରେ ଗଗନ ପ୍ରତିଧ୍ୱନିତ ହୋଇ ଉଠିଲା । ଓ କେତେକ ଗୃହର ଭିତ୍ତିମାନ ପତନୋନ୍ମୁଖ ହୋଇ ପ୍ରତି ମୁହୂର୍ତ୍ତ ଭୀତି ଜାତ କରାଉଥିଲେ । ଏବଂ ଅନେକ ଦରିଦ୍ରଲୋକେ ବାସହୀନ ହୋଇ କେହି ଇଷ୍ଟକରାଶି ଉପରେ, କେହି ବା ଗୃହୋପରି ଓ କେହି ବା ବୃକ୍ଷୋପରି ଆରୋହଣ କରି ବିକଳକଣ୍ଠରେ ଈଶ୍ୱରଙ୍କର ସାହାଯ୍ୟ ପ୍ରାର୍ଥନା କରିବାକୁ ଲାଗିଲେ । ସ୍କୁଲ, ଡାକଘର, ଛାତ୍ରାବାସ ପାଉଣ୍ଡ ଗୃହମାନ ଉଚ୍ଚ ସ୍ଥାନରେ ନିର୍ମିତ ଥିବାରୁ ତତ୍ରତ୍ୟ ଶିକ୍ଷକଗଣ ସେ ସ୍ଥାନକୁ ନିରାପଦ ଜ୍ଞାନ କରି ନିଶ୍ଚିନ୍ତରେ ରହିଥିଲେ । ଅତି କେତେକ ଆଶ୍ରୟହୀନ ଲୋକ ମଧ୍ୟ ସେଠାରେ ସମବେତ ହୋଇଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ପ୍ରଳୟରୂପିଣୀ ବନ୍ୟାଦେବୀ ଉକ୍ତ ଗୃହମାନ କବଳିତ କରିବାକୁ ଲାଗିଲେ । ତହୁଁ ତନ୍ନିବାସିମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେହି ଗୃହ ମଧ୍ୟରେ ରହି ଜୀବନର ଆଶା ପରିତ୍ୟାଗ କରିଥିଲେ । କିନ୍ତୁ କରୁଣାମୟ ପରମେଶ୍ୱରଙ୍କ କୃପାରୁ ଏହି ପୋଷ୍ଟାଫିସର ଭିଲେଜ ପୋଷ୍ଟମେନ ଶ୍ରୀ ଗିରିଧାରୀରାଉଳ ନାମକ ଏକ ସାହସିକ ଯୁବା ବନ୍ଧୁ ଆୟାସ ସହକାରେ ସେମାନଙ୍କୁ ଆଣି ଏକ ତୃଣାଚ୍ଛନ୍ନ ଅନାବୃତ ଶୁଷ୍କ ଭୂମିରେ ରଖାଇବାରୁ ସେମାନେ ମୃତ୍ୟୁର କରାଳକବଳରୁ ମୁକ୍ତ ପାଇଲେ ନଚେତ ଦୁଇଘଣ୍ଟା ମଧ୍ୟରେ କାଳଗ୍ରାସରେ ପତିତ ହୋଇଥାଆନ୍ତେ । କାରଣ ଏମାନେ ଆସିବାର ଅଳ୍ପକ୍ଷଣ ପରେ ଉକ୍ତ ଗୃହମାନ ସର୍ବତୋଭାବେ ଭଗ୍ନ ହୋଇ ସଲିଳସାତ୍ ହୋଇ ଗଲା । ଏହି ପ୍ରବଳ ଫଙ୍କାଶ ଜଳ ପ୍ଲାବନରେ ଯେ କେତେ ଶତ ଗୋମହିଷାଦି ଚତୁଷ୍ପଦ ପ୍ରାଣୀ ଜୀବଲୀଳା ସମ୍ବରଣ କରିଅଛନ୍ତି ତାହାର ଇୟତ୍ତା କରାଯାଇ ନ ପାରେ । ଶ୍ରବଣକଲୁଁ କୃଷ୍ଣାନନ୍ଦପୁରଠାରେ କେତେଗୋଟି ସଜୀବ ଗୋମହିଷ ଧୃତ ହୋଇ ଜୀବିତ ଅଛନ୍ତି ଆଉ ୩ ଜଣ ମନୁଷ୍ୟ ପ୍ରାୟ ଦୁଇମାଇଲ ଦୂରରୁ ଭାସି ଆସି ଏହି ଗ୍ରାମର ପ୍ରାନ୍ତସୀମାରେ ଥିବା ଏକ ଉଚ୍ଚଭିତ୍ତି ଉପରେ ୨ଦିନ ପର୍ଯ୍ୟନ୍ତ ରହିଥିଲେ ପରେ ଡଙ୍ଗାଦ୍ୱାରା ତାହାଙ୍କୁ ଅଣାଯାଇ

Digitized by srujanika@gmail.com

Split by PDF Splitter



ଙ୍କମାନଙ୍କ ସ୍ଥାନକୁ ପଠା ଗଲା । ଏହି ବନ୍ୟା ତା ୨୮ ରିଖ ପର୍ଯ୍ୟନ୍ତ ରହି ଶେଷ ଗଲା । ଯଦି ଅନ୍ତି ତୁଳ ସ୍ୱରନ୍ଧର ରହିଥାନ୍ତା ତେବେ ଅଧିକାଂଶ ଲୋକ ଅନାହାରରେ ପ୍ରାଣ ତ୍ୟାଗ କରିଥାଅନ୍ତେ । ବଢ଼ି ପରେ ୨ ବୃଷ୍ଟି ଆରମ୍ଭ ହୋଇ ଅଛି । ଗ୍ରାମର ଭାଉ ଦିନ ଦିନ ଉଣା ବର୍ତ୍ତମାନ ଟଙ୍କାକୁ ଚାଉଳ ୫ ବା ୬ ସେର ହୋଇ ଅଛି । ଦିଲ୍‌ହାଟ ଏ ଅଞ୍ଚଳରେ ଖାଦ୍ୟ ଯୋଗାଇବାର ପ୍ରଧାନ ସ୍ଥାନ । ଏଥିରେ ଦ୍ରବ୍ୟାଦିର ସ୍ଥିତି ହୋଟାଳମାନଙ୍କ ଇଚ୍ଛାଧୀନ ଏଥିରେ ବନ୍ୟାପୀଡ଼ିତ ଶ୍ରମଜୀବୀ ପ୍ରଜାବର୍ଗ କିରୂପେ ବଞ୍ଚିବେ । ପ୍ରଜାବତ୍ସଳ ଗଭର୍ଣ୍ଣମେଣ୍ଟଙ୍କର ଏ ହାଟ ପ୍ରତି ଦୃଷ୍ଟିପାତ ହେବା ଉଚିତ୍ ।

ଆଉ ଏହି ସ୍କୁଲର ସମ୍ପାଦକ ବନ୍ଦ୍ୟୋପାଧ୍ୟାୟ ଶ୍ରୀମାନ୍ ରହମତଅଲି ବେଗ ମହାଶୟ କେତେ ଯତ୍ନ; ବହୁ ଆୟାସ ଓ ଅନେକ ଅର୍ଥ ବ୍ୟୟରେ ସ୍କୁଲଗୃହ ପ୍ରଭୃତି ପ୍ରସ୍ତୁତ କରାଇ ସ୍କୁଲଟି ସୁଚାରୁରୂପେ ଚଳାଇ ଆସୁଥିଲେ । ଦୁର୍ଦ୍ଦୈବକ୍ରମେ ସେ ସବୁ ଭଗ୍ନ ହୋଇ ଗଲା । ଏ ମହାଶୟ ଏପରି କଷ୍ଟ ସଙ୍କଟାପନ୍ନ ନୁହନ୍ତି ଯେ ଏତେଗୁଡ଼ିଏ ବ୍ୟୟ ଏକକାଳୀନ ବ୍ୟୟ କରି ସ୍ୱହସ୍ତେ ସ୍କୁଲଗୃହମାନ ପ୍ରସ୍ତୁତ କରାଇ ଦେବେ ଅତଏବ ସ୍କୁଲଗୃହ ନିର୍ମାଣ ବିଷୟରେ ଗଭର୍ଣ୍ଣମେଣ୍ଟ ସାହାଯ୍ୟନ ତାନ୍ତ ଆବଶ୍ୟକ ଏଥିକୁ ଶିକ୍ଷାବିଭାଗୀୟ ଉଚ୍ଚ ୨ କର୍ମଚାରୀଗଣ ଯେ ବିହିତ ବିଚାର କରିବେ । ସମ୍ପ୍ରତି ଗୋଟିଏ ଅପ୍ରଶସ୍ତ ଗୃହ ଭଡ଼ା ନେଇ ସ୍କୁଲକାର୍ଯ୍ୟ ଅତି କଷ୍ଟରେ ନିର୍ବାହିତ ହେଉଅଛି । ଇତି ।

ବଶମ୍ବଦ

ମିରଜା ଜାବରଅଲି ବେଗ୍

୨ୟ ଶିକ୍ଷକ ଘେଣ୍ଟାଲୁଡ଼ା ମଧ୍ୟମଶ୍ରେଣୀ ଇଂରାଜୀ ସ୍କୁଲ

## ମୂଲ୍ୟ ପ୍ରାପ୍ତି

| | | |
|---|---|---|
| ବାବୁ ଜନାର୍ଦ୍ଦନ ମହାପାତ୍ର ଧରମ । ଥା । କଟକଟ | | ଟ ୩୯ |
| „ ଭଗବାନ ରାମ୍ପେଷ୍ଟ୍ରନାୟକ ଶୁଭଦେବପୁର | | ଟ ୩୯ |
| „ ଉପେନ୍ଦ୍ରଦାସ ନାୟକ | କଟକ | ଟ ୩୯ |
| „ ଆନନ୍ଦଚନ୍ଦ୍ର ଦାସ | „ | ଟ ୨୯ |
| ଶ୍ରୀ ମହାନ୍ତ ପତ୍ନୀର ରଜପତି ମାଣ୍ଡଣ୍ଡଦେବ ପାରସ ସେମିତ | | ଟ ୪୯ |
| ବାବୁ ସୁଦାମଚନ୍ଦ୍ର ନାୟକ | କଟକ | ଟ ୭୯ |
| „ ହରିଶ୍ଚନ୍ଦ୍ର | „ | ଟ ୩୯ |
| „ ଗୋପାଳକୃଷ୍ଣ ଦାସ | ତାମୂଲବନ୍ଧା | ଟ ୩୯ |
| „ ବାଞ୍ଛାନିଧି ଭୋଇ | | ଟ ୪୯ |
| ବାବୁ ଶ୍ୟାମସୁନ୍ଦର ସାହୁ | ଭଦ୍ରକ | ଟ ୧୯ |
| „ ଗୋପୀନାଥ ମହାନ୍ତି | „ | ଟ ୧୭ |
| „ ଗୌରଚନ୍ଦ୍ର ଜେନା | „ | ଟ ୧୯ |
| „ ବୈଦ୍ୟନାଥ ମିଶ୍ର | କଣ୍ଡରା | ଟ ୦୭ |
| „ ମାଦଗୋବିନ୍ଦ ମହାନ୍ତି | କଲିକତା | ଟ ୩୯ |
| „ ଚନ୍ଦ୍ରକୃଷ୍ଣପତି | କଟକ | ଟ ୧୯ |
| „ ଭୁବନେଶ୍ୱର ସାନ୍ତରା | ଢେଙ୍କାନାଳ | ଟ ୩୯ |
| „ ବଳଭାରି ଦାସ | କଟକ | ଟ ୧୯ |
| ମୁନସୀ ମହମ୍ମଦ ମକବୁଲ | „ | ଟ ୧୯ |
| ବାବୁ କମୁଡ଼ବ ରାଜିତ | ଗାଜପୁର | ଟ ୩୯ |
| ଶ୍ରୀ ଜନକୃଷ୍ଣ ଦେବ | ପାଲୁଆ | ଟ ୩୯ |
| ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର | ମୟୂରଭଞ୍ଜ | ଟ ୩୯ |

# ବିଜ୍ଞାପନ ।

## ନୂତନ ପୁସ୍ତକ ।

# ରାମବନବାସ ନାଟକ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା । ମୋଫସଲକୁ ଡାକମାସୁଲ ଖଣ୍ଡକୁ ଦୁଇପଇସା ।

କୃପାମୟୀ ଜଣାଣ ମୂଲ୍ୟ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଓଡ଼ିଶା ମେଡିକେଲ ସ୍କୁଲ ପାଇଁ ଗୋ ୧୦ ଟି ବୃତ୍ତି ଖାଲି ଅଛି ଅଧ୍ୟୟନେଚ୍ଛୁ ବାଳକମାନେ ଆପଣା ୨ ପ୍ରଶଂସାପତ୍ର ସହିତ ଆସନ୍ତା ସୋମବାର ଅଗଷ୍ଟମାସ ତା ୧୫ ରିଖ ସକାଳ ସ ୭ ଘ ସମୟରେ କଟକ ଜେନେରଲ ହସ୍ପିଟାଲରେ ପ୍ରବିଷ୍ଟ ହେବେ ।

Cuttack
12—8—92. } J. M. JORAB

ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା ମେଡିକେଲ ସ୍କୁଲ

କଟକ

ଅଭାବନୀୟ ବ୍ୟାପାର, ଅପୂର୍ବ ଉପହାରକାଣ୍ଡ ।

## ଘଡ଼ି ପୁରସ୍କାର ।

ନିମ୍ନୋକ୍ତ ପଦାର୍ଥ ମଧ୍ୟରୁ କେହି ଏକତ୍ରରେ ଏକନାମରେ ଏକପ୍ୟାକେଟରେ ଏକଡଜନ ଅର୍ଥାତ୍ ୧୨ ଗୋଟା କରୁ କ୍ରୟ କଲେ ତାହାଙ୍କୁ ଗୋଟିଏ ରାଷ୍ଟ୍ରିକ୍ ଲେଭରୱେ ଘେଣ୍ଟୁ ଲେଥାଇ ଜାଲ ଦାମ ଉପହାର ପାଇବେ ଏବଂ ଅର୍ଦ୍ଧ ଡଜନ ଅର୍ଥାତ୍ ୬ ଗୋଟା କ୍ରୟ କଲେ ଗୋଟିଏ ଗ୍ରାଉଣ୍ଡପିନ୍ ଘଡ଼ି ଉପହାର ପାଇବେ । ମୂଲ୍ୟ ଅଗ୍ରିମ ପଠାଇଲେ, ଅଥବା ପ୍ରଶ୍ନାକ୍ଷରରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭି: ପି: ଭାବରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମୂଲ୍ୟ ଆଦାୟ କରାଯିବ ।

## ଭାରତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ

## "ମ୍ୟାଜିକ ଲେମ୍ପ ।"

ଏହି ଲେମ୍ପ ଅନେକକାଳୁ କଲିକତାରୁ ସମ୍ପ୍ରତି ନୂତନ ଆସିଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଆମଦାନି ହୋଇ ନ ଥିଲା । ଏହା ଜର୍ମାନ ସିଲଭରରେ ନିର୍ମିତ, ଦେଖିବାକୁ ଅକାରରେ ଠିକ ଲେଭ ଘଡ଼ିପରି ଏହାକୁ ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେମ୍ପ ଜାଳିବାପାଇଁ ଦିଆସିଲି କିମ୍ବା ଅନ୍ୟ କୌଣସି ପ୍ରକାର ଅଗ୍ନିର ଦରକାର ନାହିଁ । ଲେମ୍ପର ପଛପାଖେ ଥିବା ପେଚ ଟିପିଲେ ତତ୍‌କ୍ଷଣାତ୍ ଜଳିଉଠେ ଏବଂ ଛାଡ଼ିଦେଲେ ଲିଭିଯାଏ । ପ୍ରତ୍ୟେକ ଗୃହରେ ଏ ଲେମ୍ପ ଗୋଟିଏ ଲେଖାଏଁ ରହିବା ଉଚିତ । ପ୍ରତି ଲେମ୍ପର ମୂଲ୍ୟ ଟ ୪୯ ଙ୍କା । ଗୋ ୭ ଟାକୁ ଟ ୨୪ ଙ୍କା ଗୋ ୧୨ ଟାକୁ ଟ ୪୦ ଙ୍କା ।

## ପକେଟ ଫ୍ଲୁଟ ( ବାଉ )

ଏହି ବାଉ ଜର୍ମାନଦେଶୀୟ ରୂପାରେ ପ୍ରସ୍ତୁତ ହୋଇ ଭାରତକୁ ନୂତନ ଆମଦାନି ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣର ଉପଯୋଗୀ । ଏହି ବାଉ ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରୟୋଜନ ବେଳେ ପେଚ ଖୋଲିଦେଲେ ବାଉଁଶିକି ପ୍ରସ୍ତୁତ ହେବ । ପ୍ରତ୍ୟେକ ବାଉର ମୂଲ୍ୟ ଟ ୩୯, ଡଜନର ଟ ୨୫୯ ଙ୍କା ୧୨ ଗଣ୍ଡାକୁ ଟ ୩୮୯ ଙ୍କା ।

## "ସ୍ପାଇସ୍ପ୍ରିଙ୍ଗ ଅଙ୍ଗୁଷ୍ଠି ।"

ଏହି ଅଙ୍ଗୁଷ୍ଠି (ମୁଦି) ଜର୍ମାନଦେଶରୁ ଆଗତ, ଇଲେକ୍ଟ୍ରିଥନ ସ୍ୱର୍ଣ୍ଣରେ ଗଠିତ, ଗୋଲ୍ଡମିଶ୍ରିତ ନିର୍ମିତ, ଦେଖିବାକୁ ମନୋହର, ରଙ୍ଗ ଚିରସ୍ଥାୟୀ, ବ୍ୟବହାରରେ ଉଜ୍ଜ୍ୱଳତା ବୃଦ୍ଧି ହୁଏ, କପିଲେ ୧୬।୧୮ ଟଙ୍କା ଦରର ସୁନା ସହିତ ସାଦୃଶ୍ୟ ହେବ । ଏହା ଦେଖିଲେ କେହି ସ୍ୱର୍ଣ୍ଣ ବିନା ଅସଲ ସୁନାର ମୁଦି ବ୍ୟବହାର କରିବାକୁ ମନ କରିବ ନାହିଁ, ଏହି ଜନମନୋହର ଅଙ୍ଗୁରି ସ୍ୱଳ୍ପ ମୂଲ୍ୟ ଟ ୧୭ ଙ୍କା ଏକ ଡଜନକୁ ଟ ୮୯ ଙ୍କା ଏକ ଡଜନକୁ ଟ ୩୯ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପ୍ରାପ୍ତିର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନି

୪୧—୧ ନମ୍ବର ଭବାନୀଚରଣ ଦତ୍ତଙ୍କ ଲେନ

କଲିକତା ।

P. LEZARS & Co.
41—1 Bhawani Ch. Dattas Lane
Calcutta

ବିଶେଷ ପରୀକ୍ଷିତ ବହୁ ପ୍ରଶଂସିତ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ଜଗଦ୍ବିଖ୍ୟାତ ଅପୂର୍ବ ମହୌଷଧ ।

## "ରୋଡ଼େନସିଣ୍ଟ ।"

ଏହି ଔଷଧ ଅନେକକାଳ ପାଶ୍ଚାତ୍ୟ ପ୍ରଦେଶରେ ଏକପ୍ରକାର ଗୋଲ୍ଡଦଣ୍ଡି ବୃକ୍ଷର ନିର୍ଯ୍ୟାସରୁ ନୂତନ ପ୍ରଣାଳୀକ୍ରମେ ପ୍ରସ୍ତୁତ ହୋଇଅଛି ଏହା ସେବନ କଲେ ଶୁକ୍ରଦୋଷଜନିତ ପୀଡ଼ା, ଯଥା;—

ଧାତୁଦୌର୍ବଲ୍ୟ ( ଅଜ୍ଞାତେ ପରିଶ୍ରମ ବା ନାଲେସଣ୍ଡ ଅପହରଣ ) ଯୌବନରେ ଜାହାଦ୍ୱାରା ଅତ୍ୟାଧିକ କଷ୍ଟ

Digitized by srujanika@gmail.com

ହସ୍ତମୈଥୁନାଦି କାରଣରୁ ନାନାପୀଡ଼ା, ମେହ ପ୍ରମେହାଦି ୨୦ ପ୍ରକାର ମେହ, ବହୁମୂତ୍ର, ଧାତୁପୀଡ଼ା, ଧ୍ୱଜଭଙ୍ଗ, ଇନ୍ଦ୍ରିୟ ଶୈଥିଲ୍ୟ, ସ୍ତ୍ରୀସହବାସରେ ଅକ୍ଷମତା, ଶୁକ୍ରତରଳତା, ଅଳ୍ପ ବା ବଡ଼ା ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅକ୍ଷମତା, ସ୍ୱପ୍ନଦୋଷ, ପ୍ରସ୍ରାବର ଅଗ ବା ପଛରେ ବା ସଙ୍ଗେ ୨ ମୂତ୍ରଶୁକ୍ରକରୁ ବା ସପୂଜଧାତୁ ନିର୍ଗତ, ମୂତ୍ରନଳୀରେ କ୍ଷତ, ପ୍ରସ୍ରାବରେ ଜ୍ୱାଳାକଷ୍ଟ, ମୂତ୍ରମୂର୍ଚ୍ଛ ପ୍ରସ୍ରାବ ଓ ତହିଁର ବର୍ଣ୍ଣ ଘନ ବା ଘୋଳିଆ । ତଳପେଟରେ ବେଦନା, ସର୍ବଦା ଆଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ, ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଉଦ୍ଗାର, ମୁଖଜାଡ୍ୟ, ଦୃଷ୍ଟି ସ୍ୱଳ୍ପତା, କୁଜଙ୍ଘ, ହାତଗୋଡ଼ଜ୍ୱଳା ଇତ୍ୟାଦି ( ସ୍ତ୍ରୀ ଓ ପୁରୁଷଙ୍କ ) ଶକ୍ତିନାଶ ମୂତ୍ରଯନ୍ତ୍ରସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ସେତେଦିନର ହେଉ ନା କାହିଁକି ଓ ଉତ୍କଟ ହେଉ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳବୀର୍ଯ୍ୟ ବୃଦ୍ଧି ହେବ । ଅଯଥା ଅଭ୍ୟାସରେ ଧାତୁଗତପୀଡ଼ା ଆଉ ହେବ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୩୯ ଆଣା ଡାକମାସୁଲ ଟ୦ । ଅଣା ମାତ୍ର ।

## କେଶର କଳ୍ପ ।

ଏହି କଳ୍ପ ଜଳପରି ତରଳ ଥିବାରୁ କେଶରେ ଲଗାଇବାକୁ ଅସୁବିଧା ହୁଏ ନାହିଁ । ଏହା କେଶରେ ଲଗାଇବା ମାତ୍ରେ କେଶର ପାତଳାଭାବ ଦୂର ହୋଇ କୃଷ୍ଣବର୍ଣ୍ଣ ହୁଅଇ ଏବଂ ମାସ ନାହିଁ ମାସ ଯାଏ ସେହିବର୍ଣ୍ଣ ସ୍ଥାୟୀ ହୁଏ ମୂଲ୍ୟ ପ୍ରତି ଶିଶି ଟ ୬୯ ଟଙ୍କା ।

## ହାଇଡ୍ରୋସିଲ ଅଏଣ୍ଟମେଣ୍ଟ ।

ଏହି ଅଏଣ୍ଟମେଣ୍ଟ ବା ମଲମ କୋଷବୃଦ୍ଧିର ଗୋଟିଏ ଅତ୍ୟର୍ଥ ଔଷଧ । ଯେଉଁ ପ୍ରକାରର ଏବଂ ଯେତେ ଦିନର ହୋଇ ବୃଦ୍ଧି ହେଉ ନା କାହିଁକି, ମାତ୍ର ଅଳ୍ପ ଦିନ ଲେପନ କଲେ ପୁନଶ୍ଚ ସ୍ୱାଭାବିକ ଅବସ୍ଥାରେ ପରିଣତ ହୁଏ ମୂଲ୍ୟ ଟ ୬୯ ଟଙ୍କା ।

## "ମେହନାଶ ।"

ଏହି ଔଷଧ ପୁରୁଷଙ୍କ ହାତର ଗୋଟିଏ ଅବ୍ୟର୍ଥ ମହୌଷଧ । ଯେତେ ଦିନର ଏବଂ ଯେତେ ପ୍ରକାରର ପୁରୁଷତ୍ୱ ହାନି ହେଲେ ସୁଦ୍ଧା ୭ ୧୫ ଦିନ ସେବନରେ ନିଶ୍ଚୟ ଆରୋଗ୍ୟ ହେବ ଏମନ୍ତ କି ବୃଦ୍ଧବ୍ୟକ୍ତିମାନେ ନଷ୍ଟ ଯୌବନକାଳୋଚିତ ବଳବୀର୍ଯ୍ୟ ପୁନଃଲାଭ କରିବେ । ବସ୍ତୁତଃ ଏହାପରି ଉତ୍ତେଜକ ଓ କାମୋଦ୍ଦୀପକ ଔଷଧ ଜଗତରେ ଆଉ ୨ୟ ନାହିଁ । ପ୍ରତି ଶିଶି ଟ ୩୯ ତିନି ଟଙ୍କା ।

## "ପୁଷ୍ପକେଶତୈଳ ।"

ଏହି ତୈଳର ସୁଗନ୍ଧ ଅତି ମନୋହର ଓ ତୃପ୍ତିଜନକ, ସ୍ନାନ ପରେ ଏଥିର ସୁଗନ୍ଧ ପ୍ରତ୍ୟୁତଃ ପରିମାଣରେ ପାଆଯାଏ । ଏଥିରେ ଚର୍ମରୋଗ ହୁଏ ନାହିଁ । କେଶ ବଢ଼େ ଓ କେଶର ମୂଳ ଶକ୍ତ ହୁଏ, ଖୋଲ ବର୍ଦ୍ଧନ କରେ । ଦେହର କାନ୍ତି ସ୍ୱର୍ଣ୍ଣସୁକ୍ତ ହୁଏ । ଅନେକଦିନ ଲଗାଇଲେ ଟାକଗାଳ, ମସ୍ତମାଂସ, କାଳକାଳୁ, ଓ ଚର୍ମରୋଗ ଆରୋଗ୍ୟ ହୁଏ, ସ୍ତ୍ରୀଲୋକମାନଙ୍କର ପ୍ରଧାନ ସୌନ୍ଦର୍ଯ୍ୟ କେଶ, ସେହି କେଶ ରକ୍ଷାକରିବାକୁ ଏହାର ଅସୀମ କ୍ଷମତା । ମୂଲ୍ୟ ଶିଶି ପ୍ରତି ଟ ୧୯ ଟଙ୍କା ବାକ୍ସଟାକୁ ଟ ୧୦୯ ଟଙ୍କା ।

## "ଯାଦୁର ଔଷଧ ।"

ଯେତ୍ରକାର ଓ ଯେତେଦିନର ଦଦ୍ରୁରୋଗ ହେଉ, କେବଳ ଦୁଇ ତିନିଥର ଲେପନ କଲେ ବହୁ ଜନାପୋଡ଼ାରେ

ଘ ୨୪ ଘଣ୍ଟା ମଧ୍ୟରେ ଜଣ୍ଡେ ଅଦୃଶ୍ୟ ହୋଇଯିବ ଆଉ କେବେ ହେବ ନାହିଁ । ଏଥିରେ କୌଣସିପ୍ରକାର ବିଷାକ୍ତ ଦ୍ରବ୍ୟ ମିଶ୍ରିତ ନାହିଁ । ମୂଲ୍ୟ ପ୍ରତି ଡିବିଆ ଅଠଅଣା ।

ହୋମିଓପେଥିକ ମତରେ ।

## "ଗୃହଚିକିତ୍ସାର ବାକ୍ସ ।"

ଗୋ ୩୦ ଟି ଶିଶିଯୁକ୍ତ ଗୋଟିଏ ଉତ୍କୃଷ୍ଟ ମେହଗିନିକାଠର ବାକ୍ସ, ଝୋପା ପକାଇବାର ଯନ୍ତ୍ର, ଚିକିତ୍ସା କରିବାର ସଞ୍ଚିଏ ବଙ୍ଗଳା ପୁସ୍ତକ ଓ ଚିକିତ୍ସାସଂକ୍ରାନ୍ତ ଯାବତୀୟ ସରଞ୍ଜାମସହ ମୂଲ୍ୟ ଟ ୧୬୯ ଟଙ୍କା ଏଥିରେ ଯେଉଁ ପୁସ୍ତକ ଅଛି ତାହା ଦେଖି ସାମାନ୍ୟ ଶିକ୍ଷିତ ଓ ଗୃହସ୍ଥ ବ୍ୟକ୍ତିମାନେ ମଧ୍ୟ ଚିକିତ୍ସକଙ୍କର ବିନା ସାହାଯ୍ୟରେ ସର୍ବପ୍ରକାର ରୋଗର ଚିକିତ୍ସା କରି ପାରିବେ । ୧୨ ଶିଶିର " କଲେରା ରୋଗ ଚିକିତ୍ସାର ବାକ୍ସ " ମୂଲ୍ୟ ଟ ୫୯ ଟଙ୍କା ଉପରୋକ୍ତ ବାକ୍ସ ଦୁଇ ପଡ଼ାସାମଗ୍ର ପ୍ରତ୍ୟେକ ଗୃହସ୍ଥଙ୍କଠାରେ ଗୋଟିଏ ୨ ରହିବା ଏକାନ୍ତ ଆବଶ୍ୟକ । ଉପରୋକ୍ତ ଔଷଧମାନ ମୋଫସଲକୁ ପଠାଇବାକୁ ହେଲେ ମୂଲ୍ୟ ଛଡ଼ା କେତାଙ୍କ ସ୍ୱତନ୍ତ୍ର ଡାକମାସୁଲ ଦେବାକୁ ପଡ଼ିବ ।

ଅତ୍ୟର୍ଥ ଗୁଣବର୍ଦ୍ଧକ, ପ୍ରତ୍ୟକ୍ଷ ଫଳପ୍ରଦ ଅକୃତ୍ରିମ

## "ଜ୍ୟାମେକା ସାଲସା ।"

ଏହି ସାଲସା ବୃଟିଶ ଗବର୍ଣ୍ଣମେଣ୍ଟଙ୍କର ଅନୁମୋଦିତ ! ନାନାଦେଶୀୟ ୪୧ ପ୍ରକାର ଉଦ୍ଭିଦ ରକ୍ତପରିଷ୍କାରକ ,ମଞ୍ଜିଷ୍ଠର ସାରଦ୍ୱାରା ନୂତନ ରସାୟନ ପ୍ରକରଣରେ ପ୍ରସ୍ତୁତ । ଏହାର ପ୍ରଧାନ ଗୁଣ ରକ୍ତପରିଷ୍କାରକ, ଦୂଷିତ ରକ୍ତଶୋଧକ, ପୃଷ୍ଟିକାରକ, ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହନାଶକ, ପାର ଓ ଉପଦଂଶ ସଂହାରକ, କାମୋଦ୍ଦୀପକ, ସାର୍ଦ୍ଧ୍ୟଉତ୍ତେଜକ, ଚର୍ମରୋଗନାଶକ, କୋଷ୍ଠପରିଷ୍କାରକ, କ୍ଷୁଧାବୃଦ୍ଧିକାରକ, ଶରୀର କାନ୍ତିବର୍ଦ୍ଧକ, ବଳକାରକ ସ୍ଫୂର୍ତ୍ତିକାରକ, ମେଧାବୃଦ୍ଧିକାରକ, ଶରୀରସ୍ଥ ସର୍ବପ୍ରକାର ଜଡ଼ତା ନିବାରକ; ଏହି ସାଲସା ସକଳଋତୁରେ ଏବଂ ସକଳଅବସ୍ଥାରେ ସେବନ କରଯାଏ । ଆହାରାଦିର ନିୟମ ପ୍ରାୟ ସ୍ୱାଭାବିକ କୌଣସି ଧରାବନ୍ଧା ନିୟମ ନ ଥିବାରୁ ଏହା ନିତ୍ୟସେବନର ଏକମାତ୍ର ବସ୍ତୁ । ଏଥିରେ ପାରା, ଅଫିମ, ମଦ ପ୍ରଭୃତି କୌଣସିରୂପ ବିଷାକ୍ତ ବା ମାଦକ ଦ୍ରବ୍ୟର ସମ୍ପର୍କ ନାହିଁ ସୁତରାଂ ଆବାଳ ବୃଦ୍ଧ ବନିତା ସମସ୍ତେ ଅବାଧେ ସେବନ କରିପାରନ୍ତି । ମୂଲ୍ୟ ପ୍ରତି ବୋତଲ ଟ ୧୧ ଟଙ୍କା ଡଜନ ଟ ୧୦୯ ଟଙ୍କା ମାସୁଲ ସ୍ୱତନ୍ତ୍ର ।

ଉପରୋକ୍ତ ସମସ୍ତପ୍ରକାର ଔଷଧପ୍ରାପ୍ତିର ଠିକଣା

ଡାକ୍ତର ପି, ମାର୍ଟିନ;

ନ ୪୧ ସ୍ଥ ଭବାନୀଚରଣଦତ୍ତଙ୍କର ଲେନ

କଲିକତା ।

Dr. P. Martin
No. 41 Bhawani Charan Dutt's Lane
Calcutta

## NOTICE.

Wanted a Sheristadar for the Judicial Department of the Mourbhunj State on a monthly salary of Rs. 45 rising to Rs. 60 by yearly increments of Rs. 5 Apply sharp to Babu Mohini Mohan Dhar, Mourbhunj. The applicant must know English and Oriya and should have some experience of a Sheristadar's works of Civil, revenue and criminal Departments.

Srihari Prasad Das
5. 8. 92. Sheristadar Mourbhunj State.

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

## ଘଡ଼ିମରାମତି ।

ନାନାପ୍ରକାର ଷ୍ଟେଷ୍ଟ ବଡ଼ ଛୋଟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁସାରେ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଦିଆଯିବ ଯଦି ମରାମତ ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେସ, ମୁଦି, ଫୁଲିଆ ସବୁଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର ତକମା ଦେବାର ଓଗେର ସାଜ, (କମାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ
୧୪।୧ ୨।୮୯ } ଶ୍ରୀ ଗୌରଶଙ୍କର ରାୟ

## ବିଚାମସାହେବଙ୍କ ବଟିକା
## ( BEECHAM'S PILL. )

ଫଳ ବିବେଚନାରେ ଏକ ୨ ଗୁଣ୍ଡିଆର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲିଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଡିଙ୍ଗୁଳ ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ଦିଆ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ଛାଟୋ-

Split by PDF Splitter
Digitized by srujanika@gmail.com

ଦ୍ରଗମ, ଷ୍ଟୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବଦ୍ଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟୁବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ତାନର ସକଳନଗରର ଇଂଗ୍ରେଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦ ୫ ଟ ୦ ୧୦ ଓ ଟ ୦ ୧୪ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅଳ୍ପସମୟର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ହିସାବ ବଜାର ଦର ହିସାବରେ ବଣି ପଠାଇବାର ପରି-ଶ୍ରମନିମନ୍ତେ ଶତକଡ଼ା ଟ ୨। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେହିଂ ବା ଇନସଫିସିଏଣ୍ଟ ପତ୍ର ଗ୍ରାହ୍ୟ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଜୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବ୍ୟବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ଯାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ସେଉଁ-ମାନେ ଅମ୍ଭଠାରୁ ଔଷଧର ବ୍ୟବସ୍ଥା ନେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ମୂଳକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ପୂର୍ବ ଓ ବର୍ତ୍ତମାନ ଅବସ୍ଥା ଲକ୍ଷଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଉଁ ।

ଟଙ୍କା, ଚିଠି ଓ ପତ୍ରାଦି ଉକ୍ତ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତକ ଶୀତଳ ଓ ଘାଣଶକ୍ତି ବୃଦ୍ଧି ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ କର୍ଷିତ, କୋମଳ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଚକ୍ଷୁଶୂଳ ହାରକ—ଚକ୍ଷୁ ଉଠିଲେ ଏହା ପ୍ରୟୋଗ କଲେ ଜ୍ୱାଳା ଯନ୍ତ୍ରଣା କ୍ଷଣମାତ୍ରେ ଜଣା ଯାଏ ନାହିଁ । ପ୍ରତିଶିଶିର ମୂଲ୍ୟ ଚାରିଅଣା ମାତ୍ର ।

୩ । ଶୂଳହାରକ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାବାତ ) ଓ ତନ୍ନାନା ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନଷ୍ଟ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠରୋଗ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା, ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦର, ଶିରଃ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୁର୍ବଳତା ନିବାରଣ ହୁଏ ।

ଏହା ନିର୍ଦ୍ଦୋଷ ଜୋଲାପ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଉନ୍ମାଦର ଅରିଷ୍ଟ—ଏହା ସେବନ କଲେ ମସ୍ତିଷ୍କ ଲେହସ୍ୱୀ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ ଓ ଜଙ୍ଗଲ ଓ ପାଙ୍କଶୀୟ ଜ୍ୱର, ପ୍ଳୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିଦ୍ରା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଯୌବନଶ୍ରୀବର୍ଦ୍ଧକ ( ସାଲସା )—ଅତ୍ୟଧିକ ଅତ୍ୟାଚାର, ଅତ୍ୟନ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, କଣ୍ଡୁ, ଗାତ୍ର ଜ୍ୱାଳା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଦୂରୀଭୂତ ହୋଇ ମାନବଦେହ ନବ-ଜୀବନ ପ୍ରାପ୍ତ ଓ ଯୌବନଯୁକ୍ତ ହୁଏ । ଗ୍ରୀଷ୍ମସମୟରେ ମଧ୍ୟ ବଳାଧିକ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବେଦନା ଓ ଶୋଥ ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବିଜ୍ଞାପନ ।

ଉଲିଖିତ ଶାସ୍ତ୍ର ବନରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ନାମ ଠିକଣାରେ ବାବୁ ଅଜୟଙ୍କର ଜନ୍ମ ଜଣାଯାଉ ନୋହାଗରେ ଜନେମ୍ବ କେଣ୍ଡ ଅନ୍ତୁ ଯଥା—

| | | | |
|---|---|---|---|
| ୧୦ ଖଣ୍ଡ ବାଲ | ୦ ୧୪ ଟ ୨୮ | ୦୧୬ ଟ ୦୪୦ | |
| ୧୧ ଖଣ୍ଡ „ | „ ଟ ୨୭ | „ ଟ ୦୪୮ | |
| ୧୨ ଖଣ୍ଡ „ | „ ଟ ୨୫ | „ ଟ ୦୪ | |
| ୨୨ ଖଣ୍ଡ ଭକଲପତ୍ରସ୍ଥେ „ | ଟ ୩ | „ ଟ ୦୪୦ | |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ତତ୍ତ୍ୱାବଧାନରେ ବହୁ ଦିନରୁ ଅମ୍ଭମାନଙ୍କ ଦୋକାନରେ ଚଳଦଳିଆ ଓ ମଳମ ଓ ଷ୍ଟେସନେରି ଜିନିଷ ଓ ଷ୍ଟେସନରି ଓ କାଗଜ କଲମ ଇତ୍ୟାଦି ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକଙ୍କ ମଧ୍ୟରେ ବିଦିତ ଅଛି । ଏତଦ୍ଭିନ୍ନ ଅନେକପ୍ରକାର ଫେନ୍ସି ଜିନିଷ ମଧ୍ୟ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ହେବ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ବିଜ୍ଞାପନ ।

ଏ ଗାଁରେ ନିଜଗାଁ ବାସିଙ୍କ ପାଇଁ ଭଲ ଘିଅ ବିକ୍ରୟ ହେଉଅଛି ଯାହାଙ୍କର ଦରକାର ହେବ ସେମାନେ ନେଇପାରନ୍ତି । ମହଜୁଦ ହେବ ଓ ଭଲ ଥିବ ନାହିଁ ।

କଟେଇ ତମଘା ଓ ସାଙ୍ଗରେ ଲଗାଇବାର ଜିନିଷ ମଧ୍ୟ ଅଛି ।

ଅଛଜକଟକ ଚକ୍ର ବଣାସୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/୧ |
| ଅକ୍ଷରପ୍ରତି | ଟ ୦/୨ |
| ଦ୍ୱିତୀୟ ଏବଂ ତୃତୀୟଥର | ଟ ୦/୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦୀର୍ଘକାଳ ଓ କ୍ରମାଗତ ଛପାଇବା ସକାଶେ ଖର୍ଚ୍ଚ ପ୍ରଥମ ଥରର ରେଟ ଓ କ୍ରମେ ଯଥାକ୍ରମେ ହେବ ।

ଅଧିକ ବିଷୟ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


୨୭ ଭାଗ
୩୪ ସଂଖ୍ୟା

ତା ୨୦ ଦଶ ମାହେ ଅଗଷ୍ଟ ସନ ୧୮୯୨ ମହିହା । ନୂ । ଭଦ୍ର ୭ ୨ ଜ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ପଶ୍ଚାଦ୍ଦେୟ ଟ ୬୧


ସରହଜନ ଏଡଗାର ସାହେବ କାର୍ଯ୍ୟ ତ୍ୟାଗ କରିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରଧାନ ସେକ୍ରେଟରୀପଦରେ ଶ୍ରୀଯୁକ୍ତ କଟନସାହେବ ବାହାଲ ହେଲେ । ଏମାନେ ଦୁହେଁ ଯୋଗ୍ୟଲୋକ ଅଟନ୍ତି ।

---

ଗୁଇବାସା ମିଉନିସିପାଲକମିଶ୍ନରମାନଙ୍କ ପ୍ରାର୍ଥନା ଏବଂ ସିଂହଭୂମର ଡେପୁଟୀକମିଶ୍ନରଙ୍କ ଅନୁରୋଧମତେ ଗୁଇବାସା ମିଉନିସିପାଲିଟୀ ମଧ୍ୟରେ ବଳପୂର୍ବକ ଇଂସ୍ପେକ୍ଟୀକା ଦେବା ବିଷୟକ ସନ ୧୮୮୦ ସାଲର ଆଇନ ପ୍ରଚଳିତ ହୋଇଅଛି ।

---

ଲୁଗାସିଲାଇକଳ ଅନେକ ବିକ୍ରୟ ହେଉଅଛି । ବମ୍ବେଇର ଜଣେ ଶିକ୍ଷକ ସିଙ୍ଗରମାନଙ୍କ ଠାରୁ ଗୋଟିଏ କଳ ପଠାଇବା କାରଣ ଏକ ମହାଜନଙ୍କୁ ଫରମାସ ଦେଇଥିଲେ । ସେ ଅନ୍ୟ ମହାଜନଙ୍କ ପଠାଇବାରୁ ସେହି ଜାତି ମାଲକାରିକଳ ପଠାଇବାରୁ କେଉଁ ଭାଡ଼ା ନେବାକୁ ଅସ୍ୱୀକାର କରି ମୂଲ୍ୟ ଫେରି ପାଇବାକୁ ଦାବୀ କଲେ । ମହାଜନ ତାହା ଶୁଣିଲେ ନାହିଁ । ପରେ ଛୋଟଅଦାଲତରେ ନାଲିସ ହେବାରୁ ବାଧ୍ୟ ହୋଇ ମୂଲ୍ୟ ଫେରି ଦେଲେ ।

---

ଗତ ବନ୍ୟାବୃଦ୍ଧିରେ ବାତ୍ୟାପୀଡ଼ିତ ଅଞ୍ଚଳର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି । କୃଷ୍ଣନଗର ବାବୁ ଡେପୁଟୀ କଲେକ୍ଟର ଦେଓଗାଁ ପ୍ରଭୃତି ଲୋକଙ୍କୁ ସାହାଯ୍ୟ ବାଣ୍ଟିବୁଲୁଅଛନ୍ତି ଶୁଣିବାରେ ସେ ଉକ୍ତ ପ୍ରଦେଶର ଲୋକଙ୍କ କଷ୍ଟ ଓ ମାଇକଷ୍ଟ ହେବାର ଏବଂ ବସ୍ତ୍ର ପର୍ଯ୍ୟନ୍ତ ମାଣ ସାହାଯ୍ୟ ପ୍ରୟୋଜନ ଥିବାର ରିପୋର୍ଟ କରିଅଛନ୍ତି । ସଦର କାନଗୋଇ ସାହାଯ୍ୟ ବାଣ୍ଟିବାକୁ ଗତ କାଲି ପ୍ରସ୍ଥାନ କଲେ । ବର୍ତ୍ତମାନ କେବଳ ଦୁଃଖିମାନଙ୍କୁ ଦୁଇ ଗୁଣ ଅଣ୍ଣା ଲେଖାଏ ଭିକ୍ଷା ଦିଆଯାଉଅଛି । ଏଥିରେ କି ରକ୍ଷା ପଡ଼ିବ ?

---

ମିଉନିସିପାଲିଟୀସମ୍ବନ୍ଧୀୟ ଆଇନ ସଂଶୋଧନାର୍ଥେ ଯେଉଁ ନୂତନ ପାଣ୍ଡୁଲିପି ବଙ୍ଗୀୟ ବ୍ୟବସ୍ଥାପକସଭାର ବିବେଚନାଧୀନରେ ରହିଅଛି ତହିଁ ବିରୁଦ୍ଧରେ ମୋଫସଲର ସମସ୍ତ ମିଉନିସିପାଲିଟୀ ଏକବାକ୍ୟରେ ଆପତ୍ତି କଲେହେଁ କିଛି ଫଳ ନ ହେବାରୁ ଇଣ୍ଡିୟାନ ଆସୋସିଏସନ ନାମକ ସମିତିର ଉଦ୍ୟୋଗରେ ଆଗାମି ମାସ ତା ୩ ରିଖରେ କଲିକତା ଟାଉନହଲରେ ଗୋଟିଏ ସଭା ହେବ । ସଭାର ଅନୁରୋଧ ଯେ ପ୍ରତ୍ୟେକ ମିଉନିସିପାଲିଟୀ ଆପଣା ପକ୍ଷରୁ ପ୍ରତିନିଧି ନିଯୁକ୍ତ କରି ଏ ସଭାକୁ ପଠାଇବେ । ଆମ୍ଭେମାନେ ଆଶା କରୁଁ କି ଓଡ଼ିଶାର ମିଉନିସିପାଲ କମିଶନରମାନେ ଏଥିରେ ଯୋଗ ଦେବେ ।

---

କେନ୍ଦ୍ରାପଡ଼ା ବଳଦେବଜୀଉ ମଠସମ୍ବନ୍ଧୀୟ ଅନେକ କାର୍ଯ୍ୟ ଅତ୍ୟନ୍ତ ବିଶୃଙ୍ଖଳାରେ ଅଛି । କେବଳ ମାମଲା ମୋକଦ୍ଦମା ନିମନ୍ତେ ଏହି ମଠ ଓ ତହିଁର ପ୍ରତିପକ୍ଷମାନଙ୍କ କାର୍ଯ୍ୟ ବିଖ୍ୟାତ ନୁହେ । ଅନେକ ଦିନରୁ ଏ ସ୍ଥଳରେ ଆଇନ ଓ ବେଆଇନ ଉଭୟର ପ୍ରାଧାନ୍ୟ ଲକ୍ଷିତ ହେଉଅଛି । ଗତ ରଥଯାତ୍ରା ସମୟରେ ଶ୍ରୀଜୀଉଙ୍କ ମୁକୁଟ ବା ଘଣ୍ଟା ଆଦେଶ ହୋଇ ଥାଇବ ଏହି କଥା ଯେଉଁ ସ୍ଥାନୀୟ ଜମିଦାର ବାବୁ ବଳରାମ ଭ୍ରମରବର ଏବଂ ଶ୍ରୀଜୀଉଙ୍କ ମଠର ମହନ୍ତଙ୍କ ମଧ୍ୟରେ ବିରୋଧ ହୋଇ କେନ୍ଦ୍ରାପଡ଼ା ସବ୍‌ଡିଭିଜନର ହାକିମଙ୍କ ନିକଟରେ ନାଲିଶ ଦାଏର ହେଲା ବଳରାମବାବୁ ଦୋଷୀ ସାବ୍ୟସ୍ତ ହୋଇ ଟ ୫୦ ଙ୍କା ଅର୍ଥଦଣ୍ଡ ଦେଲେ । ଏଥା ବଡ଼ ଉଣା କଥା ଅଟଇ ।

---

ଜଗିବ ଏବଂ ବଣ୍ଡଓ୍ୱାସ୍ ଅମିନଙ୍କ ନିଯୋଗସମ୍ବନ୍ଧରେ ବଙ୍ଗୀୟ ରେବନ୍ୟୁବୋର୍ଡ ସଂଶୋଧିତ ନିୟମାବଳୀ ପ୍ରଚାର କରିଅଛନ୍ତି । ଏସବୁ ନିୟମର ସାରମର୍ମ ଏହିକି ଭବିଷ୍ୟତରେ ଏସମସ୍ତ ଅମିନଙ୍କ ବେତନ ମାସକୁ ଟ ୩୦୧ ଙ୍କାରୁ ଊଣା ହେବ ନାହିଁ ଏବଂ ଯେଉଁମାନେ ଚେନ ଓ ପ୍ଲେନ ଟେବଲ ସାହାଯ୍ୟରେ ଜରିବ କରିବାକୁ ଜାଣନ୍ତି କେବଳ ସେହିମାନେ ବଣ୍ଡୁଆସ୍ ଅମିନ କାର୍ଯ୍ୟରେ ନିଯୁକ୍ତ ହେବେ । ବଣ୍ଡଓ୍ୱାସ୍ ଅମିନଙ୍କ ପରିଶ୍ରମ ଓ ଦାୟିତ୍ୱ ବିବେଚନାରେ ଏନିୟମ ଉତ୍ତମ ହୋଇଅଛି ସନ୍ଦେହ ନାହିଁ ଭରସା

Split by PDF Splitter

Digitized by srujanika@gmail.com

କରୁଁ ସେମାନଙ୍କୁ ଯଥାସମୟରେ ବେତନ ଦିଆଯିବାପ୍ରତି ବଡ଼ କଷ୍ଟକର ହୋଇଅଛି କାରଣ ଅନେକ ସମୟରେ ଏମାନେ ଦୀର୍ଘକାଳ ବିଳମ୍ବରେ ବେତନ ପାଇବାର ଦେଖାଯାଏ । ଏଥିରେ ସଚ୍ଚରିତ୍ରତା ରକ୍ଷା ହେବା କଠିନ ।

---

ପ୍ରାୟ ଦ ୧୫ ନ ହେଲା ବୃଷ୍ଟିସଙ୍ଗେ ଅହୋ ଦେଖା ନାହିଁ । ଆକାଶ ପରିଷ୍କାର ଏବଂ ରୌଦ୍ର ଅତ୍ୟନ୍ତ ପ୍ରଖର । ଖାଲ ହିଲ ସବୁ ଶୁଖି ଯାଉଅଛି । ଫସଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଏକବର୍ଷ କାଳ ଲୋକମାନେ ଦାନାକଷ୍ଟ ପାଇ ଗତମାସରେ ବଆଳ ଓ ମାଣ୍ଡିଆ ଗଛମାନ ଭଲ ହେବାର ଦେଖି ବହୁତ ଆଶାନ୍ୱିତ ହୋଇଥିଲେ ଏବଂ ଧାନ ଚାଉଳର ଦର ମଧ୍ୟ କିଛି କମ ହୋଇ ଥିଲା ମାତ୍ର ଅସାଧାରଣ ନଦୀବଢ଼ି ଏବଂ ତହିଁ ପରେ ଦୀର୍ଘକାଳ ବ୍ୟାପି ଜଳ ଏପରି ହୋଇ ଓ ମଗୁଡ଼ି ଏକାବେଳକେ ଉପସ୍ଥିତ ହୋଇ ସର୍ବନାଶ ଘଟାଇ ଅଛି । ଏଥିମଧ୍ୟରେ ଧାନ ଓ ଚାଉଳର ଦର ପୁଣି ବୃଦ୍ଧି ହୋଇଅଛି ଏବଂ ସର୍ବତ୍ରରେ ହାହାକାର ଉଠିଅଛି । ଓଡ଼ିଶାର ଭଲ ଚାଷର ଅବସ୍ଥା ଏହିପରି ଅଟେ । ଭବିଷ୍ୟତ ଭୟଙ୍କର ଉପସ୍ଥିତ । ଭଗବାନ କିପରି ଏଥିରୁ ରକ୍ଷାଇବେ ଏହା ତାହାଙ୍କୁ ଗୋଚର ।

---

ହରଦ୍ୱାରମେଲାଦ୍ୱାଙ୍ଗାର ଅନୁସନ୍ଧାନ ଲାଗିଅଛି । କଲିକତାର ଷ୍ଟେଟସମ୍ୟାନର ପ୍ରେରିତ ଆବେଦନପତ୍ରରେ ଯେସମସ୍ତ ଲୋକ ଦସ୍ତଖତ କରିଥିଲେ ସେହିମାନଙ୍କର ଜୋବାନବନ୍ଦି ପ୍ରଥମେ ଗୃହୀତ ହେଲା ଏବଂ ସେମାନଙ୍କ ପ୍ରତି ଅନେକ ଜେରା ହୋଇଥିଲା ମାତ୍ର ଅଧିକାଂଶ ସାକ୍ଷୀ ତହିଁରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଅନୁସନ୍ଧାନକାରୀଙ୍କ ମଧ୍ୟରେ ମୁନସୀ ନାରାୟଣସିଂହ ଏକଜଣ ଅଟନ୍ତି । ଅନେକ ସାକ୍ଷୀ ତାହାଙ୍କୁ ଉକ୍ତ ଘଟନାରେ ଦୋଷୀ ଥିବାର ପ୍ରକାଶ କରିବାରୁ ତାହାଙ୍କୁ ଅନୁସନ୍ଧାନ ସମିତିରୁ ଅନ୍ତର କରିବାକାରଣ ଷ୍ଟେଟସମ୍ୟାନର ପ୍ରତିନିଧି ଡିରେକ୍ଟର କମିଶନରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ମାତ୍ର ତାହା ଅଗ୍ରାହ୍ୟ ହେଲା । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ସ୍ଥାନୀୟ କର୍ମଚାରୀମାନଙ୍କର ଏ ବିଷୟରେ ଅହୋ ସହାନୁଭୂତି ନାହିଁ । ମାତ୍ର ପ୍ରପୀଡ଼ିତ ବ୍ୟକ୍ତିମାନେ ସଂବାଦପତ୍ରଙ୍କ ସାହାଯ୍ୟ ହେଲେ କେହି ତାହା କାଟିଦେଇ ପାରିବେ ନାହିଁ ।

---

ବିଲାତର ପାର୍ଲିମେଣ୍ଟସଭା ଚଳିତମାସ ତା ୪ ରିଖରେ ବସିଲା । ସଭ୍ୟମାନେ ଶପଥ ଗ୍ରହଣ କରନ୍ତେ ତା ୮ ରିଖରେ ଶ୍ରୀମତୀ ମହାରାଣୀଙ୍କର ବକ୍ତୃତା ପଠିତ ହେଲା । ଏ ବକ୍ତୃତାଟି ଅତି ସଂକ୍ଷିପ୍ତ ଏବଂ ଏଥିରେ ଏତିକି ଥିଲା ଯେ ଗତବର୍ଷର କାର୍ଯ୍ୟ ବଡ଼ ସନ୍ତୋଷଜନକ ହୋଇଅଛି ଓ ଚଳିତବର୍ଷରେ ତହିଁର ସୁଫଳ ଲାଭ ହେବ । ଏକଥାରେ ଏହା ରକ୍ଷଣଶୀଳଦଳର ପ୍ରଶଂସାପକ୍ଷ ଥିବାର ବୋଲିଯାଇ ପାରେ । ଲର୍ଡସଭାରେ ଏହା ଗୃହୀତ ହେଲା ମାତ୍ର କମନସ୍ସଭାରେ ଏକଜଣ ସଭ୍ୟ ମନ୍ତ୍ରିଦଳଙ୍କ କାର୍ଯ୍ୟରେ ଜନସାଧାରଣଙ୍କର ପ୍ରତ୍ୟୟ ନ ଥିବାର ପ୍ରସ୍ତାବ କରନ୍ତେ ଉଦାରନୈତିକଦଳର ଅନ୍ୟାନ୍ୟମାନେ ତହିଁରେ ଯୋଗ ଦେଲେ ଏବଂ ମତ ଗ୍ରହଣାନ୍ତେ ତହିଁ ସପକ୍ଷରେ ଜ ୪୦ଜଣର ମତ ଅଧିକ ହେବାରୁ ତାହା ଗ୍ରାହ୍ୟ ହେଲା । ଏଥିର ଫଳ ଏହି କି ରକ୍ଷଣଶୀଳଦଳର ନେତା ଲର୍ଡ ସାଲିସବରୀ ମନ୍ତ୍ରିପଦ ତ୍ୟାଗ କଲେ ଏବଂ ଉଦାରଦଳଙ୍କ ହାତକୁ ଅଧିକାର ଆସିଲା । ସେମାନଙ୍କର ନେତା ବୃଦ୍ଧ ଗ୍ଲାଡଷ୍ଟୋନସାହେବ ନୂତନମନ୍ତ୍ରିଦଳ ମନୋନୀତ କରୁଅଛନ୍ତି ।

---

ସରଜନ ଏଡଗାରସାହେବ କାର୍ଯ୍ୟ ତ୍ୟାଗ କରି ଚାଲିଯିବାରୁ ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟ ଅତ୍ୟନ୍ତ ଦୁଃଖିତ ହୋଇ ଗତ କଲିକତାଗେଜେଟରେ ଏକ ବିଜ୍ଞାପନ ପ୍ରକାଶ କରିଅଛନ୍ତି ଏବଂ ତହିଁରେ ଏଡଗାର ସାହେବଙ୍କର ବିଶେଷ ପ୍ରଶଂସା କରିଅଛନ୍ତି । ବିଜ୍ଞାପନର ଆରମ୍ଭରେ ସେ କହିଅଛନ୍ତି ସର ହେନେରି ହାରିସନ ଏବଂ କଲସଟଏଲ ଓ ଟର୍ଣ୍ଣର ସାହେବମାନଙ୍କ ମୃତ୍ୟୁର ଅଳ୍ପଦିନ ଉତ୍ତାରୁ ସର ଏଡଗାର ସାହେବ କର୍ମ ତ୍ୟାଗ କରି ଚାଲିଯିବା ଅଧିକ ଦୁଃଖର ବିଷୟ ଅଟଇ । କାରଣ ଅଳ୍ପକାଳମଧ୍ୟରେ ଏତେଗୁଡ଼ିଏ ବିଶେଷ ଯୋଗ୍ୟ ହାକିମଙ୍କୁ ହରାଇବା ହାକିମ ସରକାରଙ୍କ କାର୍ଯ୍ୟର ଅସୀମ କ୍ଷତି ହୋଇଅଛି । ତହିଁ ଉତ୍ତାରୁ ସର ଏଡଗାର ସନ ୧୮୬୨ ସାଲରେ ଭାରତକୁ ଆସି ଅତ୍ୟନ୍ତ ସୁଖ୍ୟାତି ସହିତ ନାନା କାର୍ଯ୍ୟ କରି ସନ ୧୮୮୭ ସାଲରେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ପ୍ରଧାନ ସେକ୍ରେଟରୀପଦରେ ବାହାଲ ହେବାର ବର୍ତ୍ତିକା କରି ପରିଶେଷରେ ମାନ୍ୟବର ଲେପ୍ଟେନାଣ୍ଟ ଲେଖିଅଛନ୍ତି ଯେ ସର ଏଡଗାରଙ୍କ ସୁପରାମର୍ଶ ଏବଂ ଅକ୍ଳାନ୍ତ ପରିଶ୍ରମ ହେତୁ ସେ ବଙ୍ଗୀୟ ଗବର୍ଣ୍ଣମେଣ୍ଟର କାର୍ଯ୍ୟ ପ୍ରଥମାବସ୍ଥାରେ ସୁରୁରୂପେ ନିର୍ବାହ କରିବାକୁ ସମର୍ଥ ହୋଇଥିଲେ । ଗବର୍ଣ୍ଣମେଣ୍ଟରୁ ଏପରି ପ୍ରଶଂସା ପାଇବା ସାମାନ୍ୟକଥା ନୁହଇ । ବାସ୍ତବରେ ସରଜନ ଏଡଗାର ଅସାଧାରଣ ଯୋଗ୍ୟ ଲୋକ ଥିଲେ ଏବଂ କାଳେ ତାହାଙ୍କୁ ବଙ୍ଗଲାର ଲେପ୍ଟେନାଣ୍ଟ ପଦରେ ଦର୍ଶନ କରିବାକୁ ଆମ୍ଭେମାନେ ଆଶା କରିଥିଲୁଁ । ସୁତରାଂ ତାହାଙ୍କର ପଦତ୍ୟାଗରେ ସର୍ବସାଧାରଣ ଦୁଃଖିତ ଅଛନ୍ତି । ଈଶ୍ୱର ତାହାଙ୍କୁ ଦୀର୍ଘାୟୁ କରନ୍ତୁ ।

---

ଭୁଜଙ୍ଗର ସମ୍ବାଦଦାତା ଲେଖିଅଛନ୍ତି କି ସେ ଅଞ୍ଚଳରେ ଗତ ନବମ୍ବରମାସ ତୋଫାନର କଷ୍ଟ ଦୂର ନ ହେଉଣୁ ଗତମାସର ବନ୍ୟା ପ୍ରବେଶ ହୋଇ ସମସ୍ତ ଆଶା ଭରସା ଗଭୀର ସାଗରମଧ୍ୟରେ ନିକ୍ଷେପ କଲା । ଜଳ ଏତେ ବୃଦ୍ଧି ହୋଇଥିଲା ଯେ ଭିଷ୍ଣବଚେସ ଘର ଭିତରେ ଫୁ ୨ ଟ ଉଠିଥିଲା । କର୍ମଚାରୀଙ୍କ ସାବଧାନତା ହେତୁ କାଗଜପତ୍ର କିଛି ନଷ୍ଟ ହୋଇ ନାହିଁ । ଏହି ନଦୀବଢ଼ିରେ ପ୍ରାୟ ପାଞ୍ଚଶତ ମୌଜାରେ ୬୧୨ ହଜାର ଘର ଭାଙ୍ଗିଯାଇ ଅଛି । ଅନେକ ଗୋରୁ ମହିଷ ଓ କେତେକ ମନୁଷ୍ୟ ନଷ୍ଟ ହୋଇ ଅଛନ୍ତି । ଗୃହସମ୍ପତ୍ତି ସମସ୍ତ ତ୍ୟାଗ କରି ଲୋକେ ବୃକ୍ଷସ୍ଥାନ ଓ ନୌକାର ଆଶ୍ରୟରେ ପ୍ରାଣ ରକ୍ଷା କଲେ । ଧାନ ଓ ମାଣ୍ଡିଆ ଫସଲର ବହୁତ କ୍ଷତି ହୋଇ ଅଛି । ସବ୍ମାନେଜର ଓ ତହସିଲଦାର ଟ ୫୦୦ କାର ଚାଉଳ ବାଣ୍ଟିବାଦ୍ୱାରା ଲୋକଙ୍କର ଅଳ୍ପ ସାହାଯ୍ୟ କଲେ । ମାତ୍ର ବିସ୍ତାରିତ ସାହାଯ୍ୟଦାନ ଲୋକଙ୍କର ଗତି ନାହିଁ । ପୂର୍ବରୁ ଅନେକଲୋକ ଅନ୍ନବିନା ମଦରଙ୍ଗା ଓ କଲମ୍ବ ଶାଗ ଖାଇ ବଞ୍ଚୁଥିଲେ । ବଢ଼ିପାଣି ତାହାସବୁ ବିନାଶ କରି ଗଲା । ସଂପ୍ରେରକ ଶେଷରେ ଲେଖିଅଛନ୍ତି କି ଆମ୍ଭ ମାରସାଘାଇହାଟରେ ଦେଖିଲୁଁ ମେ ଜଣେ ସଧବା ସ୍ତ୍ରୀ ଏକ ଅଣ୍ଟସ ହୋକାନକୁ ଆସି ସ୍ୱହସ୍ତେ ଅପଣା ଚୁଡ଼ିହାତର ଖଡ଼ୁ କାଟି ଓଜନ କରିବାକୁ କହିଲା । ଅଣ୍ଟାଶ୍ୱ ଓଜନ ନ କରି ମନେ ହେସାବ ବୁଝି ଅଧ ଟଙ୍କାଏଣା ପଇସା ଦେଲା । ଅନାଥିନୀ ସ୍ତ୍ରୀ ତାହା ପାଇବାମାତ୍ରେ ଦ୍ୱିରୁକ୍ତି ନ କରି ଗୃହାଭି-

Digitized by srujanika@gmail.com

ଦୋକାନକୁ ପଇସାକର ମୁଡ଼ି କିଣି ଖାଇଲା । ସେହିରଜ୍ୱାଲା ଏପର୍ଯ୍ୟନ୍ତ ହୋଇଅଛି । ପ୍ରାଚୀନ ଲୋକମାନେ ଯଥାର୍ଥ କହିଅଛନ୍ତି ଯେ "ମାରେ ଶ୍ରୀମନ୍ତ ରଖେ କୋନ" । ଆମ୍ଭମାନଙ୍କ ଦୟାଶୀଳ ଗବର୍ଣ୍ଣମେଣ୍ଟ ପ୍ରଜାଙ୍କୁ ଅନ୍ନକଷ୍ଟରୁ ରକ୍ଷା କରିବା କାରଣ ସର୍ବଦା ଦୃଢ଼ସଙ୍କଳ୍ପ ଏବଂ ଏଥିପାଇଁ କେତେ କାଏଦା କଟକଣା ମାତ୍ର ଦୈବ ପ୍ରତିକୂଳସମୟରେ ତାହାସବୁ ବୃଥା ! ନୋହିଲେ କି ସ୍ଥାନୀୟ କର୍ତ୍ତୃପକ୍ଷମାନେ ଏପରି ଦୁଃସମୟରେ ଚିନ୍ତିତ ହୋଇଥାନ୍ତେ ।

---

ଶ୍ରୀ ଶ୍ୟାମଲାଲ ମିତ୍ର 'ହିନ୍ଦୁର ଅଧୋଗତି କେବେ ହେଲା' ଏହି ବିଷୟରେ ଗୋଟିଏ ବଡ଼ ଚିନ୍ତାଶୀଳ ପ୍ରବନ୍ଧ ହିତବାଦୀ ନାମକ ବଙ୍ଗଳା-ସମ୍ବାଦପତ୍ରରେ ପ୍ରକାଶ କରିଅଛନ୍ତି । ସେ କହନ୍ତି କି ଇଂରାଜ ଶାସନ ଓ ଇଂରାଜଶିକ୍ଷା ଦ୍ୱାରା ହିନ୍ଦୁର ଅଧୋଗତି ଘଟିଅଛି ଏପରି ବୋଲିବା ଅଯୌକ୍ତିକ ଅଟଇ । କାରଣ ଇଂରାଜଶାସନ ଓ ଶିକ୍ଷା ଅତ୍ୟନ୍ତ ଅନିଷ୍ଟକର ବୋଲି ସ୍ୱୀକାର କଲେ ସୁଦ୍ଧା କେତେକଜଣ ଇଂରାଜବଣିକ୍ ଆସି କୋଟି୨ ଭାରତବାସୀଙ୍କୁ କିପରି ବଶୀଭୂତ କଲେ ଏହା ବୁଝିବା କଠିନ । ହିନ୍ଦୁଜାତିର ଅଧଃପତନ ହୋଇ ନ ଥିଲେ ଏପରି ଘଟନ୍ତା ନାହିଁ । ଜଗତରେ କେବେ ଏପରି ଘଟି ନାହିଁ କି ଘଟିବ ନାହିଁ । ମୁସଲମାନମାନଙ୍କର ଶାସନମଧ୍ୟ ଭାରତର ଅଧଃପତନର କାରଣ ହୋଇ ନ ପାରେ । ହିନ୍ଦୁମାନେ ହୀନବୀର୍ଯ୍ୟ ହୋଇଥିଲେ ବୋଲି ସିନା ମୁସଲମାନମାନେ ତାଡ଼ିତବେଗରେ ହିନ୍ଦୁକୁଶଠାରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ସମସ୍ତ ପୁଣ୍ୟଧାମ ଆର୍ଯ୍ୟାବର୍ତ୍ତ ଉପରେ ଆଧିପତ୍ୟ ସ୍ଥାପନ କଲେ ଏବଂ ବହୁକାଳ ତାହା ରକ୍ଷାକରିବାକୁ ସମର୍ଥ ହେଲେ । ଏଥିମଧ୍ୟରେ କେତେ ଦେବଦେବୀଙ୍କର ମସ୍ତକ ଚୂର୍ଣ୍ଣ ହେଲା ଏବଂ କେତେକ ହିନ୍ଦୁସନ୍ତାନ ସ୍ୱଧର୍ମତ୍ୟାଗ ପୂର୍ବକ ମୁସଲମାନ ହୋଇ ଗଲେ । ହିନ୍ଦୁ ରାଜକୁମାରୀ ଅସ୍ପୃଶ୍ୟ ଯବନର ଗୃହିଣୀ ହେଲେ ଏବଂ ପ୍ରତାପଶାଳୀ କ୍ଷତ୍ରିୟ ରାଜନ୍ୟବର୍ଗଙ୍କର ନାମ ଲୋପ ହେଲା । ବାସ୍ତବରେ ଖ୍ରୀଷ୍ଟୀୟ ଷଷ୍ଠମଶତାବ୍ଦିର ପୂର୍ବ ଇତିହାସ ସଙ୍ଗେ ବର୍ତ୍ତମାନର ଇତିହାସକୁ ମିଶାଇ ଦେଖିଲେ ଜଣାଯାଏ ଯେ ଅଧମ ହିନ୍ଦୁଙ୍କର ଗୌରବ ନାହିଁ, ପ୍ରଭୁତ୍ୱ ନାହିଁ, ଜାତୀୟ ମହତ୍ତ୍ୱର କୌଣସି ଲକ୍ଷଣ ନାହିଁ । ପ୍ରକୃତରେ ଇଂରାଜୀଶାସନ ବା ଶିକ୍ଷା ଯେବେ ହିନ୍ଦୁତ୍ୱନାଶର କାରଣ ହୋଇଥାନ୍ତା ତେବେ ଭାରତର ଲୋକସଂଖ୍ୟାର ଏକ ତୃତୀୟାଂଶ ଓ ବଙ୍ଗଳାର ଅର୍ଦ୍ଧେ ମୁସଲମାନଧର୍ମାବଲମ୍ବୀ ହୋଇ ନ ଥାନ୍ତେ । ବରଂ ଇଂରାଜୀଶିକ୍ଷା ନିତାନ୍ତ ନିରୀହ ବୋଲିବାକୁ ହେବ ଯେହେତୁ ଖ୍ରୀଷ୍ଟୀୟାନଙ୍କ ସଂଖ୍ୟା ଅବଧି ନିତାନ୍ତ ଊଣା । ଅତଏବ ଲେଖକ କହନ୍ତି ଯେ ମୁସଲମାନମାନଙ୍କ ଆମଳର ତିନି ଶହଗତ ବର୍ଷ ପୂର୍ବରୁ ଅର୍ଥାତ୍ ଯେଉଁ କାଳରେ ବୌଦ୍ଧମାନଙ୍କୁ ପରାଜୟ କରି ହିନ୍ଦୁମାନେ ହିନ୍ଦୁଧର୍ମ ସ୍ଥାପନ କଲେ ସେହିସମୟ ହିନ୍ଦୁର ଅଧୋଗତି ହୋଇଅଛି । ତାହାଙ୍କ ମତରେ ସେହି ସମୟରେ ହିନ୍ଦୁଧର୍ମମଧ୍ୟରେ ଏମନ୍ତ ଭାବମାନ ପ୍ରବିଷ୍ଟ ହେଲା ଯାହାକି ପ୍ରାଚୀନ ଋଷିମାନଙ୍କର ଅନୁମୋଦିତ ନୁହଇ । ସେ ସମସ୍ତଭାବ ନିର୍ଣ୍ଣୟ କରିବା ହିନ୍ଦୁମାନଙ୍କର କର୍ତ୍ତବ୍ୟ ଅଟଇ ।

---

## କୁଷ୍ଠାଶ୍ରମ ।

ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ଗତ ମାସର ଗସ୍ତ ଉପଲକ୍ଷରେ ବୈଦ୍ୟନାଥଠାରେ ଉପସ୍ଥିତ ଥାଇ ସେଠା କୁଷ୍ଠାଶ୍ରମଗୃହର ଶୁଭ ଦେଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ମାନ୍ୟବର ଡାକ୍ତର ମହେନ୍ଦ୍ରଲାଲ ସରକାର ଏହି ଶୁଭାନୁଷ୍ଠାନ ସମୟରେ ଯେଉଁ ବକ୍ତୃତା କରିଥିଲେ ତହିଁରୁ ପ୍ରକାଶ ଯେ ବାବା ବୈଦ୍ୟନାଥଙ୍କ ଆଶ୍ରୟରେ ପଡ଼ି ଆରୋଗ୍ୟଲାଭ ଆଶାରେ ନାନା ସ୍ଥାନରୁ କୁଷ୍ଠରୋଗୀମାନେ ତରବାର ସେଠାକୁ ଆସୁଥିବା ପ୍ରତ୍ୟକ୍ଷେ ଏପର୍ଯ୍ୟନ୍ତ ସେମାନଙ୍କ ରକ୍ଷାର କୌଣସି ଉପାୟ ହୋଇ ନ ଥିବା ଦୁଃଖ ଓ ଲଜ୍ଜାର ବିଷୟ ଅଟଇ । ସେମାନଙ୍କ ସାହାଯ୍ୟ ନିମନ୍ତେ ବାବୁ ଯୋଗେନ୍ଦ୍ରନାଥ ବସୁ ହେଡ଼ମାଷ୍ଟର ପ୍ରଥମେ ଉଦ୍ୟୋଗୀ ହୋଇ ଚାନ୍ଦା ସଂଗ୍ରହର ଚେଷ୍ଟା କରି କିଛି ଚାନ୍ଦା ସଂଗ୍ରହ କଲେ ଓ ବିଜ୍ଞ ଡାକ୍ତର ମହାଶୟ ଗୃହନିର୍ମାଣର ଟଙ୍କା ଦେବାକୁ ସ୍ୱୀକାର କଲେ । ତେତେବେଳେ ଖଣ୍ଡିଏ କାହିଘରନିର୍ମାଣର କଳ୍ପନା ହୋଇଥିଲା । ମାତ୍ର ଡାକ୍ତର ମହାଶୟଙ୍କ ବିବେଚନାରେ କାହିଘର ଅଳ୍ପକାଳସ୍ଥାୟୀ ବୋଲି ସେ ଟ ୭୦୦୦ କାରେ ଗୋଟିଏ କୋଠାଘର ନିର୍ମାଣ କରି ଦେବାକୁ ପ୍ରସ୍ତୁତ ହେଲେ ଏବଂ ସେହି ଘରର ଶୁଭ ଅଦ୍ୟ ଦିଆ ଗଲା । ଏଥିରେ ଜ ୮ ଣ ପୁରୁଷ ଏବଂ ୪ ଜଣ ସ୍ତ୍ରୀ କୁଷ୍ଠରୋଗୀ ରହିବାର ସ୍ଥାନ ହେବ ଏବଂ ଏମାନଙ୍କ ଗ୍ରାସାଚ୍ଛାଦନ ଏବଂ ଚିକିତ୍ସାର ବ୍ୟୟ ପ୍ରାୟ ମାସିକ ଟ ୫୦ ଙ୍କା ପଡ଼ିବ । ସାଧାରଣ ଚାନ୍ଦାଦ୍ୱାରା ପ୍ରାୟ ଟ ୮୦୦୦ ଙ୍କା ସଂଗୃହୀତ ହୋଇଅଛି । ତହିଁର ସୁଧ ମାସକୁ ଟ ୨୫ ଙ୍କା ମିଳିବ ଅବଶିଷ୍ଟ ଟଙ୍କା ଡାକ୍ତର ମହାଶୟ ବର୍ତ୍ତମାନ ହାତରୁ ଦେବେ । ମାତ୍ର ଭରସା ହୁଅଇ ଅନ୍ୟାନ୍ୟ ଧନାଢ୍ୟ ବ୍ୟକ୍ତିମାନେ କ୍ରମଶଃ ଚାନ୍ଦା ଦେବାକୁ ଅଗ୍ରସର ହେବେ ତାହା ହେଲେ ତହିଁର ସୁଧଦ୍ୱାରା ଆବଶ୍ୟକୀୟ ଟଙ୍କା ପୂର୍ଣ୍ଣ ହେବ । ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କ ବିଶେଷ ବଦାନ୍ୟତା ଏବଂ ସହାନୁଭୂତି ଯୋଗୁଁ ଏହି ହିତକର କାର୍ଯ୍ୟଟି ସଂସାଧିତ ହେଲା ଏଥିପାଇଁ ତାହାଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ ଏବଂ ଭରସା କରୁଁ ଅନେକ ଲୋକ ଏହାଙ୍କ ଅନୁକରଣରେ ଏହି ଶୁଭକାର୍ଯ୍ୟରେ ଯୋଗ ପ୍ରଦାନ କରିବେ ।

ଉପସଂହାରରେ ଆମ୍ଭେମାନେ ଏତିକି ବୋଲିବାକୁ ଇଚ୍ଛା କରୁଁ କି କୁଷ୍ଠାଶ୍ରମ ସକାଶେ ପ୍ରଥମେ କୋଠାଘର ନିର୍ମାଣର ବ୍ୟବସ୍ଥା କରି ଡାକ୍ତର ମହୋଦୟ ସୁବିଜ୍ଞର କାର୍ଯ୍ୟ କରିଅଛନ୍ତି କାରଣ ତଦ୍ୱାରା ଏହି କୀର୍ତ୍ତି ଚିରସ୍ଥାୟୀ ବୋଲି ଲୋକଙ୍କର ବିଶ୍ୱାସ ଜନ୍ମିବ ଏବଂ ସେମାନେ ସାହାଯ୍ୟ କରିବାକୁ ଅଗ୍ରସର ହେବେ । ମାତ୍ର ବୈଦ୍ୟନାଥରେ କୁଷ୍ଠରୋଗୀଙ୍କ ସଂଖ୍ୟା ଦୃଷ୍ଟିରେ କେବଳ ଜ ୧୨ ଣର ବ୍ୟବସ୍ଥା କରିବା ଅତି ସାମାନ୍ୟ ଅଟଇ । ଅନ୍ୟ ରୋଗୀମାନଙ୍କୁ ଆଶ୍ରୟ ଦେବାର ଉପାୟ କରିବା ଉଚିତ । ଏଥିପାଇଁ ଆମ୍ଭେମାନେ ବିଚାର କରୁଁ କି ଏହି ପକ୍କାଆଶ୍ରମ ସଂଲଗ୍ନରେ ଆପାତତଃ ଖଣ୍ଡିଏ ଚାଳଘର ପ୍ରସ୍ତୁତ କରି ଦେଲେ ଅପର ରୋଗୀମାନେ ସେଠାରେ ଭିକ୍ଷା ମାଗି ଖାଇ କୌଣସିମତେ ପଡ଼ିରହିବେ । ପାଞ୍ଚବଖରା ଗୋଟିଏ ମେଲାଘର ହେଲେ ପ୍ରାୟ ୫୦ ଜଣ ଖରା ବରଷାର ଦାଉରୁ ବଞ୍ଚିଯିବେ ଏବଂ ଏମାନଙ୍କୁ ଦେଖି ଦୟାବାନ୍ ଦାତାମାନଙ୍କର ଦାନପ୍ରବୃତ୍ତି ଉଦ୍ରେକ ହେବ । ଅନେକ ନିରାଶ୍ରୟରୋଗୀ ଏକ ସ୍ଥାନରେ ରହିଥିବା ସ୍ଥଳରେ ସେମାନଙ୍କ ମଧ୍ୟରୁ ଅଳ୍ପଲୋକଙ୍କୁ କୋଠାଘରେ ବସାଇ ଅନ୍ୟ ସମସ୍ତଙ୍କୁ ଏକାବେଳକେ ବିଭାଗ କରିବା ସର୍ବାଙ୍ଗ ସୁନ୍ଦର ଜଣାଯାଉ ନାହିଁ ।

---

## ଚୌକିଦାରୀଆଇନ ।

ବଙ୍ଗଳାର ଚୌକିଦାରୀଆଇନ ସଂଶୋଧନାର୍ଥେ ଯେଉଁ ନୂତନ ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି ଏବଂ ଯହିଁର ସଂକ୍ଷେପ ମର୍ମ ଆମ୍ଭେ

Split by PDF Splitter
Digitized by srujanika@gmail.com

ମାନେ ଏଥିପୂର୍ବେ ପ୍ରକାଶ କରିଅଛୁଁ ତାହା ବିଶେଷ କମିଟିଦ୍ୱାରା ବିବେଚିତ ହେବା ଉତ୍ତାରୁ ଗତମାସ ତା ୨୨।୨୩ ରିଖରେ ବଙ୍ଗୀୟ ବ୍ୟବସ୍ଥାପକସଭାରେ ବିଚାରିତ ହୋଇଥିଲା । ପ୍ରଥମଦିନ ପ୍ରାୟ ୪ ଘଣ୍ଟା କାଳ କେବଳ ଗୋଟିଏ ଧାରା ସେନି ଏମନ୍ତ ତର୍କବିତର୍କ ହୋଇଥିଲା ଯେ ବଡ଼ ବିଷୟ ସେନି କ୍ୱଚିତ୍ ଯେମନ୍ତ ଦେଖାଯାଏ । ଏହି ବାଦ ପ୍ରତିବାଦର ଏକପକ୍ଷ ବଙ୍ଗୀୟ ଗେଭର୍ଣ୍ଣମେଣ୍ଟଙ୍କ ପ୍ରଧାନ ସେକ୍ରେଟେରୀ କଟନ ସାହେବ ଏବଂ ଅନ୍ୟପକ୍ଷ ତାହାଙ୍କର ଅପର ସେକ୍ରେଟେରୀ ରସଲ ସାହେବ । ସୁତରାଂ ବିବାଦଟି ପରେ ଅର୍ଥାତ୍ ଦକ୍ଷିଣହସ୍ତ ଓ ବାମହସ୍ତ ମଧ୍ୟରେ ଉପସ୍ଥିତ ହୋଇଥିଲା । କଟନ ସାହେବ ଏହି ଆଇନର ସୃଷ୍ଟିକର୍ତ୍ତା ତାହାଙ୍କ ମତରେ ଗ୍ରାମବାସିମାନଙ୍କୁ ଚୌକିଦାରୀ ପଞ୍ଚାୟତ ନିର୍ବାଚନାଧିକାର ଦେବା ଉଚିତ ନୁହଇ କାରଣ ଚୌକିଦାର ଶାସନସମ୍ପର୍କୀୟ କର୍ମଚାରୀ ଓ ଶାସନବିଭାଗରେ ନିର୍ବାଚନପ୍ରଥା ପ୍ରଚଳିତ ହେବାର ଉଚିତ ନୁହେ । ବିଶେଷତଃ ପଞ୍ଚାୟତ ନିର୍ବାଚନ କରିବାର ଯୋଗ୍ୟବ୍ୟକ୍ତି ମୋଫସଲର ଅନେକ ଗ୍ରାମରେ ଅପ୍ରାପ୍ତ । ପକ୍ଷାନ୍ତରେ ରସଲ ସାହେବ ଏହି ଯୁକ୍ତି ଦେଖାଇଲେ କି ସେ ଅନେକ କାଳ ମୋଫସଲରେ କାର୍ଯ୍ୟ ଏବଂ ଗ୍ରାମବାସିଙ୍କ ସଙ୍ଗେ ମିଶା ମିଶି କରି ଦେଖିଅଛନ୍ତି ଯେ ଗ୍ରାମର ବାସିନ୍ଦାମାନେ ଅନ୍ତତଃ ଭଲ ମନ ବୁଝିବାକୁ ଅପଟୁ ନୁହନ୍ତି ଏବଂ ଘରୁଆ ବିବାଦ ଘଟିଲେ ଯୋଗ୍ୟଲୋକମାନଙ୍କୁ ପଞ୍ଚାୟତ ନିଯୁକ୍ତ କରି ତାହା ମୀମାଂସା କରିନିଅନ୍ତି । ସେମାନଙ୍କୁ ଚୌକିଦାରୀ ପଞ୍ଚାୟତ ନିଯୋଗତନ୍ତ୍ରସୂତ୍ରରେ ଅଧିକାର ଦେଲେ ସେମାନେ ତାହା ସୁନ୍ଦରରୂପେ ନିର୍ବାହ କରିବେ । ଠିକ ଲକ୍ଷବନ୍ଧନସୂତ୍ରରେ ନିର୍ବାଚନପ୍ରଣାଳୀ ଚଳାଇବାର ପ୍ରୟୋଜନ ନାହିଁ । କେବଳ ଏତିକି ବ୍ୟବସ୍ଥା ହେଲେ ଯଥେଷ୍ଟ ହେବ ଯେ ଗବର୍ଣ୍ଣମେଣ୍ଟଙ୍କ ଅନୁମୋଦନ ଅଧୀନରେ ମାଜିଷ୍ଟ୍ରେଟ ସାହେବ ଯେଉଁ ନିୟମ ପ୍ରଚାର କରିବେ ସେହି ନିୟମାନୁସାରେ ଗ୍ରାମବାସିମାନେ ଯାହାଙ୍କୁ ମନୋନୀତ କରିବେ ସେହିମାନେ ପଞ୍ଚାୟତ ନିଯୁକ୍ତ ହେବେ ମାତ୍ର ମାଜିଷ୍ଟ୍ରେଟ କୌଣସି ମନୋନୀତ ପଞ୍ଚାୟତଙ୍କୁ ଅଯୋଗ୍ୟ ଜ୍ଞାନ କଲେ ତାହା ସ୍ଥାନରେ ଅନ୍ୟଲୋକ ନିଯୁକ୍ତ କରି ପାରିବେ ।

ଶ୍ରୀଯୁକ୍ତ ଉଡ୍‌ରେଫ ସାହେବ ରସଲସାହେବଙ୍କ ପ୍ରସ୍ତାବକୁ ଅନୁମୋଦନ କରି କହିଲେକି ପଞ୍ଚାୟତ ନିର୍ବାଚନ କରିବାର ଅଧିକାର ଗ୍ରାମବାସିଙ୍କୁ ପୂର୍ବରୁ ଦିଆ ହୋଇଅଛି । ବର୍ତ୍ତମାନ ସେ ଅଧିକାର ଛାଡ଼ି ନେବାର ବ୍ୟବସ୍ଥା ହେଲେ ପ୍ରଚଳିତ ଆଇନ ରଦ କରିବାର କଥା ହେଲା । ଉକ୍ତ ଆଇନ ସଂଶୋଧନ କରି ହେବ ନାହିଁ । ଆଉ ଚୌକିଦାର କେବେ ପୁଲିସର ଚାକର ନ ଥିଲା । ସେ ଗ୍ରାମବାସିଙ୍କର ଚାକର । ଯେବେ ଶାସନବିଭାଗର କର୍ମଚାରୀ ବୋଲି ଗ୍ରାମବାସିଙ୍କର ତାହା ଉପରେ କୌଣସି ଅଧିକାର ନ ଥିବାର ବୋଲଯାଏ ତେବେ ତାହାର ବେତନ ସରକାରରୁ ଦିଆଯିବାର ଉଚିତ । ଶ୍ରୀଯୁକ୍ତ ବାବୁ ଗଣେଶଚନ୍ଦ୍ର ଚନ୍ଦ୍ର ଏବଂ ଶ୍ରୀଯୁକ୍ତ ଅଲେନ ସାହେବ ଏହି ପ୍ରସ୍ତାବର ସମର୍ଥନ କଲେ ଏବଂ ଅଧିକାଂଶମତରେ ତାହା ଧାର୍ଯ୍ୟ ହେଲା ।

କଟନ ସାହେବ ଏହି ପାଣ୍ଡୁଲିପିର ଆଉ ଏକ ଧାରାରେ ପଞ୍ଚାୟତର ସଂଖ୍ୟା ନ୍ୟୂନ ୧ ଜଣଠାରୁ ପାଞ୍ଚଜଣ ପର୍ଯ୍ୟନ୍ତ ହେବାର ନିୟମ କରିଥିଲେ । ଏଥିକୁ ଉଡ୍‌ରେଫ ସାହେବ ପ୍ରସ୍ତାବ କଲେକି ପଞ୍ଚାୟତର ସଂଖ୍ୟା ତିନିଜଣରୁ ଊଣା ଏବଂ ପାଞ୍ଚଜଣରୁ ଊର୍ଦ୍ଧ୍ୱ ହେବ ନାହିଁ ଏବଂ ସେ ଏହି ଯୁକ୍ତି ଦେଖାଇଲେ କି ଏକଜଣରେ କେବେ ପଞ୍ଚାୟତ ହୁଅଇ ନାହିଁ । ପଞ୍ଚାୟତ ଶବ୍ଦଟି ବହୁ ସଂଖ୍ୟାବାଚକ କୌଣସି ଏକବ୍ୟକ୍ତିକୁ ପଞ୍ଚାୟତ ନାମରେ ଡାକିବା କିମ୍ବା ପଞ୍ଚାୟତର କ୍ଷମତା ଦେବା ଅସଙ୍ଗତ । ଅଧିକାଂଶ ସଭ୍ୟଙ୍କ ମତାନୁସାରେ ଏ ପ୍ରସ୍ତାବ ମଧ୍ୟ ଗୃହୀତ ହେଲା ।

ଏହି ପାଣ୍ଡୁଲିପିର ଅପର ଧାରାମାନ ଅନ୍ୟଦିନ ବିବେଚିତ ହୋଇଥିଲା ସେ ଦିନ ଚୌକିଦାରଙ୍କ ବେତନ ନିର୍ଣ୍ଣୟ ଏବଂ ସେମାନଙ୍କୁ ନିଯୁକ୍ତ କରିବାର ଅଧିକାରମାନ ପଞ୍ଚାୟତକୁ ଦିଆଯିବାର ପ୍ରସ୍ତାବ ମାନ୍ୟବର ସୁରେନ୍ଦ୍ରନାଥ କରିଥିଲେ ଏବଂ ମାନ୍ୟବର ଉଡ୍‌ରେଫ ସାହେବ ତାହା ସମର୍ଥନ କରିଥିଲେ ମାତ୍ର ସେ ପ୍ରସ୍ତାବମାନ ରହି ପାରିଲା ନାହିଁ । ଫଳତଃ ପଞ୍ଚାୟତମାନେ କେବଳ ଗ୍ରାମବାସିଙ୍କ ଠାରୁ ଟିକସସ୍ୱରୂପ ଟଙ୍କା ଆଦାୟ କରି ଦେବେ ମାତ୍ର ଗ୍ରାମବାସିଙ୍କ ପକ୍ଷରୁ ସେ ଟଙ୍କା ବ୍ୟୟ କରିବା ବିଷୟରେ ସେମାନଙ୍କର କିଛି ଅଧିକାର ନାହିଁ । ଚୌକିଦାର ସରକାରଙ୍କର ଆଜ୍ଞାବହ ହେବେ ।

ଶ୍ରୀଯୁକ୍ତ କଟନ ସାହେବ ସ୍ୱାୟତ୍ତଶାସନର ବନ୍ଧୁ ବୋଲି ବିଖ୍ୟାତ ଏବଂ ଶ୍ରୀଯୁକ୍ତ ରସଲ ସାହେବ ମିଉନିସିପାଲିଟୀ ଆଇନସଂଶୋଧନର ପାଣ୍ଡୁଲିପି ଯେପରି ଭାବରେ ପ୍ରସ୍ତୁତ କରିଅଛନ୍ତି ତହିଁରେ ଅନେକ ଲୋକ ତାହାଙ୍କୁ ସ୍ୱାୟତ୍ତଶାସନର ବିରୋଧୀ ବୋଲି କହୁଅଛନ୍ତି । ମାତ୍ର ଏଠାରେ ବିପରୀତ ଦେଖାଗଲା । ଉପସ୍ଥିତ ସ୍ଥଳରେ ରସଲ ସାହେବ ଉଦ୍ୟୋଗ କଲେ ସତ୍ୟ ମାତ୍ର ଏହାଦ୍ୱାରା ସ୍ୱାୟତ୍ତଶାସନର ବିଶେଷ ଟେକ ହେଲା ଏମନ୍ତ ବୋଲିଯାଇ ନ ପାରେ କାରଣ ତାହା ସମ୍ପୂର୍ଣ୍ଣରୂପେ ମାଜିଷ୍ଟ୍ରେଟଙ୍କ ଇଚ୍ଛାଧୀନ ରହିଲା ।

—।—

## ସାପ୍ତାହିକ ସମ୍ବାଦ ।

ଗତ କାଲିଠାରୁ ଅବାଧରେ [illegible] ଓ ଚତୁର୍ଦ୍ଦିଗରୁ [illegible] ଶୁଣାଯାଉ ଅଛି । ମୋଫସଲର ଏକ ସ୍ଥାନରେ ବୃଷ୍ଟି ହେବାର ଖବର ହୋଇନାହିଁ ।

[illegible] ଏହି ମାସ [illegible] ।

[illegible] ।

## କଲିକତା-ଗେଜେଟ ।

ଓଡ଼ିଶାର କମିଶନରଙ୍କ ଏକ୍ଟିଂ ଅସିଷ୍ଟାଣ୍ଟ ବାବୁ ଗୋପାଳଚନ୍ଦ୍ର ଦାସ ସେହି କାର୍ଯ୍ୟରେ ବାହାଲ ହେଲେ ।

କଟକ [illegible] ଏକ୍ଟିଂ [illegible] ସାହେବ ସେହି କାର୍ଯ୍ୟରେ ବାହାଲ ହେଲେ ।

ବାଲେଶ୍ୱରର ଏକ୍ଟିଂ [illegible] ସାହେବ [illegible] ହେଲେ ।

ଶ୍ରୀଯୁକ୍ତ ଏମ, ଏଚ, [illegible] ସାହେବ [illegible] ଶ୍ରୀଯୁକ୍ତ ଓ ଏସ, [illegible] କେନ୍ଦ୍ରାପଡ଼ା ମିଉନିସିପାଲିଟୀର [illegible] ଜଣର ନିଯୁକ୍ତ ହେଲେ ।

[illegible] ମାହାର ଅଗାମୀ [illegible] ତା ୧୬ ରିଖ [illegible] ହୋଇଅଛି । [illegible] ହୋଇଅଛି ।

[illegible] ହୋଇଅଛନ୍ତି ।

---

[illegible] ଟଙ୍କା [illegible] ।—[illegible] ।

Split by PDF Splitter



ରାବଲପିଣ୍ଡିଠାରୁ ସମ୍ବାଦ ମିଳଇ ଯେ ସେ ଅଞ୍ଚଳରେ ଭୟାନକ ଜଳବୃଷ୍ଟି ହୋଇ ଅନେକ କ୍ଷତି ହୋଇଅଛି । ଅଟକ ଏବଂ ପେସଓ୍ବାର ମଧ୍ୟରେ ମାସ ୧୯ ଇଞ୍ଚ ରେଲବାଟ ଦୁର୍ଗମ । ଅନେକ ମାଇଲ ବାଟ ଏକାବେଳକେ ଧୋଇ ଯାଇ ଅଛି । କାବୁଲ ନଦୀ ମଧ୍ୟ ଭୟାନକରୂପେ ବଢ଼ିଅଛି ଏବଂ ତତ୍ତଟସ୍ଥ ନୌସେତୁର କୋଟପୋଲ ଭାସି ଯାଇଅଛି ।

ଉଟାକାମୋଠାରେ ମେଡ଼ି ପ୍ରଦର୍ଶନ ହେଉଅଛି ସେଠାକୁ ଅପଣାର ଫଟୋଗ୍ରାଫ ଓ ହସ୍ତଲିପି ପଠାଇବାବାଲାଙ୍କ ଅସ୍ମାନଙ୍କର ଶ୍ରଦ୍ଧାସ୍ପଦ ମହାରାଜା ବାହାଦୂର ସର ଜୋଗେନ୍ଦ୍ରମୋହନ ଠାକୁର କେ ସି ଏସ ଆଇ କମେଣ୍ଟୋଗ୍ରଫିକ ଅନୁଭୁକ୍ତ ହୋଇଅଛନ୍ତି ।

ବମ୍ବେନିବାସୀ ବାବୁ ରାମଚନ୍ଦ୍ର ଚଟ୍ଟୋପାଧ୍ୟାୟ ସର୍ବପ୍ରଥମେ ଭାରତରେ ବ୍ୟୋମଯାନଯୋଗେ ଆକାଶମାର୍ଗରେ ଉଡ୍ଡୀନ ହୋଇ ଥିବାର ପାଠକମାନଙ୍କ ଜଣାଅଛି । କଲିକତା ଓ ଅନ୍ୟ ଅନେକ ସ୍ଥାନରେ ସେ ବ୍ୟୋମଯାନରେ ଉଡ଼ି ଆପଣାର ଶକ୍ତିର ପରିଚୟ ଦେଇ ଥିଲେ । ବର୍ତ୍ତମାନ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏ ମହାଶୟ ଜ୍ୱରରୋଗରେ ଗତମାସ ତା ୯ ରିଖରେ ଏ ସଂସାରରୁ ବିଦାୟଗ୍ରହଣ କଲେ । ଅତି ଅଳ୍ପ ବୟସରେ ଏହାଙ୍କ ମୃତ୍ୟୁ ସଙ୍ଘଟିତ ହେବା ଅଧିକ ଦୁଃଖର କଥା ।

ସମ୍ଭବତଃ ଭାରତବର୍ଷର ପ୍ରଧାନ ସେନାପତି ଲର୍ଡ ରବର୍ଟସ ସ୍ୱୟଂ ପରିଦର୍ଶନ କାର୍ଯ୍ୟରେ କାବୁଲକୁ ଯିବେ । କେତେ-ଗୁଡ଼ାଏ ଠାରେ ଅମୀରଙ୍କ ସହିତ ସାକ୍ଷାତ ହେବାର ବନ୍ଦୋବସ୍ତ ହେଉଅଛି । ସେନାପତିଙ୍କ ସଙ୍ଗରେ ପେସୁଆରଠାରୁ ଉପଯୁକ୍ତ ସେନା ଗମନ କରିବେ ।

ଅଲ୍ପ ଦିନ ପାମିରଠାରେ ରୁଷୀୟ ଓ ଅଫଗାନମାନଙ୍କ ମଧ୍ୟରେ ଲଢ଼ାଇ ହୋଇ ଯାଇଥିବାର ସମ୍ବାଦ ମିଳଇ । ୮ ୪ ଜଣ ଋଷୀୟସେନା ଏଥିରେ ହତ ହୋଇଅଛନ୍ତି । ରୁଷୀୟ ଓ ଚୀନାମାନଙ୍କ ମଧ୍ୟରେ କୌଣସି ଲଢ଼ାଇ ହୋଇ ନାହିଁ ।

ଶମଗାବମାନଙ୍କ ପକ୍ଷରୁ ବଡ଼ ପାର୍ଲିମେଣ୍ଟ ମହାସଭାରେ ନୂତନ ଗ୍ଲାଡଷ୍ଟୋନମତରେ ହାଡ଼ି ସାହେବ ମେମ୍ବର ନିଯୁକ୍ତ ହୋଇଥିବାରୁ ସେ ପ୍ରଥମଥର ପାର୍ଲିଆମେଣ୍ଟକୁ ଯିବା ସମୟରେ ଦେଶରୂପ ପିନ୍ଧ ଗୋଲ ପାଗଡ଼ି ବାନ୍ଧି ଯାଇଥିଲେ । ଏ ଘେନି ବାଟରେ ବଡ଼ କୌତୁକ ଓ ରଙ୍ଗ ହୋଇଥିଲା ।

କଲିକତା ପୋଲିସକୋର୍ଟରେ ଖରଜଣ ସ୍ତ୍ରୀ ଲୋକ ଦୁଇ-ଜଣ ପୁରୁଷ ସଙ୍ଗ ଦେବାଗୁଡ଼ା ପଢ଼ାଇ ଶିଖାଇ ଆଣିବା ଅପ-ରାଧରେ ଫୌଜଦାରୀ ଅଦାଲତରେ ଚାଲାଣ ହେଉଅଛନ୍ତି ।

କଲିକତା ହାଇକୋର୍ଟରେ ଅଦ୍ଭୁତ ରଳେ ବଡ଼ କୌତୁକଜନକ ମାରପିଟ ହୋଇ ଯାଇଥିବାର ସମ୍ବାଦ ମିଳଇ । ଜଣେ ଦେଶୀୟ ଖ୍ରୀଷ୍ଟିୟାନ ଓ ତାହାର ସ୍ତ୍ରୀ ବୈବାହିକ ହେବା ନିମିତ୍ତ ଦରଖାସ୍ତ ଦାଖଲ କରିଥିଲେ । ଅନ୍ୟ ଜଣେ ଦେଶୀୟ ଖ୍ରୀଷ୍ଟିୟାନ ଓ ତାହାର ସ୍ତ୍ରୀ ମହାଜନ-ସ୍ୱରୂପ ଉକ୍ତ ଅବେଦନପତ୍ର ବିରୁଦ୍ଧରେ ଲଢ଼ିଥିଲେ । ବୈ-ବାହିକ ଅବେଦନପତ୍ର ଅଦାଲତ ମଞ୍ଜୁର କରି ଦେଶବାର-ମାନଙ୍କୁ ଛାଡ଼ିଦେବାରୁ ଅଦାଲତ ବାହାରେ ଅଣି ଉଭୟ-ପକ୍ଷଙ୍କର ଲଢ଼ାଇ ହେଲା । ସ୍ତ୍ରୀମାନେ ପରସ୍ପର ବାଳ ଝିଙ୍କା-ଝିଙ୍କି ଓ ପୁରୁଷମାନେ ବାଡ଼ି ନେଇ ମାର ପିଟ ହୋଇ ରକ୍ତାରକ୍ତି ହୋଇ ଗଲେ । ପୁଲିସ ସେମାନଙ୍କୁ ଧରିନେଲା । ଫୌଜଦାରୀଅଦାଲତ ଏକପକ୍ଷକୁ ଛାଡ଼ି ଦେଇ ଅନ୍ୟ ପକ୍ଷକୁ ସଜା ଦେଇଅଛନ୍ତି ।

ରୁଷୀୟା ରାଜ୍ୟରେ ଓଲାଉଠା ରୋଗ ଭୟାନକ ଉପଦ୍ରବ ଲଗାଇ ଥିବାର ସମ୍ବାଦ ମିଳଇ । ଗତମାସ ତା ୯ ରିଖ-ପର୍ଯ୍ୟନ୍ତ ଉକ୍ତ ରାଜ୍ୟରେ ଏହି ରୋଗରେ ୭୨୫୦୦୦ ଲୋକ ନଷ୍ଟ ହୋଇଅଛନ୍ତି । ଗତ ମାସ ତା ୭ ରିଖରେ ୨୨୫୦୦୦ ଜଣ ଏହି ରୋଗରେ କାଳକବଳିତ ହେଲେ ।

ପାରସ୍ୟ ରାଜ୍ୟର ଅଷ୍ଟ୍ରାବାଦଠାରେ ଧର୍ମଯାଜକମାନେ ମଦର ହେତୁ ଓଲାଉଠା ରୋଗ ବୃଦ୍ଧି ହୋଇଥିବାର ଉପ-ଦେଶ ଦେବାରୁ ଲୋକେ ମାତି ଯାଇ ମଦର ଦୋକାନମାନ ଏବଂ ରୁଷୀୟ ପ୍ରଜା ଅର୍ମେନୀୟାନମାନଙ୍କ ଦୋକାନ ଲୁଟି ନେଲେ । ରୁଷୀୟା ଗବର୍ଣ୍ଣମେଣ୍ଟ ଏ ହେତୁ ପାରସ୍ୟର କ୍ଷତିପୂରଣର ଦାବି କରିଅଛନ୍ତି । ଅନ୍ୟଥା ଅନର୍ଥ ଘଟିବାର ସମ୍ଭାବନା ।

ବୋଗସଠାରୁ ଆସିଥିବା ସମ୍ବାଦମାନଙ୍କରୁ ପ୍ରକାଶ ଯେ ସେଠାରେ ଲେଟଲାଣ୍ଟ ମହୋଦୟଙ୍କ ଅଭ୍ୟର୍ଥନା ଭାରି ଧୁମ-ଧାମରେ ହୋଇ ଯାଇଅଛି । ଲେଟଲାଟ ମହୋଦୟ ସେଠା ମିଉନିସିପାଲିଟିର କାର୍ଯ୍ୟରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଅଛନ୍ତି । ରାତିକାଳେ ସନ୍ଧ୍ୟା ସମୟରେ ନଗର ଆଲୋକିତ ହୋଇଥିଲା ।

ଇଷ୍ଟକୋଷ୍ଟ ରେଲବାଟର କାର୍ଯ୍ୟ ବଡ଼ ସତେଜରେ ଚାଲୁଅଛି । ବଜବାପଟ୍ଟନଠାରୁ ଇଲମାଞ୍ଚିଲି ପର୍ଯ୍ୟନ୍ତ ରେଲ-ଗାଡ଼ିରେ ମାଲ ମସଲ ଯତାୟାତ କରୁଅଛି । ଏଥିର ଲମ୍ବା ମା ୪୦ ଇଞ୍ଚ ଏବଂ ଉତ୍ତରକୁ କୋକନଦାଠାରୁ ମଧ୍ୟ ଏହି-ପରି ଗାଡ଼ି ଚାଲୁଅଛି । ମାତ୍ର ମଧ୍ୟସ୍ଥାନରେ ଟିକିଏ କାର୍ଯ୍ୟ ଅବଶିଷ୍ଟ ରହି ଯାଇଅଛି ।

ମାନ୍ଦ୍ରାଜର ଅବସ୍ଥା ଆଶାପ୍ରଦ ନୁହଇ । ତ୍ରିଚିନାପଲ୍ଲୀଠାରେ ବୃଷ୍ଟିର ବଶେଷ ଅଭାବ ହୋଇଅଛି । ଅନ୍ୟ ସ୍ଥାନରେ ଧାନଗଛମାନ ଲେଟ ହୋଇଥିବା ହେତୁ ବୃଷ୍ଟିର ନିତାନ୍ତ ପ୍ରୟୋଜନ ହୋଇଅଛି । ଏବେ ତ୍ରିଚିନାପଲ୍ଲୀଠାରେ ଦୁର୍ଭିକ୍ଷ-ପୀଡ଼ିତ କାର୍ଯ୍ୟରେ ୭ ୭୨୦୦୦ ଜଣ ଲୋକ ଜୀବନଧାରଣ କରି ରହୁଅଛନ୍ତି ।

ଢାକାର-ବଦ୍ରୋହ କ୍ରମେ ଗୁରୁତର ହୋଇ ଉଠୁଅଛି, ଅମୀର ସେମାନଙ୍କ ସହିତ ସନ୍ଧି କରିବା କାରଣ ତାହାଙ୍କ ଉତ୍ସୁକ ଥିଲେହେଁ ସନ୍ଧି କରିବା ସହଜ ନୁହଇ ।

ରୁଷ ସୀମାନ୍ତରେ ଚୀନଦେଶୀୟ ଭବାଏଡଙ୍କ ସଙ୍ଗେ ଇଂରେଜମାନଙ୍କର ସାମାନ୍ୟ ଯୁଦ୍ଧ ହୋଇଯାଇ ଥିବାର ସମ୍ବାଦ ମିଳଇ, ଶତ୍ରୁପକ୍ଷୀୟ କେବଳ ୮୦ ଲୋକ ଥିଲେ । ଇଂରାଜ ଜମାଦାର ୪୦ ଜଣ ଗୁରଖା ସୈନ୍ୟ ନେଇ ସେମାନଙ୍କୁ ପରାସ୍ତ କରିଅଛନ୍ତି । ଇଂରାଜଙ୍କ ପକ୍ଷର କେହି ହତ ବା ଆହତ ହୋଇ ନାହାନ୍ତି । ଶତ୍ରୁପକ୍ଷରୁ ୭ ଜଣ ହତ ଏବଂ ଅନେକ ଆହତ ହୋଇଅଛନ୍ତି । ହତବ୍ୟକ୍ତିଙ୍କ ମଧ୍ୟରୁ ୨ ଜଣ ରୁଷଦେଶୀୟ ସାହେବ ଅଉ ୪ ଜଣ ଚୀନବାସୀ ଥିଲେ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଜଣେ ଯାଜପୁରବାସୀ—ଅକାରଣ ଗ୍ଲାନିସୂଚକ ପତ୍ର ପ୍ରକାଶ କରିବାରେ କିଛି ଫଳ ନାହିଁ ।

ଜଗନ୍ନାଥରଥ—ଢେଙ୍କାନାଳ ରାଜ୍ୟ-ଭିତରେ ଗୋଟିଏ ସଡ଼କ ପ୍ରସ୍ତୁତ ହୋଇଥିବାରୁ ମାନେଜରଙ୍କୁ ଧନ୍ୟବାଦ ଦେଇଅଛନ୍ତି ଏବଂ ଯୋଡ଼ିଏ ଲୋକ ଉକ୍ତଜନଦ୍ୱାରା ଅସୁବିଧା ଭୋଗିବାର ସମ୍ବାଦ ଦେଇଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଅଧଃପ୍ରକଟିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ବିସୂଚିକାରୋଗ ଏହି ସ୍ଥାନରେ ଗତ ଜୁଲ-ମାସ ତା ୨୫ ରିଖଠାରୁ ଆରମ୍ଭ ହୋଇ କ୍ରମେ ଦିନକୁଦିନ ବୃଦ୍ଧି ହେଉଅଛି । କଥିତ ଶାନ୍ତ ହେବାକୁ ନାହିଁ । ଏହି ରୋଗରେ ଜ ୧୧୫ ଜଣ ଲୋକଙ୍କର ମୃତ୍ୟୁ ହେଲାଣି । ମନୁଷ୍ୟମାନେ ଆଜକାଲ କୃଷିକାର୍ଯ୍ୟ ସବୁ ତ୍ୟାଗ କରି ଦୁଃଖ-ପୂର୍ଣ୍ଣ ମ୍ଲାନବଦନରେ କାଳାତିପାତ କରୁଅଛନ୍ତି । ଉକ୍ତ ରୋଗମୁଖରୁ ଜଣେ ସୁଦ୍ଧା ପରିତ୍ରାଣ ପାଇବା ଅଦ୍ୟପର୍ଯ୍ୟନ୍ତ ଦେଖା ନାହିଁ । ଶ୍ରୀଯୁତ ରାଜା ମହୋଦୟ ଏହାର ନିବାରଣ ନିମିତ୍ତ ଏକଜଣ ଡାକ୍ତର ଅଣାଇ ଚିକିତ୍ସା କରାଉ ଅଛନ୍ତି । ଓ ନିଜେ ମଧ୍ୟ ସ୍ୱହସ୍ତରୁ ଅନେକ ଅର୍ଥ ବ୍ୟୟକରି ଦେଶୀୟ ଔଷଧମାନ ପ୍ରସ୍ତୁତ କରି ଜନସାଧାରଣଙ୍କୁ ବିତରଣ କରୁଅଛନ୍ତି । ଉକ୍ତ ରୋଗରେ ଶ୍ରୀଯୁତ ରାଜା ମହୋଦୟଙ୍କର ମନ୍ତ୍ରୀ ଶ୍ରୀ ଜନାର୍ଦ୍ଦନ ପଟ୍ଟନାୟକ ଓ ଅନ୍ୟ ଦୁଇଜଣ କର୍ମଚାରୀ ମାନବଲୀଳା ସମ୍ବରଣ କରିଅଛନ୍ତି ! ଗତମାସ ତା ୨୭ ରିଖରେ ଉତ୍ତମ ବୃଷ୍ଟି ହେବାରୁ ବିଲମାନଙ୍କରେ ରୁଅ ଦେଇଥିବା ହେବା ଜଳ ପାଣି ହୋଇ ଯାଇଅଛି । କିନ୍ତୁ ମାରକୟ ରୋଗ କୃଷକମାନେ କୃଷିକାର୍ଯ୍ୟପ୍ରତି ମନୋଯୋଗ ଦେଇ ନାହାନ୍ତି । ମୂଳିଆମାନଙ୍କୁ ମୂଲ ନ ମିଳିବାରୁ କନ୍ଦା ଅର୍ଥାତ୍ (ପିଣ୍ଡି-ମୂଳ) ଖୋଳି ଉଦର ପୋଷଣ କରୁଅଛନ୍ତି । ମୋଟ ଚାଉଳ ଟଙ୍କାରେ ସେ ୮ ର ହୋଇ-ଅଛି । କିଣିଖାଇବାଲୋକମାନଙ୍କର ଅତ୍ୟନ୍ତ କଷ୍ଟ ହୋଇଅଛି । ହାୟ ! କି ଦୁଃଖର ବିଷୟ । ଅଳ୍ପକଷ୍ଟରେ ଗୋଲଠାମାଡ଼ । ଇତି ।

| | | |
|---|---|---|
| ୨୧।୭।୯୨ <br> ଗଡ଼କୁଜଙ୍ଗସାତ <br> । କି । ପାରକୁଦ | } | ଶ୍ରୀ ନନ୍ଦକୃଷ୍ଣ ମିଶ୍ର <br> ହେଡ଼ ପଣ୍ଡିତ <br> ପାରକୁଦଙ୍କୁଲ |

ମହାଶୟ!

ଅସ୍ମମାନଙ୍କର ଏ ଅଞ୍ଚଳରେ ଥିବା କରୁଣ ଓ ବଡ଼ଗେଙ୍ଗୁଟି ନଦୀମାନ ଗତ ଜୁଲାଇମାସ ତା ୨୫ ଖ ରବିବାର ପ୍ରାତଃକାଳରୁ ପ୍ରଚଣ୍ଡ-

Digitized by srujanika@gmail.com

ବେଗରେ ବୃଦ୍ଧି ହୋଇ ସୋମବାର ପ୍ରାତଃକାଳରୁ ଉପକୂଳମାନଙ୍କ କବଳିତ କରି କୃଷିକ୍ଷେତ୍ର ଓ ଉପକୂଳରେ ଥିବା ଗ୍ରାମମାନଙ୍କୁ କବଳିତ କଲା । ଜଳର ଏପରି ପ୍ରାଦୁର୍ଭାବ ଦେଖି ଲୋକମାନେ ସ୍ୱ ସ୍ୱ ଗୋମେଷାଦି ପଶୁମାନଙ୍କୁ ନେଇ ଉଚ୍ଚସ୍ଥାନର ଅନ୍ୱେଷଣ କଲେ । କୋଠପଦାମଠ ମହନ୍ତ ତପୋନିଷ୍ଠ ରଘୁନାଥପୁରୀ ଗୋସାଇଁ ମହାଶୟ ଆପଣାର ଥିବା ଏକଖଣ୍ଡ ନୌକା ସାହାଯ୍ୟରେ ଅନେକ ଲୋକଙ୍କୁ ନେଇ ଆସି ନିଜ ମଠ ଓ ନୂତନ ପ୍ରତିଷ୍ଠିତ ସ୍କୁଲଗୃହରେ ରଖାଇଲେ । ଏ ଅଞ୍ଚଳରେ ଅଧିକାଂଶ କୃଷିକ୍ଷେତ୍ର, ଗୃହ, ଓ ଗୋମେଷାଦି ପଶୁମାନେ ନଷ୍ଟ ହୋଇଅଛନ୍ତି । ଏ ଅଞ୍ଚଳରେ ଏତେ ଅଧିକ ପରିମାଣରେ ନଷ୍ଟ ହେବାର କାରଣ ଏହି ଯେ । ଥା । ସାଲେପୁର । ପ୍ର । ଜଏପୁର । ମୌ । ହୋବନ୍ଧ ଅଟେ ଥିବା ବନ୍ତ-ଗେଙ୍ଗୁଟି ନଦୀର ପୂର୍ବକୂଳରେ ମରହଟ୍ଟାମାନଙ୍କ ସ୍ୱତନ୍ତ୍ର ପୂର୍ବରୁ ସରହାବାଇକାମର ଏକ ପ୍ରାଚୀନ ବନ୍ଧ ଥିଲା ତାହା ବନ୍ଧ ମରାମତି ଅଭାବରୁ ଭଗ୍ନ ହେବାରୁ ନିମ୍ନଲିଖିତ ଗ୍ରାମମାନଙ୍କରୁ ପ୍ରାୟ ୫୦୦।୭୦୦ ଘର ନଷ୍ଟ ହୋଇଅଛି । ଲୋକାପବାଦରୁ ଶୁଣା ଯାଉଅଛି ଯେ ଭଗ୍ନ ବନ୍ଧକୁ ଏକ ଅଳ୍ପ ଜମିଦାର ନିଜର ସ୍ୱାର୍ଥସାଧକ ଜଳବାହନମନ୍ତେ କାଟି ଦେଇଥିଲେ । ଯଦି ଏପରି ହୋଇ ଥାଏ ତେବେ ଅବଶ୍ୟ ଅନ୍ୟାୟ । ବୃଷ୍ଟିର ଏପରି ଅବସ୍ଥା ଦେଖି ମହାଜନମାନେ ଧାନ ଚାଉଳର ଦର ବଢ଼ାଇ ଦେଇଅଛନ୍ତି ଏଥିରେ ପୁଣି ବନ୍ଦୋବସ୍ତକର୍ମଚାରୀମାନଙ୍କର ଅତ୍ୟାଚାର ସ୍ପଷ୍ଟ ବସୁନ୍ଧରାଦେବୀ ସେନ୍‌ସେସ ଆରମ୍ଭ କରିଅଛନ୍ତି । ଏଥିରେ ଗରିବ ପ୍ରଜାମାନଙ୍କର ବିଶେଷ କୋଠପଦା, ଅମିଳାବାଦ, ଖଇରିଆ, ବଣପୁର, ଶଙ୍ଖପୁର, ଓ ମୂଳବସନ୍ତ ପ୍ରଭୃତି ଗ୍ରାମମାନଙ୍କର ଗରିବ ଓ କାଙ୍ଗାଳ ପ୍ରଜାମାନଙ୍କର ବିଶେଷ କଷ୍ଟ ଦେଖି କୋଠପଦା ମଠର ମହନ୍ତ ମହାଶୟ ଯଥାସାଧ୍ୟ ସାହାଯ୍ୟଦାନ କରୁଅଛନ୍ତି । ସମସ୍ତ ଜମିଦାରମାନଙ୍କର ଏ ମହାଶୟଙ୍କୁ ଅନୁକରଣ କରିବା ଉଚିତ । ଆଉ ଅଳ୍ପ ଜମିଦାର ପରି ବନ୍ଧ କାଟିଲେ ଉଚିତ ନାହିଁ । ଇତି ।

୩।୮।୯୨
ସ୍ୱମତକ୍ଷପୁର
କୁଅଁପାଳ, ପୋ, ଅ

ଆପଣଙ୍କର ବଶମ୍ବଦ
ଶ୍ରୀ ଗୋବର୍ଦ୍ଧନ ...

## ମୂଲ୍ୟପ୍ରାପ୍ତି

| | | |
|---|---|---|
| ଏଚ୍ ନେକଫର୍ଡ଼ କୋମ୍ପାନି | କଟକ | ୫ ୩୯ |
| ବାବୁ ଭଗବାନ ଚୌଧୁରୀ | ପୁରୁଷୋତ୍ତମ | ୫ ୩୯ |


# ବିଜ୍ଞାପନ ।

## ନୂତନ ପୁସ୍ତକ ।

# ରାମବନବାସ ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରି-ଯ୍ୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା। ମୋଫସଲକୁ ଡାକମାଶୁଲ ଖଣ୍ଡକୁ ଦୁଇପଇସା ।

କୃପାମୟୀ ଜଣାଣ — ମୂଲ୍ୟ ଟ ୦ /

କଟକ ପ୍ରିଂଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଓଡ଼ିଶା ମେଡିକେଲ ସ୍କୁଲ ପାଇଁ ଗୋ ୧୦ ଟି ବୃତ୍ତି ଖାଲି ଅଛି ଅଧ୍ୟୟନେଚ୍ଛୁ ବାଳକମାନେ ଆପଣା୨ ପ୍ରଶଂସାପତ୍ର ସହିତ ଆସନ୍ତା ସୋମବାର ଅଗଷ୍ଟମାସ ତା ୧୫ ରଖ ସକାଳ ଘ ୭-ଟା ସମୟରେ କଟକ ଜେନେରଲ ହସ୍ପିଟାଲରେ ଉପସ୍ଥିତ ହେବେ ।

Cuttack 12—8—92. } J. M. JORAB

ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା ମେଡିକେଲ ସ୍କୁଲ କଟକ

ଅଶ୍ଚର୍ଯ୍ୟକାଯ୍ୟ ବ୍ୟାପାର, ଅପୂର୍ବ ଉପହାରକାଣ୍ଡ ।

## ଘଡ଼ି ପୁରସ୍କାର ।



ଉଲ୍ଲେଖିତ ପଦାର୍ଥ ମଧ୍ୟରୁ କେହି ଏକଥରେ ଏକଠାନରେ ଏକପ୍ୟାକେଟରେ ଏକଡଜନ ଅର୍ଥାତ ୧୨ ଗୋଟା ବସ୍ତୁ କ୍ରୟ କଲେ ତାହାଙ୍କୁ ଗୋଟିଏ ଉତ୍କୃଷ୍ଟ ନେଭଲେସ ଲେଭେଲେଷ୍ଟର ଔଷଧ ଘଡ଼ି ଉପହାର ଦିଆଯିବ ଏବଂ ଅର୍ଦ୍ଧ ଡଜନ ଅର୍ଥାତ ୬ ଗୋଟା କ୍ରୟ କଲେ ଗୋଟିଏ ଷ୍ଟାଣ୍ଡିସ୍ ଘଣ୍ଟି ଉପହାର ଦିଆଯିବ । ମୂଲ୍ୟ ଅଗ୍ରିମ ପଠାଇଲେ, ଅଥବା ଷ୍ଟାମ୍ପରେ ନାମଧାମ ସହ ପତ୍ର ଲେଖିଲେ ମଫସଲକୁ ଭିଃ ପିଃ ଡାକରେ ଦ୍ରବ୍ୟ ଓ ଉପହାର ପ୍ରେରଣ କରି ମୂଲ୍ୟ ଆଦାୟ କରା ହୁଏ ।

ଭାରତରେ ଅଦ୍ୱିତୀୟ ଓ ଅତ୍ୟାଶ୍ଚର୍ଯ୍ୟ

## "ମ୍ୟାଜିକ୍ ଲେନ୍ସ ।"

ଏହି ଲେନ୍ସ । ଅନେକଦିନରୁ କଲିକତାରୁ ଆମଦାନି ହେଉଅଛି । ଏଥିପୂର୍ବେ ଏପରି ଦ୍ରବ୍ୟ ଏଦେଶକୁ କେବେହେଁ ଅମଦାନି ହୋଇ ନ ଥିଲା । ଏହା ଏପରି କୌଶଳରେ ନିର୍ମିତ, ଦେଖିବାକୁ ଅକାରରେ ଠିକ ନେଳ ପଇସା ପରି ପକେଟରେ ରଖାଯାଇ ପାରେ । ଏହା ଦେଖିବାକୁ ଅତି ସୁନ୍ଦର । ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଲେନ୍ସ ଜାପାନୀ-ମାନଙ୍କ ଦ୍ୱାରା ନିର୍ମିତ ଏହା ଅନ୍ୟ କୌଣସି ପ୍ରକାର ଅନୁକରଣ କରାଯାଇ ନାହିଁ । ଲେନ୍ସର ପଛପାଖେ ଥିବା ଗୋଟିଏ ଟିପିଲେ ତହିଁରୁ ଚିତ୍ର ଏବଂ ଛବି ଦେଖିହେବ । ପ୍ରତ୍ୟେକ ସ୍ଥଳରେ ଏ ଲେନ୍ସକୁ ଗୋଟିଏ ଲେଖାଏଁ ରହିବା ଉଚିତ । ପ୍ରତି ଲେନ୍ସର ମୂଲ୍ୟ ଟ ୩୯ ଙ୍କା । ଗୋ ୭ ଟାର ଟ ୨୫ ଙ୍କା ଗୋ ୧୨ ଟାର ଟ ୫୦ ଙ୍କା ।

### ପକେଟ ଷ୍ଟୋଭ ( ଚୁଲି )

ଏହି ଚୁଲି ଜର୍ମାନଦେଶୀୟ ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଏଠାକୁ ନୂତନ ଆମଦାନି ହୋଇଅଛି । ଏହା ଦେଖିବାକୁ ସୁନ୍ଦର ଏବଂ ଧାରଣରେ ଉପଯୋଗୀ । ଏହି ଚୁଲି ଏପରି କୌଶଳରେ ନିର୍ମିତ ଯେ, ଏହା ପକେଟରେ ରଖାଯାଇ ପାରିବ । ପ୍ରସ୍ତୁତ କରିବା କରିବା ସମୟରେ ଚାହିଁବା ହେବ । ପ୍ରତ୍ୟେକ ଚାହିଁର ମୂଲ୍ୟ ଟ ୩, ଡଜନ୍ କୁ ଟ ୨୫ ଙ୍କା ୧୨ ଖଣ୍ଡକୁ ଟ ୩୮ ଙ୍କା ।

### "ଯାଦୁପ୍ରଭା ଅଙ୍ଗୁଷ୍ଟ ।"

ଏହି ଅଙ୍ଗୁଷ୍ଟ ( ମୁଦି ) ଜର୍ମାନଦେଶରୁ ଆସିଛି, କେନ୍ଦ୍ରିୟ ଗୁଣରେ ଗଠିତ, ସୋଡ଼ମିଣ୍ଟିଦ୍ୱାରା ନିର୍ମିତ, ଦେଖିବାକୁ ମନୋହର, ଉଜ୍ଜ୍ୱଳ ଚକ୍ଷୁହାରୀ, ବ୍ୟବହାରରେ ଅତ୍ୟନ୍ତ ସୁନ୍ଦର ହୁଏ, କିଣିଲେ ୧୨।୧୦ ଟଙ୍କା ଦରର ସୁନା ସହିତ ସୀବଂ ହେବ । ଏହା ଦେଖିଲେ କେତେକ ଲୋକ ଏହା ଅସଲ ସୁନାର ମୁଦି ନ କହି ରହିବେ ନାହିଁ, ଏହି ମନୋହର ଅଙ୍ଗୁଷ୍ଟର ମୂଲ୍ୟ ଟ ୧୪ ଙ୍କା ଅର୍ଦ୍ଧ ଡଜନକୁ ଟ ୮୯ ଙ୍କା ଏକ ଡଜନକୁ ଟ ୧୫୯ ଙ୍କା ମାତ୍ର ।

ଉପରୋକ୍ତ ସମସ୍ତ ଦ୍ରବ୍ୟ ପାଇବାର ଏକମାତ୍ର ଠିକଣା ।

ପି, ଲେଜାର୍ସ ଏଣ୍ଡ କୋମ୍ପାନୀ

୪୧—୧ ଭବାନୀଚରଣ ଦତ୍ତସ୍ ଲେନ କଲିକତା ।

P. LEZARS & Co.
41—1 Bhawani Ch. Dattas Lane
Calcutta.

ସ୍ୱଦେଶ ପ୍ରସିଦ୍ଧ ବହୁ ପ୍ରଶଂସିତ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ଉପକୁରକ୍ଷ୍ୟାଲ ଅତ୍ୟାଶ୍ଚର୍ଯ୍ୟ ମହୌଷଧ ।

## "ଗ୍ରୋଭେନ୍ସ ପିଲ୍ ।"

ଏହି ଔଷଧ ଅନେକକାଳ ପାଶ୍ଚାତ୍ୟ ଡାକ୍ତରଙ୍କ ଏକ-ପ୍ରକାର ଗୋଲଗୁଟି ଦକ୍ଷଣ ନଜାବରୁ ନୂତନ ସଂଶୋଧନ-ପ୍ରକାରରେ ପ୍ରସ୍ତୁତ ହୋଇଅଛି ଏହା ସେବନ କଲେ ଶୁକ୍ରସମ୍ବନ୍ଧୀୟ ପୀଡ଼ା, ଯଥା ;—

ଧାତୁଦୌର୍ବଲ୍ୟ ( ଅତ୍ୟଧିକ ପରିଶ୍ରମ ବା ମ୍ୟାଲେରିଆ-ଜନିତ ) ଯୌବନରେ କାହାରି ଅତ୍ୟଧିକ ଜଳ


Split by PDF Splitter
Digitized by srujanika@gmail.com

ହସ୍ତମୈଥୁନାଦ୍ଧ କଷ୍ଟତଃ ନାନାପୀଡ଼ା, ମେହ ପ୍ରମେହାଦ୍ଧ ୨୦ ପ୍ରକାର ମେହ, ବହୁମୂତ୍ର, ଧାତୁପୀଡ଼ା, ଧ୍ୱଜଭଙ୍ଗ, ଇନ୍ଦ୍ରିୟ-ଶୈଥିଲ୍ୟ, ସ୍ତ୍ରୀସହବାସରେ ଅକ୍ଷମତା, ଶୁକ୍ରତରଳତା, ଅଳ୍ପ ବା ବନା ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅନ-ବ୍ରୁମନ, ସ୍ୱପ୍ନଦୋଷ, ପ୍ରସ୍ରାବର ଅଗ୍ର ବା ପଶ୍ଚରେ ବା ସଙ୍ଗେ ୨ ଶୁକ୍ରସ୍ରାବହ ବା ସପୁନଥାରୁ ଦର୍ଗନ୍ଧ, ମୂତ୍ରନଳୀରେ କ୍ଷତ, ପ୍ରସ୍ରାବରେ ଜ୍ୱାଳାବନ୍ଧ, ମୂତ୍ରମୂତ୍ର ପ୍ରସ୍ରାବ ଓ ତହିଁର ବର୍ଣ୍ଣ ପଲ ବା ଘୋଳଅ । ତଳପେଟରେ ବେଦନା, ସ୍ୱଳ୍ପଦା ଅଳସ୍ୟ, କ୍ଷୁଧାମାନ୍ଦ୍ୟ, କୋଷ୍ଠବଦ୍ଧ, ଶିରଃପୀଡ଼ା, ମସ୍ତକଘୂର୍ଣ୍ଣନ, ଉନ୍ମାଦ, ମୂର୍ଚ୍ଛା, ଦୃଷ୍ଟି-କ୍ଷୀଣତା କ୍ଷୁଦ୍ରତା, ହାତଗୋଡ଼ଜ୍ୱଳା ଇତ୍ୟାଦ (ସ୍ତ୍ରୀ ଓ ପୁରୁଷ ଉଭୟଙ୍କ) ବହୁତଥାରୁ ମୂତ୍ରଯନ୍ତ୍ରସମ୍ବନ୍ଧୀୟ ଯାବତୀୟ କଠିନ ବ୍ୟାଧି, ସେତେଦିନର ହୁଅନ୍ତୁ ଓ ଉତ୍କଟ ହୋଇ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳବୀର୍ଯ୍ୟ ବୃଦ୍ଧି ହେବ । ଅଯଥା ଅତ୍ୟାଚାରରେ ଧାତୁଗତପୀଡ଼ା ଆଉ ହେବ ନାହିଁ । ମୂଲ୍ୟ ପ୍ରତି ଶିଶି ୨ ॥୦ ଟଙ୍କା ଡାକମାସୁଲ ୫୦ । ଅଣା ମାତ୍ର ।

## କେଶର କଳ୍ପ ।

ଏହି କଳ୍ପ ଜଳପରି ତରଳ ଥିବାରୁ କେଶରେ ଲଗାଇବାକୁ ଅସୁବିଧା ହୁଏ ନାହିଁ । ଏହା କେଶରେ ଲଗାଇବା ମାତ୍ରେ କେଶର ପାଚିଲାକେଶକୁ ଗାଢ଼ କୃଷ୍ଣବର୍ଣ୍ଣ କରଇ ଏବ ମା ୩/୪ ମାସ ଯାଏ ସେହିବର୍ଣ୍ଣ ସ୍ଥାୟୀ ହୁଏ ମୂଲ୍ୟ ପ୍ରତି ଶିଶି ୨ ୧୲ ପୁଇଟଙ୍କା ।

## ହାଇଡ୍ରୋସିଲ ଅଏଣ୍ଟମେଣ୍ଟ ।

ଏହି ଅଏଣ୍ଟମେଣ୍ଟ ବା ମଲମ କୋଷବୃଦ୍ଧି ରୋଗର ଏକ ଅପୂର୍ବ ଔଷଧ । ଯେଉଁ ପ୍ରକାରର ଏବଂ ଯେତେ ଦିନର କୋଷ ବୃଦ୍ଧି ହୋଇ ନା କାହିଁକି, ୩/୪ ଥର ମାତ୍ର ଲେପନ କଲେ ପୂର୍ବସ୍ତ ସ୍ୱାଭାବିକ ଅବସ୍ଥାରେ ପରିଣତ ହୁଏ ମୂଲ୍ୟ ୨ ୧୲ ଦୁଇଟଙ୍କା ।

## "ରେଜିନାଶ ।"

ଏହି ଔଷଧ ପୁରୁଷଙ୍କ ହାନିର ଗୋଟିଏ ଅବ୍ୟର୍ଥ ମହୌଷଧ । ଯେତେ ଦିନର ଏବଂ ଯେତେ ପ୍ରକାରର ପୁରୁଷତ୍ୱ ହାନି ହୋଇଲେ ସୁଦ୍ଧା ୭ ୧୪ ଦିନ ସେବନରେ ନିଶ୍ଚୟ ଆରୋଗ୍ୟ ହେବ ଏମନ୍ତ ଦୀର୍ଘକାଳ ଯାଏ ନବ ଯୌବନ ଶାରୀରିକ ବଳବୀର୍ଯ୍ୟ ସ୍ଫୂର୍ତ୍ତିସହ ଲାଭ କରିବେ । ବସ୍ତୁତଃ ଏହାପରି ବଳବୀର୍ଯ୍ୟବର୍ଦ୍ଧକ ଓ କାମୋଦ୍ଦୀପକ ଔଷଧ ଜଗତରେ ଆଉ ୨ୟ ନାହିଁ । ପ୍ରତି ଶିଶି ୨ ॥୦ ତିନ ଟଙ୍କା ।

## "ପୁଷ୍ପକେଶତୈଳ ।"

ଏହି ତୈଳର ସୁବାସ ଅତି ମନୋହର ଓ ତୃପ୍ତିଜନକ, ଏହାଭଳି ସୁଗନ୍ଧ ପୃଥିବୀରେ ଅତି ଅଳ୍ପ ପାଇଯାଏ । ଏଥିରେ ଚର୍ମରୋଗ ରହେ ନାହିଁ । କେଶ ବଢ଼େ ଓ କେଶର ମୂଳ ଶକ୍ତ ହୁଏ, ଚୋପ ବନ୍ଦ କରେ । ଦେହର କାନ୍ତି ଲାବଣ୍ୟଯୁକ୍ତ ହୁଏ । ଅନେକ ଦିନ ଲଗାଇଲେ ବାଳଖାଇ, ମସ୍ତିଷ୍କ, ବାଳକାଟୁ, ଓ ଚର୍ମରୋଗ ଆରୋଗ୍ୟ ହୁଏ, ସ୍ତ୍ରୀଲୋକମାନଙ୍କର ପ୍ରଧାନ ସୌନ୍ଦର୍ଯ୍ୟ କେଶ, ସେହି କେଶ ରକ୍ଷାକରିବାକୁ ଏହାର ଅସୀମ କ୍ଷମତା । ମୂଲ୍ୟ ଶିଶି ପ୍ରତି ୨ ୧୲ ଟଙ୍କା ବାକ୍ସଟାକୁ ୨ ୧୦୲ ଟଙ୍କା ।

## "ଯାଦୁର ଔଷଧ ।"

ଦେହୁବାର ଓ ସେ.ତବକର ଦଦ୍ରୁ ରୋଗ ହେଲେ, କେବଳ ଦୁଇ ତିନଥର ଲେପନ କଲେ ବଡ଼ ଉତ୍କଟ ପୀଡ଼ାରେ ସ ୨୮ ଘଣ୍ଟା ମଧ୍ୟରେ ନଷ୍ଟ ହେବ ପୁନଶ୍ଚ ହୋଇଥିବ ଆଉ କେବେ ହେବ ନାହିଁ । ଏଥିରେ କୌଣସିପ୍ରକାର ବିଷାକ୍ତ ଦ୍ରବ୍ୟ ମିଶିନାହିଁ । ମୂଲ୍ୟ ପ୍ରତି ଡିବିଆ ଛଅଅଣା ।

ହୋମିଓପେଥିକ ମତରେ ।

## "ଗୃହଚିକିତ୍ସାର ବାକ୍ସ ।"

ଗୋ ୩୦ ଟି ଶିଶିଯୁକ୍ତ ଗୋଟିଏ ଉତ୍କୃଷ୍ଟ ମେହଗିନି କାଠର ବାକ୍ସ, ଫୋପା ପକାଇବାର ଯନ୍ତ୍ର, ଚିକିତ୍ସା କରିବାର ସଚିତ୍ର ବଙ୍ଗଳା ପୁସ୍ତକ ଓ ଚିକିତ୍ସାସଂକ୍ରାନ୍ତ ଯାବତୀୟ ସରଞ୍ଜାମସହ ମୂଲ୍ୟ ୨ ୧୩୲ ଟଙ୍କା ଏଥିରେ ଯେଉଁ ପୁସ୍ତକ ଅଛି ତାହା ଦେଖି ସାମାନ୍ୟ ଶିକ୍ଷିତ ଓ ଗୃହସ୍ଥ ବ୍ୟକ୍ତିମାନେ ମଧ୍ୟ ଡାକ୍ତରଙ୍କର ବିନା ସାହାଯ୍ୟରେ ସର୍ବପ୍ରକାର ରୋଗର ଚିକିତ୍ସା କରି ପାରିବେ । ୧୨ ଶିଶିର "କଲେରା ରୋଗ ଚିକିତ୍ସାର ବାକ୍ସ" ମୂଲ୍ୟ ୨ ୬୲ ଟଙ୍କା ଉପରୋକ୍ତ ବାକ୍ସ ଦୁଇ ପଲ୍ଲୀଗ୍ରାମର ପ୍ରତ୍ୟେକ ଗୃହସ୍ଥଙ୍କଠାରେ ଗୋଟିଏ ୨ ରହିବା ଏକାନ୍ତ ଆବଶ୍ୟକ । ଉପରୋକ୍ତ ଔଷଧମାନ ମୋଫସଲକୁ ପଠାଇବାକୁ ହେଲେ ମୂଲ୍ୟ ଛଡ଼ା ଟେଭାଙ୍କ ସ୍ୱତନ୍ତ୍ର ଡାକମାସୁଲ ଦେବାକୁ ପଡ଼ିବ ।

ଅପୂର୍ବ ଗୁଣବିଶିଷ୍ଟ, ପ୍ରତ୍ୟକ୍ଷ ଫଳପ୍ରଦ ଅକୃତ୍ରିମ

## "କ୍ୟାମେକା ସାଲସା ।"

ଏହି ସାଲସା ବୃଟିସ ଗବର୍ଣ୍ଣମେଣ୍ଟଙ୍କର ଅନୁମୋଦିତ । ନାନାଦେଶୀୟ ୪୧ ପ୍ରକାର ଉଦ୍ଭିଦ ରକ୍ତପରିଷ୍କାରକ ମଶଲାର ସାହାଯ୍ୟ ନୂତନ ରସାୟନିକ ପ୍ରକରଣରେ ପ୍ରସ୍ତୁତ । ଏହାର ପ୍ରଧାନ ଗୁଣ ରକ୍ତପରିଷ୍କାରକ, ଦୂଷିତ ରକ୍ତଶୋଧକ, ପୁଷ୍ଟିକାରକ, ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହନାଶକ, ପାରଦ ଓ ଉପଦଂଶ ସଂହାରକ, କାମୋଦ୍ଦୀପକ, ବାର୍ଦ୍ଧକ୍ୟଚେତନ, ଚର୍ମରୋଗନାଶକ, ସ୍ୱାସ୍ଥ୍ୟପରିଷ୍କାରକ, କ୍ଷୁଧାବୃଦ୍ଧିକାରକ, ଶରୀରର ଜ୍ୟୋତିବର୍ଦ୍ଧକ, ବଳକାରକ ସ୍ଫୂର୍ତ୍ତିକାରକ, ମେଧାବୃଦ୍ଧିକାରକ, ଶରୀରସ୍ଥ ସର୍ବପ୍ରକାର ଜଡ଼ତା ନିବାରକ; ଏହି ସାଲସା ସକଳଋତୁରେ ଏବଂ ସକଳଅବସ୍ଥାରେ ସେବନ କରାଯାଏ । ଅହାରାଦିର ନିୟମ ପ୍ରାୟ ସ୍ୱାଭାବିକ କୌଣସି ଧରବନ୍ଧା ନିୟମ ନ ଥିବାରୁ ଏହା ନଗରବାସୀଙ୍କର ଏକମାତ୍ର ବନ୍ଧୁ । ଏଥିରେ ପାରଦ, ଅଫିମ, ମଦ ପ୍ରଭୃତି କୌଣସି ରୂପ କ୍ଷତିକାରକ ବା ମାଦକ ଦ୍ରବ୍ୟର ସମ୍ପର୍କ ନାହିଁ ସୁତରାଂ ଆବାଳ ବୃଦ୍ଧ ବନିତା ସମସ୍ତେ ଅବାଧେ ସେବନ କରିପାରନ୍ତି । ମୂଲ୍ୟ ପ୍ରତି ବୋତଲ ୨ ୧୲ ଟଙ୍କା ଡଜନ ୨ ୧୦୲ ଟଙ୍କା ମାସୁଲ ସ୍ୱତନ୍ତ୍ର ।

ଉପରୋକ୍ତ ସମସ୍ତପ୍ରକାର ଔଷଧପ୍ରାପ୍ତିର ଠିକଣା

ଡାକ୍ତର ପି, ମାର୍ଟିନ;

ନ ୪୧ ନମ୍ବର ଭବାନୀଚରଣଦତ୍ତଙ୍କ ଲେନ

କଲିକତା ।

Dr. P. Martin
No. 41 Bhawani Charan Dutt's Lane
Calcutta

## NOTICE.

Wanted a Sheristadar for the Judicial Department of the Mourbhunj State on a monthly salary of Rs. 45 rising to Rs. 60 by yearly increments of Rs. 5 Apply sharp to Babu Mohini Mohan Dhar, Mourbhunj. The applicant must know English and Oriya and should have some experience of a Sheristadar's works of Civil, revenue and criminal Departments.

Srihari Prasad Das
5. 8. 92.      Sheristadar Mourbhunj State.

---

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

## ଘଡ଼ିମରାମତି ।

ନାନାପ୍ରକାର ଛୋଟ ବଡ଼ ମୂଲ୍ୟବାନ୍ ଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନ ଚାଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ ଚେଶ, ମୁଦ, ସ୍ଫଟିକ ସ୍ୱର୍ଣ୍ଣନୋଟର ଓ ଇନଟେନ୍ଦ୍ରିଅଙ୍କର ବୋତାମ ଦେବାର ଓଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦ ଓଗେର ଅଳଙ୍କାର ସୁନାରେ) ଗିଲ୍‌ଟି କରି ଦିଆଯିବ ।

କଟକ
୧୨।୧ ।୮୨ } ଶ୍ରୀ ଗୌରଚନ୍ଦ୍ର ଦାସ

---

## ବିଚ୍‌ମସାହେବଙ୍କ ବଟିକା

## ( BEECH[illegible]'S PILL. )

ଫଳ ବିବେଚନ[illegible]ର ଏକ ୨ ଫଳୁଥିବ ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲିଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅ[illegible] । ଏଥିରେ ପାରଦ ତିଙ୍ଗ ଇତ୍ୟାଦ ବିଷାକ୍ତ ବା ଧାତୁମୂଳକ ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପ୍ର[illegible] । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ଘାପୋ-

Split by PDF Splitter
Digitized by srujanika@gmail.com

ଦୃଗନ୍ଧ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଇହା ଧାତୁପୁଷ୍ଟି ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫାଇଲ ଆକାର ଅନୁସାରେ ଟ ୦।୵ ଟ ୦।୷ ଓ ଟ ୦ ୷୵ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅଳକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରି ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିଶୀଘ୍ର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କିଣି ଆଣି ପଠାଇବାକୁ ହୁଏ ତହିଁର ପ୍ରକୃତ ବଜାର ଦର ଉପରେ କିଛି ପଠାଇବାର ପରିଶ୍ରମମଜୁରି ଶତକଡ଼ା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଏବଲ ଡାକରେ ମଧ୍ୟ ପଠାଯାଇ ପାରେ । କେବଳ ବା ଇନସିଓର୍ଡ ଏକ ସୁସ୍ଥିର ହୁଏ ନାହିଁ ଏବଂ ରେଜିଷ୍ଟ୍ରି ବା ଭ୍ୟାଲୁପେଏବଲ ହେଲେ ଖଣ୍ଡେ ନ ପଠାଇଲେ ପହୁଞ୍ଚିବାର ଭୟ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବ୍ୟବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ... ଏବଂ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଅନୁଗ୍ରହ ଅତଃପର ଉପସ୍ଥିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର ... ମୂଳକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଉଁ ।

ଟଙ୍କା, କଉଡ଼ି ବ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

ପରୀକ୍ଷିତ ଓ ପ୍ରଯୋଜନୀୟ ଔଷଧ ।

୧ । ପାଉଡ଼ାର ତୈଳ—ଏହା ବ୍ୟବହାର କଲେ ମସ୍ତକର କଣ୍ଡୁ ଓ ଉତ୍ତାପ ... ଦୋଷ ଦୂର ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତକୁସୁମ—ଏହା ...ଗୁଡ଼ାଏକ ସପ୍ତାହ ପ୍ରୟୋଗ କଲେ ଦନ୍ତର ଯନ୍ତ୍ରଣା କଦାପି ଜଣା ଯାଏ ନାହିଁ । ପ୍ରତିଡବାର ମୂଲ୍ୟ ଚାରିଅଣା ମାତ୍ର ।

୩ । ଶୂଳହାରିଣୀ—ଏହା ସପ୍ତାହ ସେବନ କଲେ କ ପ୍ରାଚୀନ କ ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଅମାବାତ ) ଓ ତନ୍ନିମିତ୍ତ ଅନ୍ୟ ଉପସର୍ଗସକଳ ନିଶ୍ଚୟ ଶାନ୍ତି ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କ ପ୍ରାଚୀନ କ ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତନ୍ନିମିତ୍ତ ଶିରଃପୀଡ଼ା ଓ ଦୃଷ୍ଟିହୀନତା ନିବାରଣ ହୁଏ ।

ଏହା ଅମୋଘ ଜୋଲାପ । ସର୍ବପ୍ରକାର ପୀଡ଼ାରେ ଏବଂ କ ଅନ୍ୟାନ୍ୟ ଔଷଧ ବ୍ୟବହାର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅଗସ୍ତ୍ୟ—ଏହା ସେବନ କଲେ ନୂତନ କିମ୍ବା ପୁରାତନ ନାନାବିଧ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ସ୍ୱପ୍ନଦୋଷ ଓ ଜଙ୍ଗଲ ଓ ପାର୍ବତୀୟ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନ୍ତର୍ନିହିତ କୋଷ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, ଖଣ୍ଡସା, ଗାତ୍ର କଣ୍ଡୁବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରେ ଓ ଗର୍ଭାବସ୍ଥା ପ୍ରଭୃତି ବ୍ୟବହାର କଲେ ଶରୀର ନିରୋଗ ହୋଇ ସାରବାନ ବଳ-ଶାଳୀ ଓ ଶୋଭାଯୁକ୍ତ ହୁଏ । ସୂତିକାଗୃହରେ ମଧ୍ୟ ବାଳ-ଆନନ୍ତ୍ରେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ୟଥା ଓ ଶରୀର ଏହା ସେବନେ ଆରୋଗ୍ୟ ହୁଏ । ଏକ ପକ୍ଷ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଜ ।

ବାଲିକାଗଜ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଦୋକାନରେ ମିଳେ । ଶାନ୍ତି ଦର ତଳେ ଲେଖା ଅଛି ଯଥା—

| | | | | |
|---|---|---|---|---|
| ୧୬ ଇଞ୍ଚ | ବାଲି | ଦ ୧୬ । ୵ | ଦ ୧୬ । ୦ | |
| ୧୭ ଇଞ୍ଚ | " | " । ୵ | " | । ୦ |
| ୧୭ ଇଞ୍ଚ | " | " । ୵ | " | । ୦ |
| ୨୨ ଇଞ୍ଚ ଡବଲଫୁଲସ୍କେପ | " । ୵ | | " | । ୦ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍ତରାଧିକାରୀ ଭଣ୍ଡାର ମଧ୍ୟ ଅଛି । ଅମ୍ଭମାନଙ୍କ ଦୋକାନରେ ଉଦ୍ଦଣ୍ଡୀ ଓ କଟକ ଓ ... ସ୍କୁଲ ଓ ଷ୍ଟେସନାରୀ ଓ ... ଜିନିଷ ସରବରାହ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଦଣ୍ଡ ଅନେକପ୍ରକାର ... ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କ ତାହା ଆବଶ୍ୟକ ଉକ୍ତ ଦୋକାନରେ ଅନୁ-ସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ପିତଚାର ।

ଏ ଘାଉକୁ କେଉଁଠାରେ ଥାଏଲେ ଉଠେ ... ରେ ଉତ୍କଳ କୋଠାଘରର ପାଟକରେ ଦେଲେ ପାଣିଗଲା ବନ୍ଦ ହେବ ଘରର ... ଅଟେ ଲେପିଦେଲେ ମଜବୁତ ହେବ ଓ ... ଧରିବ ନାହିଁ ।

ବଜାର ଦରଠାରୁ ଓ ଥାଉରେ ... ଦର ମଧ୍ୟ ଅଛି ।

ଅନନ୍ତରାମ ଦାସ ...

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଆର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦।୵ |
| ଅର୍ଦ୍ଧସ୍ତମ୍ଭ | ଟ ୨। |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩। |

ମାତ୍ର କୌଣସି ବିଜ୍ଞାପନ ଯେତେ ... ହେଲେ ତହିଁର ଖର୍ଚ୍ଚା ଟ ୦। ର ଊଣା ନ ... ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅଧା ଓ ତୃତୀୟ ଯଥାକ୍ରମେ ... ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତା ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଉଡ଼ିଆବଜାର ... ପ୍ରିଣ୍ଟିଂଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ...

Split by PDF Splitter
Digitized by srujanika@gmail.com

Split by PDF Splitter




# ...କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

...୨୫ ମାହେ ଅଗଷ୍ଟ ସନ ୧୮୯୨ ମସିହା । ମୂ । ଭାଦ୍ର ୧୪ ଦିନ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ପଶ୍ଚାଦେୟ ଟ ୬୧


...ଜ୍ୟ ଉପଲକ୍ଷରେ ମାରବା-
...ସ୍ଥାନ ନାହିଁ । ଅନେକ ମାର-
...ର ଭୂର୍ବସ୍ଥାନରେ ବହୁକାଳରୁ
...ଜ୍ୟାଦ କରୁଅଛନ୍ତି ଭୂର୍ବସ୍ଥାନ
... ବର୍ତ୍ତମାନ ବୃଷଗବର୍ଣ୍ଣମେଣ୍ଟ
...ନ୍ତି ଯେ ସେଠାରେ ବାସ
...ନ ମାନସ ମଧ୍ୟରେ କାହାର
...ଦେଶର ଅଦ... ଜଣା
... ଶାସନ କେମନ୍ତ କଠିନ
...ନ ବୁଝିପାରିବେ ।

---

... ତୁଲସୀ ବଦାରକ ସମ୍ବାଦ
... ...ଅଛି । ବିଶେଷତଃ
...ଯେସବୁ ସ୍ଥାନରେ ଧୋଇ
...ରେ ଦାନା ମିଳୁ ନାହିଁ ।
...ତେବୁ ଧାନ ଗୃଉଳ ନେଇ
... ଓ ଦଣିଶିଆମାନେ ପଇସା
...ପା କଂସା ପିତ୍ତଳ ଅଲଙ୍କା-
... ଭଣୁଅଛନ୍ତି । ସୁନାଭରଣ
... ଓଜନ ହେଉ ନାହିଁ । ଠିକ
... ପଡ଼ଅଛି ।

---

...ଶ୍ରେଚନ୍ଦ୍ର ବୋଷ ଓସେ-
... ହରସପୁର କମିଦାରୀରୁ
...ପାଲ୍ଲହାସି, ଅଇ, ଇ, ଜଇଦ
...ହିଁ ଅଞ୍ଚଳରେ ଭୋପାଳ

ଓ ଦୁର୍ଭିକ୍ଷ ପଡ଼ିବା ହେତୁ ମହାରାଜା ଏ ପର୍ଯ୍ୟନ୍ତ ତହିଁର କିଛି ଫଳଭୋଗୀ ହୋଇ ନାହାନ୍ତି ତଥାପି ମହାରାଜା ଅନ୍ଧ, ଖଞ୍ଜ, ବୃଦ୍ଧ ଓ ନିରାଶ୍ରୟ ପ୍ରଜାମାନଙ୍କୁ ଦାନଦ୍ୱାରା, ସକ୍ଷମ ପ୍ରଜାମାନଙ୍କୁ ପୁଷ୍କରିଣୀର ପଙ୍କୋଦ୍ଧାର, ବାନ୍ଧ ଓ ସଡ଼କ ନିର୍ମାଣ ଇତ୍ୟାଦି କାର୍ଯ୍ୟରେ ମୂଲିଆ ସ୍ୱରୂପ ଲଗାଇବା ଏବଂ ଜଗାବ ଦେବାଦ୍ୱାରା ଉପସ୍ଥିତ ଦୁର୍ଭିକ୍ଷରେ ପାଳୁଅଛନ୍ତି ବଡ଼ ସୁଖ୍ୟାତିର ବିଷୟ ଅଟଇ ।

---

ବନ୍ଦୋବସ୍ତ କାର୍ଯ୍ୟସମ୍ବନ୍ଧୀୟ ଏକ ପ୍ରବନ୍ଧରେ ଅମ୍ଭେମାନେ ଲେଖିଥିଲୁଁ କି "ଦଅଖରଚ, ନଅପାରଚ" ଏପରି ଗୋଟିଏ ବୋଲି ମୋଫସଲରେ ପ୍ରଚଳିତ ହୋଇ ଅଛି । ଏଥିକୁ ଜଣେ ପତ୍ରପ୍ରେରକ ଅମ୍ଭମାନଙ୍କର କଥା ଅସମ୍ପୂର୍ଣ୍ଣ ଥିବାର କହି ସମ୍ପୂର୍ଣ୍ଣ ପଦ୍ୟଟି ଲେଖି ପଠାଇବାରୁ ଏଠାରେ ପ୍ରକାଶକଲୁଁ ଯଥା ।

ଅଇଲେରେ ବାବା ଅମିନବର୍ଗ
ନ ଦେଲ ଲର୍ଗ, କର ଡରର୍ଗ
ଦଅ ଖରର୍ଗ, ନଅ ପାରର୍ଗ
ବାଟ ପାଇଁ ଦଅ ଦୋହରଖର୍ଚ୍ଚା
ତେବେକ ପାଇବ ନାମଟି କର୍ଗ

---

ରୂପାର ଦର କ୍ରମାଗତ ଊଣା ହେଉଅଛି ଏବଂ ସେହି ଅନୁପାତରେ ସୁନାର ଦର ବଢ଼ୁଅଛି । ଗତ ସପ୍ତାହରେ କଲିକତାରେ ବଜାର

ପିଣ୍ଡାସୁନାର ଭରି ଟ ୨୬ / ଓ ମୋହର ଟ ୨୩ ହୋଇଅଛି । ଗୋଟାଏ ଗିନିର ଦର ଟ ୧୭ ଅଲ୍ପଦିନ ତଳେ ଏକଟଙ୍କାର ମୂଲ୍ୟ ବିଲାତରେ ଏକସିଲିଂ ତିନ ପେନ୍ସ ହୋଇଥିଲା । ବର୍ତ୍ତମାନ ଏକସିଲିଂ ଅଢେଇ ପେନସ ହୋଇଅଛି । କିଛି ଦିନରେ ପ୍ରାୟ ଏକ ସିଲିଂ ହୋଇ ଯିବ । ଏ ଅବସ୍ଥା ଦେଖି ମାଞ୍ଚେଷ୍ଟରର ବଣିକମାନଙ୍କର ବଡ଼ ଭାବନା ହୋଇଅଛି । ବୋଧ ହୁଏ ଗବର୍ଣ୍ଣମେଣ୍ଟ ଆଉ ନିଶ୍ଚିନ୍ତ ନ ରହି ଶୀଘ୍ର ଗୋଟାଏ କିଛି ବିଧିର କରିବେ ।

---

ଉଷ୍ଟଲପୁର ମଧ୍ୟମ ସ୍କୁଲର ଦ୍ୱିତୀୟ ଶିକ୍ଷକ ... ଗତ ବନ୍ୟା ସେ ଅଞ୍ଚଳର ... କରିଥିଲା ତହିଁର ବିସ୍ତାରିତ ବିବରଣ ... ପଠାଇ ଅଛନ୍ତି । ଯଥାସମୟରେ ଅଧିକାରୀମାନେ ତାହା ପାଠ କରିବାକୁ କେଳବିର ଶିକ୍ଷା ... ଥାନ୍ତା । ସ୍କୁଲର ଏକମାତ୍ର ... ବିବରଣ ପ୍ରକାଶ କରିବାର ପ୍ରୟୋଜନ ... ହେଉ ନାହିଁ । ଏହି ବନ୍ୟାରେ ସେଠା ... ଗୃହଟି ଭୂମିସାତ ହୋଇଅଛି ଏବଂ ତହିଁ ର ଦ୍ରବ୍ୟାଦି ଅନେକ ଭାସି ଯାଇଅଛି । ସ୍ଥାନୀୟ ଲୋକଙ୍କଦ୍ୱାରା ସ୍କୁଲଗୃହ ନିର୍ମାଣ ବା ମରାମତି ହେବାର ଆଶା ନ ଦେଖି ଲେଖକ ସରକାରଙ୍କ ସାହାଯ୍ୟ ସକାଶେ ପ୍ରାର୍ଥନା କରି ଅଛନ୍ତି ଅମ୍ଭେମାନେ ଏହାର ଅନୁମୋଦନ କରୁଅଛୁଁ ସେ...

Digitized by srujanika@gmail.com

କର୍ତ୍ତୃପକ୍ଷମାନେ ସଦୟ ହୋଇ ଏ ପ୍ରାର୍ଥନା ପୂର୍ଣ୍ଣ କରବେ।

---

ସରକାରୀ ଋତୁପରୀକ୍ଷକ ଗତ ଜୁନ ଓ ଯୁଲାଇମାସର ବୃଷ୍ଟିର ଲକ୍ଷଣ ଦେଖି ସ୍ଥିର କରଅଛନ୍ତି ଯେ ବଙ୍ଗ ଓ କହାରରେ ଅସନ୍ତା ସିପ୍ଟମ୍ବର ଓ ଅକ୍ଟୁବରମାସରେ ଭଲ ବୃଷ୍ଟି ହେବ ଏବଂ ମାନ୍ଦ୍ରାଜର ଉପକୂଳରେ ବିଶେଷତଃ ଦକ୍ଷିଣଭାଗରେ ଅକ୍ଟୁବରଠାରୁ ଡିସମ୍ବରପର୍ଯ୍ୟନ୍ତ ନିୟମିତ ବୃଷ୍ଟି ହେବ। ପଞ୍ଜାବରେ ଅକ୍ଟୁବରମାସରେ ସହଜ ବୃଷ୍ଟି ହେବା ସନ୍ଦେହଯୁକ୍ତ। ଓଡିଶାକଥା ବିଶେଷକରି ଲେଖି ନାହାନ୍ତି। ସମ୍ଭବତଃ ବଙ୍ଗଳାର ଫଳ ଏଠାରେ ଘଟିବ ତାହା ହେଲେ ରକ୍ଷା। ଏମାସରେ ବହୁଜଳ ବୃଷ୍ଟି ହେବାର ପାଞ୍ଜିରେ ଲେଖାଅଛି କିନ୍ତୁ ଏପର୍ଯ୍ୟନ୍ତ କେବଳ ମେଘ ବାହାରିବାର ଦେଖା ଯାଉଅଛି। ଏଣିକ ବର୍ଷା ହେଲେ ମଙ୍ଗଳ ନତୁବା ଯାହା କ୍ଷତି ହେବାର ତାହା ହୋଇଅଛି।

---

ଭାରତବର୍ଷରେ କ୍ଷେତରେ ଜଳ ମଡାଇବା ସକାଶେ ଯେତେକ ନାଳ ଖୋଳା ହୋଇଅଛି ସେ ସମସ୍ତର ମୂଳଧନ ଓ ଆୟବ୍ୟୟର ଗୋଟିଏ ତାଲିକା ଭାରତଗବର୍ଣ୍ଣମେଣ୍ଟ ପ୍ରସ୍ତୁତ କରାଇ ଦେଖିଅଛନ୍ତି ଯେ ମୋଟରେ ଗବର୍ଣ୍ଣମେଣ୍ଟଙ୍କର ବାର୍ଷିକ ଶତକଡ଼ା ପ୍ରାୟ ଟ ୬ ଲାଭ ହେଉଅଛି। ଓଡିଶାପ୍ରଭୃତି କେତେକ ନାଳରେ ଯାହା [illegible] କ୍ଷତି ହେଉଅଛି ଅନ୍ୟାନ୍ୟ ନାଳର ଅଧିକ [illegible] ଲାଭଦ୍ୱାରା ତାହା ପୂର୍ଣ୍ଣ ହୋଇ ପରି[illegible]ଷରେ ଉପରଲିଖିତ ଲାଭ ହୋଇଅଛି। [illegible] ଯବେ ଏପରି ହେଲା ତେବେ ବଙ୍ଗପ୍ରଦେଶର ଜମିଦାରମାନଙ୍କର କ୍ଷତିପୂରଣସ୍ୱରୂପ ବଙ୍ଗୀୟ ଗବର୍ଣ୍ଣମେଣ୍ଟଠାରୁ ବାର୍ଷିକ ପ୍ରାୟ ୨୫ ଲକ୍ଷ ଟଙ୍କା ଇମ୍ପିରିୟାଲଗବର୍ଣ୍ଣମେଣ୍ଟଙ୍କର ନେବାର ଉଚିତ ହେଉ ନାହିଁ। ଅତ ଯେବେ ଏହି କ୍ଷତିପୂରଣକୁ ମିଶାଇ ଲାଭ ଦେଖାଇ ଥାନ୍ତି ତାହା ହେଲେ ସେ ହିସାବ ଠିକ ବୋଲାଯିବକି?

---

ଭାରତ ଗବର୍ଣ୍ଣମେଣ୍ଟଙ୍କ ପ୍ରଧାନ ସେନାପତି ସର ଫ୍ରେଡେରିକ ରବର୍ଟସଙ୍କୁ ସୈନ୍ୟକାର୍ଯ୍ୟରେ କାବୁଲକୁ ପଠାଇବାର ସ୍ଥିରକରି ସମ୍ବାଦ ଦେବାରେ ଅମୀର ତାହାଁର ଉତ୍ତରରେ ଲେଖିଅଛନ୍ତି କି ସର ରବର୍ଟସଙ୍କ ପ୍ରତି ଏଭାର ଅର୍ପିତ ହେବାରୁ ସେ ବଡ଼ ଆନନ୍ଦିତ ଅଛନ୍ତି ଏବଂ ତାହାଙ୍କୁ ସମାଦର ପୂର୍ବକ ଗ୍ରହଣ କରିବେ। ମାତ୍ର ବର୍ତ୍ତମାନ ହଜାର ବିଦ୍ରୋହ ନିବାରଣ କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଅଛନ୍ତି ଏବଂ ଏଥିରେ କେତେଦିନ ଲାଗିବ ତାହା ସ୍ଥିର କରିପାରୁ ନାହାନ୍ତି। ସୁତରାଂ କେଉଁ ସମୟରେ ସେ କାବୁଲକୁ ଶୁଭାଗମନ କଲେ ଭଲ ହେବ ତାହା ନିଶ୍ଚୟ କରିବାକୁ ଅକ୍ଷମ। ଏପରେ ବିଦ୍ରୋହ ଶାନ୍ତ ହେଲେ ଦିନ ସ୍ଥିର କରି ଲେଖିବେ କଥିତ ହୁଅଇ ଯେ ଭାରତଗବର୍ଣ୍ଣମେଣ୍ଟ ଏହି ଉତ୍ତରରେ ସନ୍ତୁଷ୍ଟ ହୋଇ ନାହାନ୍ତି। ମାତ୍ର ଅମୀରଙ୍କର ଆପତ୍ତି ନିତାନ୍ତ ଅସଙ୍ଗତ ବୋଲାଯାଇ ନ ପାରେ।

---

କାମଣ୍ଡା ସୁତଲଯନ୍ତ୍ରାଳୟରେ ମୁଦ୍ରିତ ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ, ଯଥା;

ଶ୍ରୀ ପଣ୍ଡିତ ନୀଳମଣିବିଦ୍ୟାରତ୍ନଙ୍କ କୃତ ବିଧବାର ଏକାଦଶୀ। ଏ ବିଷୟ ସମ୍ବଲପୁରହିତୈଷିଣୀରେ ବହୁକାଳରୁ ଆନ୍ଦୋଳିତ ହୋଇ ଆସୁଥିବାରୁ ନୂତନ ପରିଚୟ କିଛି ଦେବାର ନାହିଁ। ବାଲବିଧବାମାନେ ଦୟାର ପାତ୍ର ସନ୍ଦେହ ନାହିଁ।

ଶ୍ରୀ ଦାମୋଦରମିଶ୍ରଙ୍କ ରଚିତ ଗୋ-ବିଳାପ। ଗୋରୁମାନଙ୍କପ୍ରତି ଲୋକଙ୍କ ନିର୍ଦ୍ଦୟ ବ୍ୟବହାର ପଦ୍ୟରେ ବର୍ଣ୍ଣିତ ହୋଇ ତାହା ନିବାରଣ ଉଦ୍ଦେଶ୍ୟରେ ବିତରଣ ହେବା ନିମିତ୍ତ ପ୍ରସ୍ତୁତ ହୋଇଅଛି। ସଙ୍କଳ୍ପ ଅବଶ୍ୟ ସାଧୁ ଅଟଇ।

ଶ୍ରୀ ଦାମୋଦର ମିଶ୍ରଙ୍କ ରଚିତ ଲିପିପ୍ରଣାଳୀ ହସ୍ତାକ୍ଷର ଭଲ ଲେଖିବାର ଅନେକଗୁଡିଏ ଆବଶ୍ୟକୀୟ ଉପଦେଶ ଏଥିରେ ଅଛି। ବାଳକ ବାଳକାମାନଙ୍କର ଏଦ୍ୱାରା ଉପକାର ହେବ।

---

ମହାରାଜା ବାହାଦୁର ସର ଯତୀନ୍ଦ୍ରମୋହନଠାକୁର ଦରିଦ୍ର ହିନ୍ଦୁବିଧବାଙ୍କ ସାହାଯ୍ୟାର୍ଥେ ଯେଉଁ ଏକଲକ୍ଷ ଟଙ୍କା ଦାନ କରି ଅପଣାର ସ୍ୱର୍ଗୀୟ ମାତା ଶିବସୁନ୍ଦରୀଙ୍କ ନାମରେ ଗୋଟିଏ ଚିରସ୍ଥାୟୀ ପାଣ୍ଠି ସ୍ଥାପନ କରି ଅଛନ୍ତି ତାହାଁର ବ୍ୟବସ୍ଥା ଏହିପରି ହୋଇଅଛି କି ଉକ୍ତ ପାଣ୍ଠି

ଗୋଟିଏ
ଏବଂ ସେ
ମେଣ୍ଟକୁ [illegible]
ଆୟ ଟ [illegible]
ମାସି ଟ [illegible]
ମାସି ଟ [illegible]
ଅବଶିଷ୍ଟ ଟଙ୍କ
ବିଧବାମାନେ
ହେବେ ସେ
ପ୍ରଶଂସାପତ୍ର ସହି
ପାଇବେ। ତାହ
ଯିବ ନାହିଁ।

ସମ୍ବାଦବାହିକ
ଏଥିମଧ୍ୟରେ ବାର୍ଲେ
ସାହେବ ସେଠା ମିଉନିସି
ରେଜଷ୍ଟ୍ରାରୀ କରି ପ୍ରଭୃତି
ଅସନ୍ତୋଷ ପ୍ରକାଶ କରଅଛ
ଡେଅରମାନ ସବୁ କ୍ଷମତା
ରଖି ଭାଇସଡେଅରମାନଙ୍କୁ
ଏବଂ ମା ୧୭ ସ ମଧ୍ୟରେ
ଓ ସ୍ତ୍ରୀ କମିଷ୍ଟୀମାନ ଏକଥା
ନାହାନ୍ତି। ଡେଅରମାନଙ୍କୁ
ଦେଖି ଏବଂ ଦଳାଦଳର
ସାହେବମହୋଦୟ ଏପ
କରିବାର କଥିତ ହୁଅଇ
ମିଉନିସିପାଲିଟୀ କାହାର
ମାତ୍ର ସ୍ୱୟଂ ସାହେବମହୋ
ହେବୁ ତାହା ସେ ବିସ୍ମରଣ
ଯାଉଅଛି। ଡେପ୍ୟୁଟିମାନ
ସମୟରେ କମିଶନରମାନଙ୍କ
ଭଲରୂପେ ଦୃଷ୍ଟି ରଖିଥିବେ
ଥାନ୍ତା। ଭରସା କରୁଁ ଏ
ବିଭ୍ରାଟ ଘଟିବ ନାହିଁ।

---

ଲିବରଲ ବା ଉଦାର
ହାତରେ ଦୁଷ୍ଟହସ୍ତକ୍ଷେପ
ବାରୁ କାର୍ଯ୍ୟନିର୍ବାହାର୍ଥ
ନିମ୍ନଲିଖିତରୂପେ ଗଠିତ
ପ୍ରଧାନମନ୍ତ୍ରୀ ଶ୍ରୀ ଗ୍ଲ
ବିଶ୍ୱସ୍ଥପ ଲ

Split by PDF Splitter
Digitized by srujanika@gmail.com

କୋଷାଧ୍ୟକ୍ଷ　　ସର ହାରକୋର୍ଟ
ସ୍ୱଦେଶୀୟ ସେକ୍ରେଟରୀ ଅସ୍‌କୁଇଥସାହେବ
ଉପନିବେଶୀୟ　» ଲର୍ଡ ରିପନ
ପରରାଷ୍ଟ୍ର　» ଲର୍ଡ ରୋଜବେରୀ
ଭାରତୀୟ ଷ୍ଟେଟସେକ୍ରେଟରୀ ଲର୍ଡକିମ୍ବର୍ଲି
ସମର ସଚିବ　ଶ୍ରୀ କାମ୍ବଲ ବେନାରମାନ
ନୌ ସଚିବ　ଅରଲ ସ୍ପେନସର
ଡାକଘରର　ମୋରଲି ସାହେବ

ଅନ୍ୟାନ୍ୟ ନିୟୋଗ ସମସ୍ତ ଲେଖିବାର ପ୍ରୟୋଜନ ନାହିଁ । ବଡ଼ ଆନନ୍ଦର ବିଷୟ ଯେ ଭାରତର ପରିଚିତ କିମ୍ବରଲୀ ଏବଂ ଲର୍ଡ ରିପନ ମନ୍ତ୍ରି ଦଳମଧ୍ୟରେ ଅଛନ୍ତି ଏବଂ ପ୍ରଥମ ଲିଖିତ ମହୋଦୟ ଭାରତୀୟ ସେକ୍ରେଟରୀ ହୋଇଅଛନ୍ତି ଏମହାଶୟ ପୂର୍ବେ ଏହି କାର୍ଯ୍ୟ କରିଥିଲେ । ଶ୍ରୀଯୁକ୍ତ ଜ, ଓ, ଇ, ରସେଲ ସାହେବ ଭାରତର ନିମ୍ନ ସେକ୍ରେଟରୀ ହୋଇଅଛନ୍ତି ।

---

ଖାଦ୍ୟଦ୍ରବ୍ୟ ଅତିଶୟ ବୃଦ୍ଧି ହୋଇଥିବାରୁ ଲୋକଙ୍କୁ ବଡ଼ ବାଧୁଥିବାରୁ ସମସ୍ତେ ଗୁହାରି କରନ୍ତି ଓ ଏହା ଊଣା କରିବା ସକାଶେ ବିତର୍କର ତୁଟ ନାହିଁ ସଭା ଓ ବକ୍ତୃତାର ବିରାମ ନାହିଁ ମାତ୍ର କାର୍ଯ୍ୟରେ କିଛି ଘଟିବାରୁ ନାହିଁ । ଏଷ୍ଟ ମାଘରେ କେତେକବର୍ଷ ପୂର୍ବେ ମନ୍ଦ୍ରାଜ ପ୍ୟାରିଶିଲ କାଏଦମାନଙ୍କ ଖାଦ୍ୟଦ୍ରବ୍ୟ ଊଣା କରିବା ସକାଶେ ଭିନ୍ନ ଭିନ୍ନ ସ୍ଥାନେ ସ୍ଥାନେ ଭ୍ରମଣ କରି ବିଶେଷ ଯତ୍ନ କଲେ ମାତ୍ର ଫଳ ଘଟିଲା ନାହିଁ । କଟକରେ ଲାହୋର ଜଳରେ ସରକାରୀ ଇଂରେଜକର୍ମଚାରୀମାନେ ଏଥିରେ ଯତ୍ନ କରି କୟେଦୀମାନଙ୍କରେ କୃତକାର୍ଯ୍ୟ ହୋଇ-ଅଛନ୍ତି । ସେଠାର ବନ୍ଦୋବସ୍ତକର୍ତ୍ତା ହାକିମ ଜମିଦାର ପ୍ରଭୃତି ଭଦ୍ରବ୍ୟକ୍ତିମାନଙ୍କର ସଭା ଆହ୍ୱାନ କରି ଏ ବିଷୟ ଉତ୍ତମରୂପେ ବୁଝାଇବାରୁ ସଭାସ୍ଥ ବ୍ୟକ୍ତିମାନେ ଏଣିକି ବଜାରରେ ଅନର୍ଥକ ବସ୍ତୁବ୍ୟୟ ନ କରିବାସକାଶେ ଦୃଢ଼ପ୍ରତିଜ୍ଞ ହୋଇ ଅଛନ୍ତି । ଏଥିରୁ କୌଣସି ସମ୍ବାଦପତ୍ରିକା ବୋଲନ୍ତି କି ଅସ୍ମଦ୍ଦେଶୀୟମାନେ ଏତେ ଅକର୍ମଣ୍ୟ ଯେ ସରକାରଙ୍କର ସାହାଯ୍ୟ ବ୍ୟତୀତ ସାମାନ୍ୟ କାର୍ଯ୍ୟ ସୁଦ୍ଧା ସମାଧା କରି ପାରିବେ ନାହିଁ । ଅମ୍ଭମାନଙ୍କୁ ବୈକୁଣ୍ଠର ବାଟ ଦେଖାଇଦେଲେହେଁ କେହି ଜଣେ ହାତ ଧରି ନେଇ ନ ଗଲେ ଅମ୍ଭେମାନେ ଅପଣା-ସ୍ୱତଃ ଯିବାକୁ ଅଗ୍ରସର ହେବୁଁ ନାହିଁ । ଏପରି ଅବସ୍ଥାରେ ଆଉ କି ଉନ୍ନତି ହେବ । ଖାଦ୍ୟଦ୍ରବ୍ୟ ଲାଘବ କରିବା କାର୍ଯ୍ୟଟା ଏପର୍ଯ୍ୟନ୍ତ କାହାରିଯୋଗେ କିଛି ହୋଇ ପାରିଲା ନାହିଁ । ସଭା, ବକ୍ତୃତା, କବିତା ଓ ପତ୍ରିକା ଲେଖାଲେଖିର ବାକି ନାହିଁ ମାତ୍ର ସବୁ ବିଫଳ । ଯହିଁ ଜଣେ ସରକାରୀ ହାକିମ ଏହା ବୁଝାଇ କହିଲେ ତହିଁ ସରକାରଙ୍କ ହୁକୁମ ପ୍ରତିପାଳନ କଲା ପରି ତାଙ୍କର ଉପଦେଶକୁ ସମସ୍ତେ ଶିରୋଧାର୍ଯ୍ୟ କଲେ । କି ଲଜ୍ଜାକର ବିଷୟ ! ଅମ୍ଭମାନଙ୍କ ବିବେଚନାରେ ଉକ୍ତ ପତ୍ରିକା ଯଥାର୍ଥ କହୁଅଛନ୍ତି । ଏଠାର କରଣସଭା ଏ ବିଷୟରେ ଅବଗଲେ ଯଶ ! କାର୍ଯ୍ୟରେ ନ ହେଉ ପଦେ ଅଧେ ଯେ କଥା ଶୁଣା ଯାଉଥିଲା ତାହା ସୁଦ୍ଧା ବର୍ଷେ ହେଲା ନାହିଁ । ସରକାର ଏ ବିଷୟର ଆଇନ ଜାରି କଲେ ଅବା ଏହା ସିଦ୍ଧ ହେବ!!

---

## ପୁଲିସରେ ଭରତି ହେବାର ନିୟମାବଳୀ ।

ଗତ କଲିକତାଗେଜେଟରେ ପୁଲିସ ସବ୍‌ଇନ୍‌ସ୍ପେକ୍ଟରଙ୍କ ନିଯୋଗ ବିଷୟରେ ନୂତନ ନିୟମାବଳୀ ପ୍ରଚରିତ ହୋଇଅଛି । ଏଥିର ସଂକ୍ଷେପମର୍ମ ନିମ୍ନେ ପ୍ରକାଶିତ ହେଲା ।

ପୁଲିସ ସବ୍ ଇନ୍‌ସ୍ପେକ୍ଟର-କାର୍ଯ୍ୟ ଲୋଭିବ୍ୟକ୍ତିଙ୍କର ବିଭାଗୀୟ ପରୀକ୍ଷା ହେବ । ପରୀକ୍ଷାର ସ୍ଥାନ ପ୍ରେସିଡେନ୍‌ସି, ରାଜସାହୀ ଏବଂ ବର୍ଦ୍ଧମାନବିଭାଗମାନଙ୍କ ସକାଶେ କଲିକତା; ପାଟନା, ଭାଗଲପୁର, ଓ ଛୋଟନାଗପୁର ବିଭାଗସକାଶେ ବାଙ୍କିପୁର; ଢାକା ଓ ଚଟ୍ଟଗ୍ରାମ ବିଭାଗସକାଶେ ଢାକା ଏବଂ ଓଡ଼ିଶାବିଭାଗ ସକାଶେ କଟକ ସ୍ଥିର ହୋଇଅଛି ।

ଯେଉଁମାନେ କଲିକତାବିଶ୍ୱବିଦ୍ୟାଳୟର ଏଫ, ଏ, ପରୀକ୍ଷା ଅଥବା ତତ୍ତୁଲ୍ୟ ଅନ୍ୟ ପରୀକ୍ଷା ଦେଇ ଅଛନ୍ତି ଓ ଯାହାଙ୍କର ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ନୁହଇ ସେହିମାନେ ପରୀକ୍ଷା ଦେବାକୁ ଯୋଗ୍ୟ ହେବେ ମାତ୍ର ଓଡ଼ିଶା ଓ ବିହାର ଅଧିବାସିଙ୍କ ପକ୍ଷରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଯୋଗ୍ୟତାପତ୍ର ଯଥେଷ୍ଟ ହେବ । ଏପରି ଯେଉଁମାନେ ବର୍ତ୍ତମାନ ପୁଲିସରେ ହେଡ଼କନଷ୍ଟେବଲ କିମ୍ବା ରାଇଟର କନଷ୍ଟେବଲ ପଦରେ ଅଛନ୍ତି ମାଜିଷ୍ଟ୍ରେଟ ସାହେବଙ୍କ ଅନୁମତି ନେଇ ପରୀକ୍ଷା ଦେଇ ପାରିବେ ମାତ୍ର ସେମାନଙ୍କ ବୟସ ୩୦ ବର୍ଷରୁ ଅଧିକ ହେବ ନାହିଁ ।

ଉଲ୍ଲିଖିତ ବିଷୟର ଯୋଗ୍ୟତାପତ୍ର ନ ଦେଖାଇଲେ କେହି ପରୀକ୍ଷା ଦେଇ ପାରିବେ ନାହିଁ, ଯଥା;—

୧ ।—ଶାରୀରିକ ପୀଡ଼ା ନ ଥିବାର
୨ ।—ସଚ୍ଚରିତ୍ରବାନ୍ ଥିବାର
୩ ।—ସଦ୍‌ବଂଶରେ ଜାତ ହୋଇଥିବାର
୪ ।—ଘୋଡ଼ାଚଢ଼ି ପାରୁଥିବାର

ପରୀକ୍ଷା ଗୃହୀତ ହେବା ପାଇଁ ଯେଉଁ ଦିନମାନ ଧାର୍ଯ୍ୟ ହେବ ତହିଁର ତିନିମାସ ପୂର୍ବରୁ ପ୍ରାର୍ଥିମାନେ ସ୍ୱ୨ ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନପତ୍ର ପ୍ରଦାନ କରିବେ ଏବଂ ତହିଁ ସଙ୍ଗେ ଟ ୫ ଙ୍କା ଫିସ ଦାଖଲ କରିବେ । ସ୍ୱାସ୍ଥ୍ୟର ସାର୍ଟିଫିକେଟ ଜିଲ୍ଲା ସିଭିଲସର୍ଜନଙ୍କଠାରୁ ଆଣିବାକୁ ହେବ । ତହିଁର ଫିସ ଟ ୪ ଙ୍କା ଧାର୍ଯ୍ୟ ହୋଇଅଛି ।

ଉଲ୍ଲିଖିତ ବିଷୟରେ ପରୀକ୍ଷା ଗୃହୀତ ହେବ, ଯଥା;—

୧ ।—ଶ୍ରୁତିପାଠ, ଚିଠି ଲେଖିବା, କାଗଜପତ୍ରର ସଂକ୍ଷେପ ମର୍ମ ପ୍ରସ୍ତୁତ କରିବା ଏବଂ ବଙ୍ଗଳା ଓଡ଼ିଆ ଅଥବା ହିନ୍ଦିରୁ ଇଂରାଜୀ ଅନୁବାଦ କରିବା ।

୨ ।—ସାଧାରଣ ବିଷୟଜ୍ଞାନ ଅର୍ଥାତ୍ ପରୀକ୍ଷାର୍ଥିମାନଙ୍କର ନାନା ବିଷୟରେ କିପରି ଜ୍ଞାନ ଅଛି ।

୩ ।—ଗଣିତ ଅର୍ଥାତ୍ ପାଟୀଗଣିତ ବୀଜଗଣିତ ଓ ହେସାବ ଲେଖିବା ଯାଏ ।

୪ ।— ଆଇନ ଅର୍ଥାତ୍ ଫଉଜଦାରୀ ଦଣ୍ଡବିଧି, କାର୍ଯ୍ୟବିଧି ଓ ସାକ୍ଷ୍ୟବିଷୟକ ଆଇନ ।

ପୁଲିସରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ଲୋକଙ୍କୁ ବୀଜଗଣିତର ପରୀକ୍ଷା ଦେବାକୁ ହେବ ନାହିଁ ।

ପ୍ରତ୍ୟେକ ବିଷୟର ମୋଟ ଅଙ୍କ ୨୦୦ । ଯେଉଁମାନେ ଶ୍ରୁତିପାଠ ଓ ଭାଷାରେ ଅର୍ଦ୍ଧେ ଅଙ୍କ ଏବଂ ଅନ୍ୟାନ୍ୟ ସମସ୍ତ ବିଷୟର ମୋଟରେ ଏକତୃତୀୟାଂଶ ଅଙ୍କ ରଖି ନ ପାରିବେ ସେମାନଙ୍କ ନାମ କଟିଯିବ । ଅବଶିଷ୍ଟ ପ୍ରାର୍ଥିଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟତାନୁସାରେ ସର୍ବୋଚ୍ଚ ସ୍ଥାନ ପାଇବେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧେ ଏବଂ ଯେଉଁମାନେ ଏକତୃତୀୟାଂଶ ଅଙ୍କ ପାଇଥିବେ ଏବଂ ବିଭାଗୀୟ କମିଶନରଙ୍କ ଦ୍ୱାରା ମନୋନୀତ ହୋଇଥିବେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧେ ବଛା ହୋଇ ଖଣ୍ଡିଏ ତାଲିକାଭୁକ୍ତ ହେବେ । ଏହି ତାଲିକାଲିଖିତ ବ୍ୟକ୍ତିମାନେ କ୍ରମାନୁସାରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଶିକ୍ଷାନବିସ ନିଯୁକ୍ତ ହେବେ । ବଙ୍ଗବାସିମାନେ ବଙ୍ଗଲାର ସମସ୍ତ ଜିଲ୍ଲା ଏବଂ ମାନଭୂମରେ, ବିହାରବାସିମାନେ ବିହାରପ୍ରଦେଶର ସମସ୍ତ ଜିଲ୍ଲା ହଜାରିବାଗ୍ ଏବଂ ଲୋହାରଡଗାରେ ଏବଂ ଓଡ଼ିଶାବାସିମାନେ ଓଡ଼ିଶାର ସମସ୍ତଜିଲ୍ଲା ଓ ସିଂହଭୂମରେ ନିଯୁକ୍ତ ହେବାର ଯୋଗ୍ୟ ହେବେ ।

ପ୍ରତ୍ୟେକ କାର୍ଯ୍ୟାର୍ଥୀ ନିଯୁକ୍ତ ହେଲା ଉତ୍ତାରୁ ଦୁଇବର୍ଷ କାଳ ଶିକ୍ଷାନବିସ ସ୍ୱରୂପ ରହିବ ଏବ ଏଥି ମଧ୍ୟରେ ପୁଲିସ ଆଇନ, ଦସ୍ତୁର ଅମଲ ଓ ବିଭାଗୀୟ କାର୍ଯ୍ୟର ପରୀକ୍ଷା ଦେବ। ଥାନାର ଲେଖାପଢ଼ି କାର୍ଯ୍ୟ ସମସ୍ତ କରିବ ଏବ ସମୟ୨-ରେ ମୋକଦମାର ତଦନ୍ତକାରୀଙ୍କ ସଙ୍ଗେ ମୋଫସଲକୁ ଯିବ । ଶିକ୍ଷାନବିସସମୟରେ ମାସକୁ ଟ ୨୦ ଙ୍କା ଲେଖାଏ ବେତନ ପାଇବ ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଟ ୨୫ ଙ୍କା ବେତନ ହେବ ।

ପୁଲିସସୁପରିଣ୍ଟେଣ୍ଡେଣ୍ଟମାନେ ହେଡ଼କନ-ଷ୍ଟେବଲ ଓ କନଷ୍ଟେବଲ ନିଯୁକ୍ତ କରିବେ । ସବ୍-ଇନ୍‌ସପେକ୍ଟରମାନଙ୍କୁ ପୁଲିସର ଡେପୁଟୀ ଇନ୍-ସ୍ପେକ୍ଟର ଜେନରଲ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ମନୋନୀତ ଏବ ମାଜିଷ୍ଟ୍ରେଟଙ୍କ ମଞ୍ଜୁରି ମତେ ନିଯୁକ୍ତ କରିବେ । ତୃତୀୟ ଓ ଚତୁର୍ଥଶ୍ରେଣୀର ଇନ୍‌ସପେକ୍ଟରମାନଙ୍କୁ ଇନ୍‌ସପେକ୍ଟର ଜେନରଲ ଏବ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଇନ୍‌ସ୍ପେକ୍ଟ-ରମାନଙ୍କୁ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବେ ।

ଉପରିଲିଖିତ ନିୟମଗୁଡ଼ିକ ସବ୍ ଇନ୍‌ସ୍ପେ-କ୍ଟରଙ୍କ ଯୋଗ୍ୟତା ବିଷୟରେ ଉତ୍ତମ ହୋଇ-ଅଛି ମାତ୍ର ବେତନ ତାହାଁର ସମତୁଲ୍ୟ ହୋଇ ନାହିଁ । ବିଶେଷତଃ ଦୁଇବର୍ଷକାଳ ଶିକ୍ଷାନବିସି କରିବା କଥା କଠିନ ହୋଇଅଛି । ଏପରି କଡ଼ା ନିୟମରୁ ପୂର୍ବ ପ୍ରାୟ ନିମ୍ନ ଶ୍ରେଣୀର ସବ୍-ଇନ୍‌ସପେକ୍ଟରର ବେତନ ଟ ୫୦ ଙ୍କା ହେବା ଉଚିତ ।

---

## ସମୁଦ୍ରଯାତ୍ରା ।

କଲିକତା ଶୋଭାବଜାରର ମହାରାଜ କୁମାର ବିନୟକୃଷ୍ଣ ବାହାଦୁର ହିନ୍ଦୁମାନଙ୍କର ସମୁଦ୍ରଯାତ୍ରାବିଷୟରେ ଭାରି ଯତ୍ନଶୀଳ ହୋଇ ଅଛନ୍ତି । ତାହାଙ୍କର ଧାରଣା ଯେ ସମୁଦ୍ରଯାତ୍ରା-ନିଷେଧ ହିନ୍ଦୁମାନଙ୍କର ଅବନତି ହେଉଅଛି । ଏ ସମ୍ବନ୍ଧରେ ବାବୁ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟା ତାହାଙ୍କ ନିକଟକୁ ଯେଉଁ ପତ୍ର ଲେଖିଅଛନ୍ତି ତାହା ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇ-ଅଛି । ପାଠକମାନଙ୍କ ଜାଣିବା ହାରଣ ତାହାଁର ସାରମର୍ମ ନିମ୍ନେ ପ୍ରକଟିତ ହେଲା ।

ବଙ୍କିମବାବୁ ଲେଖିଅଛନ୍ତି କି ଅମ୍ଭେ ଧର୍ମ-ଶାସ୍ତ୍ରର ବ୍ୟବସାୟୀ ନୋହୁଁ କେବଳ ଆପଣାର ଅଭିପ୍ରାୟ ଜଣାଉଅଛୁଁ । ବର୍ତ୍ତମାନ ବଙ୍ଗୀୟ-ସମାଜ ଶାସ୍ତ୍ରର ବଶୀଭୂତ ନୁହେ । ଦେଶାଚାର ବା ଲୋକାଚାରର ବଶୀଭୂତ । ଅନେକସ୍ଥଳେ ଲୋକାଚାର ଶାସ୍ତ୍ରଅନୁସାରେ ଚଳଇ ମାତ୍ର କେ-ତେସ୍ଥଳେ ତାହାଁର ବିପରୀତ । ଶାସ୍ତ୍ରରେ ଅଛି ବ୍ରାହ୍ମଣ କ୍ଷତ୍ରିୟାଦି ଶ୍ରେଷ୍ଠବର୍ଣ୍ଣର ପରିଚର୍ଯ୍ୟା ଶୂଦ୍ରର ଧର୍ମ କିନ୍ତୁ ବଙ୍ଗଳାର ଶୂଦ୍ରମାନେ ତାହା କରୁଅଛନ୍ତି କି ? କେହି ସୌଭାଗ୍ୟଶାଳୀ ଶୂଦ୍ର ଜମିଦାର ଧର୍ମଶାସ୍ତ୍ରର ଅନୁରୋଧରେ ସେଚ୍ଛାରେ ବ୍ରାହ୍ମଣର ପଦସେବାରେ ନିଯୁକ୍ତ-ହେବେ କି ? ପ୍ରୟୋଜନମତେ ଧର୍ମଶାସ୍ତ୍ରର ଅନେକ କଥା ପରିତ୍ୟକ୍ତ ହୋଇ ଅଛି ଏବଂ ପ୍ରୟୋଜନମତେ ଅନ୍ତର ଅନେକ ହେବ । ଏପରିସ୍ଥଳେ ଧର୍ମଶାସ୍ତ୍ରର ବ୍ୟବସ୍ଥା ଖୋଜିବାରେ କିଛିଫଳ ନାହିଁ । ଆମ୍ଭର ବିଶ୍ୱାସ ଯେ ଧର୍ମ ଏବ ଜାତିଦ୍ୱାରା ସମାଜର ଉନ୍ନତି ନ ଘଟିଲେ କେବଳ ଶାସ୍ତ୍ର ବା ଗ୍ରନ୍ଥବିଶେଷର ସ୍ୱଣ ହେଇ କୌଣସି ସାମାଜିକ ପ୍ରଥା ବନ୍ଦନ ଓଲଟାଇ ଦିଆଯାଇ ନ ପାରେ । ଧର୍ମସମ୍ବନ୍ଧୀୟ ଏବ ଜାତିସମ୍ବନ୍ଧୀୟ ସାଧାରଣ ଉନ୍ନତିବିନା ଦେଶା-ଚାର ପରିବର୍ତ୍ତନର ଉପାୟାନ୍ତର ନାହିଁ । ସାଧାରଣ ଉନ୍ନତି ହେଉଅଛି ବୋଲି ସମୁଦ୍ର-ଯାତ୍ରାର ପ୍ରସଙ୍ଗ ଉଠି ଅଛି । ଏବଂ ଏ ଅନ୍ତର ଉନ୍ନତି ହେଲେ ସମୁଦ୍ରଯାତ୍ରାପ୍ରତି କାହାର ଆପତ୍ତି ରହିବ ନାହିଁ । ସମୁଦ୍ରଯାତ୍ରା-ପ୍ରତି ବଙ୍ଗସମାଜ ନିତାନ୍ତ ବିରୋଧି ବୋଲି ପ୍ରକାଶପାଉ ନାହିଁ । ଦେଖାଯାଉଅଛି କି ଯାହାର ଅର୍ଥସଙ୍ଗତି ଅଛି ସେ ଇଚ୍ଛା କଲେ ସମୁଦ୍ରବାଟେ ବିଲାତ ଯାଉଅଛି । କେବଳ ଶାସ୍ତ୍ରନିଷିଦ୍ଧ ବୋଲି ବିଲାତଗମନରୁ କେହି ନିବୃତ୍ତ ରହିବାର ଆମ୍ଭଙ୍କୁ ଜଣା ନାହିଁ । ଅମ୍ଭେ ସ୍ୱୀକାର କରି-ବାକୁ ବାଧ ଯେ ଇଉରୋପକୁ ଯେଉଁ ମାନେ ଫେରିଅଛନ୍ତି ସେମାନଙ୍କମଧ୍ୟରୁ ଅଧିକାଂଶ ସମା-ଜରୁ ବହିଷ୍କୃତ ହୋଇଅଛନ୍ତି । ମାତ୍ର ଏହା ସମାଜର ଦୋଷରୁ କିମ୍ବା ସେମାନଙ୍କ ନିଜଦୋ-ଷରୁ ଘଟିଅଛି ଠିକ ବୋଲାଯାଇ ନ ପାରେ । ବିଲାତଫେରନ୍ତାମାନେ ଇଚ୍ଛାପୂର୍ବକ ସାହେବ ବେଷଧାରଣପୂର୍ବକ ସମାଜରୁ ଅନ୍ତର ଅଛନ୍ତି ଯେଉଁମାନେ ବିଲାତରୁ ଫେରିଅସି ସାହେବ ସାଜିନାହାନ୍ତି ସେମାନେ ହିନ୍ଦୁସମାଜରେ ମିଶିଯାଇ ଅଛନ୍ତି ।

ପରିଶେଷରେ ଆମ୍ଭର ବକ୍ତବ୍ୟ ଏହି କି ସମୁଦ୍ରଯାତ୍ରା ହିନ୍ଦୁର ଧର୍ମଶାସ୍ତ୍ରାନୁମୋଦିତ କି ନା ଏକଥା ବିଗ୍ରର କରିବା ପୂର୍ବେ ତାହା ଧର୍ମାନୁ-ମୋଦିତ କି ନା ଏହିବିଗ୍ରର କରିବାର ଆବ-ଶ୍ୟକ । ଯାହା ଧର୍ମାନୁମୋଦିତ ଅଥଚ ଧର୍ମଶାସ୍ତ୍ର-ବିରୁଦ୍ଧ ତାହାକି ଏକମାତ୍ର ଧର୍ମଶାସ୍ତ୍ରବିରୁଦ୍ଧ-ବୋଲି ପରିହାର୍ଯ୍ୟ ? ଅନେକ ଲୋକ କହିବେ କି ଯାହା ଧର୍ମଶାସ୍ତ୍ରବିରୁଦ୍ଧ ତାହାଇ ଅଧର୍ମ । ଏକଥା ଆମ୍ଭେ ସ୍ୱୀକାର କରିବାକୁ ପ୍ରସ୍ତୁତ ନୋହୁଁ । ହିନ୍ଦୁମାନଙ୍କର ପ୍ରାଚୀନଗ୍ରନ୍ଥରେ ଏପରି କଥା ନାହିଁ । ମହାଭାରତରେ କୃଷ୍ଣୋକ୍ତି ଏହିପରି ଅଛି, ଯଥା ।

ଧାରଣା ଦ୍ଧର୍ମ ମିତ୍ୟାହୁ,
ଧର୍ମୌ ଧାରୟତି ପ୍ରଜାଃ ।
ଯତ୍‌ସାଧାରଣଂ ପ୍ରୋକ୍ତଂ,
ସ ଧର୍ମ ଇତି ନିଶ୍ଚୟଃ ।

କର୍ଣ୍ଣପର୍ବ ଏକୋନ ସପ୍ତତିତମୋ ଽଧ୍ୟାୟ ୫୯ ଶ୍ଳୋକ ।

ଧର୍ମ ଲୋକ ସମସ୍ତଙ୍କୁ ଧାରଣ [ ରକ୍ଷା ] କରନ୍ତି ଏଥିପାଇଁ ଧର୍ମ ବୋଲାଯାଏ । ଯାହା ଦ୍ୱାରା ଲୋକର ରକ୍ଷା ହୁଅଇ ତାହାର ଧର୍ମ ବୋଲି ନିଶ୍ଚୟ ଜାଣିବ ।

ଯଦ୍ୟପି ମହାଭାରତକାର ମିଥ୍ୟା ନୋହିଁ ତ ଥିବେ, ଯଦି ହିନ୍ଦୁଙ୍କର ଅଗ୍ରଅଂଶ ଈଶ୍ୱରଦତ୍ତ-ଉତ୍ସରୂପ ସମାଜରେ ପୂଜିତ ଶ୍ରୀକୃଷ୍ଣ ମିଥ୍ୟାବାଦୀ ନ ଥିବେ ତେବେ ଯାହା ଲୋକହିତକର ତାହାଇ ଧର୍ମ । ଏହି ସମୁଦ୍ରଯାତ୍ରା ପକ୍ଷତ ଯେବେ ଲୋକହିତକର ଅଟେ ତେବେ ତାହା ସ୍ମୃତି-ଶାସ୍ତ୍ରବିରୁଦ୍ଧ ହେଲେହେଁ ତାହା ପରିତ୍ୟକ୍ତ ନୁହଇ ।

ଅମ୍ଭେ ଏପରି ବୁଝୁଁ ଯେ ଧର୍ମଶାସ୍ତ୍ରରେ ଯାହା ଅଛି ତାହା ଏକା ହିନ୍ଦୁଧର୍ମ ନୁହଇ । ହିନ୍ଦୁଧର୍ମ ଅତିଶୟ ଉଦାର । ସ୍ମାର୍ତ୍ତ ଋଷିମାନଙ୍କ ହାତ-ରେ ବିଶେଷତଃ ଆଧୁନିକ ରଘୁନନ୍ଦନାଦିଙ୍କ ହାତରେ ପଡି ଏହା ଅତିଶୟ ସଙ୍କୀର୍ଣ୍ଣ ହୋଇ-ଯାଇ ଅଛି । ସ୍ମାର୍ତ୍ତ ଋଷିଗଣ ହିନ୍ଦୁଧର୍ମର ସ୍ରଷ୍ଟା ନୁହନ୍ତି । ହିନ୍ଦୁଧର୍ମ ସନାତନ । ଋଷିମାନଙ୍କର ପୂର୍ବରୁ ଅଛି । ଅତଏବ ସନାତନ ଧର୍ମ ଏବ ଏହି ଧର୍ମଶାସ୍ତ୍ରରେ ବିରୋଧ ଘଟିବା ଅସମ୍ଭବ ନୁହଇ । ଯେଉଁଠାରେ ସେପରି ବିରୋଧ

Digitized by srujanika@gmail.com